ଡ. ନାରାୟଣ ପାତ୍ର
ପ୍ରତିଷ୍ଠାତା

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.135, Thursday, 3 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୫, ଗୁରୁବାର, ୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Wonder world
Water Park & Resort

MONSOON
MASTI

PRICE STARTS FROM
~~₹899/~~
₹749/-
Including GST

ONLY ON
ONLINE
BOOKING

Malatipatpur,Puri.Odisha
FOLLOW US -
TOLL FREE : 1800 120 6676

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.135, Thursday, 3 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୫, ଗୁରୁବାର, ୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

Ambruta™
Pyaas Zaroori Hai

JOIN US AS A
DISTRIBUTOR!
Be the Source of
ODISHA'S
TRUSTED HYDRATION

Call us Tollfree
1800 123 6373

FOLLOW US

CALL US FOR
Business Enquiry and Bulk Order
Toll Free number : 1800 123 6373

ଅମୃତ ଦୁନିଆ

The Amruta Dunia

RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.135, Thursday, 3 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୫, ଗୁରୁବାର, ୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା

ପୁଣି ଘୁଞ୍ଚିଲା ଓଡ଼ିଶା ଡିଜିପି ନିଯୁକ୍ତି ମାମଲା

ସେପ୍ଟେମ୍ବର ୭ରେ ପରବର୍ତ୍ତୀ ଶୁଣାଣି

ଭୁବନେଶ୍ୱର(ବ୍ୟୁରୋ)

ଓଡ଼ିଶା ପୁଲିସର ପରବର୍ତ୍ତୀ ମୁଖିଆ(ଡିଜିପି) ଚୟନକୁ ନେଇ ଆଜି ବି ସୁପ୍ରିମକୋର୍ଟରେ ଆଇନଗତ ନିର୍ଯ୍ୟାସ ବାହାରି ପାରିନାହିଁ। ତୃତୀୟଥର ପାଇଁ ଏହି ମାମଲାର ଶୁଣାଣିକୁ ପରବର୍ତ୍ତୀ ତାରିଖ ସେପ୍ଟେମ୍ବର ୭କୁ ଘୁଂଚାଇ ଦେଇଛନ୍ତି। ଆବେଦନକାରୀ ଜୟନ୍ତ ଦାସ ଗତକାଲି ଦାଖଲ କରିଥିବା ରିଜଏଣ୍ଡରକୁ ଅନୁଧ୍ୟାନ କରିବା ପାଇଁ ସଲିସିଟର ଜେନେରାଲ ତୁଷାର ମେହେଟା ସମୟ ମାଗିବା ସହ ଅନ୍ୟାନ୍ୟ ପକ୍ଷର ଓକିଲ ମଧ୍ୟ ସମୟ ଲୋଡ଼ିଥିଲେ। ବିଭିନ୍ନ ପକ୍ଷର ନିବେଦନ ତଥା ରେକର୍ଡ ଯାଂଚ ପାଇଁ କୋର୍ଟ ଶୁଣାଣିକୁ ସେପ୍ଟେମ୍ବର ୭ତାରିଖକୁ ଧାର୍ଯ୍ୟ କରିଛନ୍ତି। ଏପଟେ ଏହି ମାମଲାରେ ସହଯୋଗ କରୁଥିବା ଆମିକସକ୍ୟୁରି ମଧ୍ୟ ଆଜି ନିଜ ରିପୋର୍ଟ ସୁପ୍ରିମକୋର୍ଟରେ ଉପସ୍ଥାପନ କରିଥିବା ଜଣାପଡ଼ିଛି। ପ୍ରଧାନ ବିଚାରପତି ଜଷ୍ଟିସ ସୂର୍ଯ୍ୟକାନ୍ତ, ଜଷ୍ଟିସ ଜୟମାଲ୍ୟ ବାଗଚୀ ଓ ଜଷ୍ଟିସ ଭି.ମୋହନାଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଆଜି ଏହି ମାମଲାର ଶୁଣାଣି ହେବାର ଥିଲା। ତେବେ ଗତକାଲି ଆବେଦନକାରୀଙ୍କ ପକ୍ଷରୁ ରିଜଏଣ୍ଡର ଦାଖଲ କରାଯାଇଥିଲା। ଏହି ନୂଆ ତଥ୍ୟକୁ ଅନୁଧ୍ୟାନ କରିବା ପାଇଁ ସଲିସିଟର ଜେନେରାଲଙ୍କ ସମେତ ଅନ୍ୟାନ୍ୟ ପକ୍ଷର ଓକିଲମାନେ ଖଣ୍ଡପୀଠଙ୍କୁ ଅଧିକ ସମୟ ଦେବାକୁ ଅନୁରୋଧ କରିଥିଲେ। ସମସ୍ତ ପକ୍ଷଙ୍କ ନିବେଦନ ଓ କୋର୍ଟଙ୍କ ରେକର୍ଡର ଅନୁଧ୍ୟାନ ପାଇଁ ଖଣ୍ଡପୀଠ ମାମଲାର ଶୁଣାଣି ୭ତାରିଖକୁ ଘୁଂଚାଇ ଦେଇଛନ୍ତି। ସୂଚନା ଅନୁସାରେ, ରାଜ୍ୟ ସରକାର ଦାଖଲ କରିଥିବା ଜବାବ ଉପରେ ଆବେଦନକାରୀ ଜୟନ୍ତ ଦାସ ରିଜଏଣ୍ଡର ଦାଖଲ କରି ସରକାରଙ୍କ ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇଥିବା ଜଣାପଡ଼ିଛି। ଆବେଦନକାରୀ ଶ୍ରୀ ଦାସ ରାଜ୍ୟ ପୁଲିସ ଡିଜି ପ୍ୟାନେଲରେ ଜଣେ କନିଷ୍ଠ ତଥା ଅଯୋଗ୍ୟ ଅଫିସରଙ୍କ ନାମ ସାମିଲ କରାଯିବା ପାଇଁ ସରକାରଙ୍କ

■ ପୃଷ୍ଠା-୧୫

କେନ୍ଦ୍ରୀୟ ଜଳଶକ୍ତି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ବୋଧନ

ସଶକ୍ତ ହେଉଛନ୍ତି ୪୦ହଜାରରୁ ଊର୍ଦ୍ଧ୍ୱ ପାଣି ପଞ୍ଚାୟତ

- ୩.୨ ଲକ୍ଷ ହେକ୍ଟର ଜମିକୁ ହୋଇଛି ଜଳସେଚନ
- ୨ ବର୍ଷରେ ୫୪ ହଜାର କୋଟିର ଜଳ ଭିତ୍ତିଭୂମି ମଞ୍ଜୁର
- ଶେଷ ହୋଇଛି ୭୭୦ ନୂଆ ଚେକ୍‌ଡ୍ୟାମ୍ ଓ ୯ଟି ଆଇଏସ୍‌ଏସ୍ ପ୍ରକଳ୍ପ
- କୃଷକଙ୍କ ବିକାଶ ପାଇଁ ଗାଁ ଗାଁରେ ସୋଲାର ଓ ଡିପ୍ ବୋରୱେଲ ବ୍ୟବସ୍ଥା

ନୂଆଦିଲ୍ଲୀ

ଓଡ଼ିଶାର ଅର୍ଥନୀତି କୃଷି ପ୍ରଧାନ ହୋଇଥିବାରୁ ଜଳ ସୁରକ୍ଷା ଓ ସିଞ୍ଚନର ବିକାଶକୁ ଆମ ସରକାର ସବୁଠାରୁ ଅଧିକ ପ୍ରାଥମିକତା ଦେଉଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ରାଜ୍ୟରେ ୫୪,୦୦୦ କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟକୁ ମଞ୍ଜୁରୀ ଦିଆଯାଇଛି । ଅତି କମ୍ ସମୟ ମଧ୍ୟରେ ୩,୨୦,୦୦୦ ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇ ଦିଆଯାଇଛି ବୋଲି ନୂଆଦିଲ୍ଲୀଠାରେ କେନ୍ଦ୍ରୀୟ ଜଳ ଶକ୍ତି ମନ୍ତ୍ରାଳୟ ଦ୍ୱାରା ଆୟୋଜିତ ବିଭାଗୀୟ ସମିତ୍ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, କେନ୍ଦ୍ର ଜଳ ଶକ୍ତି ମନ୍ତ୍ରୀ ସି.ଆର ପାଟିଲ, ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ସାୟଙ୍କ ସମେତ ବିଭିନ୍ନ ରାଜ୍ୟର ଜଳ ସମ୍ପଦ ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ଆୟୋଜିତ ଏହି ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ରାଜ୍ୟର ଜଳ ସଂରକ୍ଷଣ, ଭୂ-ଜଳ ପରିଚାଳନା ଏବଂ ଭିତ୍ତିଭୂମି ବିକାଶର ସଫଳତା ଉପସ୍ଥାପନ କରିଛନ୍ତି। ସୂଚନାଯୋଗ୍ୟଯେ ରାଜ୍ୟର ଜଳ ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ୭୭୦ଟି ନୂତନ ଚେକ୍ ଡ୍ୟାମ୍ ଓ ୯ଟି ଇନ୍-ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକଚର କାର୍ଯ୍ୟ ଶେଷ ହୋଇଥିବା ବେଳେ ୧,୩୧୨ଟି ପୁରୁଣା ଚେକ୍ ଡ୍ୟାମ୍ର ପୁନରୁଦ୍ଧାର କରାଯାଇଛି। ଏହା ସହିତ ଗୋଟିଏ ଡ୍ୟାମ୍, ଗୋଟିଏ ବ୍ୟାରେଜ୍, ୨ଟି ଅଣ୍ଡରଗ୍ରାଉଣ୍ଡ ପାଇପଲାଇନ୍ ଡିଷ୍ଟ୍ରିବ୍ୟୁସନ୍ ନେଟୱାର୍କ, ୬ଟି ମେଗା ଲିଫ୍ଟ ଓ ୩୨ଟି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଆଗାମୀ ବର୍ଷକ ମଧ୍ୟରେ ଆଉ ୧୪ଟି ପ୍ରକଳ୍ପ ଏବଂ ୬ଟି ମିଡିୟମ୍ ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରାଯିବ। ବର୍ତ୍ତମାନ ୫ଟି ନୂଆ ମେଜର ଓ ମିଡିଅମ୍, ୫୮ଟି ମେଗା ଲିଫ୍ଟ ଏବଂ ୫ଟି ନୂଆ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ କାର୍ଯ୍ୟ ଦ୍ରୁତ ଗତିରେ ଆଗେଇ ଚାଲିଛି। ଗ୍ରାମାଞ୍ଚଳ ଓ କୃଷି କ୍ଷେତ୍ରକୁ ସହାୟତା ପାଇଁ ୩,୨୨୪ଟି କମ୍ୟୁନିଟି ଲିଫ୍ଟ ଇରିଗେସନ୍, ୨୦,୨୨୮ଟି ଡିପ୍

■ ପୃଷ୍ଠା-୧୫

ପ୍ରକାଶ ପାଇଲା ଓଟିଇଟି ରେଜଲ୍ଟ

ପାସ୍‌ହାର ୬୪.୪୮%

କଟକ(ବ୍ୟୁରୋ)

ପ୍ରକାଶ ପାଇଲା ଓଟିଇଟି-୨୦୨୬ ରେଜଲ୍ଟ। ମୋଟ୍ ପାସ୍ ହାର ୬୪.୪୮ ପ୍ରତିଶତ। ଏନେଇ ମାଧ୍ୟମିକ ଶିକ୍ଷା ପରିଷଦ ସୂଚନା ଦେଇଛି। ଏହି ପରୀକ୍ଷା ପାଇଁ ମୋଟ ୯୭,୧୫୧ ଜଣ ଆବେଦନ କରିଥିଲେ। ସେମାନଙ୍କ ମଧ୍ୟରୁ ୧୨,୪୨୦ ଜଣ ପରୀକ୍ଷା ଦେଇ ନଥିଲେ। ପରୀକ୍ଷା ଦେଇଥିବା ୮୪,୭୩୧ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୫୩,୩୧୪ ଜଣ ପାସ୍ କରିଛନ୍ତି। ପେପର ୧ ରେ ପାସ୍ ହାର ୬୮.୨୮% ରହିଥିବା ବେଳେ ପେପର ୨ ରେ ୬୦.୬୮% ରହିଛି। ମୋଟ ଉପରେ ପାସ୍ ହାର ୬୪.୪୮% ରହିଛି। ୨୪,୯୯୧ ଜଣ ପେପର୧ ପରୀକ୍ଷା ଦେଇଥିବା ବେଳେ ୫୯,୭୪୦ ଜଣ ପେପର-୨ ପରୀକ୍ଷା ଦେଇଥିଲେ। ମାଧ୍ୟମିକ ଶିକ୍ଷା ପରିଷଦର ୱେବସାଇଟ ଡ଼ବ୍ଲ୍ୟୁ ଡ଼ବ୍ଲ୍ୟୁ ଡ଼ବ୍ଲ୍ୟୁ ଡ଼ଟ୍ ବିଏସଇ ଓଡ଼ିଶା ଡ଼ଟ୍ ଏନଆଇସି ଡ଼ଟ୍ ଇନ ରେ ଆଜି ସନ୍ଧ୍ୟା ୬ଟାରୁ ଫଳାଫଳ ଉପଲବ୍ଧ ହେବ। ପରୀକ୍ଷାର୍ଥୀମାନେ ସେପ୍ଟେମ୍ବର ୭ ତାରିଖ ଦିନ ୧୧ଟା ପରଠାରୁ ଆବଶ୍ୟକ ଫି' ଦେଇ ଏହି ୱେବସାଇଟ୍‌ରୁ ସେମାନଙ୍କର ଡିଜିଟାଲଇଜ୍ଡ ସାର୍ଟିଫିକେଟ ଡାଉନଲୋଡ୍ କରିପାରିବେ।

ଲଗାଣ ବର୍ଷା ଯୋଗୁଁ ବନ୍ୟାରେ ଭାସୁଛି ଉତ୍ତର ଓଡ଼ିଶା

ବିପଦସଂକେତ ଉପରେ ବୈତରଣୀ ଓ ସୁବର୍ଣ୍ଣରେଖା

ବାଲେଶ୍ୱର, ଯାଜପୁର ଓ ଭଦ୍ରକ ସ୍ଥିତି ସଙ୍ଗିନ

ଭୁବନେଶ୍ୱର(ବ୍ୟୁରୋ)

ଉପର ମୁଣ୍ଡରେ ଲଗାଣ ବର୍ଷା, ତଳମୁଣ୍ଡରେ ବଢ଼ି। ଲଘୁଚାପ ଜନନିତ ଲଗାଣ ବର୍ଷା ଯୋଗୁଁ ବନ୍ୟାରେ ଭାସୁଛି ଉତ୍ତର ଓଡ଼ିଶା। ବିଶେଷ କରି ସୁବର୍ଣ୍ଣରେଖା ଓ ବୈତରଣୀ ନଦୀ ବିପଦ ସଙ୍କେତ ଟପିବା ପରେ ବାଲେଶ୍ୱର, ଭଦ୍ରକ ଓ ଯାଜପୁର ଜିଲ୍ଲାର ତଳିଆ ଅଞ୍ଚଳ ଉତୁୁରୁବୁ ହେଉଛି। ସେପଟେ ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି କେବଳ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ରହିଛି। ଘରେ ଆଣ୍ଠୁଏ ଉଚ୍ଚର ପାଣି। ଘର ଅଗଣାରେ ଅଣ୍ଟାଏ । ରାସ୍ତାକୁ ଓହ୍ଲାଇଗଲେ ଛାତିଏ ଉଚ୍ଚର ପାଣି। ଘର ଛପରକୁ ଛୁଇଁ ବୋହି ଯାଉଛି ସୁବର୍ଣ୍ଣରେଖାର ବନ୍ୟା ଜଳ। ଉପର ମୁଣ୍ଡରେ ଭୀଷଣ ବର୍ଷା। ପରେ ତଳମୁଣ୍ଡରେ ତାଣ୍ଡବ ରଚୁଛି ସୁବର୍ଣ୍ଣରେଖା। ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକର ୯ଟି ପଞ୍ଚାୟତର ୧୨୦ରୁ ଅଧିକ ଗାଁ ଭାସୁଛି। ଝାଡ଼ଖଣ୍ଡର ଗାଲୁଡିହ ବ୍ୟାରେଜର ୬ଟି ଗେଟ ଦେଇ ବନ୍ୟା ପାଣି ଛାଡ଼ିବା ପରେ ରାଜଘାଟ ଠାରେ ବିପଦ ସଙ୍କେତ ଟପିଛି । କେଉଁଟା ନଈ, କେଉଁଟା ଚାଷ ଜମି ବାରିବା ମୁଣ୍ଡିଲ, କିଛି ଘର, ଘର ଛପରକୁ ଛାଡ଼ିଦେଲେ ଚାରିଆଡ଼େ ପାଣି ହିଁ ପାଣି। ତେଣୁ ଲୋକଙ୍କ ଯାତାୟତ ପାଇଁ ପ୍ରଶାସନ ପକ୍ଷରୁ ୯ଟି ବୋଟ୍ ସହ ଓଡ଼ାଫ୍ ଟିମ୍ ଓ ଅଗ୍ନିଶମ ବାହିନୀକୁ ନିୟୋଜିତ କରାଯାଇଛି। ଆଖୁଆପଦା ନିକଟରେ ବୈତରଣ ବିପଦ ସଙ୍କେତ ଟପିବା ପରେ ଯାଜପୁର ଜିଲ୍ଲା ଦଶରଥପୁର ଅଞ୍ଚଳରେ ସ୍ଥିତି ସଙ୍ଗୀନ ହୋଇପଡ଼ିଛି । ଘରେ ପାଣି ପଶିଥିବାରୁ ବିପଦପୂର୍ଣ୍ଣ ଅବସ୍ଥାରେ ଛାତ ଉପରେ କଟୁଛି ଲୋକଙ୍କ ଦିନରାତି । କିଏ ବାଡ୍ୟା ଆଶ୍ରୟସ୍ଥଳରେ, କିଏ ନଦୀବନ୍ଧରେ ଆଶ୍ରୟ ନେଇଛନ୍ତି। ପାଣି କମୁନି, ଲୋକ ଘରକୁ ଫେରିପାରୁ ନାହାନ୍ତି । ସେପଟେ ଭଦ୍ରକ ଜିଲ୍ଲା ଧାମନଗର ଓ ଚାନ୍ଦବାଲି ୨୪ ଟି ପଞ୍ଚାୟତ ଜଳବନ୍ଦୀ ହୋଇପଡ଼ିଛି । ମାସେ ହେଲା ଘରକୁ ଫେରିନାହାନ୍ତି ଲୋକ । ସ୍କୁଲ କଲେଜ ବି ଠପ ହୋଇପଡ଼ିଛି । ବନ୍ୟା ସ୍ଥିତ ସ୍ୱାଭାବିକ ଜୀବନଯାତ୍ରାଠପ କରି ଦେଇଛି । ରାଜ୍ୟରେ ବନ୍ୟା ସ୍ଥିତିକୁ ନେଇ ପ୍ରତିକ୍ରିୟା ଦେଇଛନ୍ତି ଜଳସଂପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ । କେବଳ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ଥିବା ବେଳେ ଅନ୍ୟ କୌଣସି ନଦୀରେ ବନ୍ୟା ଭୟ ନାହିଁ। ବୈତରଣୀରୀ ଜଳସ୍ତର ସନ୍ଧ୍ୟା ସୁଦ୍ଧା କମିବ ବୋଲି ଆଶା କରାଯାଉଛି । ଜଳକା ନଦୀରେ ପାଣି ବଢୁନାହିଁ ଏବଂ ମହାନଦୀରେ ମଧ୍ୟ କୌଣସି ବନ୍ୟା ସ୍ଥିତି ନାହିଁ। ସୁବର୍ଣ୍ଣରେଖା ବନ୍ୟାଜଳ ଯୋଗୁଁ ବାଲେଶ୍ୱର, ଭୋଗରାଇ, ବଣ୍ଟା, ବାଲିଆପାଳ ଏବଂ ଜଳେଶ୍ୱର ଅଞ୍ଚଳ ଏବେ ପାଣି ଘେରରେ ରହିଛି। ସେପଟେ ବାରିପଦା ସହରରେ ବନ୍ୟା ଛାଡ଼ି ଯାଇଛି ସତ ହେଲେ' ଲୋକଙ୍କର ଦୁଃଖ ଦୂର୍ଦଶା କିନ୍ତୁ ପାଖ ଛାଡ଼ିନାହିଁ। ଆଜିବି ଜିଲ୍ଲାର ବେତନଟୀ, ବଡ଼ସାହି, ବାଙ୍ଗିରିପୋଷି ଆଦି ବ୍ଲକ୍‌ର ଅନେକ ଗାଁ ଜଳମଗ୍ନ ରହିଛି । ଜିଲ୍ଲା ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ମଧ୍ୟ ଜାରି ରହିଛି।

ଓଡ଼ିଶାରେ କମିଲା ପିୟୁସିସି ଜରିମାନା

ଆଉ ଗଣିବାକୁ ପଡ଼ିବନି ୧୦ ହଜାର ଟଙ୍କା

ଭୁବନେଶ୍ୱର(ବ୍ୟୁରୋ)

ଗାଡ଼ି ଚାଳକଙ୍କୁ ବଡ଼ ଆଶ୍ୱସ୍ତି । ଓଡ଼ିଶାରେ କମିଲା ପିୟୁସିସି ଜରିମାନା । ଆଉ ଗଣିବାକୁ ପଡ଼ିବନି ୧୦ ହଜାର ଟଙ୍କା । ଗାଡ଼ି ଅନୁସାରେ ଲାଗିବ ଅଲଗା ଅଲଗା ଜରିମାନା । ବୈଧ ପିୟୁସିସି ନଥିଲେ ପ୍ରଥମ ଥର ପାଇଁ ୧ ହଜାରରୁ ୩ ହଜାର ଟଙ୍କା, ପୁନର୍ବାର ଉଲ୍ଲଂଘନ କଲେ ସର୍ବାଧିକ ୬ ହଜାର ଟଙ୍କା ଜରିମାନା ଦେବାକୁ ପଡ଼ିବ। ରାଜ୍ୟରେ ବୈଧ ପିୟୁସିସି ନଥିଲେ ଲାଗୁଥିବା ଜରିମାନା ରାଶିକୁ ରାଜ୍ୟ ସରକାର କମାଇଛନ୍ତି। ପୂର୍ବରୁ ପିୟୁସିସି ନଥିଲେ ୧୦ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନାର ବ୍ୟବସ୍ଥା ଥିବାବେଳେ ଏବେ ଗାଡ଼ିର ପ୍ରକାର ଏବଂ ଏହା ପ୍ରଥମ କି ପରବର୍ତ୍ତୀ ଉଲ୍ଲଂଘନ, ସେହି ଅନୁସାରେ ଜରିମାନା ଧାର୍ଯ୍ୟ କରାଯାଇଛି। ନୂଆ ବ୍ୟବସ୍ଥା ଅନୁସାରେ ଦୁଇଚକିଆ ଓ ତିନିଚକିଆ ଯାନ ପାଇଁ ପ୍ରଥମ ଥର ପିୟୁସିସି ନିୟମ ଉଲ୍ଲଂଘନ କଲେ ୧,୦୦୦ ଟଙ୍କା ଜରିମାନା ଲାଗିବ। ପୁଣି ଥରେ ସମାନ ନିୟମ ଉଲ୍ଲଂଘନ କଲେ ୨,୦୦୦ ଟଙ୍କା ଜରିମାନା ହେବ। କାର ଜିପ୍ ଓ ମୋଟର କ୍ୟାବ୍ କ୍ଷେତ୍ରରେ ପ୍ରଥମ ଉଲ୍ଲଂଘନ ପାଇଁ ୨,୦୦୦ ଟଙ୍କା ଏବଂ ପରବର୍ତ୍ତୀ ଉଲ୍ଲଂଘନ ପାଇଁ ୫,୦୦୦ ଟଙ୍କା ଜରିମାନା ଧାର୍ଯ୍ୟ କରାଯାଇଛି। ସେହିପରି ଟ୍ରାକ୍ଟର ଓ ଟ୍ରେଲର ପାଇଁ ପ୍ରଥମ ଥର ୨,୦୦୦ ଟଙ୍କା ଏବଂ ପରବର୍ତ୍ତୀ ଉଲ୍ଲଂଘନରେ ୫,୦୦୦ ଟଙ୍କା ଦେବାକୁ ପଡ଼ିବ। ଅନ୍ୟାନ୍ୟ ଶ୍ରେଣୀର ଯାନ ପାଇଁ ପ୍ରଥମ ଉଲ୍ଲଂଘନରେ ୩,୦୦୦ ଟଙ୍କା ଏବଂ ପରବର୍ତ୍ତୀ ଉଲ୍ଲଂଘନରେ ୬,୦୦୦ ଟଙ୍କା ଜରିମାନା ଲାଗିବ। ଅର୍ଥାତ୍ ସଂଶୋଧିତ ବ୍ୟବସ୍ଥାରେ ପିୟୁସିସି ଉଲ୍ଲଂଘନ ପାଇଁ ସର୍ବାଧିକ ଜରିମାନା ୬,୦୦୦ ଟଙ୍କା ରହିବ ବୋଲି କହିଛନ୍ତି ପରିବହନ ମନ୍ତ୍ରୀ ।

ସେ କହିଲେ...

ସ୍ୱାକ୍ଷରିତ ହୋଇଥିବା ଦୁଇଟି ପ୍ରମୁଖ ସହଯୋଗିତା ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କ୍ଷମତାକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ସହିତ ରାଜ୍ୟକୁ ଏକ ବିପର୍ଯ୍ୟୟ ସହନଶୀଳ ଓ ସୁରକ୍ଷିତ ରାଜ୍ୟରେ ପରିଣତ କରିବାରେ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ । ବିପର୍ଯ୍ୟୟ ଘଟିବା ପରେ କେବଳ ପ୍ରତିକ୍ରିୟା ପ୍ରକାଶ କରିବା ପରିବର୍ତ୍ତେ ବିପର୍ଯ୍ୟୟ ପୂର୍ବରୁ ସଠିକ୍ ତଥ୍ୟ ଆଧାରରେ ପ୍ରସ୍ତୁତ ରହିବା ଏବଂ ବିପଦକୁ ଆକଳନ କରିବା ଆଜିର ସମୟର ଆହ୍ୱାନ। ସଠିକ୍ ତଥ୍ୟ ଆଧାରିତ ନିଷ୍ପତ୍ତି ହିଁ ଲୋକଙ୍କ ଧନଜୀବନ ରକ୍ଷା କରିବା ସହ ବିକାଶମୂଳକ ଯୋଜନାକୁ ଅଧିକ ସୁଦୂରପ୍ରସାରୀ କରିପାରିବ।

ସୁରେଶ ପୂଜାରୀ

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ମନ୍ତ୍ରୀ

ବିକ୍ରମଙ୍କୁ ନେଇ ତେଜୁଛି ରାଜନୀତି

ବିଜେପି-ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ

ଜେଲ୍‌ରୁ ବିଜେଡି ନେତା ବିକ୍ରମ ପଣ୍ଡା ମୁକୁଳିବା ଘଟଣାକୁ ନେଇ ତେଜ୍ ହୋଇଛି ରାଜ୍ୟ ରାଜନୀତି। ଜୋର୍ ଧରିଛି ବିଜେପି-ବିଜେଡି ମଧ୍ୟରେ ବୟାନବାଜି। ଜେଲରୁ ବାହାରିବା ପରେ ବିଜେଡିର ପୂର୍ବତନ ବିଧାୟକ ତଥା ଗଞ୍ଜାମର ଟାଣୁଆ ନେତା ବିକ୍ରମ ପଣ୍ଡାଙ୍କୁ ଶୋଭାଯାତ୍ରାରେ ନିଆଯିବା ଘଟଣାକୁ ନେଇ ସମାଲୋଚନା କରିଛନ୍ତି ପରିବହନ ମନ୍ତ୍ରୀ ବିଭୂତି ଜେନା। ଜାମିନ ମିଳିବା ଦୋଷମୁକ୍ତ ହେବା ନୁହେଁ ବୋଲି ସେ କହିବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ବିକ୍ରମ ପଣ୍ଡାଙ୍କୁ ପ୍ରୋସେସନ୍‌ରେ ନିଆଯିବା ଲଜ୍ଜାଜନକ ଘଟଣା ବୋଲି ସେ ସମାଲୋଚନା କରି କହିଛନ୍ତି। ଏହା ପରେ ବିଜେଡିର ଦୁଇ ନେତା ପ୍ରତାପ ଜେନା ଓ ଗଣେଶ୍ୱର ବେହେରା ମୁହଁ ଖୋଲି ବିଜେପିର ଅସଲ ଚେହେରାକୁ ପଦାରେ ପକାଇଛନ୍ତି।

ଭୁବନେଶ୍ୱର (ବ୍ୟୁରୋ)

ବରିଷ୍ଠ ଓକିଲ ପୀତବାସ ପଣ୍ଡା ହତ୍ୟାକାଣ୍ଡ ମାମଲାରେ ଗଞ୍ଜାମର ପୂର୍ବତନ ବିଜେଡି ବିଧାୟକ ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯିବା ଓ ଜାମିନ ପ୍ରଦାନ ପରେ ତାଙ୍କୁ ପ୍ରୋସେସନରେ ଦଳୀୟ କର୍ମୀମାନେ ପାଛୋଟି ଆଣିବା ଘଟଣାକୁ ନେଇ ରାଜନୀତି ଜୋର୍ ଧରିଛି। ଏହି ଘଟଣାକୁ ନେଇ ଉଭୟ ବିଜେପି ଓ ବିଜେଡି ମଧ୍ୟରେ ବାକ୍‌ଯୁଦ୍ଧ ଆରମ୍ଭ ହୋଇଛି। ସେପଟେ ପୀତବାସଙ୍କୁ ନିଶ୍ଚିତ ନ୍ୟାୟ ମିଳିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଜେନା କହିଛନ୍ତି। ଅଭିଯୁକ୍ତ ବିକ୍ରମଙ୍କୁ କେବଳ ଜାମିନ ମିଳିଛି, ହେଲେ ସେ ଦୋଷମୁକ୍ତ ନୁହନ୍ତି। ସ୍ୱାଧୀନତା ସଂଗ୍ରାମୀଙ୍କ ଭଳି ତାଙ୍କୁ ପ୍ରୋସେସନରେ ନିଆଯିବା ଲଜ୍ଜାଜନକ ଘଟଣା ବୋଲି ମନ୍ତ୍ରୀ ପ୍ରକାଶ କରିଛନ୍ତି। ଏହାକୁ ନେଇ ବିରୋଧୀ ବିଜେଡି କଡ଼ା ଆପତ୍ତି ଉଠାଇ ଶାସକ ଦଳକୁ ତୀବ୍ର ସମାଲୋଚନା କରିବା ଆରମ୍ଭ କରିଛି।

ଜାମିନ ମିଳିବାର ମାନେ ଦୋଷମୁକ୍ତ ନୁହେଁ: ମନ୍ତ୍ରୀ

ଗିରଫ ହେବା ରାଜନୈତିକ ଷଡ଼ଯନ୍ତ୍ର: ଗଣେଶ୍ୱର

ଭୟଭୀତ ବିଜେପି ଚକ୍ରାନ୍ତରେ ମାତିଛି: ପ୍ରତାପ

ସେପଟେ ପରିବହନ ମନ୍ତ୍ରୀଙ୍କ ମନ୍ତବ୍ୟର କଡ଼ା ଜବାବ ଦେଇଛନ୍ତି ବିଜେଡି ବିଧାୟକ ଗଣେଶ୍ୱର ବେହେରା। ବିଜେଡି କହିଛି, ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯିବା ଏକ ରାଜନୈତିକ ଷଡଯନ୍ତ୍ର ଓ ଆକ୍ରୋଶର ଉଦାହରଣ ଥିଲା। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗ ସତ୍ୟ ନୁହେଁ ବୋଲି କୋର୍ଟଙ୍କ ନିଷ୍ପତ୍ତିରୁ ସ୍ପଷ୍ଟ ହୋଇଛି। ଜାମିନ ମିଳିବା ପରେ ସବୁ ଚକ୍ରାନ୍ତ ପଣ୍ଡ ହୋଇଛି ବୋଲି କହିଛି ବିଜେଡି।

ବିଜେଡି ନେତା ବିକ୍ରମ ପଣ୍ଡାଙ୍କ ସମର୍ଥନରେ ବାହାରିଛନ୍ତି ବରିଷ୍ଠ ବିଜେଡି ନେତା ପ୍ରତାପ ଜେନା। ଗଞ୍ଜାମ ଗସ୍ତ ସମୟରେ ସେ ବିଜେପି ସରକାରଙ୍କୁ କଡ଼ା ସମାଲୋଚନା କରିବା ସହ ବିକ୍ରମଙ୍କୁ ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ବୋଲି କହିଛନ୍ତି। ପ୍ରତାପ ଜେନା ଅଭିଯୋଗ କରିଛନ୍ତି ଯେ, ବିଜେପି ରାଜନୈତିକ ଉଦ୍ଦେଶ୍ୟ ରଖି ପୁଲିସ ସାହାଯ୍ୟରେ ବିଜେଡି ନେତାମାନଙ୍କୁ ଫସାଇବାରେ ଲାଗିଛି। ବିଶେଷ କରି ବିକ୍ରମଙ୍କ ଦ୍ୱାରା ଗଞ

ବିଶାଳ ଯୁବଶକ୍ତି ଓ ନିଯୁକ୍ତିହୀନ ବିକାଶ

ଭାରତର ଜିଡିପି ହାରକୁ ନେଇ ଆମେ ଗର୍ବ କରୁଛେ। ଦେଶ ବିକାଶ ପଥରେ ଆଗେଇ ଚାଲିଛି ବୋଲି କହୁଛେ। ହେଲେ ଧନୀ- ଗରିବଙ୍କ ମଧ୍ୟରେ ପାର୍ଥକ୍ୟ ଅନୁପାତ କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି, ଏହା ଅସ୍ୱୀକାର କରାଯାଇପାରିବନି। ଭାରତ ଆଜି ବିଶ୍ୱର ସର୍ବାଧିକ ଯୁବ ଜନସଂଖ୍ୟା ବିଶିଷ୍ଟ ଦେଶ ଭାବେ ଉଭା ହୋଇଛି। ଏଠାରେ ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୬୫% ହେଉଛନ୍ତି ୩୫ ବର୍ଷରୁ କମ୍ ବୟସ୍କର। ହେଲେ ଏତେ ବିଶାଳ ଯୁବଶକ୍ତିର ସୁବିନିଯୋଗ କରାଯାଇପାରୁନାହିଁ। ଏହି ଜନସାଂଖ୍ୟିକ ଲାଭାଂଶକୁ ଦେଶର ଉନ୍ନତିରେ ଲଗାଇବା ପରିବର୍ତ୍ତେ ଏକ ଭୟଙ୍କର 'ନିଯୁକ୍ତିହୀନ ବିକାଶ' ମଡେଲ ସମଗ୍ର ସାମାଜିକ ଓ ଅର୍ଥନୈତିକ ବ୍ୟବସ୍ଥାକୁ ଧ୍ୱଂସମୁହଁକୁ ଠେଲି ଦେଇଛି । ଦିଲ୍ଲୀର ଯନ୍ତର ମନ୍ତରରେ ଛାତ୍ର-ଯୁବ ସମାଜର ପ୍ରତିବାଦ ହେଉ, ଝାଡ଼ଖଣ୍ଡର ରାଞ୍ଚିରେ ଚାକିରି ଆଶାୟୀଙ୍କ ଦୀର୍ଘଦିନର ଆନ୍ଦୋଳନ ଓ ଅନଶନ ହେଉ, କିମ୍ବା ବିହାର, ଉତ୍ତର ପ୍ରଦେଶ ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଶିକ୍ଷିତ ଯୁବକମାନଙ୍କ ବିକ୍ଷୋଭ ପ୍ରଦର୍ଶନ ହେଉ, ଏସବୁ କୌଣସି ବିଚ୍ଛିନ୍ନ ଘଟଣା ନୁହେଁ। ଦେଶର ବିଭିନ୍ନ ପ୍ରାନ୍ତରେ ଶିକ୍ଷିତ ଯୁବପିଢ଼ିଙ୍କ ମନରେ ଜମା ହୋଇଥିବା ଦୀର୍ଘଦିନର କ୍ଷୋଭ ଓ ହତାଶା ଭାବ। ଏବେ ଏହା ପ୍ରଚଣ୍ଡ ବିସ୍ଫୋରଣର ରୂପ ନେଇ ସେମାନଙ୍କୁ ରାଜରାସ୍ତାକୁ ଓହ୍ଲାଇବାକୁ ବାଧ କରିଛି। ଏହି ସଙ୍କଟ ପଛରେ ରହିଛି ଏକ କଠୋର ବାସ୍ତବତା। ଉଚ୍ଚଶିକ୍ଷା, ଡିପ୍ଲୋମା କିମ୍ବା ଡିଗ୍ରୀ ହାସଲ କରିବା ପରେ ମଧ୍ୟ ସମ୍ମାନଜନକ କାମ କିମ୍ବା ନିଶ୍ଚିତ ନିଯୁକ୍ତିର ସୁଯୋଗ ଏଠାରେ ନାହିଁ। ତା' ସହିତ ନିଯୁକ୍ତି ପ୍ରକ୍ରିୟାରେ ବର୍ଷ ବର୍ଷ ଧରି ଅଚଳାବସ୍ଥା, ବାରମ୍ବାର ପ୍ରଶ୍ନପତ୍ର ଲିକ୍, ଦୁର୍ନୀତି ଏବଂ ମାମଲା-ମୋକଦ୍ଦମାର ଜାଲ ଯୁବପିଢ଼ିର ଭବିଷ୍ୟତକୁ ସମ୍ପୂର୍ଣ୍ଣ ଅନିଶ୍ଚିତତା ମଧ୍ୟକୁ ଠେଲି ଦେଇଛି।

ସୁଶାନ୍ତ କୁମାର ଦାସ



ଶିକ୍ଷିତ ଯୁବକଯୁବତୀମାନେ ବେକାର ହୋଇ ବସିରହିଲେ, ତାହା ଭୟଙ୍କର ପରିସ୍ଥିତି ସୃଷ୍ଟି କରିଥାଏ। ନୀତି ଆୟୋଗ ଏବଂ ଜାତୀୟ ପରିସଂଖ୍ୟାନର ତଥ୍ୟ ମଧ୍ୟ ଏହି ଭୟାବହ ବାସ୍ତବତାକୁ ପ୍ରମାଣିତ କରିଛି। ଦେଶର ପ୍ରାୟ ୮.୭ କୋଟି ଯୁବକ ନା ଚାକିରି, ନା ଶିକ୍ଷା, ନା ତାଲିମ ବର୍ଗରେ ପଡ଼ିରହିଛନ୍ତି। ଦେଶରେ ଖୋଲା ବେକାରୀ ହାର ୨୦୧୧-୧୨ରେ ୧୦.୬% ଥିବା ବେଳେ ୨୦୧୭-୧୮ରୁ ୨୦୨୦-୨୧ ମଧ୍ୟରେ ଏହା ଯଥାକ୍ରମେ ୨୯.୪, ୨୮.୭, ୨୫.୭, ୨୩.୬ ଏବଂ ୨୩.୧ ପ୍ରତିଶତ ଭଳି ଅତ୍ୟନ୍ତ ଉଚ୍ଚ ସ୍ତରରେ ରହିଥିଲା। ଏହି ସମୟ ମଧ୍ୟରେ ପ୍ରାୟ ୧୦ କୋଟି ନୂଆ ଲୋକ ରୋଜଗାର ସନ୍ଧାନକାରୀଙ୍କ ତାଲିକାରେ ଯୋଡ଼ି ହୋଇଗଲେ, କିନ୍ତୁ ସେମାନଙ୍କୁ କାମ ମିଳିଲା ନାହିଁ। 'ପିରିଓଡିକ୍ ଲେବର ଫୋର୍ସ ସର୍ଭେ ୨୦୨୫'ର ତଥ୍ୟ ଅନୁସାରେ, ଉଚ୍ଚଶିକ୍ଷା ପ୍ରାପ୍ତ ଯୁବପିଢ଼ିଙ୍କ ମଧ୍ୟରୁ ୪୦.୧% ନିଟ୍ ବର୍ଗରେ ଥିବା ବେଳେ ୧୮ରୁ ୨୯ ବର୍ଷ ବୟସ୍କ ଉଚ୍ଚଶିକ୍ଷିତ ଯୁବକଙ୍କ ମଧ୍ୟରେ ବେକାରୀ ହାର ୨୯.୪% କୁ ବୃଦ୍ଧି ପାଇଛି। ପ୍ରାୟ ୫୮% ଶିକ୍ଷିତ ବେକାର ଯୁବକ ଏକ ବର୍ଷରୁ ଅଧିକ ସମୟ ଧରି ଏବଂ ପ୍ରାୟ ୨୯% ତିନି ବର୍ଷରୁ ଅଧିକ ସମୟ ଧରି ଚାକିରି ଖୋଜି ହତାଶ ହୋଇ ବସିଛନ୍ତି।

ନିଯୁକ୍ତି ହ୍ରାସ କରୁଛି ଏଆଇ ଓ ପ୍ରଯୁକ୍ତି ବିଦ୍ୟା

ଏହି ନିଯୁକ୍ତିହୀନ ଅର୍ଥନୀତିରେ ମହିଳାମାନଙ୍କ ଶ୍ରମ ଭାଗିଦାରୀରେ ମଧ୍ୟ କ୍ରମାଗତ ହ୍ରାସ ଘଟିଛି ଏବଂ କୋଭିଡ୍ ମହାମାରୀ ସମୟରେ ଉତ୍ପାଦନ ତଥା ଶିଳ୍ପ କ୍ଷେତ୍ର ଧ୍ୱଂସ ହୋଇଯିବା ଫଳରେ କୋଟି କୋଟି ଶ୍ରମିକ ସହରରୁ ଗାଁକୁ ଫେରି କୃଷିକ୍ଷେତ୍ର ଉପରେ ବୋଝ ହୋଇ ରହିଗଲେ। ୨୦୧୫-୧୬ର ବିମୁଦ୍ରୀକରଣ ଏବଂ ତା'ପରେ ଜିଏସ୍‌ଟିର ତ୍ରୁଟିପୂର୍ଣ୍ଣ ପ୍ରୟୋଗ ଦେଶର କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ଅଣସଂଗଠିତ କ୍ଷେତ୍ରକୁ ସମ୍ପୂର୍ଣ୍ଣ ଭାବେ ଧ୍ୱଂସ କରିଦେଲା। ଭାରତ ଚିପ୍ ନିର୍ମାଣ କିମ୍ବା କୃତ୍ରିମ ବୁଦ୍ଧିମତା (ଏଆଇ) ଭଳି ଆଧୁନିକ ପ୍ରଯୁକ୍ତି ବିଦ୍ୟାରେ ବିଶ୍ୱସ୍ତରରେ ଯଥେଷ୍ଟ ପଛରେ ପଡ଼ିଗଲା। କମ୍ପ୍ୟୁଟର, ସଫ୍ଟୱେର୍ ଟେକ୍ନୋଲୋଜି ଏବଂ ରୋବୋଟିକ୍ସ କ୍ଷେତ୍ରରେ ଯେଉଁ ନୂଆ ସମ୍ଭାବନା ସୃଷ୍ଟି ହୋଇପାରିଥାନ୍ତା, ତାହା ଅମିଳିତ ରହିଗଲା। ଏହା ଦେଶର ଶିକ୍ଷିତ ଯୁବପିଢ଼ିଙ୍କ ପ୍ରତି ସରକାରୀ ସମ୍ବେଦନହୀନତା ଓ ଉପହାସକୁ ହିଁ ପ୍ରକାଶ କରୁଛି।



ଅସଜଡ଼ା ଶିକ୍ଷା ଭିତ୍ତିଭୂମି ଓ ଶିକ୍ଷାନୁଷ୍ଠାନ

ଦେଶର ଶିକ୍ଷା ବ୍ୟବସ୍ଥା ଆଜି ଦିଗହରା। ସ୍କୁଲଠାରୁ କଲେଜ ପର୍ଯ୍ୟନ୍ତ ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଭିତ୍ତିଭୂମି ଭୁଶୁଡ଼ି ପଡ଼ିଥିବା ବେଳେ ଗୁଣବତ୍ତାହୀନ ବେସରକାରୀକରଣ ଯୋଗୁଁ ଛତୁ ଫୁଟିଲା ଭଳି ଫାର୍ମାସୀ, ଆଇଟିଆଇ ଓ କୋଚିଂ ସେଣ୍ଟର ଗଢ଼ିଉଠିଛି, ଯାହାର ପ୍ରମାଣପତ୍ର ଚାକିରି ବଜାର ପାଇଁ ଅନୁପଯୁକ୍ତ ପ୍ରମାଣିତ ହେଉଛି। ମଧ୍ୟବିତ୍ତ ପରିବାରଗୁଡ଼ିକ ଟିଉସନ୍ ଓ ମହଙ୍gା କୋଚିଂ ପାଇଁ ସର୍ବସ୍ୱ ଖର୍ଚ୍ଚ କରିବା ପରେ ମଧ୍ୟ ଯୁବକମାନେ ବେକାର ହୋଇ ଘରେ ବସୁଛନ୍ତି। ଏହି ପରିସ୍ଥିତିରେ ସରକାର ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ମାଗଣା ଅନଲାଇନ୍ କୋଚିଂ ଦେବା କଥା କହି ସମସ୍ୟାକୁ କେବଳ ଉପର ଠାଉରିଆ ଭାବେ ଏଡ଼ାଇବାକୁ ଚେଷ୍ଟା କରୁଛନ୍ତି। ଯେତେବେଳେ କିଛି ପଦବୀ ପାଇଁ ଲକ୍ଷ ଲକ୍ଷ ଆଶାୟୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସେତେବେଳେ କେବଳ କୋଚିଂ ଦେବା ଦ୍ୱାରା ବଜାରରେ ନୂଆ ନିଯୁକ୍ତି ସୃଷ୍ଟି ହୋଇପାରିବ ନାହିଁ। ଏଥିପାଇଁ ଶିକ୍ଷା ଭିତ୍ତିଭୂମି ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯିବା ଉପରେ ଗୁରୁତ୍ୱ ଦିଆଯିବା ବିଧେୟ। ଭାରତରେ ପ୍ରତିବର୍ଷ ବିପୁଳ ସଂଖ୍ୟକ ଯୁବକ-ଯୁବତୀ ସ୍ନାତକ ହେଉଛନ୍ତି। କିନ୍ତୁ ଶିକ୍ଷିତ ଯୁବକମାନଙ୍କ ଏକ ବଡ଼ ଅଂଶ ଶୀଘ୍ର ସ୍ଥାୟୀ ଓ ସମ୍ମାନଜନକ କାମ ପାଉନାହାନ୍ତି। ଅନେକଙ୍କ ସାମ୍ନାରେ ସେତେବେଳେ ଦୁଇଟି ରାସ୍ତା- କମ୍ ଦରମାର ଅନିଶ୍ଚିତ କାମ କିମ୍ବା ସରକାରୀ ଚାକିରି ପାଇଁ ବର୍ଷ ବର୍ଷ ଧରି ପ୍ରସ୍ତୁତି। ଉଚ୍ଚଶିକ୍ଷାର ଖର୍ଚ୍ଚ ବଢୁଛି, କିନ୍ତୁ ତାହା ବଦଳରେ ନିଶ୍ଚିତ ନିଯୁକ୍ତି ମିଳୁନାହିଁ। ଏହି ବ୍ୟବଧାନ ହିଁ ସେମାନଙ୍କ ମଧ୍ୟରେ ହତାଶାର ଅନ୍ୟତମ ପ୍ରମୁଖ କାରଣ ଅଟେ।

ଲକ୍ଷଲକ୍ଷ ପଦ ଖାଲି, କିନ୍ତୁ ନିଯୁକ୍ତି ନାହିଁ

ଦେଶରେ ବହୁ ସରକାରୀ ପଦ ଦୀର୍ଘଦିନ ଧରି ଖାଲିପଡ଼ିଛି। ବର୍ତ୍ତମାନ କେନ୍ଦ୍ର ସରକାରଙ୍କର ୮.୪୫ ଲକ୍ଷ ଓ ବିଭିନ୍ନ ରାଜ୍ୟ ସରକାରଙ୍କ ୩୦ ଲକ୍ଷରୁ ଅଧିକ ପଦବୀ ଖାଲି ରହିଛି। କେବଳ ଗତ ଦଶବର୍ଷ ମଧ୍ୟରେ କେନ୍ଦ୍ର ସରକାରଙ୍କ ୪.୨ ଲକ୍ଷ ପଦବୀ ଖାଲି ହୋଇଛି। ସରକାରୀ କ୍ଷେତ୍ରରେ ଶିକ୍ଷକ, ସ୍ୱାସ୍ଥ୍ୟକର୍ମୀ, ପ୍ରଶାସନିକ କର୍ମଚାରୀଙ୍କ ସମେତ ବିଭିନ୍ନ କ୍ଷେତ୍ରରେ ଆବଶ୍ୟକ ଲୋକବଳ ନଥିବାରୁ ଗୋଟିଏ ପଟେ ସେବାର ମାନ ହ୍ରାସ ପାଉଛି, ଅନ୍ୟପଟେ ଚାକିରିର ସୁଯୋଗ ମଧ୍ୟ ସୃଷ୍ଟି ହେଉନାହିଁ। ଅର୍ଥ ସଞ୍ଚୟର ଯୁକ୍ତିରେ ଖାଲି ପଦଗୁଡ଼ିକୁ ଖାଲି ରଖିବା ସ୍ୱଳ୍ପକାଳୀନ ଭାବେ ସୁବିଧାଜନକ ମନେ ହୋଇପାରେ, କିନ୍ତୁ ଦୀର୍ଘକାଳରେ ଏହାର ମୂଲ୍ୟ ସମାଜକୁ ହିଁ ଦେବାକୁ ପଡ଼େ।

ତେବେ ସମସ୍ୟାର ସମାଧାନ କେବଳ ସରକାରୀ ଚାକିରିର ସମସ୍ତ ଖାଲି ପଦ ପୂରଣ କରିଦେଲେ ହେବ ନାହିଁ। ବେସରକାରୀ କ୍ଷେତ୍ରରେ ମଧ୍ୟ ପର୍ଯ୍ୟାପ୍ତ ନିଯୁକ୍ତି ସୃଷ୍ଟି କରିବା ଜରୁରୀ। ପୁଞ୍ଜିନିବେଶ ବଢ଼ାଇବାକୁ ପଡ଼ିବ, ଶିଳ୍ପ ଭିତ୍ତିଭୂମିର ବିକାଶ କରିବାକୁ ପଡ଼ିବ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗକୁ ଶକ୍ତିଶାଳୀ କରିବାକୁ ପଡ଼ିବ ଏବଂ ଶିକ୍ଷା ବ୍ୟବସ୍ଥାକୁ କର୍ମମୁଖୀ କରିବାକୁ ପଡ଼ିବ। ଝାଡ଼ଖଣ୍ଡ ଭଳି ରାଜ୍ୟରେ ପ୍ରାକୃତିକ ସମ୍ପଦର ସୁଫଳ ସ୍ଥାନୀୟ ଲୋକଙ୍କ ପାଖରେ ପହଞ୍ଚାଇବାକୁ ହେଲେ ଦକ୍ଷତା ବିକାଶ ଓ ଶିଳ୍ପାୟନକୁ ଏକାସାଙ୍ଗରେ ଆଗେଇ ନେବାକୁ ହେବ।

ଚାକିରି କ୍ଷେତ୍ରରେ ଅବହେଳା ଓ ଦୁର୍ନୀତି

ସରକାରୀ ଚାକିରି କ୍ଷେତ୍ରରେ ଚାଲିଥିବା ଅବହେଳା ଓ ଦୁର୍ନୀତି ଯୁବସମାଜର ଆକ୍ରୋଶକୁ ବଢ଼ାଇଛି। ସାରା ଦେଶରେ ସ୍କୁଲ ଶିକ୍ଷକ, ଡାକ୍ତରଖାନା, ରେଳବାଇ ଏବଂ ପ୍ରଶାସନିକ ବିଭାଗରେ ଲକ୍ଷ ଲକ୍ଷ ପଦବୀ ଖାଲି ପଡ଼ିଥିଲେ ମଧ୍ୟ ଖର୍ଚ୍ଚ କମାଇବା ଆଳରେ ସେଗୁଡ଼ିକୁ ପୂରଣ କରାଯାଉନାହିଁ। ଗୋଟିଏ ବର୍ଷ ମଧ୍ୟରେ ପଦ ପୂରଣ ନହେଲେ ପଦବୀ ଉଚ୍ଛେଦ ହୋଇଯିବାର ନିୟମ ଦେଖାଇ ସରକାର ହଜାର ହଜାର ସଂଖ୍ୟାରେ ସ୍ଥାୟୀ ପଦଗୁଡ଼ିକୁ ରଦ୍ଦ କରିଦେଉଛନ୍ତି। ନିର୍ବାଚନ ପୂର୍ବରୁ ଲକ୍ଷ ଲକ୍ଷ ଚାକିରି ଏବଂ 'ଡବଲ୍ ଇଞ୍ଜିନ୍, ଡବଲ୍ ଚାକିରି'ର ପ୍ରତିଶ୍ରୁତି ଦିଆଯାଉଥିଲେ ମଧ୍ୟ କ୍ଷମତାକୁ ଆସିବା ପରେ ସେସବୁକୁ ପାଖୋରି ଦିଆଯାଉଛି। ନିୟମିତ ନିଯୁକ୍ତି ବଦଳରେ କମ୍ ଦରମା ଓ କୌଣସି ସୁରକ୍ଷା ନଥିବା ଆଉଟସୋର୍ସିଂ ତଥା ଠିକା ଶୋଷଣ ବ୍ୟବସ୍ଥାକୁ ବିକଳ୍ପ ଭାବେ ଠିଆ କରାଯାଉଛି।

ପରୀକ୍ଷା ପରିଚାଳନାରେ ସ୍ୱଚ୍ଛତାର ଅଭାବ ଏହି ସଙ୍କଟକୁ ଆହୁରି ତୀବ୍ର କରିଛି। ଝାଡ଼ଖଣ୍ଡର ରାଜ୍ୟ ସିଭିଲ୍ ସର୍ଭିସେସ୍ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଜାଲିଆଡି ଅଭିଯୋଗକୁ ନେଇ ରାଞ୍ଚିରେ ଛାତ୍ରମାନେ ସପ୍ତାହ ସପ୍ତାହ ଧରି ଆନ୍ଦୋଳନ ଓ ଅନଶନ କରିବାକୁ ବାଧ ହୋଇଛନ୍ତି। ରାଜ୍ୟ ଗଠନର ଅଢ଼େଇ ଦଶକ ପରେ ମଧ୍ୟ ବିପୁଳ ଖଣିଜ ସମ୍ପଦ ସତ୍ତ୍ୱେ ସ୍ଥାନୀୟ ଲୋକଙ୍କ ପାଇଁ ଶିକ୍ଷାୟନ ଓ ନିଯୁକ୍ତି ସୃଷ୍ଟି ହୋଇପାରିନାହିଁ, ଯାହାଫଳରେ ଲୋକେ ଦାଦନ ଖଟିବାକୁ ଅନ୍ୟ ରାଜ୍ୟକୁ ଯାଉଛନ୍ତି। ଓଡ଼ିଶାରେ ମଧ୍ୟ ସମାନ ଅବସ୍ଥା। ସେହିପରି ଉତ୍ତର ପ୍ରଦେଶରେ କନଷ୍ଟେବଲ ନିଯୁକ୍ତି ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ହେତୁ ପରୀକ୍ଷା ବାତିଲ ହେବା ଏବଂ କର୍ଣ୍ଣାଟକରେ ଖାଲି ପଦ ପୂରଣ ଦାବିରେ ହୋଇଥିବା ଆନ୍ଦୋଳନ ପ୍ରମାଣ କରେ ଯେ, ସମଗ୍ର ଦେଶରେ ନିଯୁକ୍ତି ବ୍ୟବସ୍ଥାର ବିଶ୍ୱସନୀୟତା ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି। ସବୁଠାରୁ ଜରୁରୀ ହେଉଛି ସରକାରୀ ନିଯୁକ୍ତି ପରୀକ୍ଷାର ବିଶ୍ୱସନୀୟତା ଫେରାଇ ଆଣିବା। ପ୍ରଶ୍ନପତ୍ର ଲିକ୍, ଫଳ ପ୍ରକାଶରେ ଅସ୍ୱଚ୍ଛତା କିମ୍ବା ନିଯୁକ୍ତିରେ ପକ୍ଷପାତର ଅଭିଯୋଗର ତ୍ୱରିତ ଓ ନିରପେକ୍ଷ ତଦନ୍ତ ଆବଶ୍ୟକ। ସରକାରୀ ଚାକିରି ସୀମିତ ହୋଇପାରେ, କିନ୍ତୁ ସେହି ସୀମିତ ସୁଯୋଗଟି ମଧ୍ୟ ଯଦି ଠିକ୍‌ଭାବରେ ବଣ୍ଟନ ନହୁଏ, ତେବେ ଯୁବକମାନଙ୍କ ବିଶ୍ୱାସ ହିଁ ନଷ୍ଟ ହୋଇଯାଏ।

ଆର୍ଥିକ ଅସମାନତା ଓ ଦିଗହୀନ ବ୍ୟବସ୍ଥା

ଏହି ସମଗ୍ର ଅବ୍ୟବସ୍ଥା ପଛରେ ଏକ ବିରାଟ ଅର୍ଥନୈତିକ ବିଫଳତା ରହିଛି। ଭାରତରେ କର୍ପୋରେଟ୍ ଘରୋଇ ନିବେଶ ୨୦୦୬-୨୦୦୭ ରେ ଜିଡିପିର ୧୭% ରୁ ଅଧିକ ଥିବା ବେଳେ ୨୦୨୪-୨୦୨୫ ବେଳକୁ ତାହା ହ୍ରାସ ପାଇ ପ୍ରାୟ ୧୦%ରେ ପହଞ୍ଚିଛି, ଯାହା ୨୦୦୮ର ବିଶ୍ୱ ଆର୍ଥିକ ମାନ୍ଦାବସ୍ଥା ସମୟଠାରୁ ମଧ୍ୟ କମ୍ ଅଟେ। ସରକାର କର୍ପୋରେଟ୍ କ୍ଷେତ୍ରକୁ ଖୁସି କରିବା ପାଇଁ ୨୦୧୯ରେ ବଡ଼ ଧରଣର କର୍ପୋରେଟ୍ ଟିକସ ହ୍ରାସ କଲେ, ପ୍ରଡକ୍ସନ ଲିଙ୍କଡ୍ ଇନସେଣ୍ଟିଭ୍ ଯୋଜନା ଆଣିଲେ ଏବଂ ଜିଏସ୍‌ଟି ରିହାତି ଦେଲେ। କିନ୍ତୁ ଏହାଦ୍ୱାରା ନୂତନ କାରଖାନା କିମ୍ବା ନିଯୁକ୍ତି ସୃଷ୍ଟି ହେଲାନାହିଁ, କାରଣ ବଜାରରେ ସାଧାରଣ ଲୋକଙ୍କ ପାଖରେ କ୍ରୟ କ୍ଷମତାର ଅଭାବ ରହିଛି। ଦେଶର ଅଧିକାଂଶ ଧନ କେବଳ ମୁଷ୍ଟିମେୟ ପୁଞ୍ଜିପତିଙ୍କ ହାତରେ କେନ୍ଦ୍ରୀଭୂତ ହୋଇଛି। ଆମେ ଭୟଙ୍କର ଆର୍ଥିକ ଅସମାନତା ଆଡ଼କୁ ଯାଉଛେ। ଦେଶର ଯୁବପିଢ଼ିଙ୍କ ମଧ୍ୟରେ ବେକାରୀର ସ୍ଥିତି ଏପରି ଚରମ ସୀମାରେ ପହଞ୍ଚିଛି ଯେ, ରୋଜଗାର ପାଇଁ ବିଦେଶ ଯିବାର ଅନ୍ଧ ପ୍ରତିଯୋଗିତା ଲାଗିଛି। ହାରାହାରି ପ୍ରତି ୨୦ ମିନିଟ୍‌ରେ ଜଣେ ଭାରତୀୟ ଆମେରିକା ସୀମାରେ ବେଆଇନ ଭାବେ ପ୍ରବେଶ କରିବା ଅଭିଯୋଗରେ ଧରାପଡୁଛନ୍ତି ଏବଂ ଏମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଗୁଜରାଟର, ଯାହାକୁ କି ତଥାକଥିତ ବିକାଶ ମଡେଲର ପ୍ରତୀକ ବୋଲି ପ୍ରଚାର କରାଯାଉଥିଲା।

ସକ୍ରିୟ ରାଜକୋଷୀୟ ନୀତି ଜରୁରି

ସରକାର କେବଳ ଜିଡିପି ବୃଦ୍ଧିର ପରିସଂଖ୍ୟାନ ଦେଖାଇ ନିଜର ବିଫଳତାକୁ ଲୁଚାଇବାକୁ ଚେଷ୍ଟା କରୁଛନ୍ତି। କିନ୍ତୁ ବାସ୍ତବରେ ଦେଶର ଅଧାରୁ ଅଧିକ ଜନସଂଖ୍ୟା ଆଜି ଦାରିଦ୍ର୍ୟ ସୀମାରେଖା ତଳେ କିମ୍ବା ତା' ପାଖାପାଖି ଜୀବନ ବିତାଉଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣର ତଥ୍ୟ ଅନୁଯାୟୀ, ଦେଶର ଶିଶୁ ଓ ଯୁବପିଢ଼ିଙ୍କ ଏକ ବଡ଼ ଅଂଶ ପୌଷ୍ଟିକ ଆହାର ଅଭାବରୁ କମ୍ ଓଜନ ଏବଂ ଅପପୁଷ୍ଟିର ଶିକାର ହେଉଛନ୍ତି। ମନରେଗା ଭଳି ଗାଁର ଗରିବ ଶ୍ରମିକଙ୍କୁ ରୋଜଗାର ଦେବାର ଯୋଜନାକୁ ଦୁର୍ବଳ କରିଦିଆଯାଇଛି ଏବଂ ଯୁବପିଢ଼ିଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖାଇ ପରିବାରଗୁଡ଼ିକୁ କେବଳ ପାଞ୍ଚ/ଦଶ କିଲୋ ମାଗଣା ରାସନ ଉପରେ ନିର୍ଭରଶୀଳ କରି ରଖାଯାଇଛି। ପ୍ରଧାନମନ୍ତ୍ରୀ କେତେବେଳେ ପକୋଡ଼ା ଛାଣିବା ତ କେତେବେଳେ ସୋସିଆଲ ମିଡିଆରେ ରିଲ୍ସ ବନେଇ ରୋଜଗାର କରିବାର ପ୍ରହସନପୂର୍ଣ୍ଣ ପରାମର୍ଶ ଦେଉଛନ୍ତି। କିନ୍ତୁ ଏହା କୌଣସି ଦାୟିତ୍ୱସମ୍ପନ୍ନ ସରକାରର ନୀତି ହୋଇପାରିବ ନାହିଁ। ଏହି ସଙ୍କଟର ସମାଧାନ ପାଇଁ ସରକାରଙ୍କୁ ଏକ ସକ୍ରିୟ ରାଜକୋଷୀୟ ନୀତି ଗ୍ରହଣ କରିବାକୁ ହେବ। ସାର୍ବଜନୀନ କ୍ଷେତ୍ର, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ଭିତ୍ତିଭୂମିରେ ସରକାରୀ ପୁଞ୍ଜୀନିବେଶ ବୃଦ୍ଧି କରିବାକୁ ପଡ଼ିବ, ଯାହା ଦ୍ୱାରା ଲୋକଙ୍କ ହାତକୁ ଆୟ ଆସିବ ଏବଂ ବଜାରରେ ବାସ୍ତବ ଚାହିଦା ସୃଷ୍ଟି ହେବ। ଏହି ନିବେଶ ପାଇଁ ସମ୍ବଳ ଯୋଗାଡ଼ ନିମନ୍ତେ ଅତି-ଧନୀକ ଶ୍ରେଣୀ ଉପରେ ସମ୍ପତ୍ତି କର ଏବଂ ଉତ୍ତରାଧିକାର କର ଲାଗୁ କରିବା ଅତ୍ୟନ୍ତ ଆବଶ୍ୟକ।

ସରକାରୀ ଦାୟିତ୍ୱ ଓ ଯତ୍ନଶୀଳତା

ସମସ୍ତ ସରକାରୀ ଖାଲି ପଦବୀକୁ ତୁରନ୍ତ ଚିହ୍ନଟ କରି ନିୟମିତ ଓ ସ୍ୱଚ୍ଛ ଭାବେ ପୂରଣ କରିବା, ପରୀକ୍ଷା ପରିଚାଳନାରେ ଦୃଢ଼ ସ୍ୱଚ୍ଛତା ଆଣି ଦୁର୍ନୀତିଗ୍ରସ୍ତଙ୍କ ବିରୋଧରେ କଠୋର ଦଣ୍ଡବିଧାନ କରିବା, ଆଉଟସୋର୍ସିଂ ଶୋଷଣ ବନ୍ଦକରିବା ଏବଂ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ତଥା ଉତ୍ପାଦନ କ୍ଷେତ୍ରକୁ ସୁଦୃଢ଼ କରିବା ଆଜିର ସର୍ବପ୍ରଧାନ ଜରୁରୀ ଆବଶ୍ୟକତା। ଦେଶର ଯୁବସମାଜ କୌଣସି ରାଜନୈତିକ ଅନୁଦାନ କିମ୍ବା ନିର୍ବାଚନୀ ମାଗଣା ଉପହାର ଚାହୁଁନାହାନ୍ତି, ବରଂ ସେମାନେ ଗୁଣାତ୍ମକ ଶିକ୍ଷା, ବାସ୍ତବ ଦକ୍ଷତା ଏବଂ ସମ୍ମାନଜନକ କାମର ଅଧିକାର ଚାହୁଁଛନ୍ତି। କିନ୍ତୁ ପରିତାପର କଥା, ଦେଶରେ ଚାକିରି ମାଗୁଥିବା ଯୁବକମାନଙ୍କୁ ଲାଠିମାଡ଼ ଏବଂ ଅଧିକାର ଦାବି କରୁଥିବା ନାଗରିକଙ୍କୁ ମକଦ୍ଦମା ଓ ଦେଶଦ୍ରୋହୀର ଆଖ୍ୟା ଦିଆଯାଉଛି। ତେଣୁ ଯୁବ ଅସନ୍ତୋଷକୁ କେବଳ ଆଇନଶୃଙ୍ଖଳାର ସମସ୍ୟା ଭାବେ ଦେଖି ପୋଲିସ ଦମନ କରିବା ପରିବର୍ତ୍ତେ ଏହାର ମୂଳ ଆର୍ଥିକ ଓ ନୀତିଗତ କାରଣଗୁଡ଼ିକୁ ଦୂର କରିବା ଜରୁରୀ। ସରକାର ମଧ୍ୟ ଏଥିପ୍ରତି ଅଧିକ ଦାୟିତ୍ୱବାନ ଓ ଯତ୍ନଶୀଳ ହୋଇ କାମ କରିବା ଦରକାର। ଏହା ହିଁ ଭାରତର ଭବିଷ୍ୟତକୁ ରକ୍ଷାକରିବା ପାଇଁ ଏକମାତ୍ର ବାଟ। ଯୁବଶକ୍ତିର ସୁବିନିଯୋଗ ଦେଶରେ ପ୍ରଗତି ଆଣିଦେବ, ଏହା ନିଃସନ୍ଦେହରେ କୁହାଯାଇପାରେ।

ପଶ୍ଚିମ ଓଡ଼ିଶା

ପୃଷ୍ଠା ୩

ଇନ୍ଦ୍ରାବତୀ ପ୍ରକଳ୍ପ ଥାଇ ବି ମୁଖିଗୁଡ଼ାରେ ବିକାଶ ଅପହଞ୍ଚ

- ୪୦ ବର୍ଷ ପରେ ବି ମୌଳିକ ସୁବିଧାରୁ ବଞ୍ଚିତ ଅଞ୍ଚଳବାସୀ
- ପ୍ରମୁଖ ନିର୍ମାଣଯନ୍ତ୍ରୀ ଓ ବରିଷ୍ଠ ସାଧାରଣ ପରିଚାଳକଙ୍କୁ ଦାବିପତ୍ର
- ସମାଧାନ ନହେଲେ ଆନ୍ଦୋଳନ ଚେତାବନୀ

କଳାହାଣ୍ଡି(ଅମୃତ ମିଡିଆ): ଇନ୍ଦ୍ରାବତୀ ପ୍ରକଳ୍ପକୁ ୪୦ ବର୍ଷରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ପ୍ରକଳ୍ପ ଅଞ୍ଚଳର ଜନସାଧାରଣ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ ହୋଇଛି । ଏକ ବୃହତ୍ ଜଳସେଚନ ଓ ଜଳବିଦ୍ୟୁତ ପ୍ରକଳ୍ପ ମୁଖିଗୁଡ଼ା ଅଞ୍ଚଳରେ ରହିଥିଲେ ମଧ୍ୟ ଅଞ୍ଚଳର ଆଶାନୁରୂପ ବିକାଶ ହୋଇନଥିବା ନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ସମସ୍ୟାଗୁଡ଼ିକର ସମାଧାନ ଦାବି କରି ମୁଖିଗୁଡ଼ା ପଞ୍ଚାୟତର ଅଞ୍ଚଳବାସୀଙ୍କ ପକ୍ଷରୁ ଉପର ଇନ୍ଦ୍ରାବତୀ ଜଳସେଚନ ପ୍ରକଳ୍ପର ପ୍ରମୁଖ ନିର୍ମାଣ ଯନ୍ତ୍ରୀ ଏବଂ ଓଡ଼ିଶା ଜଳବିଦ୍ୟୁତ ପ୍ରକଳ୍ପର ବରିଷ୍ଠ ସାଧାରଣ ପରିଚାଳକଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି ।

ଅଞ୍ଚଳବାସୀଙ୍କ କହିବା ଅନୁଯାୟୀ, ଇନ୍ଦ୍ରାବତୀ ପ୍ରକଳ୍ପରୁ ଦୀର୍ଘ ବର୍ଷ ଧରି ଜଳବିଦ୍ୟୁତ ଉତ୍ପାଦନ ଓ ଅନ୍ୟାନ୍ୟ କାର୍ଯ୍ୟ ଚାଲିଥିଲେ ମଧ୍ୟ ପ୍ରକଳ୍ପର ନିକଟବର୍ତ୍ତୀ ମୁଖିଗୁଡ଼ା ଅଞ୍ଚଳରେ ଆବଶ୍ୟକ ମୌଳିକ ଭିତ୍ତିଭୂମିର ବିକାଶ ହୋଇନାହିଁ । ଏଥିପାଇଁ ଅଞ୍ଚଳବାସୀ 'ଦୀପ ତଳେ ଅନ୍ଧାର' ଭଳି ପରିସ୍ଥିତିର ସମ୍ମୁଖୀନ ହୋଇଥିବା କହିଛନ୍ତି ।

ମୁଖିଗୁଡ଼ା ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରେ ଆବଶ୍ୟକ ଅନୁପାତରେ ଶିକ୍ଷକ ନଥିବାରୁ ଛାତ୍ରଛାତ୍ରୀଙ୍କ ପାଠପଢ଼ା ପ୍ରଭାବିତ ହେଉଥିବା ଅଭିଯୋଗ ହୋଇଛି । ଖାଲି ପଡ଼ିଥିବା ଶିକ୍ଷକ ପଦବୀ ପୂରଣ କରି ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ଦାବି ହୋଇଛି ।

ସ୍ୱାସ୍ଥ୍ୟସେବା ମଧ୍ୟ ଅଞ୍ଚଳବାସୀଙ୍କ ପାଇଁ ଚିନ୍ତାର କାରଣ ହୋଇଛି । ଡାକ୍ତରଙ୍କ ଅଭାବ ସହ ଜରୁରୀ ସମୟରେ ରୋଗୀଙ୍କୁ ତୁରନ୍ତ ଉଚ୍ଚତର ଚିକିତ୍ସା କେନ୍ଦ୍ରକୁ ନେବା ପାଇଁ ଆମ୍ବୁଲାନ୍ସ ସୁବିଧା ନଥିବା ଅଭିଯୋଗ ହୋଇଛି । ଏକ ପ୍ରକଳ୍ପ ଅଞ୍ଚଳରେ ଏଭଳି ସ୍ୱାସ୍ଥ୍ୟସେବାର ଅଭାବ ନେଇ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି ।

ଗ୍ରାମଗୁଡ଼ିକରେ ଭଲ ରାସ୍ତା ନଥିବା ଏବଂ ପାନୀୟ ଜଳର ଅଭାବ ଲୋକଙ୍କ ଦୈନନ୍ଦିନ ଜୀବନକୁ ପ୍ରଭାବିତ କରୁଥିବା ଦାବିପତ୍ରରେ ଉଲ୍ଲେଖ କରାଯାଇଛି । ପ୍ରକଳ୍ପ ଅଞ୍ଚଳରେ ଜଳସମ୍ପଦ ଥିବା ସତ୍ତ୍ୱେ ଲୋକଙ୍କୁ ସୁରକ୍ଷିତ ପାନୀୟ ଜଳ ମିଳୁନଥିବା ଅଭିଯୋଗକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ଗ୍ରାମଗୁଡ଼ିକରେ ପର୍ଯ୍ୟାପ୍ତ ବିଦ୍ୟୁତ୍ ଆଲୋକ ଓ ଆଲୋକୀକରଣ ବ୍ୟବସ୍ଥା ନଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି । ଜଳବିଦ୍ୟୁତ ପ୍ରକଳ୍ପ ଥିବା ଅଞ୍ଚଳରେ ନିଜ ଗ୍ରାମର ଆଲୋକୀକରଣକୁ ନେଇ ଏଭଳି ଅଭିଯୋଗ ଉଠିବା ନିଶ୍ଚିତ ଭାବେ ଏକ ଗୁରୁତର ସାମାଜିକ ପ୍ରଶ୍ନ ବୋଲି ଅଞ୍ଚଳବାସୀ କହିଛନ୍ତି ।

ଏତେ ବଡ଼ ପ୍ରକଳ୍ପ ଥିବା ସତ୍ତ୍ୱେ ମୁଖିଗୁଡ଼ା ଅଞ୍ଚଳର ପର୍ଯ୍ୟଟନ ଓ ସୌନ୍ଦର୍ଯ୍ୟକରଣ ଦିଗରେ ଆଶାନୁରୂପ କାର୍ଯ୍ୟ ହୋଇନଥିବା ମଧ୍ୟ ଅଭିଯୋଗ ହୋଇଛି । ପ୍ରକଳ୍ପକୁ କେନ୍ଦ୍ର କରି ଅଞ୍ଚଳରେ ଯଦି ଯୋଜନାବଦ୍ଧ ସୌନ୍ଦର୍ଯ୍ୟକରଣ, ରାସ୍ତା, ଆଲୋକୀକରଣ ଓ ପର୍ଯ୍ୟଟନ ଭିତ୍ତିଭୂମି ବିକଶିତ କରାଯାଏ, ତେବେ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାରର ସୁଯୋଗ ମଧ୍ୟ ସୃଷ୍ଟି ହୋଇପାରିବ ବୋଲି ମତ ପ୍ରକାଶ ପାଇଛି ।

ଅଞ୍ଚଳବାସୀଙ୍କ ଆଉ ଏକ ମୁଖ୍ୟ ଅଭିଯୋଗ ହେଉଛି — ପ୍ରକଳ୍ପର ପାରିପାର୍ଶ୍ୱିକ ଅଞ୍ଚଳର ବିକାଶ ପାଇଁ ଆସୁଥିବା ଅର୍ଥ କେଉଁଠି ଏବଂ କିପରି ଖର୍ଚ୍ଚ ହେଉଛି, ତାହା ସାର୍ବଜନୀନ ଭାବେ ସ୍ପଷ୍ଟ ହେବା ଆବଶ୍ୟକ । ଅର୍ଥ ଆସୁଥିଲେ ମଧ୍ୟ ଏହାର ପ୍ରତିଫଳ ମାଟିରେ ଦେଖାଯାଉନଥିବା ଅଭିଯୋଗ ହୋଇଛି ।

ଏହି ପରିପ୍ରେକ୍ଷୀରେ କେଉଁ ବର୍ଷରେ କେତେ ଅର୍ଥ ଆସିଲା, କେଉଁ ଯୋଜନାରେ କେତେ ଟଙ୍କା ମଞ୍ଜୁର ହେଲା, କେଉଁ କାମ ହେଲା, କେଉଁ ଏଜେନ୍ସି କାମ କଲା ଏବଂ କାମର ଗୁଣବତ୍ତା କିପରି ଯାଞ୍ଚ ହେଲା— ଏହାର ସମ୍ପୂର୍ଣ୍ଣ ହିସାବ ସାର୍ବଜନୀନ କରିବାକୁ ଦାବି ହୋଇଛି । ଅଞ୍ଚଳବାସୀଙ୍କ ପକ୍ଷରୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖିତ ସମସ୍ୟାଗୁଡ଼ିକର ସମାଧାନ ନହେଲେ ଆଗାମୀ ଦିନରେ ସାମୂହିକ ଭାବେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଉଛି ବେଦାନ୍ତ ଆଲୁମିନିୟମ

କଳାହାଣ୍ଡି(ଅମୃତ ମିଡିଆ): ଦୁର୍ଗମ ଗ୍ରାମରେ ରହୁଥିବା ପରିବାରଗୁଡ଼ିକ ପାଇଁ ସମୟୋଚିତ ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପାଇବା ଅନେକ ସମୟରେ ଏକ ଆହ୍ୱାନ ହୋଇ ରହିଛି । ଦୀର୍ଘ ପଥ ଯାତ୍ରା, ସୀମିତ ପରିବହନ ଏବଂ ବିଶେଷଜ୍ଞ ସେବାର ଅନୁପସ୍ଥିତି ଗୁରୁତ୍ୱପୂର୍ଣ୍ଣ ଚିକିତ୍ସା କ୍ଷେତ୍ରରେ ବିଳମ୍ବ କରିପାରେ, ବିଶେଷ କରି ଗର୍ଭବତୀ ମା', ଶିଶୁ ଏବଂ ଜରୁରୀ ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀଙ୍କ ପାଇଁ । ବେଦାନ୍ତ ଆଲୁମିନିୟମରେ, ସ୍ୱାସ୍ଥ୍ୟସେବା ଏବଂ ଗୋଷ୍ଠୀ କଲ୍ୟାଣ ଦୀର୍ଘ ଦିନ ଧରି ଏହାର ବିକାଶ ପ୍ରୟାସର କେନ୍ଦ୍ରବିନ୍ଦୁ ହୋଇ ରହିଛି । ଲାଞ୍ଜିଗଡ଼ରେ ଏହି ଅଞ୍ଚଳର ସବୁଠାରୁ ବିଶ୍ୱସନୀୟ ସ୍ୱାସ୍ଥ୍ୟସେବା ପରିବେଶ ସୃଷ୍ଟି କରିବାର ଅଭିଜ୍ଞତାକୁ ଆଧାର କରି କମ୍ପାନୀ ପ୍ରାଥମିକ ଯତ୍ନ, ଜରୁରୀକାଳୀନ ପ୍ରତିକ୍ରିୟା, ବିଶେଷଜ୍ଞ ପରାମର୍ଶ ଏବଂ ପ୍ରତିଷେଧକ ସ୍ୱାସ୍ଥ୍ୟସେବା ପଦକ୍ଷେପକୁ ସମନ୍ୱିତ କରୁଥିବା ଏକ ସାମଗ୍ରିକ ଆଭିମୁଖ୍ୟ ମାଧ୍ୟମରେ ରାୟଗଡ଼ା ଏବଂ କଳାହାଣ୍ଡିର ସିଜିମାଳି ଏବଂ କୋଡିଙ୍ଗାମାଳି ବକ୍ସାଇଟ୍ ଖଣିରେ ଏହାର ଗୋଷ୍ଠୀ ସ୍ୱାସ୍ଥ୍ୟସେବା ପ୍ରସାରକୁ ବିସ୍ତାର କରୁଛି । ୨୦୨୬ ମସିହା ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ ବେଦାନ୍ତର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ୟୁନିଟ (ଏମ୍ଏଚୟୁ) ରାୟଗଡ଼ା

ଏବଂ କଳାହାଣ୍ଡି ଅଞ୍ଚଳରେ ୨୨୫ଟି ସ୍ୱାସ୍ଥ୍ୟ ଶିବିର ଜରିଆରେ ସ୍ୱାସ୍ଥ୍ୟସେବାକୁ ସିଧାସଳଖ ଦୁର୍ଗମ ଅଞ୍ଚଳର ଲୋକଙ୍କ ଦୁଆରମୁହଁରେ ପହଞ୍ଚାଇଥିଲା । ରାୟଗଡ଼ାରେ ୮୫ଟି ଏମ୍ଏଚୟୁ ଶିବିର ୨୫୫୮ ହିତାଧିକାରୀଙ୍କ ନିକଟରେ ପହଞ୍ଚିଥିବା ବେଳେ କଳାହାଣ୍ଡିରେ ୧୪୦ଟି ଶିବିର ଅନେକ ସମ୍ବେଦନଶୀଳ ଗାଁର ୨୯୩୬ ଲୋକଙ୍କୁ ଉପକୃତ କରିଛି । ମିଳିତ ଭାବେ, ଏହି ପ୍ରୟାସଗୁଡ଼ିକ ୫୪୯୪ ରୋଗୀମାନଙ୍କୁ ଡାକ୍ତରୀ ପରାମର୍ଶ, ମୌଳିକ ନିଦାନ ଏବଂ ଅତ୍ୟାବଶ୍ୟକ ଔଷଧ ପ୍ରଦାନ କରିଥିଲା, ଯାହା ଗ୍ରାମୀଣ ପରିବାର ପାଇଁ ସ୍ୱାସ୍ଥ୍ୟସେବାରେ ଉଲ୍ଲେଖନୀୟ ଉନ୍ନତି ଆଣିଥିଲା । ବେଦାନ୍ତ-ସମର୍ଥିତ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର (ପିଏଚସି) ଏହି ସେବା ଗୁଡ଼ିକର ପରିପୂରକ, ଯାହା ଘର ନିକଟରେ ଦିନରାତି ସ୍ୱାସ୍ଥ୍ୟସେବା ପ୍ରଦାନ କରିଥାଏ । ରାୟଗଡ଼ାର ପିଏଚସି ସୁଙ୍ଗରରେ ୨୦୨୬ ମଇ ମାସରୁ ଜୁଲାଇ ମାସ ମଧ୍ୟରେ ମୋଟ ୨୫୬୩ ରୋଗୀ ସ୍ୱାସ୍ଥ୍ୟସେବାର ଲାଭ ଉଠାଇଥିଲେ । କେନ୍ଦ୍ର ମଧ୍ୟ ୬୦ଟି ପ୍ରସବ ସୁବିଧା ପ୍ରଦାନ କରିଥିଲା, ସ୍ୱତନ୍ତ୍ର ଚିକିତ୍ସା ଆବଶ୍ୟକ କରୁଥିବା ରୋଗୀମାନଙ୍କୁ ଅନ୍ୟ ଡାକ୍ତରଖାନାକୁ ପଠାଇଥିଲା, ଏବଂ ଶୂନ୍ୟ ନବଜାତ ମୃତ୍ୟୁ ବଜାୟ ରଖିଥିଲା, ଯାହା ଏହି ଅଞ୍ଚଳରେ ମାତୃ ଏବଂ ଶିଶୁ ସ୍ୱାସ୍ଥ୍ୟସେବାକୁ ମଜବୁତ କରିବାରେ ଏହାର ଭୂମିକାକୁ ଦର୍ଶାଇଥିଲା ।

ବ୍ଲକ କାର୍ଯ୍ୟାଳୟରେ ଶିଶୁ ସୁରକ୍ଷା ନେଇ ତାଲିମ ଶିବିର

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ: ଶିଶୁଙ୍କ ଯତ୍ନ, ସୁରକ୍ଷା ଓ ଅଧିକାର ସୁନିଶ୍ଚିତ କରିବା ନେଇ ଖପ୍ରାଖୋଲ ବ୍ଲକ୍ ସମ୍ନିଳନୀ କକ୍ଷରେ ବ୍ଲକ୍ ସ୍ତରୀୟ ଟାସ୍କ ଫୋର୍ସ ଓ ଶିଶୁ ସୁରକ୍ଷା କମିଟି ବୈଠକ ସହ ସରପଞ୍ଚ ଓ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ପାଇଁ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ଅରୁଣା, ଆଇସିଡିଏସ୍ ଓ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ବଲାଙ୍ଗୀରର ମିଳିତ ଆୟୋଜନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀ ଅଧ୍ୟକ୍ଷତା କରିଥିଲେ । ସିଡିପିଓ ଅମିତା ପଣ୍ଡା ଶିଶୁ ସୁରକ୍ଷା ପାଇଁ ଗ୍ରାମ ପଞ୍ଚାୟତ ବିକାଶ ପାଣ୍ଠିର ଅନ୍ତତଃ ୩୩ ପାଣ୍ଠିର ୫ ପ୍ରତିଶତ ବିନିଯୋଗ ସୁନିଶ୍ଚିତ କରିବା ସହ ବାଲ୍ୟ ବିବାହ

ରୋକିବା ଓ 'ବେଟି ବଚାଓ, ବେଟି ପଢ଼ାଓ' ଉପରେ ଗୁରୁତ୍ୱ ଦେଇଥିଲେ । ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ସାମାଜିକ କର୍ମୀ ଅରୁଣ ଖୁଆସ କିଶୋର ନ୍ୟାୟ ଆଇନ୍, ବାଲ୍ୟ ବିବାହ ନିରୋଧ ଆଇନ୍, ପୋକ୍ସୋ ଓ ଶିଶୁ ଶ୍ରମିକ ନିରୋଧ ଆଇନ୍ ସମ୍ପର୍କରେ ସଚେତନ କରାଇଥିଲେ । ଜିଲ୍ଲା ପରାମର୍ଶଦାତା ପ୍ରମୋଦ ବଗର୍ତ୍ତି ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ଯୋଜନା ଓ ସରପଞ୍ଚ-ପିଇଓଙ୍କ ଭୂମିକା ଉପରେ ତାଲିମ ଦେଇଥିଲେ । କାର୍ଯ୍ୟକ୍ରମରେ ପ୍ରତୀକ୍ଷା ସାହୁ, ସୁଦନ ଖମାରୀ, ଶୁଭମ୍ ଜେନା, ସୁବୋଧ ପଧାନ ଓ ସରୋଜ ନାଏକଙ୍କ ସମେତ ବିଭିନ୍ନ ଅଧିକାରୀ ଓ କର୍ମକର୍ତ୍ତା ଯୋଗଦେଇଥିଲେ । ପରିଶେଷରେ ସିଡିପିଓ ଅମିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

ଭଗବତୀ କୌଶଲ୍ୟା ବିଏସସି ନର୍ସିଂ ଛାତ୍ରଛାତ୍ରୀଙ୍କ ଶପଥଗ୍ରହଣ ଉତ୍ସବ

ବଲାଙ୍ଗୀର(ଅମୃତ ମିଡିଆ): ଭଗବତୀ କୌଶଲ୍ୟା ସ୍କୁଲ ଅଫ ନର୍ସିଂର ପ୍ରଥମବର୍ଷ ବି.ଏସ.ସି. ନର୍ସିଂ ଛାତ୍ରଛାତ୍ରୀ ମାନେ ଜୀବନେର ଉତ୍ତମ ସ୍ୱାସ୍ଥ୍ୟ ସେବା କରିବା ପାଇଁ ଶପଥ ଗ୍ରହଣ କରିଛନ୍ତି । ଅନୁଷ୍ଠାନ ର ସମ୍ପାଦକ ଡ଼. ନାରାୟଣ ପ୍ରସାଦ ମିଶ୍ର ଙ୍କ ତତ୍ତ୍ୱାବଧାନରେ

ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୁଶ୍ରୀ ଶିକ୍ଷା ଅନୁଷ୍ଠାନ ସମୁହର ପ୍ରତିଷ୍ଠାତା ଡ଼. ଶ୍ରୀକର ମିଶ୍ର ମୁଖ୍ୟ ଅତିଥି ଭାବରେ ଯୋଗଦେଇ ନର୍ସିଂ ଶିକ୍ଷା ର ମହତ୍ତ୍ୱ ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବରେ ରାମଜୀ ଯୁବକ ସଙ୍ଘ ର ସଭାପତି ଡ଼ା. ପ୍ରମୋଦ କୁମାର ମିଶ୍ର, ସାଇଟ ନର୍ସିଂ କଲେଜ ର ଅଧ୍ୟକ୍ଷା ପ୍ରଫେସର ସ୍ନିଗ୍ଧା ମିନତୀ ଦାନୀ, ସହ ଅଧ୍ୟକ୍ଷା ପ୍ରଫେସର ଲୋପାମୁଦ୍ରା ମିଶ୍ର ଯୋଗଦାନ କରିଥିଲେ । ଅନୁଷ୍ଠାନ ର ଅଧ୍ୟକ୍ଷା ପ୍ରଫେସର ବିନୋଦିନୀ ଦାସ ସଭାପତିତ୍ୱ କରିଥିଲେ । ପ୍ରାଶାସନିକ ଅଧିକାରୀ ସନ୍ତୋଷ କୁମାର ବୁହ୍ମା ସ୍ୱାଗତ ଭାଷଣ ଦେଇଥିଲେ । କାର୍ଯ୍ୟକ୍ରମକୁ ସାନ୍ତ୍ୱନା ୱାଘ୍ ପରିଚାଳନ କରିଥିବା ବେଳେ ଅନୁଷ୍ଠାନ ର ଅଧ୍ୟାପକ ପୁରନ୍ଦର ସାହୁ, ସ୍ୱାଗତିକା ନାୟକ, ମୌସୁମୀ ବାଗ, ସଲୋନି ହରପାଲ, ସଲୋମୀ ଟାକ୍ରୀ, ଶୁଭଦର୍ଶିନୀ ମେହେର, ପରେଶ ଭୋଇ, ମାନଭଞ୍ଜନ ମିଶ୍ର, ରବି ବାରିକ, ପ୍ରତିମା ତ୍ରିପାଠୀ ପ୍ରମୁଖ ସହଯୋଗ କରିଥିଲେ ।

୫୦ ହଜାର ଟପିଲା ଟିପିଡବ୍ଲ୍ୟୁଓଡିଏଲ୍‌ର ରୁଫଟପ୍ ସୋଲାର ସ୍ଥାପନା

ମୋଟ ୫୭,୨୮୨ରେ ପହଞ୍ଚିଲା

ବୁର୍ଲା(ଅମୃତ ମିଡିଆ): ପଶ୍ଚିମ ଓଡ଼ିଶାରେ ସୌର ଶକ୍ତି ବ୍ୟବହାରକୁ ନୂଆ ଗତି ଦେଇ ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ୱେଷ୍ଟର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିଡବ୍ଲ୍ୟୁଓଡିଏଲ୍) ରୁଫଟପ୍ ସୋଲାର କ୍ଷେତ୍ରରେ ଏକ ନୂଆ ମାଇଲଷ୍ଟୋନ୍ ହାସଲ କରିଛି । କମ୍ପାନୀର ସମସ୍ତ ୯ ଗୋଟି ବିଦ୍ୟୁତ୍ ବିତରଣ ଜିଲ୍ଲାରେ ରୁଫଟପ୍ ସୋଲାର ସ୍ଥାପନା ସଂଖ୍ୟା ୫୦ ହଜାର ଟପି ୫୭,୨୮୨ରେ ପହଞ୍ଚିଅଛି । ପିଏମ୍ ସୂର୍ଯ୍ୟ ଘର ମୁଫ୍ତ ବିଜୁଳି ଯୋଜନା ଏବଂ ଟିପିଡବ୍ଲ୍ୟୁଓଡିଏଲ୍‌ର ଉଲା ମଡେଲ୍ ଅଧିନରେ ଏହି ସଂଖ୍ୟା ହାସଲ ହୋଇପାରିଛି । ଏହି ସଫଳତା ପଶ୍ଚିମ ଓଡ଼ିଶାରେ ସୌର ଶକ୍ତି ପ୍ରତି ବଢୁଥିବା ଆଗ୍ରହ ସହିତ ଗ୍ରାହକଙ୍କ ପାଇଁ ସ୍ୱଚ୍ଛ ଶକ୍ତିକୁ ଅଧିକ ସହଜ ଓ ସୁଲଭ କରିବା ଦିଗରେ କମ୍ପାନୀର ପ୍ରୟାସକୁ ପ୍ରତିଫଳିତ କରୁଅଛି ।

ଗତ ଅଗଷ୍ଟ ୨୦୨୬ ଟିପିଡବ୍ଲ୍ୟୁଓଡିଏଲ୍‌ର ରୁଫଟପ୍ ସୋଲାର ଯାତ୍ରାରେ ଆଉ ଏକ ଉଲ୍ଲେଖନୀୟ ମାସ ଭାବେ ପରିଗଣିତ ହୋଇଛି । ଏହି ମାସରେ କମ୍ପାନୀ ପକ୍ଷରୁ ୯,୮୪୯ଟି ରୁଫଟପ୍ ସୋଲାର ସ୍ଥାପନା କରାଯାଇଅଛି, ଯାହା ଏକ ମାସରେ ଏପର୍ଯ୍ୟନ୍ତର ସର୍ବାଧିକ ସ୍ଥାପନା । ଏହା ସହିତ ଜୁଲାଇ ୨୦୨୬ରେ ହୋଇଥିବା ୮,୨୯୮ଟି ସ୍ଥାପନାର ପୂର୍ବ ରେକର୍ଡକୁ ମଧ୍ୟ ଅତିକ୍ରମ କରିଅଛି । ଏହି କ୍ରମାଗତ ବୃଦ୍ଧି ପଶ୍ଚିମ ଓଡ଼ିଶାର ଗ୍ରାହକମାନେ ରୁଫଟପ୍ ସୋଲାରକୁ ଏକ ବିଶ୍ୱସନୀୟ ଏବଂ ଦୀର୍ଘମିଆଦୀ ଶକ୍ତି ସମାଧାନ ଭାବେ ଗ୍ରହଣ କରୁଥିବାର ସୂଚନା ଦେଉଛି । ଏହି ସଫଳତା ନେଇ ଟିପିଡବ୍ଲ୍ୟୁଓଡିଏଲ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ପ୍ରବୀଣ ବର୍ମା କହିଛନ୍ତି, "୫୦ ହଜାର ରୁଫଟପ୍ ସୋଲାର ସ୍ଥାପନା ଅତିକ୍ରମ କରିବା ଆମ ପାଇଁ ଏକ ଗର୍ବର ମୁହୂର୍ତ୍ତ । ଅଗଷ୍ଟର ରେକର୍ଡ ସ୍ଥାପନା ଦର୍ଶାଉଛି ଯେ ସ୍ୱଚ୍ଛ ଶକ୍ତିକୁ ସୁଲଭ ଓ ସହଜ କରାଗଲେ ଗ୍ରାହକମାନେ ଏହାକୁ ଉତ୍ସାହର ସହ ଗ୍ରହଣ କରୁଛନ୍ତି । ଆଗାମୀ ଦିନରେ ଆହୁରି ଅଧିକ ପରିବାରକୁ ସୌର ଶକ୍ତି ସହ ଯୋଡ଼ିବା ଆମର ପ୍ରାଥମିକତା ।"

ସ୍ୱର୍ଣ୍ଣପଦକ ବିଜୟିନୀ ନେହା ତାରିଆଙ୍କୁ ସମ୍ବର୍ଦ୍ଧନା

ବରଗଡ଼(ଅମୃତ ମିଡିଆ): ଅନ୍ତର୍ଜାତୀୟ କ୍ରୀଡ଼ା କ୍ଷେତ୍ରରେ ଭାରତ ପାଇଁ ସ୍ୱର୍ଣ୍ଣପଦକ ଜିତି ବରଗଡ଼ ମାଟିର ଗୌରବ ବଢ଼ାଇଥିବା ନେହା ତାରିଆଙ୍କୁ ଆଜି ବରଗଡ଼ରେ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଛି । ଶ୍ରୀଲଙ୍କାର କଲମ୍ବୋ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ସାଉଥ ଏସିଆନ୍ ଗୋଲ୍ ଶଟ୍‌ବଲ୍ ଚାମ୍ପିଅନ୍‌ଶିପ୍‌ରେ ନେହା ଭାରତ ପକ୍ଷରୁ ଅଂଶଗ୍ରହଣ କରି ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ତାଙ୍କର ଏହି ଐତିହାସିକ ସଫଳତା ବରଗଡ଼ ସମେତ ସମଗ୍ର ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ ପାଲଟିଛି । ଏହି ଅବସରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗଙ୍କ ଉପସ୍ଥିତିରେ ନେହାଙ୍କୁ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ନେହାଙ୍କ ଅସାଧାରଣ କ୍ରୀଡ଼ା ପ୍ରତିଭା, ନିଷ୍ଠା ଓ କଠିନ ପରିଶ୍ରମ ଯୁବପିଢ଼ି ପାଇଁ ପ୍ରେରଣାର ଉତ୍ସ ହୋଇଛି । ନେହାଙ୍କ ଏହି ସଫଳତାରେ ବରଗଡ଼ବାସୀ ଆନନ୍ଦ ପ୍ରକାଶ କରିବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ ଓ ଆଗାମୀ କ୍ରୀଡ଼ା ଜୀବନର ସଫଳତା କାମନା କରିଛନ୍ତି ।

ନିଯୁକ୍ତି ନାଁରେ ଲକ୍ଷ ଲକ୍ଷ ଟଙ୍କା ଆଦାୟ

ଗୋଟିଏ ସିକ୍ୟୁରିଟି ପୋଷ୍ଟ ପାଇଁ ୨ ଯୁବକଙ୍କଠାରୁ ଟଙ୍କା ହଡ଼ପ ଅଭିଯୋଗ

ଖପ୍ରାଖୋଲ(ଅମୃତ ମିଡିଆ)ଅଶୋକ କୁମାର ବାଗ : ନିଯୁକ୍ତି ଆଶାରେ ଥିବା ବେକାର ଯୁବକଙ୍କୁ ଯଦି ଚାକିରିର ସ୍ୱପ୍ନ ଦେଖାଇ ହଜାର ହଜାର ଟଙ୍କା ଆଦାୟ କରାଯାଏ, ତେବେ ଏହା ନିଯୁକ୍ତି ପ୍ରକ୍ରିୟା ନା ଚାକିରି ନାଁରେ ବ୍ୟବସାୟ ଏହି ପ୍ରଶ୍ନ ଏବେ ଖପ୍ରାଖୋଲ ଅଞ୍ଚଳରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଅଞ୍ଚଳରେ କିଛି ଦିନ ତଳେ ବିଭିନ୍ନ ପ୍ରାଇଭେଟ ସଂସ୍ଥା ପକ୍ଷରୁ ସିକ୍ୟୁରିଟି ଗାର୍ଡ, ସଫେଇ କର୍ମଚାରୀ ଆଦି ପଦବୀରେ ନିଯୁକ୍ତି ଦେବା ନାଁରେ ଯୁବକମାନଙ୍କଠାରୁ ୪୦ରୁ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ ଆଦାୟ କରାଯାଉଥିବା ଏବଂ ଟଙ୍କା ନେବା ପରେ ମଧ୍ୟ କେତେକ ଯୁବକଙ୍କୁ କାମ ଦିଆଯାଉନଥିବା ନେଇ ଅଭିଯୋଗ ପ୍ରକାଶ ପାଇଥିଲା । ତେବେ ସେହି ଅଭିଯୋଗର ତଦନ୍ତ କିମ୍ବା ସ୍ପଷ୍ଟତା ଆସିବା

ସମ୍ପାଦକୀୟ...

ଲାଭରେ କିଏ ?

ଉଭୟ ଦେଶ ମଧ୍ୟରେ ଦୀର୍ଘ ଦିନରୁ ଲାଗି ରହିଛି ଯୁଦ୍ଧ ଯାହାର ଆଗକୁ କିଛି ବି ଲକ୍ଷ୍ୟ ନାହିଁ କି ଆଗକୁ ସେଭଳି ଯୁଦ୍ଧର ସେଭଳି କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନାହିଁ। ତଥାପି ଉଭୟଙ୍କ ମଧ୍ୟରେ ଯୁଦ୍ଧ ଲାଗି ରହିଛି ଯେ କ୍ରମାଗତ ଭାବରେ ସେମିତି ଯୁଦ୍ଧ ଚାଲିଛି ଯାହା ଆରମ୍ଭ ହୋଇଥିଲା ଫେବୃଆରୀ ୨୦ ତାରିଖ ୨୦୧୪ ମସିହାରୁ ଯେତେବେଳେ ରୁଷିଆ ତା'ର ପ୍ରଥମ ଆକ୍ରମଣ ଆରମ୍ଭ କରିଥିଲା ପୂର୍ବ ୟୁକ୍ରେନ୍‌ରେ। ୟୁକ୍ରେନୀୟ ପ୍ରଦେଶ କ୍ରିମିଆକୁ ନିଜ ଦଖଲକୁ ନେବା ପାଇଁ। ଯାହାକୁ ନିଜ ଦଖଲକୁ ନେବାପାଇଁ ରୁଷିଆ ବହୁତ ଆଗରୁ ଯୋଜନା କରି ଶେଷରେ ଯୁଦ୍ଧ ମାଧ୍ୟମରେ ସେହି ୟୁକ୍ରେନୀୟ ପ୍ରଦେଶକୁ ନିଜ ଦଖଲକୁ ନେବାପାଇଁ ଯେଉଁ ପ୍ରୟାସ ଆରମ୍ଭ କଲା, ତା'ର ଅତି ଭୟଙ୍କର ପରିଣାମ ଏବେ ସୁଦ୍ଧା ଜାରି ରହିଛି। ଯାହାର ଅତି ଗୁରୁତର ପରିଣାମ ଏବେ ବି ଦେଖିବାକୁ ମିଳୁଛି ଉଭୟ ଦେଶରେ, ଉଭୟ ଦେଶର ଭିତ୍ତିଭୂମିରେ, ଉଭୟ ଦେଶର ସୀମାରେଖା ଭିତରେ। ତେବେ ୨୨ ଫେବୃଆରୀ ୨୦୨୨ରେ ରୁଷିଆ ତା'ର ପୂର୍ଣ୍ଣ କ୍ଷମତା ପ୍ରଦର୍ଶନ କଲା .. ସାରା ୟୁକ୍ରେନ୍ ଉପରେ ଆକ୍ରମଣ କରି ରୁଷିଆ ଯେଉଁ ବଡ଼ ଭୁଲ୍ କଲା, ଆଗକୁ ତା'ର ପ୍ରାୟଶ୍ଚିତ କରିବା ପରିବର୍ତ୍ତେ , ଆଗକୁ ତା'ର ସଂଶୋଧନ କରିବା ବଦଳରେ ସେ କେବଳ ଆକ୍ରମଣ ପରେ ଆକ୍ରମଣ କରି ଚାଲିଲା ୟୁକ୍ରେନ୍ ଉପରେ ଯାହାର ବର୍ତ୍ତମାନର ଦୁଷ୍ପରିଣାମ ଏବେ ଦୁନିଆଁ ସାମ୍ନାରେ । ୨୦୧୪ ମସିହାରୁ ରୁଷିଆ ୟୁକ୍ରେନ ବିପକ୍ଷରେ ଆରମ୍ଭ କରିଥିବା ଏହି ଯୁଦ୍ଧକୁ ଇତି ମଧ୍ୟରେ ପ୍ରାୟ ୧୨ ବର୍ଷ ପୂରିଗଲାଣି ତଥାପି ଥମିନି ଯୁଦ୍ଧ କି କମିନି ଯୁଦ୍ଧ। ରାତି ପାହିଲେ ଉଭୟ ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଛି ଯୁଦ୍ଧ ଏବଂ ଆକ୍ରମଣ ଓ ପ୍ରତି ଆକ୍ରମଣ ଯାହାର ଲାଭ ପାଉଛି କିଏ ଏବଂ କ୍ଷତି ସହୁଛି କିଏ। ଏ କଥା କିନ୍ତୁ କେହି ବି ଏଯାବତ୍ କେହି ବି ଚିନ୍ତା କରୁନି । ନା ଭାବୁଛି ରୁଷିଆ ନା ଭାବୁଛି ୟୁକ୍ରେନ୍। ନା ଭାବୁଛି ନାଟୋ ନା ଭାବୁଛି ଆମେରିକା। ନା ଭାବୁଛି ବ୍ରିକ୍ସ ନା ଭାବୁଛି ଭାରତ। ଅବଶ୍ୟ ଭାରତ କିମ୍ବା ବ୍ରିକ୍ସର ରୁଷିଆ- ୟୁକ୍ରେନ୍ ଯୁଦ୍ଧରେ ସେପରି କୌଣସି ସିଧାସଳଖ ଭୂମିକା ନାହିଁ। ହେଲେ ଉଭୟ ଦେଶର ଯୁଦ୍ଧରୁ ଯାହା ବି କ୍ଷତି ହେଉଛି, ତାହା କେବଳ ସେହି ଉଭୟ ଦେଶର କ୍ଷତି କରୁନାହିଁ, ସାରା ବିଶ୍ୱ ଉପରେ ସେହି ଯୁଦ୍ଧର କୁପ୍ରଭାବ ଅନୁଭୂତ ହେଉଛି। ଉଭୟ ରୁଷିଆ ଏବଂ ୟୁକ୍ରେନ୍‌ରର କ୍ଷତି ହେଉଛି, ସେମାନଙ୍କର ଭିତ୍ତିଭୂମି ତ ଦୁର୍ବଳ ହେଉଛି, ତା ସହିତ ଗୋଟାଏ ପଟେ ନାଟୋ ସହାୟତାରେ ନାରୁଥିବା ୟୁକ୍ରେନ୍ କିନ୍ତୁ ବୁଝିପାରୁନି ଏହାଦ୍ୱାରା ରୁଷିଆ ଏବଂ ନାଟୋ ଦେଶ ମଧ୍ୟରେ ଯେଉଁ ନକାରାତ୍ମକ ବାତାବରଣ ସୃଷ୍ଟି ହେଉଛି ତା'ର ସୁଦୂରପ୍ରସାରୀ ପ୍ରଭାବ ଆଗାମୀ ସମୟରେ ଉଭୟ ରୁଷିଆ ଏବଂ ୟୁରୋପ୍ ପାଇଁ କ୍ଷତିକାରକ ସାବ୍ୟସ୍ତ ହୋଇପାରେ। ୟୁକ୍ରେନ୍ ସହିତ ଯୁଦ୍ଧ କାରଣରୁ ରୁଷିଆ ଏବଂ ନାଟୋ ଦେଶ ମଧ୍ୟରେ ଖରାପ୍ ସମ୍ପର୍କ ଯେଭଳି ଭାବେ ସୃଷ୍ଟି ହେଉଛି, ତାହା କୌଣସି କୁହୁଳୁଥିବା ନିଆଁ ଠାରୁ କମ୍ ନୁହେଁ। କୁହୁଳି କୁହୁଳି ଦିନେ ଆଗାମୀ ସମୟରେ ହୁଏତ କେହି ନା କେହି କାହା ଉପରେ ଆରମ୍ଭ କରିଦେଇପାରେ ଆକ୍ରମଣ । ଯାହାର ପରିଣାମ କେବେ ବି ସାଧାରଣ ହୋଇନପାରେ। ଯାହାର ପରିଣାମ କେବଳ ଆଉଏକ ବିଶ୍ୱ ଯୁଦ୍ଧକୁ ଆହ୍ୱାନ ବୋଲି ଧରା ଯାଇପାରେ। ଯେଉଁଥିପାଇଁ ପରୋକ୍ଷରେ ଅବା ପ୍ରତ୍ୟକ୍ଷରେ ଦାୟୀ ରହିବ ଆମେରିକା। ନାଟୋ ବି। କାରଣ ନାଟୋ ହେଉଛି ସବୁ ନାଟର ଗୋବର୍ଦ୍ଧନ। ତେବେ ଏବେ ରୁଷିଆ ଏବଂ ୟୁକ୍ରେନ୍ ମଧ୍ୟରେ ଯେଭଳି ଲମ୍ବା ଯୁଦ୍ଧ ଚାଲିଛି ଏଥିରେ ଲାଭ ତ କାହାର ହେଉନି, ତେବେ ଆମେରିକା ହୁଏତ ଲାଭରେ ଥାଇପାରେ। କାରଣ ରୁଷିଆକୁ ମାତ୍ ଦେବା, ରୁଷିଆକୁ ନୀଚା ଦେଖାଇବା ହେଉଛି ଆମେରିକାର ମୂଳ ଧର୍ମ । ସେ ପାଇଁ ସେ କିଛି ବି ଅଧର୍ମ କରିପାରେ ।

ଜ୍ଞାନାମୃତ

ବିଶ୍ୱାସରେ ସବୁ

ଗାଁ'ର ଶେଷମୁଣ୍ଡରେ ଗୋଟାଏ ଛୋଟିଆ କୁଡ଼ିଆରେ ଦୀର୍ଘଦିନ ଧରି ରହିଆସୁଥିବା ଜନେକ ବାବା ଥରେ ସେହି ଗ୍ରାମବାସୀଙ୍କ ମଧ୍ୟରେ କିଛି ସଚେତନତା ଆଣିବା ପାଇଁ ପ୍ରବଚନ ଦେବା ଆରମ୍ଭ କରିଥିଲେ ଏବଂ ଅଞ୍ଚଳର ଜନତା ତାଙ୍କ ପାଖରେ ଭିଡ଼ ଜମାଇବା ଆରମ୍ଭ କରିଦେଲେ। ବାବାଙ୍କ ଖ୍ୟାତି ଧୀରେ ଧୀରେ ବଢିବା ଆରମ୍ଭ ହୋଇଗଲା। ପ୍ରଥମେ ପ୍ରଥମେ କେବଳ ସେହି ଗ୍ରାମରୁ ବାବାଙ୍କ ପାଖକୁ ଜନସାଧାରଣଙ୍କ ସୁଅ ଛୁଟିଥିଲା ହେଲେ ଧୀରେ ଧୀରେ ବାହାର ଅଞ୍ଚଳରୁ ବି ବାବାଙ୍କ ପାଖରେ ଗହଳି ଧୀରେ ଧୀରେ ବଢ଼ିବାକୁ ଲାଗିଲା। ବାବାଙ୍କ ପାଖରେ ଧୀରେ ଧୀରେ ଜନଗହଳି ବଢ଼ିବାର ଦେଖି ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତାଙ୍କ ପତିକୁ କହିଲା ଯେ ଥରେ ଚାଲ ଦେଖିଆସିବା ସେହି ବାବାଙ୍କୁ। ଥରେ ଚାଲ ଶୁଣିଆସିବା ସେହି ବାବାଙ୍କୁ ଯେ କି ଲୋକମାନଙ୍କୁ କିଛି ଭଲ କଥା କହି ସେମାନଙ୍କ ଭଲ ମନ୍ଦ କଥା ବୁଝୁଛନ୍ତି ଏବଂ ସେମାନଙ୍କ ଭଲ ମନ୍ଦ କଥା ବିଚାର କରୁଛନ୍ତି। ପତ୍ନୀଙ୍କ କଥା ଶୁଣି ସେହି ମହିଳାଙ୍କ ପତି ତାଙ୍କ ପତ୍ନୀଙ୍କ କଥାରେ ଏକମତ ହୋଇ ଅନ୍ତତଃ ଥରେ ଯାଇ ସେହି ବାବାଙ୍କ ପାଖକୁ ବୁଲି ଆସିବାକୁ ଚିନ୍ତା କରିଥିଲେ। ସମୟ ସୁବିଧା ଦେଖି ପତି ପତ୍ନୀ ଉଭୟ ଯାଇ ଥରେ ବାବାଙ୍କ ପାଖକୁ ବୁଲି ଆସିବାକୁ ଶେଷରେ ସ୍ଥିର କଲେ। ଥରେ ସମୟ ସୁବିଧା ଦେଖି ଉଭୟ ପତ୍ନୀ ପତି ସେହି ବାବାଙ୍କ ପାଖକୁ ଯାଇ ସେମାନଙ୍କର ସୁବିଧା ଅସୁବିଧା ବିଷୟରେ ଜଣାଇବା ସହ ଉଭୟଙ୍କର କିଛି ସମସ୍ୟା ସମ୍ପର୍କରେ ବାବାଙ୍କୁ ଅବଗତ କରାଇବାର ଅଭିପ୍ରାୟ ରଖିଲେ ଏବଂ ଥରେ ମଉକା, ଦେଖି ଉଭୟ ପତ୍ନୀ ଏବଂ ପତି ଚାଲିଲେ ସେହି ବାବଙ୍କୁ ଦର୍ଶନ କରିବା ପାଇଁ। ତାଙ୍କ ପୂର୍ବରୁ ବାବାଙ୍କ ପାଖକୁ ବହୁତ ଲୋକ ଆସି ସେଠାରେ ଏକ ରକମର ଗହଳି ହୋଇଯାଇଥିଲା। କିଛି ସମୟ ପରେ ସେମାନଙ୍କ ନମ୍ବର ବି ଆସିଲା। ବାବାଙ୍କ ପାଖକୁ ଯାଇ ସେମାନେ ସେମାନଙ୍କର ଦୁଃଖ କଥା କହିଲେ। ସେମାନଙ୍କ କଥା ଶୁଣି ବାବା କିଛି ସମୟ ନୀରବ ରହି ଉଭୟଙ୍କୁ ସେମାନଙ୍କ ତଥାକଥିତ ସମସ୍ୟାର ସମାଧାନ ନେଇ କିଛି ସରଳ ଏବଂ ସହଜ ବାଟ ବତାଇଲେ। ସେମାନେ ବି ସେହି ବାଟରେ ଯାଇ ତାଙ୍କର ତଥାକଥିତ ସମସ୍ୟାର ସମାଧାନ କରିବା ପାଇଁ ଚେଷ୍ଟା କରି କିନ୍ତୁ ବିଫଳ ହେଲେ। ପରବର୍ତ୍ତୀ ସମୟରେ କେବଳ ତାଙ୍କ ପତ୍ନୀ ସେହି ବାବାଙ୍କ ପାଖକୁ ଯାଇ ପହଞ୍ଚିବାରୁ ବାବା ତାଙ୍କୁ ତାଙ୍କ ଆସିବାର କାରଣ ପଚାରିବା ସହ ତାଙ୍କ ପତିଙ୍କ ବିୟେରେ ପଚାରିବାରୁ ସ୍ତ୍ରୀ ଲୋକ ଜଣକ ତାହା ହିଁ ତାଙ୍କର ସମସ୍ୟା ବୋଲି କହିବାରୁ ବାବା ଟିକେ ବିସ୍ମିତ ହୋଇ ଘଟଣା ବିଷୟରେ ପଚାରିବାରୁ ସ୍ତ୍ରୀ ଲେକ ଜଣଙ୍କ କହିଲେ କି ମୋ ପତି ଆପଣଙ୍କ ପାଖକୁ ଆଉ ଆସିବାକୁ ଇଚ୍ଛା ପ୍ରକାଶ କରୁନାହାଁନ୍ତି । କାରଣ ତାଙ୍କର ବିଶ୍ୱାସ ତୁଟିଗଲା ଆପଣଙ୍କ ଉପରୁ। ତେବେ ବାବା ସେହି ମହିଳାଙ୍କୁ ତାଙ୍କ ପାଖକୁ ଆସିବାର କାରଣ ପଚାରନ୍ତେ ସେହି ମହିଳା ବାବାଙ୍କ ଉପରେ ତାଙ୍କର ଅଗାଧ ବିଶ୍ୱାସ ଥିବା କଥା ସୂଚାଇଦେଲେ। ଯାହାକି ବାବାଙ୍କ ଉପରେ ତାଙ୍କର ଶେଷ ବିଶ୍ୱାସ ଥିବା କଥା ସୂଚାଇଦେଲା।

ଶିକ୍ଷିତ ରାଷ୍ଟ୍ରବିନା 'ବିଶ୍ୱଗୁରୁ' ଅବଧାରଣା ମୂଲ୍ୟହୀନ

ଗୋପାଳ ମହାପାତ୍ର

ଆମ ଦେଶରେ ବିଗତ ଏକ ଦଶନ୍ଧି ହେବ କୁହାଯାଉଛି ଯେ ଭାରତ ବିଶ୍ୱଗୁରୁ ହେବାକୁ ଯାଉଛି । ଏହି ବିମର୍ଷର ସମାନାନ୍ତର ଭାବେ ବର୍ତ୍ତମାନ ଦେଶର ଶିକ୍ଷାକୁ ନେଇ ମଧ୍ୟ ବ୍ୟାପକ ଆଲୋଚନା ସମାଲୋଚନା ଚାଲିଛି । ଏଣୁ ଏହି ପ୍ରସଙ୍ଗରେ ପ୍ରଶ୍ନ ଉଠିବା ସ୍ୱାଭାବିକ ଯେ କ'ଣ ଶିକ୍ଷା ବିନା ଭାରତ ବିଶ୍ୱଗୁରୁ ହୋଇପାରିବ ? ଦେଶର ନୀତି ଆୟୋଗ ଏବଂ ଶିକ୍ଷା ମନ୍ତ୍ରାଳୟର ରିପୋର୍ଟରୁ ଜଣାପଡ଼େ ଯେ ବିଗତ ଏକ ଦଶନ୍ଧି ମଧ୍ୟରେ ଦେଶରେ ୯୪ହଜାର ସରକାରୀ ସ୍କୁଲକୁ ପୁରାପୁରି ବନ୍ଦ କରାଯାଇଛି ଅଥବା ଅନ୍ୟସ୍କୁଲ ସହ ମିଶାଇ ଦିଆଯାଇଛି । ୟୁନିଫାଏଡ଼ ଡିଷ୍ଟ୍ରିକ୍ଟ

ଇନଫରମେଶନ ସିଷ୍ଟମ ଫର ଏଜୁକେସନ ପକ୍ଷରୁ ପ୍ରକାଶିତ ଏକ ତାଜା ରିପୋର୍ଟ ଅନୁସାରେ ବିଗତ ବର୍ଷକ ମଧ୍ୟରେ ଦେଶର ୪୭୯୧ ଟି ସ୍କୁଲକୁ ବନ୍ଦ କରି ଦିଆଯାଇଛି। ସରକାରୀ ସ୍କୁଲ ବନ୍ଦ ହେବା କାରଣରୁ ସହରାଞ୍ଚଳ ଏବଂ ଗ୍ରାମା□ଳରେ ଘରୋଇ ସ୍କୁଲ ସଂଖ୍ୟା କ୍ରମାଗତ ଭାବେ ବଢ଼ିବାରେ ଲାଗିଛି। ଫଳତଃ ଶିକ୍ଷା ଏବେ ଗରୀବ ଛାତ୍ରଛାତ୍ରୀଙ୍କ ପାଇଁ ଅପହ□ ହୋଇଯାଇଛି। ଏବେ ଯେଉଁ ସରକାରୀ ସ୍କୁଲ ରହିଛି ସେଥିମଧ୍ୟରୁ ଅଧିକାଂଶ ସ୍କୁଲର ଅବସ୍ଥା ମଧ୍ୟ କହିଲେ ନସରେ। ଏକଥା ସରକାର ଓ ପ୍ରଶାସନକୁ ଯେ ଅଜଣା ସେକଥା ନୁହେଁ। କାରଣ କ'ଣ ଯେଉଁଥିପାଇଁ ଦେଶର ଅନେକ ସରକାରୀ ସ୍କୁଲର ଅବସ୍ଥା ଖରାପ ଅନେକ ସରକାରୀ ସ୍କୁଲରେ ଶ୍ରେଣୀଗୃହର ଅଭାବ ତ ଆଉ କେଉଁଠି ଶିକ୍ଷକଙ୍କ ଅଭାବ ରହିଛି। ଅନେକ ସ୍କୁଲ ପରିସରରେ ଛାତ୍ରଛାତ୍ରୀଙ୍କ ପାଇଁ ପାନୀୟ ଜଳ ନାହିଁ ତ ଆଉ କେତେକ ସ୍କୁଲରେ ଶୌଚାଳୟ ବ୍ୟବସ୍ଥା ନାହିଁ। ଅନେକ ଅଞ୍ଚଳର ପିଲାମାନେ ନଦୀ ପାର ହୋଇ ଅଥବା କାଦୁଅ ପଙ୍କର ରାସ୍ତାରେ ସ୍କୁଲ ଯାଉଛନ୍ତି। ଯଦି ଦେଶର ସରକାର ଶିକ୍ଷା ପ୍ରତି ଗୁରୁତ୍ୱ ଦେଉଥାନ୍ତେ ଏବଂ ଭାରତକୁ ବିଶ୍ୱଗୁରୁ ହେବାର ଡେଙ୍ଗୁରା ପିଟୁନଥାନ୍ତେ ତେବେ ମାନ୍ୟବର ସୁପ୍ରିମ୍ କୋର୍ଟ ଏ ପ୍ରସଙ୍ଗକୁ ନେଇ ଚିନ୍ତା ବ୍ୟକ୍ତ କରିନଥାନ୍ତେ। ସୁପ୍ରିମ କୋର୍ଟର ବିଚାରପତି ପ୍ରସନ୍ନା ବି ବରାଳ ଏ ବାବଦରେ କ୍ଷେଦୋକ୍ତି ପ୍ରକାଶ କରିଛନ୍ତି। ବିଚାରପତି ପ୍ରସନ୍ନା କହିଛନ୍ତି ଯେ ଦେଶରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ବଢୁଥିବା ବେଳେ ଦେଶର ଶିକ୍ଷା ବଜେଟ ବଢ଼ିବା ପରିବର୍ତ୍ତେ କମିବାରେ ଲାଗିଛି। ବିଚାରପତି ପ୍ରସନ୍ନା କହିଛନ୍ତି ଯେ ସରକାର ଏକଥା ଭୁଲିଯିବା ଉଚିତ୍ ନୁହେଁ ଯେ ପ୍ରାଥମିକ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସବୁ ନାଗରିକଙ୍କର ମୂଳଭୂତ ଅଧିକାର

ଅଟେ। ଦେଶରେ ବେରୋଜଗାରୀ ବଢୁଛି, ଶିକ୍ଷଣ ସଂସ୍ଥାର ହ୍ରାସ ଏବଂ ଦୁର୍ଦ୍ଦଶା ତଥା ପରୀକ୍ଷା ବ୍ୟବସ୍ଥାରେ ହେଉଥିବା ଅନିୟମିତତା ଏବଂ ପେପରଲିକ୍ ଭଳି ଘଟଣା ଏବେ ଦେଶର ଯୁବବର୍ଗଙ୍କୁ ଆନ୍ଦୋଳନ କରିବାକୁ ଏକ ପ୍ରକାର ବାଧ କରିଦେଇଛି। ୨୦୨୨ ମସିହା ଅକ୍ଟୋବର ମାସରେ ଗୁଜୁରାଟର ଏକ ଘଟଣାର ଅବତାରଣା କରାଯିବା ଏଠାରେ ପ୍ରାସଙ୍ଗିକ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ୨୦୨୨ ଅକ୍ଟୋବରରେ ଗାନ୍ଧୀନଗର ଠାରେ "ମିଶନ ସ୍କୁଲ ଅଫ ଏକସିଲେନସି"ର ଶୁଭାରମ୍ଭ କରିଥିଲେ। ସେତେବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏହି ଯୋଜନା ଅନୁସାରେ ଗୁଜୁରାଟର ସରକାରୀ ସ୍କୁଲ ଗୁଡିକରେ ସ୍ମାର୍ଟକ୍ଲାସରୁମ, କମ୍ପ୍ୟୁଟର ଲ୍ୟାବ ଏବଂ ଡିଜିଟାଲ ବୁନିଆଦି ଢା□ର ଆଧୁନୀକି କରଣ କରାଯିବ। କିନ୍ତୁ ସରକାରୀ

ଅଧିକାରୀ ମାନେ ଏ ପ୍ରସଙ୍ଗରେ କହିଥିଲେ ଯେ ଭବିଷ୍ୟତରେ ଦେଶରେ ଏହିଭଳି ସ୍କୁଲକୁ ନିର୍ମାଣ କରାଯିବ ଯାହାର ମଡ଼େଲକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି। କିନ୍ତୁ ପ୍ରଶ୍ନ ଉଠୁଛି ଯେ ୨୦୨୨ରୁ ୨୦୨୬ମଧ୍ୟରେ ମିଶନ ସ୍କୁଲ ଅଫ ଏକସିଲେନସି ଯୋଜନାରେ ଦେଶରେ କେତେ ଆଧୁନିକ ସ୍କୁଲ ନିର୍ମାଣ କରାଯାଇଛି ଦେଶର ଶିକ୍ଷା ବ୍ୟବସ୍ଥାର ଅସଲ ରୂପ ସମସ୍ତଙ୍କୁ ଜଣା। ଦେଶର ଆର୍ଥିକ ବିକାଶ ହାର ବଢ଼ିବା ପର୍ଯ୍ୟପ୍ତ ନୁହେଁ ବରଂ ମାନବ ସଂଶୋଧନର ବିକାଶ ପାଇଁ ଉଦ୍ୟମ କରାଯିବା ଉଚିତ୍। ଶିକ୍ଷା ପାଇଁ ବଜେଟରେ ଅଧିକ ଅର୍ଥ ଆବ□ନ ଭାରତର ଭବିଷ୍ୟତକୁ ସୁରକ୍ଷିତ କରିବା ପାଇଁ ଏକ ଆବଶ୍ୟକତା। ଶିକ୍ଷା ରାଷ୍ଟ୍ରର ସାମାଜିକ ଆର୍ଥୀକ ଏବଂ ସାଂସ୍କୃତିକ ବିକାଶର ଆଧାରଶୀଳା ଅଟେ। କୌଣସି ବି ଦେଶ ସେ ପର୍ଯ୍ୟନ୍ତ ବିକଶିତ ହୋଇପାରିବ ନାହିଁ ଯେ ପର୍ଯ୍ୟନ୍ତ ସେ ଦେଶର ଶିକ୍ଷା ବ୍ୟବସ୍ଥା ମଜଭୁତ, ସମାବେଶୀ ଏବଂ ଗୁଣବତ୍ତାପୂର୍ଣ୍ଣ ନ ହୋଇ ପାରିଛି। ଭାରତ ବିଶ୍ୱର ସବୁଠାରୁ ଅଧିକ ଯୁବବର୍ଗ (ଜନସଂଖ୍ୟା) ଥିବା ଦେଶ ମଧ୍ୟରୁ ଅନ୍ୟତମ। ଯଦି ଯୁବ ଶକ୍ତିକୁ ଗୁଣବତ୍ତାପୂର୍ଣ୍ଣ ଶିକ୍ଷା ଦିଆଯାଇପାରିବ ତେବେ ଦେଶ ଶିକ୍ଷିତ ହୋଇପାରିବ ଓ ଦେଶ ଶିକ୍ଷିତ ହେଲେ ହିଁ ଭାରତ ବିଶ୍ୱଗୁରୁ ହୋଇପାରିବ

ବୋଲି ଆମେ ସ୍ୱପ୍ନ ଦେଖିବା। ଶିକ୍ଷିତ ରାଷ୍ଟ୍ର ବିନା ବିଶ୍ୱଗୁରୁର ଅବଧାରଣାର କିଛି ମୂଲ୍ୟ ନାହିଁ।

ରାମଚନ୍ଦ୍ରପୁର, ରଣପୁର
ମୋ:୯୪୩୮୪୮୫୦୯୪

ଭାରତୀୟ ସଂସ୍କୃତିରେ ଗୁରୁ ପରମ୍ପରା

ଡ.ଚନ୍ଦ୍ରକଳା ନାୟକ

ଗୁରୁ ବ୍ରହ୍ମାନନ୍ଦ ସ୍ୱରୂପ। ଅଖଣ୍ଡ ଜ୍ଞାନର ଅଧିକାରୀ। ଦୟା, କ୍ଷମା, କରୁଣା, ତ୍ୟାଗ, ତିତିକ୍ଷା, ନିରହଂକାରିତା, ଶାନ୍ତି, ମୈତ୍ରୀ,ଧୃତି, ପ୍ରଶନ୍ନତା, ସହନଶୀଳତା, କର୍ତ୍ତବ୍ୟ ପରାୟଣତା, ଶିଷ୍ୟ ପ୍ରତି ସ୍ନେହ ଶ୍ରଦ୍ଧା ଗୁରୁଙ୍କର ପରମ ଭୂଷଣ। ପ୍ରତିବର୍ଷ ଭାରତବର୍ଷରେ ସେପ୍ଟେମ୍ବର ୫ ତାରିଖ ଡ଼ ସର୍ବପଲ୍ଲୀ ରାଧାକୃଷ୍ଣନ୍‌ଙ୍କ ଜନ୍ମ ତିଥିକୁ ଗୁରୁ ଦିବସ ରୂପେ ପାଳନ କରାଯାଉଛି। ୧୮୮୮ ମସିହା ଆଜିର ଦିନରେ ମାଡ୍ରାସର ତିରୁପତିଠାରେ ତାଙ୍କର ଜନ୍ମ ହୋଇଥିଲା। ଗୁରୁ ପରମ୍ପରାର ସେ ଥିଲେ ଶ୍ରେଷ୍ଠ ସାଧକ। ଭାରତୀୟ ଗୁରୁ ଶିଷ୍ୟ ପରମ୍ପରାରେ ଶିକ୍ଷକଙ୍କ ସଙ୍କା ନିରୂପଣ କରି ରାଧାକୃଷ୍ଣନ କହନ୍ତି -' ଶିକ୍ଷକ କହିଲେ କେବଳ ବିଦ୍ୟାଳୟ, ମହାବିଦ୍ୟାଳୟ ବା ବିଶ୍ୱ ବିଦ୍ୟାଳୟର ଶିକ୍ଷକଙ୍କୁ ବୁଝାଏ ନାହିଁ। ଭାରତ ବର୍ଷର ଐତିହ୍ୟ, କଳା, ସଂସ୍କୃତି ଓ ପରମ୍ପରାକୁ ପାଥେୟ କରି ମାନବତ୍ୱର ବିକାଶ ପାଇଁ ଯେଉଁମାନେ ପ୍ରଚାରକ ଭାବରେ ଦିଗଦର୍ଶନ ଦେଇଥାନ୍ତି, ସେମାନଙ୍କୁ ମଧ୍ୟ ଶିକ୍ଷକ କୁହାଯାଏ। ଶିକ୍ଷକ ନିଜେ ଜଳି ନିଃଶେଷ ହେଲା ପର୍ଯ୍ୟନ୍ତ, ଅନ୍ୟର ପଥକୁ ଆଲୋକିତ କରିଥାନ୍ତି। ଯାହାଙ୍କ ଠାରୁ ଗୋଟିଏ ଅକ୍ଷର ମନୁଷ୍ୟ ଶିକ୍ଷା ପାଇଥାଏ, ସେ ବି ଶିକ୍ଷକ।

ରାଧାକୃଷ୍ଣନ୍ ଥିଲେ ପ୍ରଥିତଯଶା ଦାର୍ଶନିକ, ଉଚ୍ଚାଙ୍ଗ ଶିକ୍ଷାଧାରାର ପ୍ରବର୍ତ୍ତକ। ସମାଜର ଚାରିତ୍ରିକ ତଥା ଭାରତର ମହାନ ଗ୍ରନ୍ଥ ଶ୍ରୀମଦ ଭଗବତ ଗୀତାର ସୁକ୍ଷ୍ମ ବିଶ୍ଳେଷକ। ତାଙ୍କ ବିଚାରଧାରା ସମସ୍ତଙ୍କ ଠାରୁ ଥିଲା ସ୍ୱତନ୍ତ୍ର। ସେ ଏପରି ଜଣେ ଗୁରୁ ଥିଲେ, ଯେ ଶିକ୍ଷା ଓ ସମାଜ ଜୀବନ କ୍ଷେତ୍ରରେ ଚରିତ୍ର ଉପରେ ସର୍ବଦା ଗୁରୁତ୍ୱ ଦେଉଥିଲେ। ତାଙ୍କ ବିଚାରରେ ଭାରତ ବର୍ଷର ପାଂଚୋଟି 'ଗ' ପାଇଁ ଭାରତ ପୃଥିବୀର ବଡ ଭାଇ। ତାହା ହେଲା ଗୀତା, ଗାୟତ୍ରୀ, ଗଙ୍ଗା, ଗୋମାତା ଏବଂ ଗୁରୁ। ରାଧାକୃଷ୍ଣନ୍‌ଙ୍କ ମତରେ ପାଂଚୋଟି 'କ' ନୈତିକିତାର ବିରୋଧୀ। ତାହା ହେଉଛି କାମ, କ୍ରୋଧ, କଳହ, କପଟ ଓ କଳଙ୍କ। ଏହି ଗୁଣ ହିଁ ମନୁଷ୍ୟର ଚାରିତ୍ରିକ ଅଧପତନର କାରଣ। ଦେଶରେ ଶିକ୍ଷକ ମାନେ ନିଜର ଚରିତ୍ରକୁ ସଜାଡି ରଖିଲେ, ଦେଶର ଉପଯୁକ୍ତ ନାଗରିକ ତିଆରି ହୋଇପାରିବେ। ୧୯୬୨ ମସିହାରୁ ତାଙ୍କର ଜନ୍ମ ଦିବସକୁ ସାରା ଭାରତ ଗୁରୁଦିବସ ରୂପେ ପାଳନ କରୁଅଛି। ଦର୍ଶନ ଶାସ୍ତ୍ରରେ ତାଙ୍କର ଗଭୀର ଜ୍ଞାନ ବାଲ୍ୟ ସମୟରୁ ଏକ ଆଧାତ୍ମିକ ପରିବେଶରେ ତାଙ୍କ ଭିତରକୁ ଆସିଥିଲା। ପଣ୍ଡିତ ମଦନ ମୋହନ ମାଲବ୍ୟଙ୍କ ପରେ , ସେ ବନାରସ ବିଶ୍ୱ ବିଦ୍ୟାଳୟର କୁଳପତି ଥିବା ସମୟରେ କହିଥିଲେ- ଶିକ୍ଷକ ମାନେ ଆଦର୍ଶ ଶ୍ରେଣୀର ଅଟନ୍ତି। ଜ୍ଞାନର ଆଦାନ ପ୍ରଦାନ ଧାରାରେ ଗୁରୁଶିଷ୍ୟ ସମ୍ପର୍କ ଦିବ୍ୟ ଓ ଚିରନ୍ତନ। ଦୁହେଁ ପରସ୍ପର ପରିପୂରକ। ଉପନିଷଦରେ କୁହାଯାଇଛି- ଜାନି ଅନବଦ୍ୟାନି କର୍ମାଣି ତାନି ସେବିତବ୍ୟାନି ନଇତରାଣି। ଅର୍ଥାତ ଗୁରୁ ଭଲ କାମ କଲେ ତାକୁ ଗ୍ରହଣ କର, ଭୁଲ କଲାବେଳେ ତାକୁ ଅନୁସରଣ କରନାହିଁ। ତାଙ୍କ ମତରେ ଶିକ୍ଷକ ଜଣେ ପ୍ରତିଶୃତିବଦ୍ଧ ମଣିଷ ହୋଇଥିବା ଦରକାର। ମାନବ ଜାତି, ଦେଶ ଓ ପୃଥିବୀର ଭବିଷ୍ୟ ଉପରେ ତାଙ୍କର ବିଶ୍ୱାସ ଓ ଶ୍ରଦ୍ଧା ରହିବା ସର୍ବାଦୌ ଆବଶ୍ୟକ। ତାଙ୍କର ଆତ୍ମ ବିଶ୍ୱାସ ରହିବା ଦରକାର ଯେ, ଯେଉଁ ଶକ୍ତି ସେ ଲାଭ କରିଛନ୍ତି, ସେଥିରେ ସେ ଲୋକ ମାନଙ୍କୁ ଶୁଦ୍ଧ, ପରିଷ୍କାର ଓ ପବିତ୍ର କରିପାରିବେ। ଶିକ୍ଷକତା ଏକ ପେଷା ନୁହେଁ, ଏହା ଏକ ଆହ୍ୱାନ। ଜାଜ୍ଞାସୁ ଛାତ୍ରଟିଏ ବହି ଅପେକ୍ଷା ଜଣେ ଗୁରୁଙ୍କୁ ଅଧିକ ବିଶ୍ୱାସ କରେ। ଗୁରୁ ଜ୍ଞାନ ରୂପକ ଚନ୍ଦ୍ର ଆଲୋକରେ ମଣିଷର ଅଜ୍ଞାନ ରୂପକ ଅନ୍ଧକାର ଦୂରୀଭୂତ ହୋଇଯାଏ।

ସଦାଶିବଙ୍କ ଠାରୁ ଗୁରୁ ପରମ୍ପରା

ମଧ୍ୟବିତ୍ତଙ୍କୁ ମହଙ୍ଗା ମାଡ : ଆୟଠାରୁ ବ୍ୟୟ ଭାରୀ ପଡୁଛି

ବଡ଼ଚଣା (ଅମୃତ ମିଡ଼ିଆ) : ଅନିୟନ୍ତିତ ଦରଦାମ ବୃଦ୍ଧି ଆଜି ଦେଶର ମଧ୍ୟବିତ୍ତ ପରିବାରକୁ ନିମ୍ନଗାମୀ କରି ସାରିଲାଣି। ବଜାରକୁ ଗଲେ ମୁଣ୍ଡରେ ହାତ। ଯାହା ଧରିବ ତାହା ନିଆଁ। ଏହି ଦରବୃଦ୍ଧି କେବଳ ବିଳାସ ସାମଗ୍ରୀରେ ନୁହେଁ, ଦୈନନ୍ଦିନ ଜୀବନର ମୂଳ ଆବଶ୍ୟକତାରେ ଲାଗିଛି। ରନ୍ଧନ ଗ୍ୟାସ୍ ହଜାର ଟପିଲାଣି। ମାଛ, ମାଂସ, ଅଣ୍ଡା, ଡାଲି, ତେଲ, ପିଆଜ, ପନିପରିବା ଯାଏଁ ସବୁର ଦର ଆକାଶ ଛୁଆଁ। ଜଣେ ଦିନ ମଜୁରିଆ ବା ମଧ୍ୟବିତ୍ତ କର୍ମଚାରୀ ଘରକୁ ପନିପରିବା ବ୍ୟାଗ୍ ଧରି ଫେରିବା ବେଳକୁ ପକେଟ୍ ଖାଲି ।କେବଳ ଖାଇବା ନୁହେଁ। ସ୍କୁଲ ଛାତ୍ରଛାତ୍ରୀଙ୍କ ଖାତା, କଲମ, ବହି, ଅଫିସ୍ ଷ୍ଟେସନାରୀର ଦର ମଧ୍ୟ ଦୁଇଗୁଣ ହେଲାଣି। ବିବାହ, ବ୍ରତ, ପୂଜା ଭଳି ସାମାଜିକ କାର୍ଯ୍ୟ ଆଜି ମଧ୍ୟବିତ୍ତ ପାଇଁ ଚିନ୍ତାର ବିଷୟ ପାଲଟିଛି। ଗୋଟିଏ ଛୋଟ ପୂଜା କରିବାକୁ ଗଲେ ବି ୫ ହଜାର କୁଆଡେ ଉଡିଯାଉଛି ଜଣାପଡୁନି।ସବୁଠୁ ବଡ଼ ଦୁଃଖର କଥା ହେଲା, ମଧ୍ୟବିତ୍ତ ପରିବାରରେ ଆଜି ବହୁ ସ୍ୱାଭିମାନୀ ଲୋକ ଅଛନ୍ତି। ଯେଉଁମାନେ ଘରର ଇଜ୍ଜତ, ପରମ୍ପରା ଭୟରେ ନିଜ ମା, ଭଉଣୀ, ସ୍ତ୍ରୀଙ୍କୁ ବାହାରେ ରୋଜଗାର କରିବାକୁ ଛାଡନ୍ତି ନାହିଁ। ସେମାନଙ୍କ ସ୍ୱାଭିମାନକୁ ସମ୍ମାନ କରିବାକୁ ହେବ। ହେଲେ ବାସ୍ତବତା ହେଲା, ଜଣେ ବା ଦୁଇ ଜଣ ପୁରୁଷ ଏକାକୀ ୮/୧୦ ଜଣିଆ ପରିବାରର ଭରଣ ପୋଷଣ କରିବା ଆଜି

ଅସମ୍ଭବ ହୋଇ ପଡ଼ିଛି। ଦରମା ବଢୁଛି ୫%, ଦରଦାମ ବଢୁଛି ୫୦% । ଏ ଅସନ୍ତୁଳନ ମଧ୍ୟବିତ୍ତକୁ ଧୀରେ ଧୀରେ ତଳକୁ ତଳକୁ ନେଇ ଯାଉଛି। ସେ ନ ପାରୁଛି ସରକାରୀ ସାହାଯ୍ୟ ମାଗି, ନ ପାରୁଛି ପେଟ ଭରି ଖାଇ।ସରକାର ଏବଂ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବା ଜରୁରୀ। ଅତ୍ୟାବଶ୍ୟକ ସାମଗ୍ରୀ ଉପରେ ଦର ନିୟନ୍ତ୍ରଣ, କଳାବଜାରୀ ରୋକିବା ଏବଂ ମଧ୍ୟବିତ୍ତ ପରିବାରର ରୋଜଗାର ବୃଦ୍ଧି ପାଇଁ ସ୍ୱତନ୍ତ୍ର ଯୋଜନା ଆଜିର ସମୟର ଦାବି। ନହେଲେ ଯେଉଁ ମଧ୍ୟବିତ୍ତ ସମାଜର ମେରୁଦଣ୍ଡ, ସେ ମେରୁଦଣ୍ଡ ଭାଙ୍ଗିଯିବ। ଦେଶର ଅର୍ଥନୀତିର ମେରୁଦଣ୍ଡ କୁହାଯାଉଥିବା ମଧ୍ୟବିତ୍ତ ପରିବାର ଆଜି ସବୁଠାରୁ ଅଧିକ ଚାପରେ । ମାସ ଶେଷ ହେବା ଆଗରୁ ଦରମା ସରିଯାଉଛି, କିନ୍ତୁ ଖର୍ଚ୍ଚର ଲିଷ୍ଟ ସରୁନାହିଁ। ଆୟ ଯେଉଁଠି ଅଛି ସେଇଠି ଅଟକି ରହିଛି, ହେଲେ ବ୍ୟୟ ଆକାଶ ଛୁଉଁଛି। ଏହାହିଁ ବର୍ତ୍ତମାନ ପ୍ରତି ମଧ୍ୟବିତ୍ତ ଘରର ସାଧାରଣ କାହାଣୀ। ମଧ୍ୟବିତ୍ତ ପରିବାରରେ ରୋଷେଇ ଘରୁ ଆରମ୍ଭ ମହଙ୍ଗା ଯନ୍ତ୍ରଣା।ଗତ ଏକ ବର୍ଷ ଭିତରେ ଅତ୍ୟାବଶ୍ୟକ ସାମଗ୍ରୀର ଦର ଯେଭଳି ବଢିଛି, ତାହା ସାଧାରଣ ଲୋକଙ୍କ ବଜେଟକୁ ଦୋହଲାଇ ଦେଇଛି। ଖାଇବା ତେଲ ୧୦ ରୁ ୧୭୦, ଡାଲି କିଲୋ ୯୦ ରୁ ୧୩୦, ପନିପରିବା ଦର ଦୁଇ ଗୁଣା। ଏଲପିଜି ସିଲିଣ୍ଡର ୮୫୦ ରୁ ୯୫୦ ଟପିଲାଣି। ପିଲାଙ୍କ ସ୍କୁଲ ଫି, ଟ୍ୟୁସନ ଫି, ଔଷଧ ଖର୍ଚ୍ଚ ଓ ଘର ଭଡା ସବୁ ମିଶାଇ ଜଣେ ମଧ୍ୟବିତ୍ତ ବ୍ୟକ୍ତିର ମାସିକ ଖର୍ଚ୍ଚ ୨୦ ରୁ ୩୦ ପ୍ରତିଶତ ବଢିଯାଇଛି, କିନ୍ତୁ ଆୟ ବୃଦ୍ଧି ୫ ରୁ ୮ ପ୍ରତିଶତରେ ଅଟକି ରହିଛି।ସ୍ଥିର ଆୟ, ଅସ୍ଥିର ବଜାର: ଘରୋଇ କମ୍ପାନୀରେ ଚାକିରି କରୁଥିବା ଯୁବକ, ସରକାରୀ କର୍ମଚାରୀ କିମ୍ବା ଛୋଟ ବ୍ୟବସାୟୀ - ସମସ୍ତଙ୍କ ଆୟ ପ୍ରାୟ ସ୍ଥିର। କିନ୍ତୁ ମୁଦ୍ରାସ୍ଫୀତି ହାର ୬% ଉପରେ ରହିଛି। ଶିକ୍ଷା ଓ ସ୍ୱାସ୍ଥ୍ୟର ବୋଝ: ଭଲ ଶିକ୍ଷା ଓ ଭଲ ଚିକିତ୍ସା ପାଇଁ ମଧ୍ୟବିତ୍ତ ବାଧ୍ୟ ହୋଇ ଘରୋଇ ସଂସ୍ଥା ଉପରେ ନିର୍ଭର କରୁଛି, ଯାହାର ଖର୍ଚ୍ଚ ସବୁଠାରୁ ଅଧିକ ।ଋଣ ର ଜାଲ: ଘର, ଗାଡି, ମୋବାଇଲ୍, ପିଲାଙ୍କ ପାଠ ପଢା - ସବୁଥିରେ ଋଣ। ଦରମାର ୪୦% ରୁ ଅଧିକ ଋଣ ରେ ଚାଲିଯାଉଛି। ସଞ୍ଚୟ ଶୂନ: ପୂର୍ବରୁ ମଧ୍ୟବିତ୍ତ ପରିବାର ମାସକୁ ୧୦-୧୫% ସଞ୍ଚୟ କରୁଥିଲେ, ଏବେ ସଞ୍ଚୟ ତ ଦୂରର କଥା, ସଞ୍ଚିତ ଅର୍ଥ ଭାଙ୍ଗି ଘର ଚଳାଇବାକୁ ପଡୁଛି। ଏହି ମହଙ୍ଗା ମାଡ଼ କେବଳ ପକେଟ୍ ଉପରେ ନୁହେଁ, ମାନସିକ ଶାନ୍ତି ଉପରେ ମଧ୍ୟ ପଡିଛି। ପିଲାଙ୍କ ସଖ ପୂରଣ କରିବା, ବୃଦ୍ଧ ବାପା-ମା'ଙ୍କ ଔଷଧ ଖର୍ଚ୍ଚ ଉଠାଇବା ଏବେ ଚିନ୍ତାର ବିଷୟ ପାଲଟିଛି। ପ୍ରତି ପରିବାର ନିଜ ବଜେଟ୍ ର ସଠିକ୍ ହିସାବ ରଖିବା, ଅଯଥା ଖର୍ଚ୍ଚ କମାଇବା ଏବଂ ସ୍ଥାନୀୟ ଉତ୍ପାଦକୁ ଗୁରୁତ୍ୱ ଦେବା ଆବଶ୍ୟକ। ମଧ୍ୟବିତ୍ତ ହସିଲେ ଦେଶ ହସିବ। ତେଣୁ ଏ ବର୍ଗକୁ ଅଣଦେଖା କଲେ ଚଳିବ ନାହିଁ। ଆୟ ଓ ବ୍ୟୟ ଭିତରେ ସନ୍ତୁଳନ ଆସିଲେ ହିଁ ମଧ୍ୟବିତ୍ତ ପରିବାର ପୁଣି ଥରେ ଖୋଲା ନିଶ୍ୱାସ ନେଇପାରିବ।

ଇଫ୍‌କୋ ଓ କୋର୍ଡେଟ ପକ୍ଷରୁ ଦିନିକିଆ କୃଷକ ପ୍ରଶିକ୍ଷଣ ଓ ପ୍ଲାଣ୍ଟ ପରିଦର୍ଶନ

ପାରାଦୀପ (ଅମୃତ ମିଡିଆ) : ଇଫକୋ ପାରାଦୀପ ୟୁନିଟ ଓ ଏହାର ସହଯୋଗୀ ଅନୁଷ୍ଠାନ କୋର୍ଡେଟ ପକ୍ଷରୁ ସ୍ୱର୍ଣ୍ଣଜୟନ୍ତୀ ସଭାଗାର ଠାରେ ଏକ ଦିନିକିଆ କୃଷକ ପ୍ରଶିକ୍ଷଣ ଓ ପ୍ଲାଣ୍ଟ ପରିଦର୍ଶନ କାର୍ଯ୍ୟକ୍ରମ ଗତ ଅଗଷ୍ଟ ୨୬ ତାରିଖ ଦିନ ଆୟୋଜିତ ହୋଇଥିଲା। ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ୍‌ର ବିଭିନ୍ନ ଗ୍ରାମ ପଞ୍ଚାୟତରୁ ପ୍ରାୟ ୧୦୦ ଜଣ ପ୍ରଗତିଶୀଳ ମହିଳା ଓ ପୁରୁଷ କୃଷକ ଉତ୍ସାହର ସହିତ ଏଥିରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଇଫକୋ ପାରାଦୀପ ୟୁନିଟ ମୁଖ୍ୟ ଅନିରୁଦ୍ଧ ବିକ୍ରମ ସିଂ ଉଦଘାଟନ କରିଥିଲେ। ଏହି ଅବସରରେ ପ୍ରଫେସର ଡଃ.ଏଚ୍.ଏନ୍.ଥାଟୋଇ, ନିର୍ଦ୍ଦେଶକ, ସିଆଇବିଆର,ଏସଓଏ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର; ବୀର କିଶୋର ମିଶ୍ର,ଜିଏମ, ପୋର୍ଟ ଆଣ୍ଡ ଲଜିଷ୍ଟିକ, ବିଜୟ କୁମାର ପରିଡ଼ା, ଡିଜିଏମ (ପିଆଣ୍ଡଏ); କୁଳମଣି ମାଝୀ, ପ୍ରିନ୍ସିପାଲ୍, କୋର୍ଡେଟ ଏବଂ ଜୟନ୍ତ କୁମାର ଜେନା,ପ୍ରଶାସନିକ ଅଧିକାରୀ, ଇଫକୋ ଉପସ୍ଥିତ ଥିଲେ। କୃଷକମାନଙ୍କ ଦ୍ୱାରା ସମୂହ "ବନ୍ଦେ ମାତରମ୍" ଗାନ ପରେ ଦୀପ ପ୍ରଜ୍ଜ୍ୱଳନ କରାଯାଇ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଥିଲା। ସ୍ୱାଗତ ଭାଷଣରେ କୁଳମଣି ମାଝୀ କୃଷକମାନଙ୍କ କଲ୍ୟାଣ, ବିକାଶ ଓ ସଶକ୍ତିକରଣ ପାଇଁ କୋର୍ଡେଟ ପକ୍ଷରୁ ନିରନ୍ତର କରାଯାଉଥିବା ପ୍ରୟାସ ବିଷୟରେ ଆଲୋକପାତ କରିଥିଲେ। ସେ ନାନୋ ସାରର ଗୁରୁତ୍ୱ ଏବଂ ସ୍ଥାୟୀ, ପରିବେଶ ଅନୁକୂଳ ଓ ଜଳବାୟୁ-ସହନଶୀଳ କୃଷି ପାଇଁ ଏହାର ସମ୍ଭାବନା ବିଷୟରେ ମଧ୍ୟ ଉଲ୍ଲେଖ କରିଥିଲେ। ମୁଖ୍ୟ ଅତିଥି ଅନିରୁଦ୍ଧ ବିକ୍ରମ ସିଂହ କୃଷକ ସମାଜର ବିକାଶ ଓ କଲ୍ୟାଣ ପ୍ରତି ଇଫକୋ

ର ପ୍ରତିବଦ୍ଧତା ବିଷୟରେ ଆଲୋକପାତ କରିବା ସହିତ ଆଧୁନିକ କୃଷି ପ୍ରଣାଳୀ ଓ ନୂତନ ପ୍ରଯୁକ୍ତିର ଉପଯୋଗ ଦ୍ୱାରା ଉତ୍ପାଦନ ଓ କୃଷକଙ୍କ ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ସେହିପରି ବିଜୟ କୁମାର ପରିଡ଼ା ନାନୋ ସାରର ଗୁରୁତ୍ୱ ଏବଂ ପାରମ୍ପରିକ ଦାନାଦାର ସାରର ବିକଳ୍ପ ଭାବେ ଏହାର ଉପଯୋଗିତା ବିଷୟରେ କୃଷକମାନଙ୍କୁ ଅବଗତ କରାଇଥିଲେ। ପ୍ରଫେସର ଡଃ.ଏଚ୍. ଏନ୍. ଥାଟୋଇ ଜୈବ ସାରର ଉପଯୋଗ, ମୃତ୍ତିକା ଉର୍ବରତା ବୃଦ୍ଧି ଏବଂ ସ୍ଥାୟୀ କୃଷିରେ ଏହାର ଭୂମିକା ବିଷୟରେ ଆଲୋଚନା କରିଥିଲେ। ବୀର କିଶୋର ମିଶ୍ର ଉତ୍ପାଦନ କେନ୍ଦ୍ରରୁ କୃଷକଙ୍କ କ୍ଷେତ ପର୍ଯ୍ୟନ୍ତ ସାରର ସୁଚାରୁ ପରିବହନରେ ଲଜିଷ୍ଟିକ୍ସ ବ୍ୟବସ୍ଥାର ଗୁରୁତ୍ୱ ବିଷୟରେ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ଅଂଶ ଭାବେ "ଧରମୃତ" ବାୟୋ-ଷ୍ଟିମୁଲାଣ୍ଟ ପ୍ରତ୍ୟେକ ଅଂଶଗ୍ରହଣକାରୀ କୃଷକଙ୍କୁ ମୁଖ୍ୟ ଅତିଥି ଶ୍ରୀ ଅନିରୁଦ୍ଧ ବିକ୍ରମ ସିଂହ ଓ ଅନ୍ୟାନ୍ୟ ଅତିଥିମାନଙ୍କ ଦ୍ୱାରା ବଣ୍ଟନ କରାଯାଇଥିଲା। କୃଷକମାନେ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରି ଆଧୁନିକ କୃଷି ପ୍ରଣାଳୀ, ନାନୋ ସାର, ଜୈବ ସାର ଓ ସ୍ଥାୟୀ କୃଷି ସମ୍ପର୍କରେ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ। ଶେଷରେ ଜୟନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୃଷକ ସଚେତନତା, ଜ୍ଞାନ ଆଦାନ-ପ୍ରଦାନ ଏବଂ ଆଧୁନିକ ଓ ସ୍ଥାୟୀ କୃଷି ପ୍ରଣାଳୀର ପ୍ରସାର ପାଇଁ ଏକ ଉପଯୋଗୀ ମଞ୍ଚ ଭାବେ ପରିଗଣିତ ହୋଇଥିଲା। ଏହା ଦ୍ୱାରା କୃଷକମାନଙ୍କ କଲ୍ୟାଣ, ସଶକ୍ତିକରଣ ଓ ସାମାଜିକ-ଆର୍ଥିକ ବିକାଶ ପ୍ରତି ଇଫକୋ ଓ କୋରଡେଟ ର ପ୍ରତିବଦ୍ଧତା କୁ ଦର୍ଶାଉଛି ।

ଇନ୍ଦିରା ଗାନ୍ଧୀ ଆୟୁର୍ବେଦିକ୍ ମେଡିକାଲ କଲେଜ୍ ପୁନରୁଦ୍ଧାର ଦାବି

ଭୁବନେଶ୍ୱର(ବ୍ୟୁରୋ): ୧୯୮୫ ରୁ ଇନ୍ଦିରା ଗାନ୍ଧୀ ସ୍ମୃତି ଆୟୁର୍ବେଦିକ୍ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ର ପୁନରୁଦ୍ଧାର ପାଇଁ ପୂର୍ବତନ ଛାତ୍ର ସଂଗଠନ ଇନ୍ଦିରା ଗାନ୍ଧୀ ସ୍ମୃତି ଆୟୁର୍ବେଦିକ୍ ମହା ବିଦ୍ୟାଳୟ ସରକାର୍ ଙ୍କୁ ଅନୁରୋଧ କରୁଚି, ମହାବିଦ୍ୟାଳୟ ପ୍ରାୟତଃ ୧୨୦୦ ଡାକ୍ତର ସୃଷ୍ଟି କରିଛି, ଏବଂ ସେହି ଡାକ୍ତର ମାନେ ଓଡ଼ିଶା ଏବଂ ଓଡ଼ିଶା ବାହାରେ ସରକାରୀ ଏବଂ ବେସରକାରୀ ସଂସ୍ଥା ରେ କାମ କରି ପ୍ରତିଷ୍ଠା ଅର୍ଜନ କରିଛନ୍ତି, ଭୁବନେଶ୍ୱର ର କେନ୍ଦ୍ର ସ୍ଥଳ ରେ ଥିବା ଏହି ପୁରାତନ ଅନୁଷ୍ଠାନ ଆୟୁର୍ବେଦ ପରମ୍ପରା, ସ୍ୱାସ୍ଥ୍ୟ, ଶିକ୍ଷା ର ଏକ ବାହକ ଥିଲା, ଏହି ମହାବିଦ୍ୟାଳୟ କୁ ପ୍ରତିଷ୍ଠା କରିବାରେ ପୂର୍ବତନ ମନ୍ତ୍ରୀ ପ୍ରସନ୍ନ ପାଟଶାଣୀ, ଆଜିର ମୁଖ୍ୟ ସଚିବ ଓଡ଼ିଶା ଶ୍ରୀମତୀ ଅନୁଗର୍ଗ ଙ୍କ ଅବଦାନ ଅତୁଳନୀୟ , ବର୍ତ୍ତମାନ ଏହି ମହାବିଦ୍ୟାଳୟ ଭଗ୍ନସ୍ତୂପ, କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଏହି ମହାବିଦ୍ୟାଳୟ ର ପ୍ରତିଷ୍ଠା ମାନ ସମ୍ମାନ କୁ ନିଜର ବ୍ୟକ୍ତି ଗତ ସ୍ୱାର୍ଥ ପାଇଁ ଧୂଳାସାତ କରିଦେଇଛନ୍ତି, ଇନ୍ଦିରା ଗାନ୍ଧୀ ପୂର୍ବତନ ଛାତ୍ର ସଂସଦ ଏବଂ ଆୟୁଷ ପ୍ରେମୀ ସେଥି ପାଇଁ ଗଭୀର ଦୁଃଖ ପ୍ରକାଶ କରିଛନ୍ତି, ଏହି ପରିପ୍ରେକ୍ଷୀରେ , ପୂର୍ବତନ ଛାତ୍ର ସଂସଦ ମୃଣ୍ମୟମନ୍ତ୍ରୀ ଙ୍କ ଅଭିଯୋଗ ପ୍ରକୋଷ୍ଠ, ସ୍ୱାସ୍ଥ୍ୟ ମନ୍ତ୍ରୀ, ସ୍ୱାସ୍ଥ୍ୟ ସଚିବ,ଆୟୁଷ ନିର୍ଦ୍ଦେଶିକା, ମହାମହିମ ରାଜ୍ୟପାଳ, ମହାମହିମ ରାଷ୍ଟ୍ରପତି , ପ୍ରଧାନ ମନ୍ତ୍ରୀ, ଙ୍କୁ ଚିଠି ଲେଖି ଦୃଷ୍ଟି ଆକର୍ଷଣ କରିଛନ୍ତି, ତେଣୁ ସରକାର ଙ୍କୁ ଇନ୍ଦିରା ଗାନ୍ଧୀ ସ୍ମୃତି ପୂର୍ବତନ ଛାତ୍ର ସଂସଦ ମହାବିଦ୍ୟାଳୟ ରେ ପ୍ରତିଷ୍ଠା ଫେରେଇ ଆଣିବା ପାଇଁ ଦୃଷ୍ଟି ଆକର୍ଷଣ କରିବା ସଙ୍ଗେ ସଙ୍ଗେ ମହାବିଦ୍ୟାଳୟ କୁ ପୁନର୍ଗଠନ ପାଇଁ ଅନୁରୋଧ କରିଛନ୍ତି ।

ଯୁବସଂଗଠନ ମୌର୍ଯ୍ୟ ବୟେଜ, କେ.ବି.ଏନ୍ ପକ୍ଷରୁ ପ୍ରଥମ ଗଣେଶ ପୂଜା ବୈଠକ

ନୀଳଗିରି (ଅମୃତ ମିଡିଆ) : ପାର୍ବଣ ଋତୁର ଶୁଭାରମ୍ଭ ହୋଇଯାଇଥିବା ବେଳେ ଅଗ୍ରପୂଜ୍ୟ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜାଉତ୍ସବ ଆଗାମୀ ସେପ୍ଟେମ୍ବର ୧୪ତାରିଖ ଅନୁଷ୍ଠିତ ହେବାକୁ ଯାଉଥିବା ବେଳେ ନୀଳଗିରିର ଅଗ୍ରଣୀ ଯୁବସଂଗଠନ ମୌର୍ଯ୍ୟ ବୟେଜ, କେ.ବି.ଏନ୍ ତରଫରୁ ପ୍ରଥମଥର ପାଇଁ ଗଣେଶ ମହାପ୍ରଭୁଙ୍କ ପୂଜାକରିବାକୁ ସ୍ଥିର ହୋଇଛି। ଏନେଇ ଆଜି ପୂର୍ବାହ୍ନ ୧୧ଟା ସମୟରେ ଏକ ବିଶେଷ ପ୍ରସ୍ତୁତିବୈଠକ ନୀଳଗିରି ଡାକବଙ୍ଗଳା ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମଥର ପାଇଁ ଶ୍ରୀ ଶ୍ରୀ ଗଜାନନଙ୍କ ପୂଜାପାଇଁ ଥିମେନ୍ସ କଲେଜ ରୋଡ଼ ପାଖରେ ଆୟୋଜନ କରାଯିବାକୁ ନିଷ୍ପତ୍ତି ହୋଇଛି।ଯୁବପିଢ଼ିଙ୍କ ମଧ୍ୟରେ ଏକତା, ଭାଇଚାରା, ଶୃଙ୍ଖଳା ଓ ସାମାଜିକ ସଦଭାବନା ବଜାୟ ରଖିବାସହ ଭକ୍ତିମୟ ପରିବେଶରେ ଗଣେଶ ପୂଜା ପାଳନକରିବା ଏହି ନୂତନ ପ୍ରୟାସର ମୁଖ୍ୟ ଉଦ୍ଦେଶ୍ୟ। ତେବେ ପ୍ରଥମଥର ପାଇଁ ଆୟୋଜିତ

ହେଉଥିବା ଏହି ପୂଜାକୁ ସରସ,ସୁନ୍ଦର ଓ ଶୃଙ୍ଖଳିତ ଭାବରେ ସମ୍ପନ୍ନ କରିବାପାଇଁ ମୌର୍ଯ୍ୟ ବଏଜର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ପ୍ରସ୍ତୁତି ଚଳାଇଛନ୍ତି। ପୂଜା ଅବସରରେ ପାରମ୍ପରିକ ପୂଜାର୍ଚ୍ଚନା ସହିତ ବିଭିନ୍ନ ଧାର୍ମିକ, ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ। ଅଞ୍ଚଳବାସୀଙ୍କ ସହଯୋଗ ଓ ଆଶୀର୍ବାଦରେ ପ୍ରଥମଥର ପାଇଁ ଆୟୋଜିତ ପୂଜାକୁ ସଫଳକରିବା ପାଇଁ କ୍ଲବ୍ ପକ୍ଷରୁ ସମସ୍ତଙ୍କୁ ଆହ୍ୱାନ କରାଯାଇଛି। କ୍ଲବ୍ ପକ୍ଷରୁ ଅଞ୍ଚଳବାସୀ, ବୟୋଜ୍ୟେଷ୍ଠ ଓ ଯୁବପିଢ଼ିଙ୍କୁ ଏହି ପବିତ୍ର ଉତ୍ସବରେ ସାମିଲହୋଇ ସଫଳ କରିବାକୁ ଅନୁରୋଧ କରାଯାଉଛି। ଏହି ବୈଠକରେ ସଭାପତି ଯଶୋବନ୍ତ ରାଉତ, ଉପସଭାପତି ପ୍ରୀତମ ବିଶ୍ୱାଳ, ସମ୍ପାଦକ ସଂଜୀବ ବେହେରା, ସହ ସମ୍ପାଦକ ରଞ୍ଜିତ ପ୍ରଧାନ, ଉପଦେଷ୍ଟା ଉଦୟଜ୍ୟୋତି ମହାନ୍ତି, ସତ୍ୟଜିତ ପ୍ରଧାନ, ନିବାଶିଷ ଦ୍ୱିବେଦୀ, ଆଦର୍ଶ ଗୌରବ ଦାସ, ଲଳିତ ଜେନା, ଲକ୍ଷ୍ମୀଧର ପାତ୍ର, ଅମନ ବେହେରା, ଶଶିକାନ୍ତ ବିଶ୍ୱାଳ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ।

ସଡ଼କ ଦୁର୍ଘଟଣାରେ ରାଜମିସ୍ତ୍ରୀ ମୃତ

ବାଲିଅନ୍ତା (ଅମୃତ ମିଡିଆ) : ଭୁବନେଶ୍ୱର-ପୁରୀ ବାଇପାସ ରାସ୍ତା ଶିଶୁପାଳଗଡ଼ ଯାତ୍ରା ପଡିଆ ବିପରୀତ ଦିଗରେ ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣାରେ ଜଣେ ରାଜମିସ୍ତ୍ରୀ ଗୁରୁତର ଆହତ ହୋଇଥିଲେ । ଆହତ ରାଜମିସ୍ତ୍ରୀ ବାଲିପାଟଣା ଥାନା ଫୁଲପାଳ ଗ୍ରାମର ରବିନ୍ଦ୍ର ପୃଷ୍ଟିଙ୍କ ପୁଅ ପ୍ରଦୀପ । ପ୍ରକାଶ ଥାଉକି ପ୍ରଦୀପ ରାଜମିସ୍ତ୍ରୀ ଭାବେ କାମ କରନ୍ତି । ପ୍ରତିଦିନ ଭଳି ସେଦିନ ଭୁବନେଶ୍ୱରକୁ ମିସ୍ତ୍ରୀ କାମ ପାଇଁ ଯାଇଥିଲେ । କାମ ସାରି ଫେରୁଥିବା ସମୟରେ ସନ୍ଧ୍ୟା ପ୍ରାୟ ୭ ଟାରେ ଉପରୋକ୍ତ ସ୍ଥାନରେ ଦୁର୍ଘଟଣାର ଶିକାର ହୋଇଥିଲେ । ଉକ୍ତ ସ୍ଥାନରେ ଷ୍ଟିଟ ଲାଇଟ ଜଳୁନଥିବାରୁ ଅନ୍ଧାର ହେବାସହ ଗାଇଗୋରୁ ଶୋଇଥିଲେ । ଫଳରେ ପ୍ରଦୀପ ଜାଣିନପାରି ଦୁର୍ଘଟଣାର ଶିକାର ହୋଇଥିଲେ । ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ଖବରପାଇ ଧଉଳି ଥାନା ପୁଲିସ ପଇଁତରା ଗାଡି ଉଦ୍ଧାର କରି ରାଜଧାନୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ

। ସେଠାରେ ଅବସ୍ଥା ସଙ୍କଟା ପର୍ଣ୍ଣ ହେବାରୁ ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା । ପରେ ପ୍ରଦୀପ ଦୀର୍ଘ ୪୨ ଦିନ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଆଇସିୟୁରେ ଭର୍ତ୍ତି ହୋଇ ଚିକିତ୍ସିତ ହୋଇଥିଲେ। ପରିବାର ଲୋକଙ୍କ କହିବା ଅନୁଯାୟୀ ଡାକ୍ତର ଟ୍ରେନ୍ ଡେଡ୍ ହୋଇଯାଇଥିଲା। ୦୧/୦୯/୨୬ ରେ ପ୍ରଦୀପଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଆଜି ପରିବାର ଲୋକେ କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ କରାଇବା ପରେ ପୁରୀରେ ପ୍ରଦୀପ ଙ୍କ ଅନ୍ତିମ ସଂସ୍କାର କରିଥିଲେ

ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଯାଜପୁର (ଅମୃତ ମିଡିଆ) : ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ ମୁଖ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଶିବିରରେ ମୋଟ ୩୫୩ ଜଣ ଭିନ୍ନକ୍ଷମ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ। ସେଥିମଧ୍ୟରୁ ୧୬୫ ଜଣ ଶାରୀରିକ ଭିନ୍ନକ୍ଷମ) ୩୧ ଜଣ ଦୃଷ୍ଟିହୀନ ୫୩ ଜଣ ଶ୍ରବଣବାଧିତ , ୩୭ ଜଣ ମାନସିକ ଅଗ୍ରସର/ସିପି , ୪୫ ଜଣ ୧୪ ବର୍ଷରୁ କମ୍ ଶିଶୁ ଏବଂ ୨୨ ଜଣ ବହୁବିଧ ଭିନ୍ନକ୍ଷମ ଶିଶୁ/ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ। ଶିବିରରେ ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ମୋଟ ୨୮୨ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମୂଲ୍ୟାଙ୍କନ କରାଯାଇଥିଲା। ମୂଲ୍ୟାଙ୍କନ ପରେ ୧୩ ଜଣ ହିତାଧିକାରୀଙ୍କୁ ସହାୟକ ଉପକରଣ (୮ଟି ହୁଇଲ ଚେୟାର, ୩ଟି ଟ୍ରାଇ-ସାଇକେଲ, ୨ଟି ପ୍ରୋସ୍ଥେସିସ, ୧ଟି ଅର୍ଥୋସିସ, ୧

୩ ସେପ୍ଟେମ୍ବର ୨୦୨୬

ପଶ୍ଚିମ ଓଡ଼ିଶା

ପୃଷ୍ଠା ୬

ଭଇଁରିପାଲି ପଞ୍ଚାୟତରେ ଦୁର୍ନୀତି ଅଭିଯୋଗ,ୱାର୍ଡ ସଭ୍ୟସଭ୍ୟାଙ୍କ ଅନାସ୍ଥା ପ୍ରସ୍ତାବ ଦାବି

କଳାହାଣ୍ଡି (ଅମୃତ ମିଡ଼ିଆ) : ଜୟପାଟଣା ବ୍ଲକ ଭଇଁରିପାଲି ପଞ୍ଚାୟତରେ ବିଭିନ୍ନ ସରକାରୀ ଯୋଜନାରେ ଅର୍ଥ ଅନିୟମିତତା ଓ ହେରଫେର ହୋଇଥିବା ଅଭିଯୋଗ ଏବେ ଚର୍ଚ୍ଚାରେ ରହିଛି। ସରପଞ୍ଚ ଓ ପିଇଓଙ୍କ କାର୍ଯ୍ୟକଳାପକୁ ନେଇ ୱାର୍ଡ ସଭ୍ୟସଭ୍ୟା ଅସନ୍ତୋଷ ପ୍ରକାଶ କରି ଉପଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସରପଞ୍ଚଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ସେମାନେ ଲିଖିତ ଦାବି କରିଛନ୍ତି । ୱାର୍ଡ ସଭ୍ୟମାନଙ୍କ ଅଭିଯୋଗ ଅନୁସାରେ, ଭଇଁରିପାଲିରେ କଂକ୍ରିଟ ରାସ୍ତା ନିର୍ମାଣ ହୋଇଥିବା ଦର୍ଶାଇ ଗତ ୨୦ ତାରିଖରେ ୧ ଲକ୍ଷ ୭୦ ହଜାର ଟଙ୍କା ଉଠାଣ ହୋଇଛି। ତେବେ ଘଟଣାସ୍ଥଳରେ କାମ ହୋଇନଥିବା ସେମାନେ ଅଭିଯୋଗ କରିଛନ୍ତି । ୨୨ ଏପ୍ରିଲରେ ସରପଞ୍ଚ, ନାଏବ ସରପଞ୍ଚ ଓ ୱାର୍ଡ ସଭ୍ୟସଭ୍ୟାଙ୍କ ସିଟିଂ ଫି' ବାବଦରେ ୪୦ ହଜାର ୫୬୦ ଟଙ୍କା ଉଠାଣ ହୋଇଥିଲେ ମଧ୍ୟ ନାଏବ ସରପଞ୍ଚ ଓ ସଭ୍ୟମାନଙ୍କୁ ଭତ୍ତା ଦିଆଯାଇନଥିବା ଅଭିଯୋଗ ହୋଇଛି । ମନରେଗା ଯୋଜନାରେ ମୋହନଗୁଡ଼ା ସବ୍-ମାଇନର କେନାଲ ମରାମତି ନାଁରେ କାମ ନ କରି ମେଟେରିଆଲ ପେମେଣ୍ଟ ଦର୍ଶାଇ ପ୍ରାୟ ୮ଲକ୍ଷ ଟଙ୍କା ଉଠାଣ ହୋଇଥିବା ମଧ୍ୟ ଅଭିଯୋଗ ରହିଛି । ଏହାବ୍ୟତୀତ ୨୦୨୨-୨୩ରେ ପଞ୍ଚାୟତ ପରିସରରେ ନଳକୂଅ ଖନନ ନାଁରେ ୧ ଲକ୍ଷ ଟଙ୍କା ଉଠାଣ ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ନଳକୂଅ ଖୋଳାଯାଇନଥିବା ସେମାନେ କହିଛନ୍ତି । ଜଳଛତ୍ର ଖର୍ଚ୍ଚରେ ମଧ୍ୟ ଅନିୟମିତତା ଅଭିଯୋଗ ଉଠିଛି । ୫୮ ହଜାର ୫୫୦ ଓ ୧୩ ହଜାର ୫୦୦ ଟଙ୍କା ଉଠାଣ ହୋଇଥିବା ବେଳେ ପାଣି ଯୋଗାଇଥିବା ବ୍ୟକ୍ତିଙ୍କୁ ୪ ହଜାର ଟଙ୍କା ଲେଖାଏଁ ଦିଆଯାଇଛି । ବଳକା ଅର୍ଥର ହିସାବ ମିଳୁନଥିବା ୱାର୍ଡ ସଭ୍ୟମାନେ ଅଭିଯୋଗ କରିଛନ୍ତି । କଂକ୍ରିଟ ରାସ୍ତା ନାଁରେ ଅର୍ଥ ଉଠାଣ ସମ୍ପର୍କିତ ଖବର ପ୍ରକାଶ ପରେ ବିଡିଓଙ୍କ ନିର୍ଦ୍ଦେଶରେ ଜିପିଓ ତଦନ୍ତ ପାଇଁ ଯାଇଥିଲେ। ପିଇଓଙ୍କ ଅନୁପସ୍ଥିତି ଯୋଗୁଁ ତଦନ୍ତକାରୀ ଅଧିକାରୀ ଫେରିଥିବା ଅଭିଯୋଗ ହୋଇଛି ପଞ୍ଚାୟତର ବିଭିନ୍ନ ଯୋଜନାରେ ଜେଇ ଓ ଏଇଇଙ୍କ ମିଳିତ ସହଯୋଗରେ ଅନିୟମିତତା ହୋଇଥିବା ମଧ୍ୟ ୱାର୍ଡ ସଭ୍ୟମାନେ ଅଭିଯୋଗ କରିଛନ୍ତି । ଏହି ସମସ୍ତ ଅଭିଯୋଗର ସତ୍ୟତା ତଦନ୍ତ ପରେ ସ୍ପଷ୍ଟ ହେବା ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ସହ ଜିଲ୍ଲାପାଳଙ୍କ ହସ୍ତକ୍ଷେପ ଦାବି କରିଛନ୍ତି ୱାର୍ଡ ସଭ୍ୟସଭ୍ୟା ଏନେଇ ଜୟପାଟଣା ବିଡିଓ ଧର୍ମରାଜ ମାଝୀଙ୍କୁ ପଚାରିବାରୁ ଅଭିଯୋଗର ତଦନ୍ତ ପାଇଁ ଜିପିଓଙ୍କୁ ପଠାଯାଇଛି। ତଦନ୍ତ ପରେ ପ୍ରକୃତ ଘଟଣା ଜଣା ପଡିବ ବୋଲି କହିଥିଲେ ।

ବଲାଙ୍ଗୀର ସରକାରୀ କଲେଜରେ ଗଙ୍ଗାଧର ମେହେର ଜୟନ୍ତୀ

ବଲାଙ୍ଗିର (ଅମୃତ ମିଡିଆ) : ବଲାଙ୍ଗିର ସରକାରୀ କଲେଜ, ପୁଇଁତଲା ଠାରେ ସ୍ୱଭାବ କବି ଗଙ୍ଗାଧରଙ୍କ ସାହିତ୍ୟ ଉପରେ ଏକ ଆଲୋଚନାଚକ୍ର ହୋଇଥିଲା । ଏହି ସଭା ବଲାଙ୍ଗିର କଲେଜ ଓ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ମିଳିତ ସହଯୋଗ ରେ ସଂପନ୍ନ ହୋଇଥିଲା । ଏହାର ସଭାପତିତ୍ୱ କରିଥିଲେ କଲେଜର ମୁଖ୍ୟ ଅଧକ୍ଷ ଡ. କୌତୁକ ପନ୍ଦର । ମୁଖ୍ୟ ଅତିଥି ଭାବରେ ପରିଷଦ ସଭାପତି ଡ. ଭବାନୀ ଶଙ୍କର ପଟେଲ ଦୀପ ପ୍ରଜ୍ଜଳନ କରିବା ସହ ପରିଷଦର ବିବରଣୀ ପ୍ରକାଶ କରିଥିଲେ । ଦୀପ ମନ୍ତ୍ର ରଶ୍ମୀ ପାତ୍ର କରିଥିଲେ । ମଂଞ୍ଚ ପରିଚାଳନା କରିଥିଲେ ଅଧ୍ୟାପକ ସୁମନ୍ତ ରଣା । ସେ ଅତିଥିମାନଙ୍କ ପରିଚୟ ଦେବା ସହ ଆଜିର ଦିନର ସଂକ୍ଷିପ୍ତ ସୂଚନା ଦେଇଥିଲେ । ପରିଚୟ ପରେ ଡ. ଭବାନୀ ଶଙ୍କର ପଟେଲ ଅତିଥିମାନଙ୍କୁ ପୁସ୍ତକ ଉପହାର ଦେଇ ସମ୍ମାନିତ କରିଥିଲେ । ରାମ ଶଙ୍କର ଶତପଥି ଏକ ଭକ୍ତି ସଂଗୀତ ଗାନ କରିଥିଲେ । ବକ୍ତା ଭାବରେ ଏଲୋରା ମିଶ୍ର, ଅଧ୍ୟାପିକା ମହାବୀର କଲେଜ ବକ୍ତବ୍ୟ ରଖିଥିଲେ । ଅଧ୍ୟାପକ ଶ୍ରୀକାନ୍ତ ବାରିକ କବିଙ୍କ ଅର୍ଘ୍ୟଥାଳି ଉପରେ ଅତି ସୁନ୍ଦର ଆଲୋଚନା କରିଥିଲେ । ଅଧ୍ୟାପିକା ସରିତା ସାହୁ ତଥା ରଶ୍ମୀ ପାତ୍ର ଗଙ୍ଗାଧରଙ୍କ ସଂକ୍ଷିପ୍ତ ତଥ୍ୟ ଭିତ୍ତିକ ବକ୍ତବ୍ୟ ରଖିଥିଲେ । ସମ୍ମାନିତ ଅତିଥି ଭାବରେ ଡ. ଜଗନ୍ନାଥ ସାହୁ ମହିମୁଣ୍ଡା କଲେଜ ମଂଞ୍ଚାସୀନ ଥିଲେ । ସେ ନିଜ ବକ୍ତବ୍ୟରେ ସାର ଗର୍ଭକ ଭାଷଣ ଦେଇଥିଲେ । କଲେଜର ଛାତ୍ର ଛାତ୍ରୀମାନେ ଗଙ୍ଗାଧରଙ୍କ ଜୀବନୀକୁ ନେଇ କବିତା ପଠନ କରିଥିଲେ ମାନସ ପଧାନ, ରନ୍ ରଣା, ରୋଜୀ ଭୋଇ, ବାସୁଦେବ କର୍ମୀ, ସରିତା ସାହୁ, ବଳିଷ୍ଠ ପଧାନ, କବି ରଶ୍ମି ପାତ୍ର, ଡ. ଭବାନୀ ଶଙ୍କର ପଟେଲ, ରାମ ଶଙ୍କର ଶତପଥୀ । କବିତା ସଂଯୋଜନା କରିଥିଲେ ରଶ୍ମି ପାତ୍ର । ଧନ୍ୟବାଦ ଅର୍ପଣ କରିଥିଲେ କବି ବଳିଷ୍ଠ ପଧାନ ।

ସନତ ପାଢ଼ୀ ହେଲେ ବରଗଡ଼ ଲୋକସମ୍ପର୍କ ଅଧିକାରୀ

ବରଗଡ଼ (ଅମୃତ ମିଡିଆ) : ବରଗଡ଼ର ନୂତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ(ଡିଆଇପିଆରଓ)ଭାବେ ଦାୟିତ୍ୱ ଗ୍ରହଣ କଲେ ସନତ ପାଢୀ । ସେ ପଦ୍ମପୁର ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ କାର୍ଯ୍ୟରତ ଅଛନ୍ତି । ନୂତନ ଦାୟିତ୍ୱ ଗ୍ରହଣ କରିବା ପରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାର ବ୍ୟାପକ ପ୍ରଚାର ପ୍ରସାରରେ ସମସ୍ତ କର୍ମଚାରୀ ଓ ଗଣମାଧ୍ୟମର ସହଯୋଗ କାମନା କରିଛନ୍ତି ।ଅନ୍ୟପଟେ ପୂର୍ବତନ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରହଲ୍ଲାଦ ଖୋସ୍ଲାଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଏହି ଅବସରରେ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଥିଲା । ଖୋସ୍ଲାଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇ ଥିବାବେଳେ ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ପାଢୀଙ୍କୁ ସ୍ୱାଗତ କରାଯାଇଥିଲା

ଚିକିତ୍ସା ଅବହେଳାରୁ ଶିଶୁମୃତ୍ୟୁକୁ ନେଇ ଉତ୍ତେଜନା

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଏକ ଅଭାବନୀୟ ଘଟଣା ସାମ୍ନାକୁ ଆସିଛି । ଚିକିତ୍ସା ଅବହେଳାରୁ ଜଣେ ନବଜାତ ଶିଶୁର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି । ସୋମବାର ରାତିରେ ଘଟଣା ଘଟିଥ ?ବାବେଳେ ମଙ୍ଗଳବାର ଏହାକୁ ନେଇ ମୃତକଙ୍କ ପରିବାର ପ୍ରତିବାଦ କରିବାରୁ ଡାକ୍ତରଖାନା ପରିସରରେ ଚାପା ଉତ୍ତେଜନା ଦେଖ ?ବାକୁ ମିଳିଥିଲା। ଖବର ପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରକୁ ବୁଝାଶୁଝା ପରେ ସ୍ଥିତି ସ୍ୱାଭାବିକ ହୋଇଥିଲା । ମିଳିଥିବା ସୂଚନା ଅନୁସାରେ, କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ପ୍ରତାପପୁର ଗ୍ରାମର ମାର୍କଣ୍ଡ ବର୍ଗାଙ୍କ ସ୍ତ୍ରୀଙ୍କ ପ୍ରସବ ଯନ୍ତ୍ରଣା ହେବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା । ଅସ୍ତ୍ରୋପଚାର ପରେ ସେ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତେବେ ଶିଶୁ ଜନ୍ମହେବା ପରେ ତା'ର ସ୍ୱାସ୍ଥ୍ୟବସ୍ଥା ନେଇ ମେଡିକାଲ ପକ୍ଷରୁ ଆବଶ୍ୟକ ଚିକିତ୍ସା ମିଳି ନ ଥିଲା । ଚିକିତ୍ସା ପାଇଁ ଦୀର୍ଘ ସମୟ ଧରି ନବଜାତ ଶିଶୁକୁ କୋଳରେ ଧରି ପରିବାର ଲୋକେ ଅପେକ୍ଷା କରିଥିଲେ ବି ଡାକ୍ତର ତାକୁ ଦେଖି ନ ଥିଲେ । ପରେ ଶିଶୁର ସ୍ୱାସ୍ଥ୍ୟ ଜଟିଳ ହେବାରୁ ତାକୁ ସ୍ୱତନ୍ତ୍ର ନବଜାତ ଶିଶୁ ଯତ୍ନ କେନ୍ଦ୍ର (ଏସ୍ଏନ୍ସିୟୁ)କୁ ନେବାପାଇଁ ପରାମର୍ଶ ଦିଆଯାଇଥିଲା। ତେବେ ଓଟି (ଅପରେଶନ) ରିପୋର୍ଟ ଦିଆଯାଇ ନ ଥିବାରୁ ଶିଶୁକୁ ଏସ୍ଏନ୍ସିୟୁରେ ଆଡ୍ମିଟ୍ କରାଯାଇ ନ ଥିଲା । ଫଳରେ କିଛି ସମୟ ପରେ ନବଜାତ ଶିଶୁର ମୃତ୍ୟୁ ହୋଇଥିଲା। ଡାକ୍ତରଙ୍କ ଚିକିତ୍ସା ଅବହେଳାରୁ ଶିଶୁର ମୃତ୍ୟୁ ହୋଇଥିବା ମୃତକଙ୍କ ବାପା ମାର୍କଣ୍ଡ ଓ ମାମୁ ଘନଶ୍ୟାମଗଉଡ ଅଭିଯୋଗ ଆଣିଛନ୍ତି। ଏହାର ତଦନ୍ତ କରାଯାଇ ଅବହେଳା କରିଥିବା ଡାକ୍ତରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେବାକୁ ସେମାନେ ଦାବି କରିଛନ୍ତି।

ଶୌଚ ହେବାକୁ ଯାଇଥିଲେ,ଗୋଡ଼ ଖସିଯିବାରୁ ପୋଖରୀରେ ବୁଡ଼ିଗଲେ

କଳାହାଣ୍ଡି (ଅମୃତ ମିଡିଆ) : କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଥାନା ଅନ୍ତର୍ଗତ ମହୁଲପାଟଣା ଫାଣ୍ଡି ଅଧାନସ୍ଥ ଉପରଚବରି ଗ୍ରାମରେ ଏକ ଦୁଃଖଦ ଘଟଣା ଘଟିଯାଇଛି। ଗାଁ ଶ୍ମଶାନ ନିକଟସ୍ଥ ପୋଖରୀ ପାଣିରେ ବୁଡ଼ି ଜଣେ ୨୪ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ଉପରଚବରି ଗ୍ରାମର ରାଏସିଙ୍ଗ ମାଝୀଙ୍କ ଦ୍ୱିତୀୟ ପୁଅ ଶରତ ମାଝୀ।ସୂଚନା ଅନୁସାରେ, ବୁଧବାର ସକାଳ ପ୍ରାୟ ୭ଟା ସମୟରେ ଶରତ ପୋଖରୀକୁ ଶୌଚ ହେବା ପାଇଁ ଯାଇଥିବା ବେଳେ ଅସାବଧାନତାବଶତଃ ଗୋଡ଼ ଖସିଯିବାରୁ ଗଭୀର ପାଣିରେ ବୁଡ଼ି ଶରତ ଆଂଶିକ ମାନସିକ ଅସୁସ୍ଥ ଥିଲେ ଏବଂ ପହଁରା ଜାଣି ନ ଥିବାରୁ ଏହି ଅଭାବନୀୟ ଦୁର୍ଘଟଣା ଘଟିଥାଇପାରେ। ଏହି ଘଟଣା ପରେ ସମଗ୍ର ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ଅନ୍ୟପଟେ, ମହୁଲପାଟଣା ଓ ଇନ୍ଦ୍ରାବତୀ ଅଞ୍ଚଳରେ ପାଣିରେ ବୁଡ଼ି ପ୍ରାଣ ହରାଇବା ଘଟଣା କ୍ରମାଗତ ଭାବେ ବୃଦ୍ଧି ପାଉଥିବାରୁ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଜଳାଶୟଗୁଡ଼ିକ ନିକଟରେ ସୁରକ୍ଷା ଓ ସଚେତନତାର ଘୋର ଅଭାବ ରହିଥିବା ଅଭିଯୋଗ ହେଉଛି। ପୋଲିସ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଜଳାଶୟ ନିକଟରେ ସତର୍କତା ଅବଲମ୍ବନ କରିବା ପାଇଁ କାହିଁକି ବ୍ୟାପକ ସଚେତନତା କାର୍ଯ୍ୟକ୍ରମ କରାଯାଉ ନାହିଁ, ସେ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଅଖିଳ ଭାରତୀୟ ସାହିତ୍ୟ ପରିଷଦର ପରିବେଶ ଉପରେ ଆଲୋଚନାଚକ୍ର

ବଲାଙ୍ଗୀର (ଅମୃତ ମିଡିଆ) : ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ବଲାଙ୍ଗିର ଓ ବିଶ୍ୱାତ୍ମା ବିଦ୍ୟା ମନ୍ଦିର ଖୁଜେନପାଲିଙ୍କର ମିଳିତ ସହଯୋଗ କ୍ରମେ ଏକ ଆଲୋଚନାଚକ୍ର ହୋଇଥିଲା । ଏହି ଆଲୋଚନାଚକ୍ର ରେ ସଭାପତିତ୍ୱ କରିଥିଲେ ପରିଷଦର ସଭାପତି ଡ. ଭବାନୀ ଶଙ୍କର ପଟେଲ, ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ଭାବରେ ସତ୍ୟ ପ୍ରଜ୍ଞାନନ୍ଦ ସରସ୍ୱତୀ, ସମ୍ମାନୀତ ଅତିଥି ସ୍ୱାମୀ ସତ୍ୟ ଦେବାନନ୍ଦ ସରସ୍ୱତୀ, ଅତିଥି ଭାବରେ ଅଧକ୍ଷ ଡ. ସୁଶାନ୍ତ କୁମାର ପ୍ରଧାନ ମଂଚାସିନ ଥିଲେ । ଦୀପ ପ୍ରଜ୍ଜଳନ ପରେ ଅତିଥିଙ୍କର ପରିଚୟ ପ୍ରଦାନ କରିଥିଲେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ତରୁଣ କୁମାର ତ୍ରିପାଠୀ, ପରିଷଦର ବିବରଣୀ ପ୍ରଦାନ କରିଥିଲେ ଡ. ଭବାନ ଶଙ୍କର ପଟେଲ, ପ୍ରାରମ୍ଭିକ ଜଣାଣ ଗାନ କରିଥିଲେ ରାମ ଶଙ୍କର ଶତପଥୀ । ଅତିଥିମାନେ ରାମକୃଷ୍ଣଙ୍କ ସମୟରେ ପରିବେଶ ସୁରକ୍ଷା କିପରି କରୁଥିଲେ ସେ ବିଷୟ ଗୁଡିକ ବିଷଦ ଭାବରେ ଉପସ୍ଥାପନ କରିଥିଲେ । ସ୍ୱାମୀଜୀ ଆଜିର ପରିବେଶ ତଥା ଯୁଦ୍ଧ ଓ ନେପାଳ ର କାରଣ ଉପସ୍ଥାପିତ କରି ଥିଲେ । ମଂଚ ପରିଚାଳନା ଶିକ୍ଷକ ସୁରଥ ସାହୁ ବ୍ୟବସ୍ଥିତ ଢଙ୍ଗରେ ପରିଚାଳନା କରିଥିଲେ । ଷଷ୍ଠ ରୁ ମେଟ୍ରିକ ଛାତ୍ର ଛାତ୍ରୀମାନେ କବିତା ପଠନ କରିଥିଲେ । ସେମାନଙ୍କ ମଧ୍ୟରେ ଦେବସ୍ମିତା ପ୍ରଧାନ, ସ୍ୱାତୀ ସ୍ୱାଇଁ, ନିବେଦିତା ନନ୍ଦ, ଅଙ୍କିତା ପଣ୍ଡା, ଗାୟତ୍ରୀ ରଣା, ଶୁଭମ ଷଡଙ୍ଗୀ, ରାଜେଶ୍ୱରୀ ଦାସ, ଶର୍ମିଷ୍ଠା ସାହୁ, ତପସ୍ୱିନୀ ସାହୁ, ପ୍ରିୟା ମିଶ୍ର, ପ୍ରତିଜ୍ଞା ନାୟକ, ସ୍ନେହାରାଣୀ ଖୁଆସ, ଦୀପାଞ୍ଜଳୀ ଡାଙ୍ଗ, ଆଦ୍ୟାସା ସାହୁ, ଗୁରୁମା ଆଶାଲତା ସେଠ, ବଳିଷ୍ଠ ପ୍ରଧାନ, ଜ୍ୟୋତି ରାଣୀ ଶତପଥି, ନଳିନୀ ଶତପଥି, ରଶ୍ମି ପାତ୍ର, ରାମ ଶଙ୍କର ଶପଥି, କବିତା ସଂଯୋଜନା ରଶ୍ମି ପାତ୍ର ଓ ନଳିନୀ ଶତପଥୀ । ଧନ୍ୟବାଦ ଅର୍ପଣ କରିଥିଲେ କବି ବଳିଷ୍ଠ ପଧାନ ।

ମହିଳାମାନେ ପାଳିଲେ ପବିତ୍ର ହଳଷଷ୍ଠୀ ବ୍ରତ

କଳାହାଣ୍ଡି (ଅମୃତ ମିଡ଼ିଆ) : କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କାମୁଣ୍ଡା ଗ୍ରାମରେ ପବିତ୍ର ହଳଷଷ୍ଠୀ ବ୍ରତ ଶ୍ରଦ୍ଧା ଓ ଭକ୍ତିର ସହ ପାଳିତ ହୋଇଯାଇଛି। ଏହି ଅବସରରେ ଗ୍ରାମର ବହୁ ମହିଳା ଏକତ୍ରିତ ହୋଇ ପାରମ୍ପରିକ ରୀତିନୀତି ଅନୁଯାୟୀ ବ୍ରତ ପାଳନ କରିଥିଲେ। ସନ୍ତାନମାନଙ୍କର ଦୀର୍ଘାୟୁ, ସୁସ୍ଥ ଜୀବନ ଓ ମଙ୍ଗଳ କାମନା କରି ମାଆମାନେ ଏହି ବ୍ରତ ପାଳନ କରିଥିଲେ। ବ୍ରତ ଅବସରରେ ମହିଳାମାନେ ନିର୍ଦ୍ଦିଷ୍ଟ ପୂଜାବିଧି ଅନୁସରଣ କରି ହଳଷଷ୍ଠୀ ମାଆଙ୍କ ପୂଜାର୍ଚ୍ଚନା କରିଥିଲେ। ପୂଜାସ୍ଥଳୀରେ ମହିଳାମାନେ ଏକାଠି ହୋଇ ବ୍ରତ କଥା ଶ୍ରବଣ କରିବା ସହ ପରସ୍ପର ମଧ୍ୟରେ ଶୁଭେଚ୍ଛା ବିନିମୟ କରିଥିଲେ। ପାରମ୍ପରିକ ରୀତିନୀତି ଓ ଧାର୍ମିକ ପରିବେଶ ଯୋଗୁଁ ସମଗ୍ର ଗ୍ରାମରେ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା। ହଳଷଷ୍ଠୀ ବ୍ରତ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ଏକ ବିଶେଷ ମହତ୍ତ୍ୱ ବହନ କରୁଥିବାରୁ ପ୍ରତିବର୍ଷ ବାଙ୍କାମୁଣ୍ଡା ଗ୍ରାମରେ ମହିଳାମାନେ ଏହାକୁ ଶ୍ରଦ୍ଧାର ସହ ପାଳନ କରିଆସୁଛନ୍ତି।

ବିଜେପିର ବରିଷ୍ଠ ନେତା ସମାଜସେବୀ ବେଦ ପ୍ରକାଶ ଗୋଏଲଙ୍କ ପରଲୋକ

ଜୁନାଗଡ଼ (ଅମୃତ ମିଡିଆ) : ଭାରତୀୟ ଜନତା ପାର୍ଟି (ବିଜେପି)ର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆଇଏସ୍)ର ତୃଣମୂଳ ସ୍ତରର ସ୍ୱୟଂ ସେବକ ବେଦ ପ୍ରକାଶ ଗୋଏଲଙ୍କ ୭୭ ବର୍ଷ ବୟସରେ ଆଜି ଅପରାହ୍ନ ୪ଟା ସମୟରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ଜୁନାଗଡ଼ ସମେତ ସମଗ୍ର କଳାହାଣ୍ଡି ଜିଲ୍ଲାର ବିଜେପି ମହଲରେ ଶୋକର ଛାୟା ଖେଳିଯାଇଛି ।ସ୍ୱର୍ଗତ ଗୋଏଲ କଳାହାଣ୍ଡିରେ ବିଜେପି ସଂଗଠନକୁ ତୃଣମୂଳ ସ୍ତରରେ ମଜବୁତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଏକଦା କଳାହାଣ୍ଡି ବିଜେପିରେ ତାଙ୍କର ଦୃଢ଼ ନେତୃତ୍ୱ ରହିଥିଲା। ସେ ଦଳର ବହୁ ବରିଷ୍ଠ ନେତାଙ୍କ ସହ ଘନିଷ୍ଠ ସମ୍ପର୍କରେ ଥିଲେ। ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀ, ବରିଷ୍ଠ ବିଜେପି ନେତା ଲାଲକୃଷ୍ଣ ଆଡ଼ଭାଣୀ ଏବଂ ସ୍ୱର୍ଗତ ପ୍ରମୋଦ ମହାଜନଙ୍କ ସହ ତାଙ୍କର ସୁସମ୍ପର୍କ ଥିବା କୁହାଯାଏ।ସେ ଯଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର କେସିଙ୍ଗା, ଶିଶୁମନ୍ଦିର ଜୁନାଗଡ଼, ଥୁଆମୂଳ ରାମପୁର ଶିଶୁମନ୍ଦିର ଆବାସିକ ବିଦ୍ୟାଳୟ ତଥା ବିଭିନ୍ନ ଶିକ୍ଷୟନୁଷ୍ଠାନ ର ପ୍ରତିଷ୍ଠା ଓ ପରିଚାଳନା ରେ ତାଙ୍କ ଅତୁଳନୀୟ ଅବଦାନ ରହିଛି ଷ ବେଦୁ ଭାଇ ହିସାବରେ ସାରା ଓଡିଶା ରେ ପରିଚିତ ଥିଲେ ଷ ଦେଶରେ ଜରୁରୀକାଳୀନ ପରିସ୍ଥିତି ସମୟରେ ଗଣତନ୍ତ୍ରର ସୁରକ୍ଷା ପାଇଁ ସେ ସକ୍ରିୟ ଭୂମିକା ନେଇଥିଲେ ଏବଂ ୧୯୭୭ ମସିହାରେ ଜେଲ ଯାଇଥିଲେ। ଦଳ ପ୍ରତି ତାଙ୍କର ନିଷ୍ଠା, ସାଂଗଠନିକ ଦକ୍ଷତା ଓ ଦୃଢ଼ ନେତୃତ୍ୱ ପାଇଁ ସେ ଦଳୀୟ କର୍ମୀଙ୍କ ମଧ୍ୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲେ।ସ୍ୱର୍ଗତ ବେଦ ପ୍ରକାଶ ଗୋଏଲଙ୍କ ଶେଷକୃତ୍ୟ ଆସନ୍ତାକାଲି ସକାଳ ୯ଟା ସମୟରେ ଜୁନାଗଡ଼ସ୍ଥିତ ସ୍ୱର୍ଗଦ୍ୱାରଠାରେ ସମ୍ପନ୍ନ କରାଯିବବୋଲି ତାଙ୍କ ପରିବାର ତରଫରୁ ସୂଚନା ଦିଆ ଯାଇଛି ।

କ୍ଷେତରେ ପସି ଧାନନଷ୍ଟକଲେ ହାତୀପଲ

ଜମନକିରା (ଅମୃତ ମିଡିଆ) : ସମ୍ବଲପୁରଜିଲ୍ଲା ବଡ଼ରମା ବନ୍ୟପ୍ରାଣୀ ରେଞ୍ଜ ଅନ୍ତର୍ଗତ ବିଶ୍ୱାଳପାଲି ଗାଁରେ ଦିନକୁ ଦିନ ହାତୀ ଉପଦ୍ରବ ବଢ଼ିବାରେ ଲାଗିଛି। ସନ୍ଧ୍ୟା ହେଲେ ଜଙ୍ଗଲରୁ ହାତୀପଲ ଗାଁମୁହାଁ ହୋଇ ଚାଷଜମିରେ ପଶି ଧାନ ଫସଲ ନଷ୍ଟ କରୁଥିବାରୁ ଚାଷୀଙ୍କ ଚିନ୍ତା ବଢ଼ିଛି। ରୁଆ ଓ ବୁଣା ଧାନ କିଆରୀରେ ହାତୀ ପଶି ଦଳି ଦେବା ସହ ଧାନ ଖାଇ ଯାଉଥିବା ଅଭିଯୋଗ ହୋଇଛି। ମଙ୍ଗଳବାର ରାତିରେ ବିଶ୍ୱାଳପାଲି ଗାଁର ଚାଷୀ ଲିଲଚାନ୍ଦ ସିଂଙ୍କ ପ୍ରାୟ ୨ ଏକର ଚାଷଜମିରେ ୫ଟି ହାତୀ ପ

ବୁଢ଼ାବଳଙ୍ଗରେ ଏ ବର୍ଷର ତୃତୀୟ ବନ୍ୟା, ବ୍ୟାପକ କ୍ଷୟକ୍ଷତି

ସମୀକ୍ଷା କଲେ ଜିଲ୍ଲାପାଳ

ବାରିପଦା(ଅମୃତମିଡିଆ): ରବିବାର ସନ୍ଧ୍ୟା ଓ ସୋମବାରର ଲଗାତାର ବର୍ଷା ଯୋଗୁଁ ମୟୂରଭଞ୍ଜ ଜିଲ୍ଲାରେ ପରିସ୍ଥିତି ଗୁରୁତର ହୋଇପଡ଼ିଛି । ଜିଲ୍ଲାର ଅଧିକାଂଶ ଅଞ୍ଚଳରେ ତଥା ଉପରମୁଣ୍ଡରେ ଅତ୍ୟଧିକ ବର୍ଷା ପାଇଁ ବିଭିନ୍ନ ନଦୀରେ ବନ୍ୟା ଦେଖାଦେଇଛି । ବିଭିନ୍ନ ସ୍ଥାନରେ ଯୋଗାଯୋଗ ବିଚ୍ଛିନ୍ନ ହୋଇଥିବା ବେଳେ ପ୍ରଭାବିତ ବ୍ଲକ ଯଥା ସରସକଣା, ବାଙ୍ଗିରିପୋଷି, ବିଶୋଇ, କୁଜିଅଣା, ବଡ଼ସାହି ଏବଂ ବେତନଟି ବ୍ଲକ୍‌ର ସବୁ ସ୍କୁଲ୍ ବନ୍ଦ ରହିବା ନେଇ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ମଙ୍ଗଳବାର ପାଇଁ ବିଦ୍ୟାର୍ଥୀଙ୍କ ଛୁଟି ଘୋଷଣା ହୋଇଥିଲା । ଗତ ସୋମବାର ଲଗାଣ ବର୍ଷାରେ ଫୁଲି ଉଠିଛି ବୁଢ଼ାବଳଙ୍ଗ । ଉପରମୁଣ୍ଡରେ ପ୍ରବଳ ବର୍ଷା ପରେ ଦ୍ରୁତଗତିରେ ବଢ଼ିଛି ବିଭିନ୍ନ ନଦୀର ଜଳସ୍ତର । ବଡ଼ସାହି ବ୍ଲକର ବେଳପାଳ ଓ ନାଖରା ରାସ୍ତା ଦେଉ ଗମନାଗମନ ବିଚ୍ଛିନ୍ନ ହୋଇଛି । ବନ୍ୟାଜଳର ତୃତୀୟ ପ୍ରଭାବ ଓ ବଡ଼ବନ୍ୟାର ଆଶଙ୍କାରେ ନଦୀକୂଳିଆ ଅଞ୍ଚଳବାସୀ ଭୟଭୀତ ରହିଛନ୍ତି । ବେତନଟୀ ବ୍ଲକର ନାଖରା, ପାଟଳିପୁରା, ଶାଳଗାଁ, ଦାରିହା, କାଠପାଳ, ସିଂଲାମୁଣ୍ଡଳି ଭଳି ବିଭିନ୍ନ ତଳିଆ ଅଞ୍ଚଳରେ ବନ୍ୟା ଆଶଙ୍କା ବଢ଼ିଛି । ନାଖରା ପୋଲ ଉପରେ ଦୁଇ ଫୁଟ ଉଚ୍ଚର ଜଳ ପ୍ରବାହିତ ହେଉଥିବା ଯୋଗୁଁ ବୈଶିଙ୍ଗା - ମାଣତ୍ରା ଯୋଗା ଯୋଗ ବିଚ୍ଛିନ୍ନ ରହିଛି । ଆଜି ରାତି ସୁଦ୍ଧା ବନ୍ୟାର ପ୍ରକୋପ ବୃଦ୍ଧି ପାଇବ ବୋଲି କୁହାଯାଇଛି । କେବଳ ବୁଢ଼ାବଳଙ୍ଗ ନୁହେଁ, ଗଙ୍ଗାହାର ନଦୀର ଜଳସ୍ତର ମଧ୍ୟ ଦ୍ରୁତଗତିରେ ବଢୁଥିବା ଜଣାପଡିଛି । ଲଗାତର ବନ୍ୟା ଜଳ ଯୋଗୁଁ ନଦୀ ପାର୍ଶ୍ୱବର୍ତ୍ତୀ ଚାଷଜମିରେ ବନ୍ୟାଜଳ ପଶିବା ଆରମ୍ଭ କରିଥିବାରୁ ଚାଷୀଙ୍କ କ୍ଷତିକୁ ବ୍ୟାପକ କରିଦେଇଛି । ସୋମବାର ରାତିରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ନଦୀକୂଳ ଗ୍ରାମଗୁଡିକ ନଜର ରଖାଯାଇଛି ଲୋକଙ୍କୁ ସ୍ଥାନାନ୍ତର କରାଯାଉଛି । ମୟୂରଭଞ୍ଜ ଜିଲ୍ଲାପାଳ ଓ ଅନ୍ୟାନ୍ୟ ଅଧିକାରୀଗଣ ଉପସ୍ଥିତ ରହି ବନ୍ୟା ସ୍ଥିତିକୁ ନଜର ରଖିଛନ୍ତି । ପୂର୍ବ ବା ଗତ କିଛିଦିନ ଆଗର ବନ୍ୟା ଓ ଚଳିତ ବନ୍ୟାପାଣି ଫଳରେ ବିପଦସଂକୁଳ ଅବସ୍ଥାରେ ଥିବା ନାଖରା ସେତୁ ଉପରେ ଭାରୀ ଯାନବାହନ ଚଳାଚଳ ବନ୍ଦକରିବା ସହ ପୋଲ ଉପରେ ଛିଡା ହୋଇ ବନ୍ୟା ଦେଖିବା ଲୋକଙ୍କ ଭିଡ଼ ନିୟନ୍ତ୍ରଣ ପାଇଁ ପୁଲିସ ପକ୍ଷରୁ ସେତୁର ଦୁଇ ପାର୍ଶ୍ୱରେ ପୁଲିସ ମୁତୟନ କରାଯାଇଛି । ମାଟିକାନ୍ଥ ଘରେ କେହି ନ ରହିବାକୁ ନିର୍ଦ୍ଦେଶ ରହିଛି । ବେତନଟୀ ବ୍ଲକର ଅତିରିକ୍ତ ବିଡିଓ, ଅତିରିକ୍ତ ତହସିଲଦାର, ସିଡିପିଓ, ଗ୍ରାମ ପଞ୍ଚାୟତ ଅଧିକାରୀ, ବ୍ଲକ ମଙ୍ଗଳ ଅଧିକାରୀ ସମେତ ସମସ୍ତ ପ୍ରଶାସନିକ ଅଧିକାରୀମାନେ ବେଲାଣପୁରା ବାତ୍ୟା ଆଶ୍ରୟ ସ୍ଥଳୀରେ ରହି ସ୍ଥିତି ସମୀକ୍ଷା କରିବା ସହିତ ବନ୍ୟା ପୀଡିତଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରୁଛନ୍ତି ।

ପୋକ୍ସୋ ଆଇନ ଏବଂ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାରିପଦା(ଅମୃତମିଡିଆ): ରାଇରଙ୍ଗପୁର ମହାବିଦ୍ୟାଳୟ ପରିସରରେ 'ଶକ୍ତି ଶ୍ରୀ ଏମ୍ପାୱାରମେଣ୍ଟ ସେଲ୍' ପକ୍ଷରୁ ସୋମବାର ଦିନ ' ପୋକ୍ସୋ ଆଇନ ଏବଂ ମହିଳା ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକା ମମତା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ରାଇରଙ୍ଗପୁର ଥାନାଧିକାରୀ ରଞ୍ଜନ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଏଥିସହିତ ଇତିହାସ ବିଭାଗର ମୁଖ୍ୟ ତଥା ରିଡର୍ ଆଦିତ୍ୟ କୁମାର ଆଚାର୍ଯ୍ୟ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ତଥା ରିଡର୍ ଡକ୍ଟର ବୀରନାରାୟଣ ଚ । ଉ ପ ଟ ନ । ୟ କ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ସେମାନେ ନିଜର ଅଭିଜ୍ଞତା ଆଧାରରେ ଗୁରୁତ୍ୱପୂର୍ଣ୍ଣ ମାମଲା ଏବଂ ପ୍ରମାଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଯାହାକି ସମସ୍ତଙ୍କ ପାଇଁ ଅତ୍ୟନ୍ତ ଫଳପ୍ରଦ ସାବ୍ୟତ ହୋଇଥିଲା । ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ଅଧ୍ୟାପକ ଆଦିମ୍ ଏମ୍.ଏମ୍.ଟି. ମୁର୍ମୁ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ନାରଣ ମୁର୍ମୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ରାଜେଶ ରାମ, ଅର୍ଥନୀତି ଅଧ୍ୟାପିକା ଶ୍ରୀମତୀ ବନ୍ଦିତା ମହାନ୍ତ ଏବଂ ପ୍ରଦର୍ଶକ ଦାରାସିଂହ ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ। ଏହାକୁ ସଫଳ କରିବାରେ ଛାତ୍ର ସ୍ୱେଚ୍ଛାସେବୀ ମନୀଷା, ରୁବାନା, ତପସ୍ୱିନୀ, ଶୌର୍ଯ୍ୟ, ମନୀଷ, ବିଷ୍ଣୁପ୍ରିୟା, ପ୍ରିୟତମା, ଦେବସ୍ୱିନୀଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପିଅର ଲିଡର ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ଶେଷରେ ଶକ୍ତି ଶ୍ରୀ ସଂଯୋଜିକା ଡକ୍ଟର ମେନକା ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ସମ୍ମୁଖରେ ଅସୁସ୍ଥ ବୃଦ୍ଧଙ୍କ ମେଡିକାଲରେ ମୃତ୍ୟୁ

ବାରିପଦା /ସାହାରପଡା (ଅମୃତମିଡିଆ): କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡା ପଞ୍ଚାୟତର୧ ବାଦୁଡିଘୋରା ସାହିର ଜଣେ ୭୬ ବର୍ଷୀୟ ବୃଦ୍ଧଙ୍କ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ଅସୁସ୍ଥ ହୋଇ ମୃତ୍ୟୁ ଘଟିଥିବା ଘଟଣା ଅଞ୍ଚଳରେ ଆଲୋଡ଼ନ ସୃଷ୍ଟି କରିଛି । ମୃତ ବୃଦ୍ଧ ହେଲେ କାବା ନାଏକ । ଲଗାଣ ବର୍ଷା ଯୋଗୁଁ ତାଙ୍କ ଘରର ଛପର ଓ କାନ୍ଥ ଭାଙ୍ଗିଯାଇଥିଲା । ଏନେଇ ସେ ଟାଙ୍ଗରପଡା ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟରେ ରାଜସ୍ୱ ନିରୀକ୍ଷକ ଅନିତା ନାଏକଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ରାଜସ୍ୱ ନିରୀକ୍ଷକ ତାଙ୍କ ଘର ପରିଦର୍ଶନ କରି ପଲିଥିନ ଯୋଗାଇ ଦିଆଯିବ ବୋଲି କହିଥିବା ଜଣାପଡ଼ିଛି। ପଲିଥିନ ନେବା ପାଇଁ କାବା ନାଏକ ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟକୁ ଯାଇ ସେଠାରେ ଅପେକ୍ଷା କରିଥିଲେ। ହଠାତ୍ ସେ ଅସୁସ୍ଥ ଅନୁଭବ କରି ତଳେ ପଡ଼ିଯାଇଥିଲେ। ଉପସ୍ଥିତ ଲୋକମାନେ ତାଙ୍କୁ ଉଦ୍ଧାର କରି ଏକ ଅଟୋ ଯୋଗେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର କାବା ନାଏକଙ୍କୁ ମୃତ ଘୋଷଣା କରିଥିଲେ।ଘଟଣାକୁ ନେଇ ଅଞ୍ଚଳରେ ବିଭିନ୍ନ ମହଲରେ ଆଲୋଚନା ଜୋର ଧରିଛି। ବିଶେଷକରି ବର୍ଷା ଓ ବିପର୍ଯ୍ୟୟ ସମୟରେ ବୟସ୍କ ଓ ଅସହାୟ ହିତାଧିକାରୀଙ୍କୁ କାର୍ଯ୍ୟାଳୟକୁ ଡାକିବା ପରିବର୍ତ୍ତେ ପ୍ରଶାସନ ପକ୍ଷରୁ ତାଙ୍କ ଘରେ ପଲିଥିନ ଭଳି ଆବଶ୍ୟକ ସହାୟତା ପହଞ୍ଚାଇବାକୁ ଦାବି ହୋଇଛି।

ବାରିପଦା ଏବିଇଓ ତପସ୍ୱିନୀ ଦାଶଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ବାରିପଦା(ଅମୃତମିଡିଆ): ବାରିପଦା ବ୍ଲକର ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ତପସ୍ୱିନୀ ଦାଶ ଦୀର୍ଘ ୩୯ ବର୍ଷ ଧରି ସରକାରୀ ଚାକିରୀ କରି ଅବସର ଗ୍ରହଣ କଲେ। ବାଙ୍ଗିରପୋଷି ବ୍ଲକରୁ ପ୍ରାଥମିକ ବିଦ୍ୟାଳୟରୁ ଶିକ୍ଷକତା ଆରମ୍ଭ କରି ବାରିପଦା ବ୍ଲକରେ ବିଆରସିସି ଓ ପରେ ପରେ ଏବିଇଓ ଭାବରେ ସୁଚାରୁ ରୂପେ ଦାୟିତ୍ୱ ନିର୍ବାହ କରି ସମସ୍ତଙ୍କ ପ୍ରିୟ ଭାଜନ ହୋଇପାରିଥିଲେ ଓ ବାରିପଦା ବ୍ଲକର ପ୍ରାଥମିକ ଶିକ୍ଷକ ସଙ୍ଘ, ଗୋଷ୍ଠୀ ଶିକ୍ଷା ଅଧିକାରୀ କାର୍ଯ୍ୟାଳୟ ଓ ସିଆରସିସି ଙ୍କ ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ଆରତୀ ପ୍ରାଥମିକ ବିଦ୍ୟାଳୟରେ ତାଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା ଓ ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ସୁଶ୍ରୀ ଅନୁଜା ମାଧୁରୀ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଅନ୍ୟତମ ସଂଯୋଜକ ସପନ କୁମାର ପୁଷ୍ଟି, ସମନ୍ୱିତ ଶିକ୍ଷା ସଂଯୋଜକ ନିରଞ୍ଜନ ନାୟକ, ପେ ଡ । ଗୋ । ଜି ସଂଯୋଜିକା ଶୈଲ୍‌ବାଳା ବେହେରା, ବାଳିକା ଶିକ୍ଷା ସଂଯୋଜକ ପ୍ରଫୁଲ୍ଲ କୁମାର ବାରିକ ପ୍ରମୁଖ ଯୋଗ ଦେଇ ତପସ୍ୱିନୀ ଦାଶଙ୍କ କର୍ମପରାୟଣତା, ଦକ୍ଷତା ଉପରେ ଆଲୋକପାତ କରିଥିଲେ। ଶ୍ରୀମତୀ ଦାଶ ମଧ୍ୟ ନିଜ କର୍ମମୟ ଜୀବନ ମଧ୍ୟରେ ବିଭିନ୍ନ ଅନୁଭୂତି ବର୍ଣ୍ଣନା କରି ସମସ୍ତଙ୍କ ସହଯୋଗ ଲାଗି ସମସ୍ତେ ମନେ ରହିବେ ବୋଲି ଭାବୁକ ହୋଇ କହିଥିଲେ। ଗୋଷ୍ଠୀ ଶିକ୍ଷା ଅଧିକାରିଣୀ ଅନୁଜା ମାଧୁରୀ ଦାସ ବାରିପଦାରେ ୬ ମାସ ତଳେ ଯୋଗଦେବା ପରେ ବିଆରସିସି ତପସ୍ୱିନୀ ଦାଶଙ୍କ କାର୍ଯ୍ୟଶୈଳୀ ତାଙ୍କୁ ବେଶ ପ୍ରଭାବିତ କରିଛି ବୋଲି ପ୍ରକାଶ କରିଥିଲେ ଓ ବାରିପଦା ବ୍ଲକ ପ୍ରାଥମିକ ଶିକ୍ଷକ ସଙ୍ଘର ସଭାପତି ପ୍ରଦୀପ କୁମାର ନାଥ, ସମ୍ପାଦକ ସିଦ୍ଧେଶ୍ୱର ମିଶ୍ର, ଉପଦେଷ୍ଟା ସୋମନାଥ ସିଂହ, ରାଜ୍ୟ ପ୍ରାଥମିକ ଶିକ୍ଷକ ସଂଘର କାର୍ଯ୍ୟକାରୀ ସଭାପତି ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସମେତ ସୌମ୍ୟ ଦାଶ, ଶୁଭେନ୍ଦୁ ବେହେରା, ଧନପତି ମିଶ୍ର, ସୁବୋଧ କୁମାର ଦାସ, ଗୌର ଗୋପାଳ ଲେଙ୍କା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଡ. ଅସୀମ କୁମାର ଚକୁବର୍ତ୍ତୀ ପ୍ରମୁଖ ଯୋଗ ଦେଇ ବିଭିନ୍ନ ସ୍ମୃତି ମନେ ପକାଇବା ସହ ଅବସର ପରବର୍ତ୍ତୀ ଜୀବନ ସୁଖମୟ ହେଉବୋଲି କାମନା କରିଥିଲେ। ଶ୍ରୀମତୀ ଦାଶ ଜଣେ ଛାତ୍ର ବତ୍ସଳ, ମିଷ୍ଟଭାଷୀ, ପ୍ରେରଣାଦାୟୀ, ସମୟାନୁବର୍ତ୍ତୀ, କର୍ମଯୋଗୀ ମହିଳା ଭାବେ ସମସ୍ତଙ୍କୁ ଆପଣାର କରିପାରିଥିଲେ ବୋଲି ସିଆରସିସି ସୁଶୀଳ କୁମାର ପଣ୍ଡା ପ୍ରକାଶ କରିଥିଲେ ଓ ଶେଷରେ ତାଙ୍କୁ ଉପଢୌକନ ଓ ସମ୍ବର୍ଦ୍ଧନା ପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା ।

ହୋ ଭାଷା ଆନ୍ଦୋଳନକୁ ସୁଦାମ ମାରାଣ୍ଡିଙ୍କ ସମର୍ଥନ

ବାରିପଦା(ଅମୃତମିଡିଆ): ହୋ ଭାଷାକୁ ଓଡ଼ିଶା ରାଜ୍ୟରେ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ ଏବଂ ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯିବା ଦାବି ନେଇ 'ବୀର ବିର୍ସା ମୁଣ୍ଡା କମିଟି, ଜାମଦା' ପକ୍ଷରୁ କମିଟିର ସଭାପତି ଘନଶ୍ୟାମ ପିଙ୍ଗୁଆଙ୍କ ନେତୃତ୍ୱରେ ଚାଲିଥିବା ଆମରଣ ଅନଶନ ବୁଧବାର ଅଷ୍ଟମ ଦିବସରେ ପହଞ୍ଚିଛି । ଏହି ଆମରଣ ଅନଶନକୁ ସମର୍ଥନ ଜଣାଇଛନ୍ତି ମୟୂରଭଞ୍ଜ ଜିଲ୍ଲା ବିଜେଡି ସଭାପତି ତଥା ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି । ଧାରଣା ସ୍ଥଳକୁ ଯାଇ ଆନ୍ଦୋଳନକାରୀମାନଙ୍କ ସହିତ ଆଲୋଚନା କରିଛନ୍ତି ଶ୍ରୀ ମାରାଣ୍ଡି ।? ମୟୂରଭଞ୍ଜ ଜିଲ୍ଲା ତିରିଂରୁ ଦୀର୍ଘ ୩୫୦କିମି ପଦଯାତ୍ରାରେ ପହଞ୍ଚି ୮ ଦିନ ଧରି ଆନ୍ଦୋଳନରେ ବସିଥିବା କର୍ମକର୍ତ୍ତାଙ୍କ ନିକଟକୁ କୌଣସି ମନ୍ତ୍ରୀ କିମ୍ବା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସାକ୍ଷାତ ନକରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଏବଂ ନିନ୍ଦନୀୟ ବୋଲି କହିଛନ୍ତି। ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ହୋ ଭାଷା ଆନ୍ଦୋଳନକାରୀମାନଙ୍କୁ ତୁରନ୍ତ ଆଲୋଚନା ପାଇଁ ଡାକନ୍ତୁ ନଚେତ ଆଗାମୀ ଦିନରେ ଆଇନ ଅମାନ୍ୟ ଆନ୍ଦୋଳନ ହେବ ବୋଲି ଶ୍ରୀ ମାରାଣ୍ଡି କହିଛନ୍ତି। ଶ୍ରୀ ମାରାଣ୍ଡି କହିଛନ୍ତି ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରାଯିବା ସକାଶେ କେନ୍ଦ୍ର ସରକାରଙ୍କୁ ତିନି ତିନି ଥର ଚିଠି ଲେଖିଥିବା ସତ୍ତ୍ୱେ ବିଜେପି ସରକାର ଉଦ୍ଦେଶ୍ୟମୂଳକ ଭାବେ ହୋ ଭାଷାକୁ ଅଣଦେଖା କରୁଛନ୍ତି । ତତସହିତ ରାଜ୍ୟସଭା ସାଂସଦ ସସ୍ମିତ ପାତ୍ର ମଧ୍ୟ ୪ ଥର ଏହି ପ୍ରସଙ୍ଗଟିକୁ ରାଜ୍ୟସଭାରେ ଉପସ୍ଥାପନ କରିଥିବା ସତ୍ତ୍ୱେ ସରକାର ହୋ ଭାଷାକୁ ସାମ୍ବିଧାନିକ ମାନ୍ୟତା ପ୍ରଦାନ କରୁ ନାହାନ୍ତି। ସୂଚନା ଥାଉ କି, ହୋ ଭାଷାକୁ ଦ୍ୱିତୀୟ ରାଜଭାଷାର ମାନ୍ୟତା ପ୍ରଦାନ କରାଯିବା ସହିତ ହୋ ଭାଷାକୁ ଭାରତୀୟ ସମ୍ବିଧାନର ଅନୁଚ୍ଛେଦରେ ଅନ୍ତର୍ଭୁକ୍ତ କରାଯିବା ଦାବି ନେଇ ଏହି କମିଟି ଅଗଷ୍ଟ ମାସ ୧୬ ତାରିଖରୁ ମୟୂରଭଞ୍ଜ ଜିଲ୍ଲାର ତିରିଂଠାରୁ ପ୍ରାୟ ୩୫୦ କିଲୋ ମିଟର ଦୂରତା ବାଟ ଭୁବନେଶ୍ୱର ରାଜଭବନ ପର୍ଯ୍ୟନ୍ତ ପଦଯାତ୍ରା କରି ଆସିଛନ୍ତି। ଅଗଷ୍ଟ ମାସ ୨୬ ତାରିଖ ଠାରୁ ଆନ୍ଦୋଳନକାରୀମାନେ ଭୁବନେଶ୍ୱର ଗାନ୍ଧୀ ମାର୍ଗରେ ଆମରଣ ଅନଶନରେ ବସିଛନ୍ତି। ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସାକ୍ଷାତ କରି ହୋ ଭାଷା ସଂକ୍ରାନ୍ତୀୟ ଦାବିପତ୍ର ପ୍ରଦାନ କରିବା ସହିତ ମୁଖ୍ୟ ମନ୍ତ୍ରୀଙ୍କ ସହିତ ଆଲୋଚନା କରିବା ପାଇଁ ଅର୍ଦ୍ଧ ବସିଛନ୍ତି। ଏହି ଆନ୍ଦୋଳନରେ ଡଃ. ବିକ୍ରମ ବିରୁଲି, ଗାମାଏ ରୀମିଲ ସିଂ ଗୋଇପାଇ , ସ୍ୱର୍ଣ୍ଣଲତା ସିଂ, ନବୀନ ମୁଣ୍ଡୁରୀ, ଜଟିଆ ସାଉୟାଁ, ସଞ୍ଜୟ ହେମ୍ବ୍ରମ, କୃଷ୍ଣଚନ୍ଦ୍ର କାରଆ, ରାଜକୁମାର ପୂର୍ତ୍ତି , ରାମେଶ୍ୱର କଣ୍ଡାଂକେଲ ପ୍ରମୁଖ ସାମିଲ ହୋଇଛନ୍ତି।

ସ୍ୱାୟତ ଶାସନ ଦିବସ ସମାରୋହ

ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଯତ୍ନଶୀଳ ହେବାକୁ ଆହ୍ୱାନ

ବାରିପଦା(ଅମୃତମିଡିଆ): ବାରିପଦା ପୌରପାଳିକା ପକ୍ଷରୁ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ଉଦଘାଟିତ ହୋଇଯାଇଛି । ଦିବସ ପ୍ରାରମ୍ଭରେ ସକାଳୁ ପୌରାଞ୍ଚଳରେ ରାମଧୁନ୍ ପ୍ରଚାର କରିବା ସହ ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହା ପରେ ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ ଓ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା । ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତରେ ଉପ ଜିଲ୍ଲାପାଳ କସ୍ତୁରୀ ପଣ୍ଡା ବାରିପଦା ପୌରପାଳିକା କାର୍ଯ୍ୟାଳୟ ପରିସରରେ ବିଭିନ୍ନ ମହିଳା ସମିତି ମାନଙ୍କ ଉତ୍ପାଦିତ ସାମଗ୍ରୀ ପ୍ରଦର୍ଶନୀକୁ ଉଦଘାଟନ କରି ବୁଲି ଦେଖିବା ସହିତ ଦିବ୍ୟାଙ୍ଗ ମାନଙ୍କୁ ୨ଟି ଟ୍ରାଇ ସାଇକେଲ ପ୍ରଦାନ କରିଥିଲେ । ସନ୍ଧ୍ୟାରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରହିତ୍ୟ ରେ ଉଦଘାଟନୀ ଉତ୍ସବରେ ଅତିଥି ଭାବେ ଉପ ଜିଲ୍ଲାପାଳ କସ୍ତୁରୀ ପଣ୍ଡା, ଉପ ନଗରପାଳ ସୀମା ଦାସ, କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ରାଉତ ଏବଂ ସମସ୍ତ ୱାର୍ଡ କାଉନସିଲର ମାନେ ଯୋଗଦେଇ ରାଜତନ୍ତ ସମୟରେ ୧୯୦୫ ମସିହାରେ ବାରିପଦା ପୌ ?ରପାଳିକା କାର୍ଯ୍ୟ ଆରମ୍ଭ ହୋଇ ୧୨୧ ବର୍ଷରେ ବାରିପଦା ପୌରପାଳିକାର ଦୃଶ୍ୟପଟ୍ଟରେ ଅନେକ ପରିବର୍ତ୍ତନ ଘଟିଛି । ବାରିପଦା ପୌ ?ରାଞ୍ଚଳର ୨୮ଗୋଟି ୱାର୍ଡରେ ବିକାଶ ଧାରା ଜାରି ରହିଛି । ସହରର ବିକାଶକୁ ଦ୍ରୁତଗତିରେ ତ୍ୱରାନ୍ୱିତ କରିବା ପାଇଁ ବାରିପଦା ପୌ ?ରପାଳିକା ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିଛି । ଏଣୁ ବାରିପଦାକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ଯତ୍ନଶୀଳ ହେବାକୁ ଆହ୍ୱାନ ଦେଇଥିଲେ । ସହରବାସୀଙ୍କୁ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବା ନିମନ୍ତେ ଅନେକ ଗୁଡିଏ ଉନ୍ନୟନ ମୂଳକ କାର୍ଯ୍ୟ ନିମନ୍ତେ ୩୦୦ କୋଟି ଟଙ୍କାର ଆହ୍ୱନ ପ୍ଲାନ ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗକୁ ବାରିପଦା ପୌ ?ରପାଳିକା ପକ୍ଷରୁ ପ୍ରଦାନ କରାଯାଇଛି । ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା ପାଇଁ ପୌରପାଳିକା ପକ୍ଷରୁ ଗୃହ ଓ ବିଭିନ୍ନ ପ୍ରତିଷ୍ଠାନ ଠାରୁ ବର୍ଜବସ୍ତୁ ସଂଗ୍ରହ ପାଇଁ ୭୦ଟି ଏଲସିଭି, ବିଓଭି ଏବଂ ଟ୍ରଲି ମାଧ୍ୟମରେ ଗାଡିକୁ ନିୟୋଜିତ କରାଯାଇ ବର୍ଜବସ୍ତୁ ସଂଗ୍ର

ଭୋଟର ତାଲିକାରୁ ବାଦ୍ ଦେବା ଅଭିଯୋଗରେ ଭୋଟରଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ

ଥାନା ସମ୍ମୁଖରେ ବିକ୍ଷୋଭ ସହ ପ୍ରଶାସନ ନିକଟରେ ଅଭିଯୋଗ ଦାଖଲ

ଆଳି (ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲା ଆଳି ନିର୍ବାଚନ ମଣ୍ଡଳୀର ମେଣ୍ଟପୁର ପଞ୍ଚାୟତର ୭ ଟି ବୁଥ ଅଧୀନରେ ଥିବା ୨୭୦୦ ଜଣ ଭୋଟରଙ୍କୁ ଭୋଟର ତାଲିକାରୁ ବାଦ ଦେବା ନିମନ୍ତେ ଶତାଧିକ ବ୍ୟକ୍ତି ଆବେଦନ କରିଛନ୍ତି । ଭୋଟର ତାଲିକାରୁ ବାଦ ଦେବା ନିମନ୍ତେ କିଛି ବ୍ୟକ୍ତି ଉଦ୍ଦେଶ୍ୟମୂଳକ ଭାବେ ଏଭଳି ଅଭିଯୋଗ କରିବା ପରେ ଭୋଟର ତାଲିକାରୁ ବାଦ ପଡିବାକୁ ଯାଉଥିବା ଭୋଟର ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏହି ଘଟଣାକୁ ତୀବ୍ର ବିରୋଧ କରି ମେଣ୍ଟପୁର ପଂଚାୟତର ରସୁଲପୁର, କଳାପାହାଡ଼, ଗୋପ, ପଦନପୁର ଚାରୋଟି ଗ୍ରାମର ଶତାଧିକ ଭୋଟର ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଆଳି ବିଡ଼ିଓ, ଆଳି ତହସିଲଦାର ଓ ଆଳି ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ସେମାନେ ଅଭିଯୋଗ କରିଛନ୍ତି ଯେ ରାଜ୍ୟରେ ଏସଆଇଆର କାର୍ଯ୍ୟ ଚାଲୁଥିବା ବେଳେ କିଛି ଯୁବକ (ଫର୍ମ -୭)ବ୍ୟବହାର କରି ସେମାନଙ୍କ ନାମକୁ ଭୋଟର ତାଲିକାରୁ ବାଦ ଦେବାକୁ ଆବେଦନ କରିଥିବା ଜଣାପଡିଛି । ସେମାନେ ସମସ୍ତେ ଗାଁ ରେ ଉପସ୍ଥିତ ଥିବା ବେଳେ ସେମାନଙ୍କ ନାମକୁ ଜାଣିଶୁଣି ଭୋଟର ତାଲିକାରୁ ବାଦ ଦେବାକୁ ଉଦ୍ଦେଶ୍ୟ ମୂଳକ ଭାବେ ଚକ୍ରାନ୍ତ ହେଉଛି । ଯେଉଁ ମାନେ ଏଭଳି କାର୍ଯ୍ୟ କରିଛନ୍ତି ସେମାନଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଏ ନେଇ ଆଳି ବିଡ଼ିଓ କହିଛନ୍ତି ଯେ ଭୋଟର ତାଲିକାରୁ ସେମାନଙ୍କ ନାମ ବାଦ ଦେବା ନିମନ୍ତେ ଆବେଦନ ହୋଇଛି । ଏହି ଅଭିଯୋଗକୁ ପ୍ରଶାସନ ପକ୍ଷରୁ ଠିକ ଭାବେ ତର୍ଜମା କରାଯିବ ବୋଲି କହିଛନ୍ତି ।

ସରପଞ୍ଚଙ୍କ ଗାଁରାସ୍ତା ଶୋଚନୀୟ

ଚାଲିକି ଯିବା ବି ସମ୍ଭବ ନୁହେଁ

ବ୍ରହ୍ମପୁର (ଅମୃତ ମିଡିଆ): ଗଞ୍ଜାମ ବ୍ଲକ ପାଳିବନ୍ଧ ପଞ୍ଚାୟତର ବିଭିନ୍ନ ଗ୍ରାମଗୁଡିକ ଅବହେଳିତ ଅବସ୍ଥାରେ ଥିବାବେଳେ ଖୋଦ ସରପଞ୍ଚଙ୍କ ଗାଁ ନୀଳାଦ୍ରିପୁର ରାସ୍ତା ଶୋଚନୀୟ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ପାଦ ଚଲା ରାସ୍ତା ପାଇଁ ଉପଯୋଗୀ ନୁହେଁ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏଥିସହ ଲବଣ ଶ୍ରମିକ ହାଇସ୍କୁଲଠାରୁ ନୀଳାଦ୍ରିପୁର ଗ୍ରାମ ସାହି ଭିତର ଦେଇ କୁମାରୀ ବନ୍ଧଠାରୁ ହୁମା ଖଟୁଆ କୁଦା ବଟେଶ୍ୱର ପର୍ଯ୍ୟନ୍ତ କେନାଲ ପାର୍ଶ୍ୱ ରାସ୍ତା ଅତି ଶୋଚନୀୟ ହୋଇ ବଡ଼ ବଡ଼ ଖାଲ ହୋଇରହିଛି । ଉକ୍ତ ବିପଦପୂର୍ଣ୍ଣ ରାସ୍ତାରେ ଶହ ଶହ ସ୍କୁଲ ଛାତ୍ରୀଛାତ୍ରଙ୍କଠାରୁ ଆରମ୍ଭ କରି ଚାରି ଚକିଆ ଯାନବାହନ ଓ ବାଇକ ଆଦି ଯାତାୟାତ ହେଉଅଛି । ସେହି ରାସ୍ତା ଉପରେ ପାଖାପାଖି ୭ରୁ ୮ ଖଣ୍ଡ ଗ୍ରାମର ଲୋକ ନିର୍ଭର କରିଥାନ୍ତି । ତଥାପି ପ୍ରଶାସନ ଏଥିପ୍ରତି ଦୃଷ୍ଟି ନ ଦେବା ଦୁର୍ଭାଗ୍ୟ ଜନକ ବୋଲି ଗ୍ରାମବାସୀ କହିଛନ୍ତି । ଏନେଇ ଆଡ଼ି ବିଭାଗର ଅଧିକାରୀଙ୍କୁ ବାରମ୍ବାର ଅଭିଯୋଗ କଲେ ମଧ୍ୟ କୌଣସି ସୁଫଳ ମିଳୁନି ଏବଂ ସେମାନେ ଉକ୍ତ ରାସ୍ତା ବିଷୟରେ କିଛି ଜାଣି ନାହାନ୍ତି ବୋଲୁ କହୁଥିବା ଗ୍ରାମବାସୀ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ସରକାର ଗ୍ରାମାଞ୍ଚଳ ଓ ସହରାଞ୍ଚଳର ରାସ୍ତା ଘାଟ ମଚ୍ଛ ବକାଶର ବାହାନା ଦେଖାଇ ଲୋକଙ୍କୁ ଠକୁଛନ୍ତି ବୋଲି ପୂର୍ବତନ ସରପଞ୍ଚ ଦଲାପି କୁମାର ଛୋଟରାଏ କହିଛନ୍ତି । ଏଥିପାଇଁ ଆଗାମୀ ଦିନରେ ଶାନ୍ତି ପୂର୍ଣ୍ଣ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି । ଏ ସମ୍ପର୍କରେ ସରପଞ୍ଚଙ୍କର ପ୍ରତିକ୍ରିୟା ମିଳି ପାରିନାହିଁ ।

ଗଞ୍ଜେଇ ଚୋରା ଚାଲାଣ ବେଳେ ହୋଣ୍ଡା ସାଇନ୍ ବାଇକ୍ ସହ ୨ ଗିରଫ

୨୪ କିଲୋ ଗଞ୍ଜେଇ ଜବତ

ଭଞ୍ଜନଗର (ଅମୃତ ମିଡିଆ): ପୁଣି ସ୍ଥାନୀୟ ପୁଲିସ ହାବୁଡରେ ପଡିଲେ ୨ ଗଞ୍ଜେଇ ଚୋରା ଚାଲାଣକାରୀ । ଏଥିସହ ୨୪ କେଜି ୭୯୦ ଗ୍ରାମ ଗଞ୍ଜେଇ, ଏକ ମୋଟର ସାଇକେଲ ଓ ନଗଦ ୧୧୦୦ ଟଙ୍କା ଜବତ କରିଛି ପୁଲିସ ।

ଥାନା ଅଧିକାରୀ ଜୀବନାନନ୍ଦ ଜେନାଙ୍କ ସୂଚନା ଅନୁଯାୟୀ, ବୁଧବାର ସକାଳେ ଭଞ୍ଜନଗର ଥାନା ଅଞ୍ଚଳରେ ପୁଲିସ ପକ୍ଷରୁ ପେଟ୍ରୋଲିଂ ଓ ବ୍ଲକିଂ ଚାଲିଥିବା ବେଳେ ମା' ସୋରାଦେବୀ ମନ୍ଦିର ଛକ ନିକଟରେ ଦୁଇଜଣ ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଅଟକା ଯାଇଥିଲା । ସେମାନେ ଏକ କଳା ଓ ଲାଲ ରଙ୍ଗର ହୁଣ୍ଡା ସାଇନ୍ ମୋଟର ସାଇକେଲରେ ଆସୁଥିଲେ । ଯାଞ୍ଚ ବେଳେ ବାଇକରେ ଥିବା ଏକ ସବୁଜ ରଙ୍ଗର ଜରି ବ୍ୟାଗରୁ ଗଞ୍ଜେଇ ଥିବା ଦେଖିବାକୁ ମିଳିଥିଲା । ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଅବିନାଶ ମାହାର ଙ୍କ ଉପସ୍ଥିତି ରେ ଜବତ ଗଞ୍ଜେଇର ଓଜନ କରାଯାଇଥିଲା ।

ଏହି ଘଟଣାରେ ଭଞ୍ଜନଗର ଥାନାରେ କେସ୍ ? ନମ୍ବର ୯୦୯/୨୬ରେ ଏନଡିପିଏସ୍ ଆଇନ ବଳରେ ଏକ ମାମଲା ରୁଜୁ କରାଯାଇ ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ଥାନା କେନ୍ଦୁପଲ୍ଲୀ ଗ୍ରାମର ଲୋକନାଥ ମହାନ୍ତିଙ୍କ ପୁଅ ରମେଶ କୁମାର ମହାନ୍ତି (୨୬) ଓ ବେଗୁନିଆ ଥାନା କଣ୍ଢାପଡ଼ା ଗ୍ରାମର ସ୍ୱର୍ଗତ ଚନ୍ଦ୍ରଶେଖର ଗୁରୁଙ୍କ ପୁଅ ସତ୍ୟନାରାୟଣ ଗୁରୁ (୪୨) ଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ, କନ୍ଧମାଳ ଜିଲାରୁ ଦୈନନ୍ଦିନ ବିପୁଳ ପରିମାଣର ଗଞ୍ଜେଇ ବିଭିନ୍ନ ରାସ୍ତା ଦେଇ ରାଜ୍ୟ ଓ ରାଜ୍ୟ ବାହାରକୁ ଚାଲାଣ ହେଉଛି । ଅବକାରୀ ଓ ପୁଲିସ ବିଭାଗ କିଛି ଅଭିଯୁକ୍ତଙ୍କୁ ଗିରଫ କରିବାରେ ସଫଳ ହେଉଛି । ତଥାପି ଗଞ୍ଜେଇ କାରବାର କମିବାକୁ ନାଁ ଧରୁନି ।

ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିଜେପିର ଶକ୍ତି ବୃଦ୍ଧି

ପୌର ପରିଷଦର ଉପାଧ୍ୟକ୍ଷ, ଆଇନଜୀବୀ, କର୍ମୀ ବିଜେପିରେ ସାମିଲ

ଛତ୍ରପୁର (ଅମୃତ ମିଡିଆ): ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିଜେପିର ସାଙ୍ଗଠନିକ ଶକ୍ତି ଆହୁରି ବୃଦ୍ଧି ପାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନକଲ୍ୟାଣମୂଳକ କାର୍ଯ୍ୟଧାରା ଓ ବିଜେପିର ନୀତି-ଆଦର୍ଶରେ ଅନୁପ୍ରାଣିତ ହୋଇ ଛତ୍ରପୁର ପୌରପରିଷଦର ଉପାଧ୍ୟକ୍ଷ ତଥା ବିଜେଡି ନେତା ଜି. ପାପା ରାଓ ଏବଂ ଯୁବ ଆଇନଜୀବୀ ତଥା ଛତ୍ରପୁର ନିର୍ବାଚନମଣ୍ଡଳୀର ଯୁବ ସଂଗଠକ ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ୯ ଜଣ ବିଜେଡି କାଉନସିଲରଙ୍କ ସମେତ ବିଭିନ୍ନ ଦଳର ବହୁ ନେତା ଓ କର୍ମୀ ବିଜେପିରେ ଯୋଗଦେଇଛନ୍ତି ।

ଭୁବନେଶ୍ୱରସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକଙ୍କ ଉପସ୍ଥିତିରେ ଏହି ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା, ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ରାଜ୍ୟସଭା ସାଂସଦ ସୁଜିତ କୁମାର, ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡାଙ୍କ ସମେତ ବହୁ ଦଳୀୟ ନେତା ଉପସ୍ଥିତ ଥିଲେ । ନବାଗତମାନଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ପ୍ରଦାନ କରି ସ୍ୱାଗତ କରାଯାଇଥିଲା ।

ବିଜେପିରେ ସାମିଲ ହୋଇଥିବା କାଉନସିଲରମାନେ ହେଲେ ଦେବାଶିଷ ମିଶ୍ର, ସନ୍ତୋଷୀ ସେଠୀ, କେ. ରମେଶ, ସୁମନ୍ତ ନାହାକ, ବି. ନିଷ୍ଠଳା ସ୍ୱାମୀ, ପ୍ରୀତି ଛନ୍ଦା ସାମଲ, ମାମା ସେଠୀ ଓ ମମତା ପାତ୍ରଙ୍କ ସମେତ ଅନ୍ୟମାନେ । ଏହାସହ ଯୁବ ନେତା ଅକ୍ଷୟ ସ୍ୱାଇଁ, ପୂର୍ବତନ ଛତ୍ରପୁର ବ୍ଲକ ଉପାଧ୍ୟକ୍ଷା ଅମିତା ସାହୁ, ପୂର୍ବତନ ସମିତି ସଭ୍ୟ ସୁଶାନ୍ତ କୁମାର ସାହୁ, ପୂର୍ବତନ ବିଧାୟକଙ୍କ ପ୍ରତିନିଧି ଏନ. ଶ୍ୱର୍ଦ୍ଧରାଜୁଲୁ ରେଡ୍ଡୀ,ଜି. ଗୋପାଳ ରାଓ, ରବୀନ୍ଦ୍ର ସାହୁ, ରମେଶ ଛଟେଇ, ସନମୁଖ ପଟ୍ଟନାୟକ, ପୂର୍ବତନ ଛତ୍ରପୁର ଏନଏସି ଉପାଧ୍ୟକ୍ଷ ପ୍ରଦୋଷ କୁମାର ବେହେରା, ନିବାସୀ ଗୌଡ଼ ଓ ପୁରୁଷୋତ୍ତମ ପାତ୍ରଙ୍କ ସମେତ ବହୁ ନେତା ଓ କର୍ମୀ ଦଳରେ ଯୋଗଦେଇଥିଲେ । ଏହି ମିଶ୍ରଣ ଫଳରେ ଛତ୍ରପୁର ନିର୍ବାଚନମଣ୍ଡଳୀରେ ବିଜେପିର ସାଙ୍ଗଠନିକ ଭିତ୍ତି ଆହୁରି ମଜବୁତ ହେବା ସହ ଆଗାମୀ ପୌର ଓ ପଞ୍ଚାୟତ ନିର୍ବାଚନରେ ଦଳକୁ ଏହା ବେଶ୍ ସହାୟକ ହେବ ବୋଲି ଦଳୀୟ ନେତୃବୃନ୍ଦ ମତ ପ୍ରକାଶ କରିଛନ୍ତି ।

କଲବଲ କରୁଛି ରାସ୍ତା ସମସ୍ୟା

ଶୁଣୁନି ପ୍ରଶାସନ, ସାମାନ୍ୟ ବର୍ଷାରେ ଗମନାଗମନ ପ୍ରଭାବିତ

ଭଞ୍ଜନଗର (ଅମୃତ ମିଡିଆ): ରାସ୍ତା ସମସ୍ୟାକୁ ନେଇ ଦୁଇ ଗାଁର ଆଦିବାସୀ ଏବଂ ହରିଜନ ବସ୍ତି ବାସିନ୍ଦା, ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ ଆସୁଛନ୍ତି । ବିଶେଷକରି ବର୍ଷାଦିନେ, ଯାତାୟତ କୁ ନେଇ, ଦୟନୀୟ ଅବସ୍ଥା ଭୋଗୁଛନ୍ତି ସ୍ଥାନୀୟ ବାସିନ୍ଦା । ବର୍ଷ ବର୍ଷ ଧରି ଏହି ସମସ୍ୟା ଲାଗି ରହିଥିଲେ ମଧ୍ୟ ପ୍ରତିକାର ହୋଇ ପାରୁନି । ସ୍ଥାନୀୟ ପ୍ରଶାସନ ପାଖରେ ଗୁହାରି କରୁଛନ୍ତି ଲୋକେ । ହେଲେ, ଫଳ ଶୂନ । ଏ ହେଉଛି ଭଂଜନଗର ବ୍ଲକ ଅନ୍ତର୍ଗତ ଦଦରାଲୁଣ୍ଡା ପଞ୍ଚାୟତର ଖାରିଗୁଡା ଆଦିବାସୀ ସାହି ଏବଂ ଜି.ରମ୍ଭା ଠାରୁ ପୂର୍ବସାହି ଏବଂ କୁମ୍ଭାରସାହି ରାସ୍ତାର ବର୍ଷବର୍ଷର ସମସ୍ୟା । ଯାହା ଏବେ ଉଭୟ ଅଞ୍ଚଳବାସୀଙ୍କ ପାଇଁ, ଚିନ୍ତାର କାରଣ ହୋଇଛି । ଏସଂକ୍ରାନ୍ତରେ ଗଂଜାମ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଏହାସହ ଦଦରାଲୁଣ୍ଡା ଠାରେ ଆୟୋଜିତ ବ୍ଲକ୍ ସ୍ତରୀୟ ଅଭିଯୋଗ ଶୁଣାଣୀରେ ମଧ୍ୟ ଗୁହାରି ଜଣାଇଛନ୍ତି ସ୍ଥାନୀୟ ବାସିନ୍ଦା । ରାସ୍ତା ସମସ୍ୟାକୁ ନେଇ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି, ରୋଗୀ, ବାଇକ୍ ଚାଳକ, ଏବଂ ସ୍କୁଲ ପିଲା ମାନେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୂର୍ବସାହି ଠାରୁ କୁମ୍ଭାରସାହି ଯିବାପାଇଁ ଭଲ ରାସ୍ତା ନଥିବାରୁ, ରାସ୍ତାରେ ଦେଇ ଯାଉଥିବା ଛାତ୍ରଛାତ୍ରୀ ବେଳେ ବେଳେ ବଣୁଆ ହାତୀର ସମ୍ମୁଖୀନ ହେଉଥିବା ଅଭିଯୋଗ ହୋଇଛି । ଏନେଇ ସ୍ଥାନୀୟ ଅଞ୍ଚଳର ରାଧାମୋହନ ମଲିକ, ପ୍ରକାଶ ଚନ୍ଦ୍ର ପ୍ରଧାନଙ୍କ ସମେତ ଅଧିକାଂଶ ଲୋକେ ଅଭିଯୋଗ କରିଛନ୍ତି, ଉଭୟ ଗାଁର ରାସ୍ତା ସମସ୍ୟା ସମାଧାନ କରିବାକୁ । ଅନ୍ୟପକ୍ଷରେ ଭଂଜନଗର ବିଡ଼ିଓ ଭାରତୀ ଦେବୀ କହିଛନ୍ତି, ଏହି ସମସ୍ୟାର ଖୁବ୍ ଶୀଘ୍ର ସମାଧାନ ହେବ । ଏବେ ସ୍ଥାନୀୟ ଅଞ୍ଚଳବାସୀ ଅପେକ୍ଷା କରିଛନ୍ତି, ପ୍ରଶାସନ ଏହାକୁ କେତେ ପରିମାଣରେ ଗୁରୁତ୍ୱ ଦେଉଛି ଏବଂ ସଂପୃକ୍ତ ଅଞ୍ଚଳର ରାସ୍ତା ସମସ୍ୟା କେବେ ଦୂର ହେଉଛି ।

ମାଳତୀ ମହାନ୍ତି ନୂଆ ପ୍ରଧାନଶିକ୍ଷୟିତ୍ରୀ

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଳତୀ ମହାନ୍ତି ନୂତନ ଭାବେ ଲେଭଲ-୩ରୁ ପଦୋନ୍ନତି ପାଇ ପ୍ରଧାନଶିକ୍ଷୟିତ୍ରୀ ଭାବେ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି । ଏହା ପୂର୍ବରୁ ସେ ହାତଡିହି ବ୍ଲକରେ ଶିକ୍ଷୟିତ୍ରୀ ଭାବେ କାର୍ଯ୍ୟରତ ଥିଲେ । ଯୋଗଦାନ ଅବସରରେ ବିଦ୍ୟାଳୟର ଶିକ୍ଷକ କମଳାକାନ୍ତ ପତି, ପ୍ରକାଶ କୁମାର ମିଶ୍ର, ସସ୍ମିତା ନାୟକ, ସୁଶାନ୍ତ ମହାନ୍ତ, ମାଧବାନନ୍ଦ ମହାନ୍ତ, ଜ୍ୟୋତିର୍ମୟୀ ବାରିକ, ପ୍ରୀତି ନାୟକ ପ୍ରମୁଖ ଛାତ୍ରୀଛାତ୍ର ନୂତନ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଜଣାଇଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ-ଶିକ୍ଷକଙ୍କ ସହଯୋଗରେ ବିଦ୍ୟାଳୟର ଶିକ୍ଷା ଓ ଭିତ୍ତିଭୂମିର ବିକାଶ ସହ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟକୁ ଆଗେଇ ନେବେ ବୋଲି ମାଳତୀ କହିଛନ୍ତି ।

ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର

ଯାଜପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲା ଦାନଗଦି ବ୍ଲକ୍ ମୁଖ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭିନ୍ନକ୍ଷମମାନଙ୍କ ସଶକ୍ତୀକରଣ ଓ ସରକାରୀ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱାରୋପ କରିଥିଲେ ।

ଏହି ଶିବିରରେ ମୋଟ ୩୫୩ ଜଣ ଭିନ୍ନକ୍ଷମ ସେମାନଙ୍କର ନାମ ପଞ୍ଜୀକରଣ କରିଥିଲେ । ସେଥିମଧ୍ୟରୁ ୧୬୫ ଜଣ ଶାରୀରିକ ଭିନ୍ନକ୍ଷମ) ୩୧ ଜଣ ଦୃଷ୍ଟିହୀନ ୫୩ ଜଣ ଶ୍ରବଣବାଧିତ , ୩୭ ଜଣ ମାନସିକ ଅଗ୍ରସର/ସିପି , ୪୫ ଜଣ ୧୪ ବର୍ଷରୁ କମ୍ ଶିଶୁ ଏବଂ ୨୨ ଜଣ ବହୁବିଧ ଭିନ୍ନକ୍ଷମ ଶିଶୁ ବ୍ୟକ୍ତି ନାମ ପଞ୍ଜୀକରଣ କରିଥିଲେ । ଶିବିରରେ ବିଶେଷଜ୍ଞ ଡାକ୍ତରୀ ଦଳ ଦ୍ୱାରା ମୋଟ ୨୮୨ ଜଣ ଭିନ୍ନକ୍ଷମଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଓ ମୂଲ୍ୟାଙ୍କନ କରାଯାଇଥିଲା । ମୂଲ୍ୟାଙ୍କନ ପରେ ୧୩୨ ଜଣ ହିତାଧିକାରୀଙ୍କୁ ସହାୟକ ଉପକରଣ (୮୮ ଟି ହୁଇଲ ଚେୟାର, ୩୮ଟି ଟ୍ରାଇ-ସାଇକେଲ, ୨ଟି ପ୍ରୋସଥେସିସ, ୧ଟି ଅର୍ଥୋସିସ, ୧ଟି କୋମୋଡ୍ ? ବିଶିଷ୍ଟ ହୁଇଲ ଚେୟାର, ୧ ଯୋଡ଼ା କ୍ରଚ୍) ପ୍ରଦାନ ପାଇଁ ଚିହ୍ନଟ କରାଯାଇଛି । ଏହା ସହ ୪୫ ଜଣଙ୍କୁ ଅନ୍ୟାନ୍ୟ ସରକାରୀ ସହାୟତା (୩୪ ଜଣଙ୍କୁ ବସ୍/ଟ୍ରେନ୍ ପାସ୍, ୮ ଜଣଙ୍କୁ ଭିନ୍ନକ୍ଷମ ଭତ୍ତା, ୩ ଜଣଙ୍କୁ ଡି.ଆ.ଆଇ. ରଣ) ପାଇଁ ମନୋନୀତ କରାଯାଇଛି ।

ଏହି ଅବସରରେ ମନ୍ତ୍ରୀ ଶ୍ରୀ ବଳସାମନ୍ତଙ୍କ ଉପସ୍ଥିତିରେ ହିତାଧିକାରୀଙ୍କୁ ତୁରନ୍ତ ସହାୟତା ସ୍ୱରୂପ ୧ଟି ହୁଇଲ ଚେୟାର, ୧ ଯୋଡ଼ା କ୍ରଚ୍?, ୩ ଜଣଙ୍କୁ ଆଧାର କାର୍ଡ ଏବଂ ୩ ଜଣଙ୍କୁ ଆୟ, ଜାତି ଓ ନିବାସ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ୍ ଉନ୍ନୟନ ଅଧିକାରୀ, ଦାନଗଦି, ଶ୍ରୀ ପ୍ରଦୀପ କୁମାର ସେଠୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଜାନକୀ ହେମ୍ବ୍ରମ୍, ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ ।

୨ କୋଠରିରେ ପଢୁଛନ୍ତି ୧୦୪ ଛାତ୍ରୀଛାତ୍ର

ପାରଳାଖେମୁଣ୍ଡି (ଅମୃତ ମିଡିଆ): ଗଜପତି ଜିଲା ଗୋଷାଣି ବ୍ଲକ ଲାବାଣ୍ୟଗଡ଼ ପଞ୍ଚାୟତ ଅନ୍ତର୍ଗତ ମାରିଙ୍ଗିସ୍ଥିତ ସରକାରୀ ପ୍ରାଥମିକ ଆବାସିକ ବିଦ୍ୟାଳୟ ବହୁ ଅବ୍ୟବସ୍ଥାରେ ଚାଲିଛି । ୧୯୯୯ ମସିହାରେ ପ୍ରତିଷ୍ଠା ହୋଇଥିବା ଏହି ବିଦ୍ୟାଳୟରେ ମାତ୍ର ୨ଟି ଶ୍ରେଣୀଗୃହରେ ୫ ଶ୍ରେଣୀର ୧୦୪ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ଏତେସଂଖ୍ୟକ ଛାତ୍ରୀଛାତ୍ରଙ୍କ ପାଇଁ ମାତ୍ର ୨ଜଣ ଶିକ୍ଷକ ଅଛନ୍ତି । ଏଥିସହ ଶିକ୍ଷକଙ୍କ ଉପରେ ହଷ୍ଟେଲ ପରିଚାଳନା ଦାୟିତ୍ୱ ମଧ୍ୟ ରହିଛି । ଫଳରେ ପାଠପଢ଼ା ବିଶେଷଭାବେ ପ୍ରଭାବିତ ହେଉଥିବା ଅଭିଯୋଗ ହେଉଛି । ୨୦୨୧ରେ ବିଦ୍ୟାଳୟର ୨ଜଣ ଶିକ୍ଷକ ଡେପୁଟେଶନରେ ଯାଇଥିଲେ । ସେମାନଙ୍କ ସ୍ଥାନରେ ଏଯାଏ ନୂଆ ଶିକ୍ଷକ ନିଯୁକ୍ତି ହୋଇନାହାନ୍ତି । ଏ ସମ୍ପର୍କରେ ବ୍ଲକ ଶିକ୍ଷା ଅଧିକାରୀଙ୍କଠାରୁ ଆରମ୍ଭ କରି ଜିଲା ଶିକ୍ଷା ଅଧିକାରୀ ଓ ସ୍ଥାନୀୟ ରାଜନେତାଙ୍କୁ ଅବଗତ କରାଯାଇଥିଲେ ସୁଦ୍ଧା କିଛି ସୁଫଳ ମିଳିନାହିଁ ବୋଲି ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିତ୍ୟାନନ୍ଦ ପଲେଇ କହିଛନ୍ତି ।

ଏହି ବିଦ୍ୟାଳୟରେ କେବଳ ଶିକ୍ଷକ ଅଭାବ ନୁହେଁ, ବରଂ ଅସଜଡ଼ା ଭିତ୍ତିଭୂମି ମଧ୍ୟ ଅଭିଭାବକଙ୍କ ଚିନ୍ତା ବଢ଼ାଇଛି । ରାସ୍ତାପାର୍ଶ୍ୱରେ ଥିବା ଏହି ବିଦ୍ୟାଳୟର ସୁରକ୍ଷା ପାଚେରି ନାହିଁ । ବିଦ୍ୟାଳୟ ନିକଟରେ ଥିବା ବିଦ୍ୟୁତ୍ ? ଟ୍ରାନ୍ସଫର୍ମର ମୁକୁଳା ପଡ଼ିଛି । ଫଳରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପ୍ରତି ବିପଦ ଆଶଙ୍କା ପ୍ରକାଶ ପାଇଛି । ସେହିପରି ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ବ୍ୟବହାର ଉପଯୋଗୀ ଶୌଚାଳୟଟିଏ ନାହିଁ । ନୂଆ ଶୌଚାଳୟ ନିର୍ମାଣ ଆରମ୍ଭ ହୋଇ ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ି ରହିଛି । ପାନୀୟ ଜଳ ସଙ୍କଟ ବିଦ୍ୟାଳୟର ଅନ୍ୟ ଏକ ପ୍ରମୁଖ ସମସ୍ୟା ପାଲଟିଛି । ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ବି

॥ ୧୫୫ ଦିନରେ ନୀରବ ସତ୍ୟାଗ୍ରହ ॥

ଥମିନି ପଦଯାତ୍ରା, ଦୃଢ଼ ହେଉଛି ସଂକଳ୍ପ

ପୁରୀ (ବ୍ୟୁରୋ): ଦିନ ଗଡୁଛି, ହେଲେ ପୁରୀବାସୀଙ୍କ ଦାବି ଓ ସଂକଳ୍ପରେ ଆସିନାହିଁ କୌଣସି ଭଙ୍ଗା। ନିଜର ନ୍ୟାୟସଙ୍ଗତ ଅଧିକାର ପାଇଁ ସତ୍ୟ ଓ ଅହିଂସାର ମାର୍ଗରେ ଜାରି ରହିଥିବା ସଚେତନତା ସତ୍ୟାଗ୍ରହ ପଦଯାତ୍ରା ଆଜି ୧୫୫ ଦିନରେ ପହଞ୍ଚିଛି। ଦାବି ପୂରଣ ହୋଇନଥିଲେ ମଧ୍ୟ ସତ୍ୟାଗ୍ରହୀଙ୍କ ପଦକ୍ଷେପ ଥମିନାହିଁ, ବରଂ ଦିନକୁ ଦିନ ଅଧିକ ଦୃଢ଼ ହେଉଛି ସଂକଳ୍ପ। ପୁରୀବାସୀଙ୍କୁ ପୂର୍ବପରି ଶ୍ରୀମନ୍ଦିର ପ୍ରବେଶ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଦର୍ଶନ ପାଇଁ ସ୍ୱତନ୍ତ୍ର ଓ ସମ୍ମାନଜନକ ବ୍ୟବସ୍ଥା କରିବା ଦାବିରେ ଗତ ଏପ୍ରିଲ ୧, ଉତ୍କଳ ଦିବସରୁ ବଳଗଣ୍ଡିସ୍ଥିତ ଭକ୍ତ ସାଲବେଗ ପାଠରୁ ଏହି ପଦଯାତ୍ରା ଆରମ୍ଭ ହୋଇଥିଲା। ସରକାରଙ୍କ ଦୃଷ୍ଟି ଆକର୍ଷଣ ସହ ଜନସାଧାରଣଙ୍କ ମଧ୍ୟରେ ଅଧିକାର ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିଦିନ ଶାନ୍ତିପୂର୍ଣ୍ଣ ଭାବେ ଏହି ପଦଯାତ୍ରା ଜାରି ରହିଛି। ଆଜି ମଧ୍ୟ ସତ୍ୟାଗ୍ରହୀମାନେ ଭକ୍ତ ସାଲବେଗ ପାଠରେ ଏକତ୍ରିତ ହୋଇ ଶ୍ରୀମନ୍ଦିର ଅଭିମୁଖେ ପଦଯାତ୍ରା କରିଥିଲେ। ଶ୍ରୀମନ୍ଦିର ନିକଟରେ ପହଞ୍ଚି ପତିତପାବନଙ୍କ ଦର୍ଶନ କରିବା ସହ ପୁରୀବାସୀଙ୍କ ଦାବି ପୂରଣ ଏବଂ ପୂର୍ବପରି ଦର୍ଶନ ବ୍ୟବସ୍ଥା ପୁନଃସ୍ଥାପନ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ। ସତ୍ୟାଗ୍ରହ ପଦଯାତ୍ରାର ଆବାହକ ସ୍ୱାଧୀନ କୁମାର ପଣ୍ଡା କହିଛନ୍ତି ଯେ, ୧୫୫ ଦିନ ଧରି ପୁରୀବାସୀ ନିଜ ଅଧିକାରର ପ୍ରଶ୍ନକୁ ଶାନ୍ତି, ସତ୍ୟ ଓ ଅହିଂସାର ମାଧ୍ୟମରେ ସରକାର ଓ ସମାଜ ସମ୍ମୁଖରେ ରଖିଆସୁଛନ୍ତି। ଏହି ପଦଯାତ୍ରା କେବଳ ଏକ ଆନ୍ଦୋଳନ ନୁହେଁ; ଏହା ପୁରୀବାସୀଙ୍କ ଆସ୍ଥା, ପରମ୍ପରା, ଭାବନା ଓ ଅଧିକାରର ଏକ ସ୍ୱାଭାବିକ ସ୍ୱର। ସେ ଆହୁରି କହିଛନ୍ତି ଯେ, ଏହି ସତ୍ୟାଗ୍ରହ କୌଣସି ବ୍ୟକ୍ତି, ରାଜନୈତିକ ଦଳ କିମ୍ବା ସରକାର ବିରୋଧରେ ନୁହେଁ। ଏହା ପୁରୀବାସୀଙ୍କ ନ୍ୟାୟସଙ୍ଗତ ଅଧିକାର ଓ ଧାର୍ମିକ ଭାବନାର ସୁରକ୍ଷା ପାଇଁ ଏକ ଶାନ୍ତିପୂର୍ଣ୍ଣ ଅହିଂସାମୂଳକ ପ୍ରୟାସ। ଦାବି ପୂରଣ ନହେବା ପର୍ଯ୍ୟନ୍ତ ଏହି ପଦଯାତ୍ରା ଜାରି ରହିବ ବୋଲି ସେ ଦୃଢ଼ତାର ସହ କହିଛନ୍ତି। ଆଜିର ପଦଯାତ୍ରାରେ ସର୍ବଶ୍ରୀ ଶିବସୁନ୍ଦର ମିଶ୍ର, ହରିଶଙ୍କର ମିଶ୍ର, ଚକ୍ରଧର ମହାପାତ୍ର, ବିଶ୍ୱନାଥ ମିଶ୍ର, ସୁକାନ୍ତ ପଣ୍ଡା, ନୃସିଂହନାଥ ନାୟକ, ଶିଶିରକାନ୍ତ ଶତପଥୀ, ସନ୍ଧ୍ୟାରାଣୀ ମିଶ୍ର, ଅରୁଣା ପଟ୍ଟନାୟକ, ଅଞ୍ଜୁବାଳା ମହାନ୍ତି, ସୀତା କୁମାରୀ ପୂଜା ଦାସ, ରିୟା, ରଶ୍ମି ବାରିକ, ରିମଝିମ୍ ଦାଶ, ଆରୋହୀ ବେହେରା, ମମତା ସ୍ୱାଇଁ, ରମେଶ ଚନ୍ଦ୍ର ମହାନ୍ତି, ସନ୍ତୋଷ ସେନାପତି, ପ୍ରକାଶ ଚନ୍ଦ୍ର ନାୟକ, ଯାଦବନନ୍ଦ ରାୟ, ସୁବାଷ ପଟ୍ଟନାୟକ, ବାପିନା ସାମନ୍ତରାୟ ଓ ମାନସ ପଟ୍ଟନାୟକଙ୍କ ସମେତ ବହୁ ସତ୍ୟାଗ୍ରହୀ ଯୋଗଦେଇଥିଲେ। ୧୫୫ ଦିନର ଏହି ଯାତ୍ରା ଏବେ ଏକ ସଂଖ୍ୟା ନୁହେଁ; ଏହା ପୁରୀବାସୀଙ୍କ ଧୈର୍ଯ୍ୟ, ଏକତା ଓ ଅଧିକାର ପାଇଁ ଅଟଳ ସଂକଳ୍ପର ପ୍ରତୀକ। ଦାବି ପୂରଣ ପାଇଁ ସତ୍ୟ ଓ ଅହିଂସାର ଏହି ପଥ ଆଗକୁ ମଧ୍ୟ ଜାରି ରହିବ। ମହାପ୍ରଭୁଙ୍କ ଆଶୀର୍ବାଦରେ ନ୍ୟାୟର ଏହି ସ୍ୱର ନିଶ୍ଚୟ ତାହାର ଗନ୍ତବ୍ୟରେ ପହଞ୍ଚିବ।

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସାତଦିନିଆ 'ସଂସ୍କୃତ ସପ୍ତାହ' ଆରମ୍ଭ

ପୁରୀ (ବ୍ୟୁରୋ): ପୁରୀସ୍ଥିତ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ପରିସରରେ ମଙ୍ଗଳବାର ଠାରୁ ସାତଦିନିଆ 'ସଂସ୍କୃତ ସପ୍ତାହ' ପାଳନ ଆରମ୍ଭ ହୋଇଛି। ସଂସ୍କୃତ ଭାଷାର ପ୍ରଚାର-ପ୍ରସାର, ସୁରକ୍ଷା ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଂସ୍କୃତ ପ୍ରତି ଆଗ୍ରହ ଓ ଅନୁରାଗ ସୃଷ୍ଟି କରିବା ଏହି ସପ୍ତାହ ପାଳନର ମୁଖ୍ୟ ଉଦ୍ଦେଶ୍ୟ।ଏହି ଅବସରରେ ବିଶ୍ୱବିଦ୍ୟାଳୟରେ ଆୟୋଜିତ ଉଦ୍ଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରଭାତ କୁମାର ମହାପାତ୍ର ଉଦ୍ଘାଟକ ଭାବେ ଯୋଗଦେଇଥିଲେ। ସେହିପରି ପ୍ରାକ୍ତନ କୁଳପତି ପ୍ରଫେସର ନୀଳକଣ୍ଠ ପତି ମୁଖ୍ୟ ଅତିଥି ଭାବେ ଏବଂ ପ୍ରଫେସର ବିଶ୍ୱନାଥ ସ୍ୱାଇଁ ମୁଖ୍ୟବକ୍ତା ଭାବେ ଉପସ୍ଥିତ ରହି ସଂସ୍କୃତ ଭାଷାର ମହତ୍ତ୍ୱ ଓ ଆଧୁନିକ ସମାଜରେ ଏହାର ପ୍ରାସଙ୍ଗିକତା ଉପରେ ଆଲୋକପାତ କରିଥିଲେ। ଉଦ୍ଘାଟନୀ ସଭାରେ ସ୍ୱାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ମଧ୍ୟ ଉପସ୍ଥିତ ଥିଲେ। ଏହି ସଭାର ସଂଯୋଜକ ରୂପେ ସାହିତ୍ୟ ବିଭାଗର ଅଧ୍ୟାପକ ନୀଳାମ୍ବର ବାଗ ଏବଂ ସହ ସଂଯୋଜକ ରୂପେ ଦର୍ଶନ ବିଭାଗର ଅଧ୍ୟାପକ ଅଜୟ ପାଣ୍ଡେ ଅଧ୍ୟକ୍ଷତା ରେ ସଭା ହୋଇଥିଲା। ଶେଷରେ ଧନ୍ୟବାଦ ଅର୍ପଣ ବ୍ୟାକରଣ ବିଭାଗର ଅଧ୍ୟାପିକା ପ୍ରଜ୍ଞା କରିଥିଲେ। ଏଥିସହିତ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ଶିକ୍ଷାଦାନ ବିଭାଗର ଅଧ୍ୟକ୍ଷ, ଅଧ୍ୟାପକ-ଅଧ୍ୟାପିକା, ଗବେଷକ ଓ ଛାତ୍ରଛାତ୍ରୀମାନେ ସଭାରେ ଯୋଗଦେଇଥିଲେ। ସାତଦିନ ବ୍ୟାପୀ ଏହି ସଂସ୍କୃତ ସପ୍ତାହ ଅବସରରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଭିନ୍ନ ସଂସ୍କୃତ ଭାଷା ଓ ସାହିତ୍ୟଭିତ୍ତିକ ପ୍ରତିଯୋଗିତା ଆୟୋଜନ କରାଯିବ। ଛାତ୍ରଛାତ୍ରୀଙ୍କ ଭିତରେ ଲୁକ୍କାୟିତ ପ୍ରତିଭାର ବିକାଶ ସହିତ ସଂସ୍କୃତ ଭାଷାର ବ୍ୟବହାରିକତା ଓ ଗୁରୁତ୍ୱକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ। ବକ୍ତାମାନେ କହିଥିଲେ ଯେ, ସଂସ୍କୃତ କେବଳ ଏକ ପ୍ରାଚୀନ ଭାଷା ନୁହେଁ, ବରଂ ଭାରତୀୟ ଜ୍ଞାନ, ଦର୍ଶନ, ସାହିତ୍ୟ, ବିଜ୍ଞାନ ଓ ସଂସ୍କୃତିର ଏକ ଅମୂଲ୍ୟ ଭଣ୍ଡାର। ଯୁବପିଢ଼ି ମଧ୍ୟରେ ସଂସ୍କୃତ ପ୍ରତି ଆଗ୍ରହ ବୃଦ୍ଧି କରିବା ଦ୍ୱାରା ଭାରତୀୟ ପରମ୍ପରା ଓ ଜ୍ଞାନଧାରାକୁ ଆହୁରି ସୁଦୃଢ଼ କରାଯାଇପାରିବ। ସଂସ୍କୃତ ସପ୍ତାହ ପାଳନକୁ ନେଇ ବିଶ୍ୱବିଦ୍ୟାଳୟ ପରିସରରେ ଛାତ୍ରଛାତ୍ରୀ, ଗବେଷକ ଓ ଅଧ୍ୟାପକମାନଙ୍କ ମଧ୍ୟରେ ଉତ୍ସାହ ଓ ଆନନ୍ଦ ପ୍ରକାଶ ପାଇଛି। ଆଗାମୀ ସାତଦିନ ଧରି ବିଭିନ୍ନ ଶିକ୍ଷଣୀୟ, ସାଂସ୍କୃତିକ ଓ ପ୍ରତିଯୋଗିତାମୂଳକ କାର୍ଯ୍ୟକ୍ରମ ମାଧ୍ୟମରେ 'ସଂସ୍କୃତଂ ଜୀବନସ୍ୟ ଭୂଷଣମ୍' ଭାବନାକୁ ଆହୁରି ଲୋକପ୍ରିୟ କରାଯିବ।

ଶ୍ରୀମନ୍ଦିରର ୩ଟି ଯୋଜନାରେ ୧୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମା ଅଛି

ପୁରୀ (ବ୍ୟୁରୋ): ଶ୍ରୀଜଗନ୍ନାଥ ମନ୍ଦିର, ପୁରୀର ଆୟ ମୁଖ୍ୟତଃ ଭକ୍ତଙ୍କ ଦାନ, ଶ୍ରୀମନ୍ଦିର ଖଣିଖାଦାନ, ସ୍ଥାୟୀ ଜମାରେ ରଖାଯାଇଥିବା ଅର୍ଥର ସୁଧ, ଜମି ବିକ୍ରି ଓ ଜମି ଅଧିଗ୍ରହଣ ଏବଂ ସରକାରୀ ଅନୁଦାନରୁ ହୋଇଥାଏ। ଉକ୍ତ ଆୟର କିଛି ନିର୍ଦ୍ଦିଷ୍ଟ ଅଂଶ କର୍ପସ ପାଣ୍ଠି ହିସାବରେ ଏବଂ ଅନ୍ୟ ଏକ ଅଂଶ ଫାଉଣ୍ଡେସନ ପାଣ୍ଠି ହିସାବରେ ସ୍ଥାୟୀ ଜମାରେ ରଖାଯାଇଥାଏ। ଅବଶିଷ୍ଟ ଆୟ ମନ୍ଦିର ପାଣ୍ଠି ହିସାବରେ ରଖାଯାଇଥାଏ। ଶ୍ରୀମନ୍ଦିରର ଦୈନନ୍ଦିନ ଖର୍ଚ୍ଚ ଉକ୍ତ ମନ୍ଦିର ପାଣ୍ଠିରୁ ହୋଇଥାଏ ଏବଂ ବଳକା ମନ୍ଦିର ପାଣ୍ଠି ଅର୍ଥକୁ ସ୍ଥାୟୀ ଜମା ହିସାବରେ ରଖାଯାଏ। ଏହି ସମସ୍ତ ସମ୍ପତ୍ତିର ସ୍ୱଚ୍ଛ, ସଠିକ୍ ପରିଚାଳନା କରିବା ହେଉଛି ଶ୍ରୀମନ୍ଦିର ପ୍ରଶାସନର ପ୍ରମୁଖ ଦାୟିତ୍ୱ।ତା. ୩୧.୦୮.୨୦୨୬ ରିଖ ସୁଦ୍ଧା ଶ୍ରୀଜଗନ୍ନାଥ ମନ୍ଦିରର ଉପରୋକ୍ତ ୩ ଟି ଯୋଜନାରେ ୧୮୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ସ୍ଥାୟୀ ଜମାରେ ରଖାଯାଇଅଛି। ଏଥି ମଧ୍ୟରୁ ବିଭିନ୍ନ ରାଷ୍ଟ୍ରୟତ ବ୍ୟାଙ୍କମାନଙ୍କରେ ୧୩୧୧ କୋଟି ୯ ଲକ୍ଷ ୫୮ ହଜାର ୨୮୩ ଟଙ୍କା ଏବଂ ଶ୍ରୀଜଗନ୍ନାଥ ମନ୍ଦିରର ପି.ଏଲ୍.ଆକାଉଣ୍ଟରେ ଓଡ଼ିଶା ସରକାରଙ୍କ ପ୍ରଦତ୍ତ ୫୦୦ କୋଟି ଟଙ୍କାର କର୍ପସ ପାଣ୍ଠି ରଖାଯାଇଅଛି। ଏତଦ୍ ବ୍ୟତୀତ ଅଦ୍ୟ ତାରିଖରେ ଶ୍ରୀଜଗନ୍ନାଥ ମନ୍ଦିରର ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟମାନଙ୍କରେ (ସେଭିଙ୍ଗସ୍/ କରଣ୍ଟ/ ଫିକ୍ସଡଇଙ୍ଗ) ୧୦୦ କୋଟି ୭୦ ଲକ୍ଷ ୬୬ ହଜାର ୮୬୮ ଟଙ୍କା ରହିଅଛି। ଏହାସହ ପ୍ରତ୍ୟେକ ଦିନ ଶ୍ରୀମନ୍ଦିର ହୁଣ୍ଡି ଗଣନା ହେବା ସହ ତତ୍ ସମ୍ବନ୍ଧୀୟ ବିବରଣୀ ସୂଚନା ଫଳକ ଏବଂ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରାଯାଉଅଛି। ଶ୍ରୀମନ୍ଦିରର ପରିଚାଳନାରେ ସ୍ୱଚ୍ଛତା ଏବଂ ଉତ୍ତରଦାୟିତ୍ୱ ବଜାୟ ରଖିବା ଶ୍ରୀମନ୍ଦିର ପ୍ରଶାସନର ମୁଖ୍ୟ ଲକ୍ଷ୍ୟ। ମହାପ୍ରଭୁଙ୍କ ପ୍ରତି ସମର୍ପିତ ଭକ୍ତମାନଙ୍କର ଦାନରାଶି ଏବଂ ମନ୍ଦିର ସମ୍ପତ୍ତିର ସଠିକ୍ ପରିଚାଳନା ସମ୍ପର୍କରେ ଜନସାଧାରଣ ଓ ଭକ୍ତଗଣଙ୍କୁ ଅବଗତ କରାଇବା ପାଇଁ ଏହି ସୂଚନା ପ୍ରକାଶ କରାଯାଉଅଛି।

'ସ୍ପନ୍ଦନ ଓ ସମ୍ଭୋ ତୋ' ଯୁବ ନେଟୱର୍କ ପକ୍ଷରୁ ପେଣ୍ଠକଟାରେ ମହଲ୍ଲା ସଭା

ପୁରୀ (ବ୍ୟୁରୋ): ସ୍ପନ୍ଦନ ଅନୁଷ୍ଠାନର ସହଯୋଗରେ ତଥା ଜାତୀୟ ସ୍ତରୀୟ 'ସମଭୋ ତୋ' ଯୁବ ନେଟୱର୍କ ଆନୁକୂଲ୍ୟରେ ପୁରୀ ପେଣ୍ଠକଟା ଅଞ୍ଚଳରେ ଅନ୍ୟ ଏକ ସାହିତ୍ତରୀୟ ମହଲ୍ଲା ସଭା ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବଗୋଷ୍ଠୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାୟ ୪୦ ଜଣ ଶିଶୁ ଓ ଯୁବବର୍ଗଙ୍କ ସମେତ ୮୫ ଜଣ ସ୍ଥାନୀୟ ବାସିନ୍ଦା ସାମିଲ ହୋଇଥିଲେ। ଏଥିରେ ମୁଖ୍ୟ ଆଲୋଚନାର ବିଷୟବସ୍ତୁ ଥିଲା 'ଶିଶୁ ଅଧିକାର ଓ ଅନଲାଇନ ଶୋଷଣରୁ ସୁରକ୍ଷା' । କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା ନିୟମ, ଜୁଭେନାଇଲ୍ ଜଷ୍ଟିସ୍ ଆକ୍ଟ ଏବଂ ବାଲ୍ୟବିବାହ ରୋକିବା ସମ୍ପର୍କରେ ସଚେତନତା ସୃଷ୍ଟି କରା ଯାଇଥିଲା। ଅନଲାଇନ୍ ଓ ଡିଜିଟାଲ୍ ଶୋଷଣରୁ ସୁରକ୍ଷା ପାଇଁ ବର୍ତ୍ତମାନ ସମୟରେ ମୋବାଇଲ୍ ଫୋନ୍‌ର ସଠିକ୍ ଉପଯୋଗ ତଥା ସୋସିଆଲ ମିଡିଆର ସୁରକ୍ଷିତ ବ୍ୟବହାର ଉପରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଯୁବ ନେତୃତ୍ୱ ହିସାବରେ ବି. ପ୍ରବୀଣ, ପି. ନିକିତା, ଚରଣ ଏବଂ ଚିନ୍ନାବାଇ ପ୍ରମୁଖ ଆଗଧାଡ଼ିରେ ରହି ଆଲୋଚନାକୁ ଆଗକୁ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଆଇନଗତ ସେବା ପ୍ରାଧିକରଣ ସଚିବ ତଥା ବରିଷ୍ଠ ବିଚାରପତି ପାରିତୋଷ କୁମାର ସେଠୀ ଓ ସମ୍ମାନିତ ଅତିଥି ଭାବେ ଶିଶୁ କଲ୍ୟାଣ କମିଟି ଅଧ୍ୟକ୍ଷ ମହାବୀର ରୁଦ୍ରନାରାୟଣ ସାହୁ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ଡ଼ଙ୍କର ବିକ୍ରମ ଦାସ ଏବଂ ସ୍ପନ୍ଦନ ନିର୍ଦ୍ଦେଶକ ଶାଶ୍ୱତ କୁମାର ମହାପାତ୍ର ଯୋଗ ଦେଇ ଥିଲେ। ଏହି କାର୍ଯ୍ୟକ୍ରମଟିକୁ ଦୁର୍ଗା ଦେ, ଭି. ସୁଗୁନା, କେ. ସତୀଶ ଏବଂ ଅଭିଜିତ ଦେ ସୂଚାରୁ ରୂପେ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମ ଶେଷରେ ପ୍ରଗତି ପବ୍ଲିକ ସ୍କୁଲର ପ୍ରିନ୍ସିପାଲ ସି. ଏଚ. ରାମବାବୁ ଏବଂ ସି. ଏଚ. ଶ୍ରୀନୁ ସମସ୍ତ ଅତିଥି ତଥା ଉପସ୍ଥିତ ଜନସାଧାରଣଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ଅବହେଳିତ ଅନ୍ନପୂର୍ଣ୍ଣା ଥିଏଟର

ଘୋଷଣାରେ ସୀମିତ ପୁନରୁଦ୍ଧାର କାମ

ପୁରୀ (ବ୍ୟୁରୋ): ବଦଳୁଛି ସହରର ଦୃଶ୍ୟପଟ। ପୁରୀ ପୌରପାଳିକାରୁ ମହାନଗର ହୋଇସାରିଲାଣି। ଅଥଚ ବଦଳିପାରିନି ଓଡ଼ିଆ ମଞ୍ଚ ନାଟକର ଅନୁଡ଼ିଶାଳର ଚିତ୍ର। ୨ ବର୍ଷ ତଳୁ ଘୋଷଣା ହୋଇଥିଲେ ବି ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚର ଭାଗ୍ୟ ବଦଳୁନି।ଟିଣ ଛପର ଦରଭଙ୍ଗା ଆଜ୍ ?ବେଷ୍ଟସ୍ ?। ଦର୍ଶକ ବସିବା ପାଇଁ ନା ଅଛି ଅନୁକୂଳ ପରିବେଶ ନା ଅଛି ଉପଯୁକ୍ତ ସ୍ଥାନ। ଏଇଥିରେ ଚାଲିଛି ନାଟକ ପରିବେଷଣ। ଇଏ ହେଉଛି ପୁରୀ ଅନ୍ନପୂର୍ଣ୍ଣା ଥିଏଟରର ଦୃଶ୍ୟ। ଗତବର୍ଷ ଏପ୍ରିଲ ମାସରେ ଅବଡ଼ା ଯୋଜନାରେ ସର୍ବପୁରାତନ ରଙ୍ଗମଞ୍ଚକୁ ସାମିଲ କରାଯିବା ନେଇ ଘୋଷଣା ହୋଇଥିଲା। ନବୀକରଣ ଓ ପୁନରୁଦ୍ଧାର ପାଇଁ ପ୍ରସ୍ତାବ ରଖାଗଲା। କିନ୍ତୁ ଆଜିଯାଏ କାମ ଆରମ୍ଭ ହୋଇପାରିନି। ଶୀଘ୍ର କାମ ଆରମ୍ଭ କରିବାକୁ ଓବିସିସିକୁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାପାଳ କହିଛନ୍ତି।ଅନ୍ନପୂର୍ଣ୍ଣା ଥିଏଟରର ନବୀକରଣ ଲାଗି ୧୬ କୋଟି ଟଙ୍କା ବ୍ୟୟ ଅଟକଳ ରହିଛି। ନୂଆ ଢାଞ୍ଚାରେ ଏଠାରେ ଭୂତଳ ପାର୍କିଂ ସହ ପ୍ରଥମ ମହଲାରେ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ହେବ। ଦ୍ୱିତୀୟ ମହଲାରେ ଏକ ସିନେ ପ୍ରେକ୍ଷାଳୟ ସହ ସମସ୍ତ ଆଧୁନିକ ଭିତ୍ତିଭୂମି ରହିବ। ଅଟ୍ଟାଳିକାର ବାହାର ପାର୍ଶ୍ୱରେ ଓଡ଼ିଆ ସଂସ୍କୃତିର ଛାପ ଦେବାକୁ ଡିପିଆର ପ୍ରସ୍ତୁତ କରୁଛନ୍ତି ସରକାର। ୧୯୩୬ ମସିହାରେ ନିର୍ମିତ ଏ ରଙ୍ଗମଞ୍ଚର ସମ୍ମୁଖ ଭାଗ ଦେଖିଲେ ଆଖି ଖୋସି ହୋଇଯାଉଥିଲା। କିନ୍ତୁ ଡେର ଦିନ ହେଲା, ମୁଖଶାଳା ଅସୁରକ୍ଷିତ ଘୋଷଣା ହୋଇସାରିଛି। ସରକାର କେବେ ଏହାର ପୁନରୁଦ୍ଧାର କରୁଛନ୍ତି ତା ଉପରେ ସହରବାସୀଙ୍କ ନଜର।

ରାହୁଲଙ୍କ ବିରୋଧରେ ଏତଲାକୁ ପ୍ରତିବାଦ

କଂଗ୍ରେସର ବିକ୍ଷୋଭ, ମୋଦୀଙ୍କ ଫଟୋଚିତ୍ର ଦାହ

ପୁରୀ (ବ୍ୟୁରୋ): ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଉତ୍ତରାଖଣ୍ଡ ପୋଲିସ ପକ୍ଷରୁ ମିଥ୍ୟା ଏତଲା ଦାୟର କରାଯାଇଥିବା ଅଭିଯୋଗ କରି ମଙ୍ଗଳବାର ପୁରୀ ଜିଲ୍ଲା କଂଗ୍ରେସ ପକ୍ଷରୁ ପ୍ରତିବାଦ ସଭା ଓ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ସମ୍ମୁଖରେ ଆୟୋଜିତ ଏହି ପ୍ରତିବାଦରେ ଶତାଧିକ କଂଗ୍ରେସ ନେତା, ନେତ୍ରୀ କର୍ମୀ ସାମିଲ ହୋଇଥିଲେ। ଏହି ଅବସରରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଫଟୋଚିତ୍ର ଦାହ କରାଯାଇଥିଲା। କଂଗ୍ରେସ ନେତାମାନେ ରାହୁଲ ଗାନ୍ଧୀଙ୍କ ବିରୋଧରେ ଏତଲାକୁ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି ଅଭିଯୋଗ କରିବା ସହ ସରକାରଙ୍କ କଥିତ ଦମନମୂଳକ ନୀତି ଓ ହିଂସାପ୍ରବଣ ରାଜନୀତି ବିରୋଧରେ ନାରାବାଜି କରିଥିଲେ। ପରେ ଦଳୀୟ ନେତା ଓ କର୍ମୀମାନେ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଜିଲ୍ଲା ସ୍କୁଲ ଛକ ପର୍ଯ୍ୟନ୍ତ ଯାଇ ପ୍ରତିବାଦ ଜଣାଇଥିଲେ।ଏହି ସମୟରେ ରାହୁଲ ଗାନ୍ଧୀଙ୍କ ସପକ୍ଷରେଏବଂ କେନ୍ଦ୍ର ସରକାରଙ୍କ ବିରୋଧରେ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। କଂଗ୍ରେସ ନେତାମାନେ କହିଥିଲେ ଯେ, ବିରୋଧୀ ଦଳନେତା ରାହୁଲ ଗାନ୍ଧୀଙ୍କ ସ୍ୱରକୁ ଚାପିଦେବାପାଇଁ ଏଭଳି ମାମଲା ଓ ଏତଲାର ଆଶ୍ରୟ ନିଆଯାଉଛି । ଗଣତନ୍ତ୍ରରେ ବିରୋଧୀଙ୍କ ମତପ୍ରକାଶର ଅଧିକାରକୁ ସମ୍ମାନ ଦିଆଯିବା ଆବଶ୍ୟକ ବୋଲି ସେମାନେ ଦାବି କରିଥିଲେ।ଜିଲ୍ଲା କଂଗ୍ରେସ ସଭାପତି ଇଂ.ରାଜେଶ ମିଶ୍ରଙ୍କ ନେତୃତ୍ୱରେ ଆୟୋଜିତଏହି ବିକ୍ଷୋଭରେ ବରିଷ୍ଠ ନାରୀନେତ୍ରୀ ବିଦୁଲତା ଆଚାର୍ଯ୍ୟ, ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ସରସ୍ୱତୀ ପାତ୍ର, ସସ୍ମିତା ସ୍ୱାଇଁ,ମମତା ସ୍ୱାଇଁ, ମଧୁସ୍ମିତା ଦାଶ, ରାଜଲକ୍ଷ୍ମୀ ଶତପଥୀ, ନିରୁପମା ପାଣିଗ୍ରାହୀ, ଶ୍ରଦ୍ଧାଞ୍ଜଳି ମାଥୀ, ବିଷ୍ଣୁପ୍ରିୟା ଦାସ, ରଶ୍ମି ଦାସ, ଲକ୍ଷ୍ମୀପ୍ରିୟା ଷଡ଼ଙ୍ଗୀ, କାଳୀ ନାୟକ, ସୁକାନ୍ତ ପ୍ରଧାନ,ଡ. ନିରଞ୍ଜନ ବିଶ୍ୱାଳ, ଆରତ ସାହୁ, ବିଶ୍ୱନାଥ ଦାଶ, ବିଶ୍ୱକେଶନ ହରିଚନ୍ଦନ ମହାପାତ୍ର,ଉମାକାନ୍ତ ବରାଳ, ବିଶ୍ୱରଞ୍ଜନ ସାମନ୍ତରାୟ, ବିଶ୍ୱରଞ୍ଜନ ମହାପାତ୍ର, ଅମାୟ ମହାପାତ୍ର,ସୀତାକାନ୍ତ ମହାନ୍ତି, ଅର୍ଜୁନ ସାହୁ, ଅବିନାଶ ମିଶ୍ର, ଦୁର୍ଗା ସାମନ୍ତରାୟ, ରାଧେଶ୍ୟାମ ସାହୁ, ଜିବେଶ ରଥ, ରଞ୍ଜନ ସାହୁ, ରସାନନ୍ଦ ବିଶୋଇ, ଉମାକାନ୍ତ ବେହେରା, ମନୋଜ ମହାପାତ୍ର, ସୌମ୍ୟକାନ୍ତ ପ୍ରଧାନ, ମନୋଜ ବେହେରା, କୁଶ ସେଠୀ, ଆଶୁତୋଷ ମିଶ୍ର,ଆଦର

‘ଚମକର ପଛରେ’

ଜୟଶ୍ରୀ ମୁଦ୍ରା

ଚକର ଶୁଭମ୍ ଆଉ ପ୍ରିୟଙ୍କା । ଦୁହେଁ ୨୮ ବର୍ଷ। ପ୍ରେମ ବିବାହ। ଦୁହେଁ IT କମ୍ପାନୀରେ କାମ କରନ୍ତି। ମାସକୁ ୨ ଲକ୍ଷ ଦରମା। ନୂଆ ଫ୍ଲାଟ୍, ନୂଆ କାର୍, ବିଦେଶ ଟ୍ରିପ୍। Instagram ରେ ତାଙ୍କ ଫଟୋ ଦେଖି ସମସ୍ତେ କୁହନ୍ତି - ‘କେତେ ସୁଖୀ କପଲ୍’। କିନ୍ତୁ ଏ ସୁଖ ବେଶୀ ଦିନ ରହିଲାନି। ବୋଧ ହୁଏ ଅନ୍ୟ ମାନଙ୍କ ନଜର ଲାଗିଗଲା ଏଇ ସୁନ୍ଦର ଯୋଡିଙ୍କ ଉପରେ। ଗୋଟେ ଦିନ ପ୍ରିୟଙ୍କାଙ୍କ ଅଫିସ୍ ସାଙ୍ଗ ରିୟା ତାଙ୍କୁ ଡିନର୍ କୁ ଡାକିଲା। ସେଠାରେ ଆଉ ୩ ଟା କପଲ୍ ଥିଲେ। କଥା କଥାରେ ରିୟା କହିଲା - ‘ତମେ ମାନେ ଏତେ modern ହୋଇବି ଏଇ ’Elite Couple Club‘ ବିଷୟରେ ଜାଣି ନାହଁ ? ଏଇଟା ହେଉଛି ନୂଆ ଯୁଗର ଟ୍ରେଣ୍ଡ୍। ସଂସାରକୁ ଆଉ ଟିକେ ରୋମାଞ୍ଚକର କରିବା ପାଇଁ’। ସେ ମୋବାଇଲ୍ ରେ ଗୋଟେ ଗ୍ରୁପ୍ ଦେଖାଇଲା। ପାଞ୍ଚ ତାରକା ହୋଟେଲ୍, ଦାମୀ ପୋଷାକ, ମହଙ୍ଗା ମଦ। ଲେଖା ଥିଲା - ‘Entry only for selective couples. Membership 1 Lakh’। ଶୁଭମ୍ ପ୍ରଥମେ ମନା କଲା। ବାରଣ କଲେ ରିୟାଙ୍କୁ। କିନ୍ତୁ ପ୍ରିୟଙ୍କା ଙ୍କ ଜିଦ୍ଦି। ସାଙ୍ଗ କହୁଛି ମାନେ ଥରେ ଯାଇ ଦେଖିବା । ‘ଆରେ ସବୁ ବଡ ଲୋକ ଯାଉଛନ୍ତି। ଆମେ କାହିଁକି ପଛରେ ରହିବା ?’ ପ୍ରିୟଙ୍କା ଙ୍କ କଥାରେ ସହମତି ପ୍ରକାଶ କରି ଦୁହେଁ ଗଲେ । ପ୍ରଥମ ରାତିରେ ସବୁ କିଛି ନୂଆ ଲାଗିଲା। ଲୋକେ ହସୁଥିଲେ, ନାଚୁଥିଲେ, ‘ଖୋଲା ମନର’ କଥା କହୁଥିଲେ। ଆୟୋଜକ ଜଣେ କହିଲା - ‘ଏଇଟା ହିଁ ଅସଲ୍ ସ୍ୱାଧୀନତା। ବିବାହ ମାନେ ଜେଲ୍ ନୁହେଁ । ଘରକୁ ଫେରିବା ପରେ ପ୍ରଥମେ ୧୫ ଦିନ ସବୁ ଠିକ୍ ଥିଲା। ତା ପରେ ଆରମ୍ଭ ହେଲା ଅସଲି ଖେଳ। ଛୋଟ କଥାରେ ଝଗଡା। ‘ସେଦିନ ତମେ ତା ସହ କାହିଁକି ଅଧିକ ହସୁଥିଲ ?’। ରାତିରେ ଶୋଇବା ବେଳେ ଦୁହିଁଙ୍କ ମନରେ ସନ୍ଦେହ। ଯେଉଁ ଭରସା ଉପରେ ୫ ବର୍ଷର ପ୍ରେମ ଆଉ ୨ ବର୍ଷର ସଂସାର ଛିଡା ହୋଇଥିଲା, ସେଇଆ ଧୀରେ ଧୀରେ ଫାଟିବାକୁ ଲାଗିଲା। ୩ ମାସ ପରେ

ରାତିରେ ଶୋଇବା ବେଳେ ଦୁହିଁଙ୍କ ମନରେ ସନ୍ଦେହ। ଯେଉଁ ଭରସା ଉପରେ ୫ ବର୍ଷର ପ୍ରେମ ଆଉ ୨ ବର୍ଷର ସଂସାର ଛିଡା ହୋଇଥିଲା, ସେଇଆ ଧୀରେ ଧୀରେ ଫାଟିବାକୁ ଲାଗିଲା।

ପ୍ରିୟଙ୍କା ଗୋଟେ ରାତିରେ ବ୍ୟାଗ୍ ଧରି ଘରୁ ବାହାରିଗଲା। କହିଗଲା - ‘ମୁଁ ଆଉ ଏଇ ଘରେ ରହି ପାରିବି ନାହିଁ। ତୁମକୁ ବିଶ୍ୱାସ କରି ପାରୁନି’। ଶୁଭମ୍ ବହୁତ ବୁଝାଇବାକୁ ଚେଷ୍ଟା କଲା। କିନ୍ତୁ ବହୁତ ଡେରି ହୋଇ ସାରିଥିଲା। ପରିବାର ଲୋକ ଜାଣିଲେ। ସମାଜରେ ଅପମାନ। ଅଫିସ୍ ରେ କଥା ପହଞ୍ଚିଲା। ଶୁଭମଙ୍କର ପ୍ରମୋସନ୍ ଅଟକିଗଲା। ୧ ବର୍ଷ ହେଲାଣି । ଶୁଭମ୍ ଏକା ସେଇ ବଡ ଫ୍ଲାଟ୍ ରେ ରହେ। ବ୍ୟାଙ୍କ୍ ରେ ବହୁତ ଟଙ୍କା ଅଛି। କିନ୍ତୁ ରାତିରେ ଶୋଇ ପାରେନି। ପ୍ରିୟଙ୍କା ଡିଭୋର୍ସ ପେପର୍ ପଠାଇଦେଇଛି। ଗତ ମାସରେ ଶୁଭମ୍ ସେଇ ଆୟୋଜକକୁ ଫୋନ୍ କଲା। କହିଲା - ‘ଭାଇ ମୋ ଜୀବନ ନଷ୍ଟ ହୋଇଗଲା। ଏଇ ଗ୍ରୁପ୍ ବନ୍ଦ କର’। ସେପଟୁ ହସି ହସି ଭାଇ ଜଣଙ୍କ କହିଲେ - ‘ସାର, ଏଇଟା ବ୍ୟବସାୟ। ଆପଣଙ୍କ ପରି ଆଉ ୧୦୦ ଜଣ ଲାଇନ୍ ରେ ଅଛନ୍ତି’। ଶୁଭମ ମୁଣ୍ଡରେ ହାତ ଦେଇ ସ୍ଥିର ହେଇ କିଛି ସମୟ ବସିପଡି ଭାବୁଛନ୍ତି ଆଧୁନିକତା ନାଁ ରେ ଭାଣ୍ଡାମୀ ...ତାମାନେ ଆଜିକାଲି instagram ରେ ଯାହା ଦେଖା ଯାଉଛି ତାହା ଅଭିନୟ ପଛର ଅନ୍ଧାର । ସେ ସବୁ ବୁଝିଗଲେ । ଖାଲି ଓଡ଼ିଶାରେ ନୁହେଁ ଦେଶର ବଡ ବଡ ସହରରେ ‘Wife Swap Party ‘Couple Exchange’ ନାଁ ରେ ଲୁକ୍ସାୟିତ ଭାବେ ଚାଲିଛି ବ୍ୟବସାୟ । ଟାର୍ଗେଟ ହେଉଛନ୍ତି ନୂଆ ବିବାହିତ ଯୋଡି। ଯେଉଁମାନେ ‘ଆମେ ବହୁତ ମଡର୍ଣ୍ଣ’ ବୋଲି ପ୍ରମାଣ କରିବାକୁ ଚାହାଁନ୍ତି। ଠିକ ମୋ ସ୍ତ୍ରୀ ପ୍ରିୟଙ୍କାଙ୍କ ପରି..। ଏଇଟା କେବଳ ମୋ କାହାଣୀ ନୁହଁ । ମୋ ପରି ଅନେକ ବିବାହିତ ମକ୍କୁଙ୍କୁଷ୍ଣର ଙ୍କର କାହାଣୀ ରହିଛି। ସେମାନେ ଏବେ ଠାରୁ ବୁଝିଯିବା ଦରକାର ଯେ ସଂସାର ଟଙ୍କାରେ ନୁହେଁ, ଭରସାରେ ଚାଲେ। ଆଧୁନିକତାର ନାଁରେ ଯଦି ଆମ ମୂଳ ଭାଙ୍ଗୁଛି, ତେବେ ସେଇଆ ବିକାଶ ନୁହେଁ -ସେଇଟା ବିନାଶ। ଶୁଭମ୍ ଆଜି ସମସ୍ତଙ୍କୁ ଗୋଟେ କଥା କହେ - ‘ଭାଇ ମାନେ, ଯଦି ମୋ କଥା ପଢୁଛ, ତେବେ ସମୟ ଥାଉ ଥାଉ ସଚେତନ ହୁଅ। ନଚେତ୍ ମୋ ପରି ପାପ କରି ଜୀବନ ସାରା କାନ୍ଦିବାକୁ ପଡିବ।

ଉପସ୍ଥାପିକା, ଆକାଶବାଣୀ,
ପୁରୀ
ମୋ: ୯୮୬୧୦୧୭୦୭୮

ଭୁଲରେ ବି ଏହି ଲୋକ ରଖନ୍ତୁନି ଜନ୍ମାଷ୍ଟମୀ ବ୍ରତ ?

ପଞ୍ଜିକା ଅନୁଯାୟୀ, ସେପ୍ଟେମ୍ବର ୪ରେ ଜନ୍ମାଷ୍ଟମୀ ପର୍ବ ପାଳିତ ହେବାକୁ ଯାଉଛି। ଦିନଟି ପ୍ରଭୁ ଶ୍ରୀକୃଷ୍ଣଙ୍କ ପୂଜା ଓ ଆରାଧନା ପାଇଁ ଦିନଟିଏ ବୋଲି ମନେ କରାଯାଏ। ଏହି ଅବସରରେ ସାରା ଦେଶର ମନ୍ଦିରଗୁଡ଼ିକରେ ଏକ ସ୍ୱତନ୍ତ୍ର ରୌନକ ଦେଖିବାକୁ ମିଳିଥାଏ। ଧାର୍ମିକ ବିଶ୍ୱାସ ଅନୁସାରେ, ଏହି ବ୍ରତକୁ ବିଧିପୂର୍ବକ ପାଳନ କଲେ ଭଗବାନ ଶ୍ରୀକୃଷ୍ଣଙ୍କ କୃପାରୁ ଜୀବନରେ ସୁଖ-ଶାନ୍ତି ବଜାୟ ରହେ ଏବଂ ଶୁଭ ଫଳ ପ୍ରାପ୍ତ ହୋଇଥାଏ। ବ୍ରତର ସମ୍ପୂର୍ଣ୍ଣ ଫଳ ସେତେବେଳେ ମିଳିଥାଏ, ଯେତେବେଳେ ଏହାକୁ ସଠିକ ନିୟମାନୁସାରେ ପାଳନ କରାଯାଏ। ଶାସ୍ତ୍ରରେ ଏହି ବ୍ରତ ପାଳନର ନିୟମାବଳୀ ସମ୍ପର୍କରେ ଉଲ୍ଲେଖ ରହିଛି। ବିଶ୍ୱାସ ରହିଛି ଯେ କିଛି ନିର୍ଦ୍ଦିଷ୍ଟ ଲୋକଙ୍କୁ ଜନ୍ମାଷ୍ଟମୀ ବ୍ରତ ରଖିବା ଉଚିତ ନୁହେଁ। ତେବେ ଆସନ୍ତୁ ଜାଣିବା, କେଉଁମାନେ ଭୁଲରେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ପାଳନ କରିବା ଅନୁଚିତ।

କେଉଁ ଲୋକମାନେ ଜନ୍ମାଷ୍ଟମୀ ବ୍ରତ ପାଳନ କରିବା ଉଚିତ ନୁହେଁ ?

ବୟସ୍କ ବ୍ୟକ୍ତି: ବୟସାଧିକ୍ୟ ତଥା ବୃଦ୍ଧ ଲୋକମାନେ ଜନ୍ମାଷ୍ଟମୀ ବ୍ରତ ପାଳନ କରିବା ଅନୁଚିତ, କାରଣ ସେମାନଙ୍କର ଶାରୀରିକ ସ୍ଥିତି ଦୁର୍ବଳ ଥାଇପାରେ।

ଗର୍ଭବତୀ ମହିଳା: ଏହା ବ୍ୟତୀତ ଗର୍ଭବତୀ ମହିଳାମାନଙ୍କୁ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ନ ରଖିବାକୁ ପରାମର୍ଶ ଦିଆଯାଏ। ଯଦି କୌଣସି ଗର୍ଭବତୀ ମହିଳା ଏହି ବ୍ରତ ପାଳନ୍ତି, ତେବେ ଏହା ତାଙ୍କ ସନ୍ତାନ ସ୍ୱାସ୍ଥ୍ୟ ଏବଂ ଗର୍ଭସ୍ଥ ଶିଶୁ ପାଇଁ କ୍ଷତିକାରକ ହୋଇପାରେ।

ଗମ୍ଭୀର ରୋଗରେ ପୀଡ଼ିତ ବ୍ୟକ୍ତି: ଯେଉଁମାନେ କୌଣସି ଗମ୍ଭୀର ରୋଗର ଶିକାର ହୋଇଛନ୍ତି, ସେମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ରଖିବା ଅନୁଚିତ୍।



ଶ୍ରୀକୃଷ୍ଣ ସାମଲ

ଜୀବନ ଏକ ଅଙ୍କାବଙ୍କା ନଈ

ଶ ବଣ ପରର ଏକ ବର୍ଷୁଜ ଦିବସର ଘୂମନ୍ତ ବର୍ଷାରେ ବାତାୟନ ‘ବାଙ୍କରେ ବସି ଭାବିଚାଲିଥାଏ ନିହାର। ତା’ର ସୁଖ ସଂସାର ଥାଏ ସହଧର୍ମୀ ତା’ର ଜଣେ ଆଦର୍ଶ ସୁଗୃହିଣୀ ଦୁଇ-ତିନିଟି ପିଲାର ବାପା ସେ। ତଥାପି ଆଜି ସେ ୩୦ ବର୍ଷ ତଳକୁ ଫେରିଯାଇ ନିହାରିକା କଥାହିଁ ଭାବୁଥାଏ । ଏହି ସେ ନିହାରିକ ସାଙ୍ଗ ହୋଇ କଲେଜରେ ପଢୁଥିଲେ ଦୁହେଁ । ଦିନେ ଏମାନେ ଯାଇ କଲେଜ ପାର୍କର ଏକ ନିକାଞ୍ଜନ ସ୍ଥାନରେ ବସି ଅନ୍ତରଙ୍ଗ ଆଳାପରେ ମାତି ଉଠିଥିଲେ, ଘନିଷ୍ଠତା ବଢିଯାଇଥିଲା ଏଣୁ ଏମାନେ ଆପତ୍ତିଜନକ ମୂହୂର୍ତ୍ତକୁ ବି ବିତାଇ ଚାଲିଥିଲେ । ହେଲେ ଏକ ଖୋଲା ପାର୍କରେ ଆଉ ଆଗକୁ ନବଢି ଫେରିଆସିବାକୁ ବାଧ୍ୟ ହୋଇଥିଲେ। ଏମିତି ଏହା ଭିତରେ ବେଶ୍ କିଛିଦିନ ବିତିଯାଇ ଥିଲା। ଏମାନେ କଲେଜ ପଢା ସାରି ଘରେ ଥାଆନ୍ତି। ଅଗତ୍ୟା ଏମାନଙ୍କର ଥରେ ପୁରୀ ସମୁଦ୍ର ବେଳାଭୂମିରେ ଦେଖା ହୋଇଗଲା। ସେଦିନର ଅନ୍ତରଙ୍ଗ ମୂହୂର୍ତ୍ତର କଥା ମନେପକାଇ ନିହାର ସହିତ ଆହୁରି ଅନ୍ତରଙ୍ଗ ମୂହୂର୍ତ୍ତ ବିତାଇବାକୁ ଆଗେଇ ଆସିବ କ’ଣ ନିହାର ନିକଟରୁ ମୁହଁ ଟ‘ରାଇ ନେଇଥିଲା ନିହାରିକା। ହୁଏତ ଚାରତ୍ରିକ ସ୍ଖଳନର ଭୟ ଓ ସୁଖ ସଂସାର କରିବାର ମୋହ ତାକୁ ଏଥିରୁ କ୍ଷାନ୍ତ କରିଥିଲା ଭଙ୍ଗା ମନରେ ଟ‘ରିଆସିଥିଲା ନିହାରା ଯାହା ହେଉ ଏହାପରେ ପରେ ଏମାନେ ଅନ୍ୟତ୍ର ସୁଖର ସଂସାର କରି ସାରିଥିଲେ। ଏଇ ସେଦିନ ଦୀର୍ଘ ୩୦ ବର୍ଷ ପରେ ଏକ ଭୋଜୀରେ ପରସ୍ପରଙ୍କ ସାକ୍ଷାତ ହୋଇଥିଲା। ଦୁହିଁଙ୍କର ସାକ୍ଷାତ ପରେ ପରସ୍ପର ଘଭୀର ଆନ୍ତରିକତାର ସହ ବାର୍ତ୍ତାଳାପରେ ମଜିଯାଇଥିଲେ। ନିହାର ଯାହା ଭାବୁଥିଲା କାଳେ ନିହାରିକା ତାକୁ ହତାଦର କରିବ, ତାହା ହେଲା ନାହିଁ। ନିହାରିକା କହିଲା, ନିହାର ମୋ କଥା କ’ଣ ତୁମର ଜମା ମନେପଡୁନଥିଲା। କଥା ଛଡାଇ ନେଇ ନିହାର କହିଥିଲା , ନାଇ ନିହାରିକା ତୁମ କଥା ମୋର ପ୍ରାୟ ସବୁଦିନ ମନେ ପଡେ। ତୁମ ସହିତ ମୋର ପ୍ରଥମ ଅଭିଜ୍ଞତାର ସୃତି ମୋତେ ଗଭୀର ଆନନ୍ଦ ଦେଉଥିବା ବେଳେ ଦ୍ୱିତୀୟ ଅନୁଭୂତିର ସୃତି ମୋତେ ଗଭୀର ଦୁଃଖ ଦେଇଥାଏ। ଏଣୁ ମୁଁ ତୁମ ସହିତ ଦେଖା କରିବାକୁ କିମ୍ବା ତୁମ ସହିତ ସଂପର୍କ ରଖିବାକୁ ମନ କରୁନଥିଲି। ଭାବୁଥିଲି କାହିଁକି ତୁମ ସହିତ ସାକ୍ଷାତ କରି ତୁମକୁ ଦୁଃଖ ଦେବି। ହଉ ଛାଡ ସେ କଥା କହିଥିଲା ନିହାରିକା। ଏବେ ମୋ ଫୋନ୍ ନଂ ରଖ ଯେବେ ମନେ ପଡିବ ମୋତେ ଫୋନ କରିବ। ଏହା କହି ନିହାରିକାକୁ ତାର ଟ‘ାନ ନମ୍ବର ଦେଇଥିଲା। ସେଇଥିପାଇଁ ଆଜି ନିହାର ବାତାୟନ ‘ାଙ୍କରେ ବସି ନିହାରିକା କଥା ଭାବୁଥିଲା।

ଯାହା ହେଉ ନିହାର ନିହାରିକା କୁ ଟ‘ାନ କରିବାରୁ ହଠାତ୍ ନିହାରିକା ନିହାରର ଟ‘ାନ ଦେଖି ଟ‘ାନ ଉଠାଇଲା। ନିହାରର ଟ‘ାନ୍ ନମ୍ବର ସେଦିନ ନିହାରିକ ମାଗି ନେଇଥିଲା। ପଚାରିଲା କେମିତି ଅଛ ନିହାର ? ହଁ ଭଲ ଅଛି କହିଥିଲା ନିହାର। ଆମ ଆଡେ ଥରେ ଆସୁନ କହିଥିଲା ନିହାରିକା। ଆଉ କ’ଣ ଅଛି ଯେ ଯିବି କହିଥିଲା ନିହାର । ସବୁ ତ ସରିଯାଇଛି ନିହାରିକା, ଆଉ କ’ଣ ପାଇଁ ଯିବି ? କିଛି ସରିଯାଇନି, ସବୁ ଅଛି। ତୁମେ ଆସନା ? କହିଥିଲା ନିହାରିକା ? ହଁ କେଉଁଦିନ ଆସିବ ମତେ ନିଶ୍ଚୟ ଜଣାଇବ, ମୁଁ ତୁମକୁ ଅପେକ୍ଷା କରି ରହିଥିବି। ସଂସାର ଗହଣରେ ଆମେ ଏକାଠି ହେଲେ ଆମ ସୁଖ ସଂସାରରେ ଆଞ୍ଚ ଆସିବ। ଯାହା ହେଉ ନିହାର, ନିହାରିକାକୁ ତା ଯିବା ସମ୍ବନ୍ଧରେ ଜଣାଇଦେଲା। ନିହାରିକା ସେଦିନ ତା ଅବିବାହିତ ବାନ୍ଧବୀର ଅଟାଳିକା ଚାବିକାଠିଟି ମାଗି ରଖିଥିଲା। ତା ବାନ୍ଧବିକୁ ସବୁ ଖୋଲି କହିଥିଲା। ବାନ୍ଧବି ତାର ଦରୁଆନ୍ କୁ କହିଥିଲା ମୋ ବାନ୍ଧବୀ ତା ବନ୍ଧୁ ସହ ଆସି କିଛି ସମୟ ପାଇଁ ଆମ ଘରେ ବିଶ୍ରାମ ନେବେ ତୁ ଗେଟ୍ ଖୋଲି ଦେବୁ। ତା ବନ୍ଧୁ ବାହାରୁ ଆସୁଛି। ତାଙ୍କ ଘରେ କାଳେ ଅସୁବିଧା ହେବ ବୋଲି ସେ ଆମ ଘରେ ତାର ବିଶ୍ରାମର ବ୍ୟବସ୍ଥା କରିଛି। ଯାହା ହେଉ ନିହାର ଠିକ୍ ସମୟରେ ଠିକ୍ ଜାଗାରେ ପହଞ୍ଚିଯାଇଥିଲା। ନିହାରିକା ତାଙ୍କ ଘରେ ପିଲାମାନଙ୍କୁ କହିଥିଲା ମୁଁ ଜଣେ ବାନ୍ଧବି ଘରକୁ ଯାଉଛି। ତୁମେ ସବୁ ଖାଇନବ, ବାପାଙ୍କୁ ଖାଇବାକୁ ଦବ। ହୁଏତ ମୋର ଆସିବାକୁ ରାତିଉଛୁର ହୋଇପାରେ। ଏଣୁ ମୋତେ ଖୋଜିବନି। ମୁଁ ସ୍ଫୁଟିରେ ଯାଉଛି। ସ୍ଫୁଟିରେ ଟ‘ିବି। ଯଦି ଅସୁବିଧା ହୁଏ ଟ‘ାନ୍ କରିବି। ନହେଲେ ତାଙ୍କ ଘରୁ କାହାକୁ କହି ଛାଡିଦେଇ ଯିବାକୁ କହିବି। ଏହା କହି ସେ ଠିକ୍ ଜାଗାରେ ପହଞ୍ଚିଯାଇଥିଲା। ପରେ ନିହାର କାରରେ ଓ ନିହାରିକା ସ୍ଫୁଟିରେ ବାନ୍ଧବି ଘରେ ପହଞ୍ଚି ଯାଇଥିଲେ। ଦରୱାନ ଗେଟ୍ ଖୋଲି ଦେଇଥିଲା ଓ ଦୁହେଁ ବାନ୍ଧବୀର ଅଟାଳିକା ଭିତରକୁ ଚାଲି ଆସିଥିଲେ। ସେଠାରେ ପହଞ୍ଚି ସେଦିନର ସେଇ କଲେଜ ଜୀବନର ଆପତ୍ତି ଜନକ ମୂହୂର୍ତ୍ତକୁ ମନେପକାଇ ନିବିଡତାରେ ହଜି ଯାଇଥିଲେ। ନିହାରିକା କହିଥିଲା ନିହାର ସେଦିନ ଖୋଲା ପାର୍କରେ ଆଉ ଆଗକୁ ଆମେ ଯେଉଁ ଆଗକୁ ଯାଇପାରିନଥିଲେ ତାହା ଆଜି ସମାପନ କରିବା। ଯାହା ହେଉ ସେତେବେଳକୁ ଦୁହେଁ ୩୦ ବର୍ଷ ପୂର୍ବକୁ ଟ‘ରିଆସିଥିଲେ। ସେମାନଙ୍କର ଯେ ସୁଖ ସଂସାର ଅଛି ସେ କଥା ଭୂଲି ଯାଇଥିଲେ। ସେଇ ୩୦ ବର୍ଷଁ ତଳର ଜୀବନକୁ ଖୋଜୁଥିଲେ। ଏତିକିବେଳେ ନିହାର କହିଥିଲା ନିହାରିକା ତୁମ ମନରେ ଯଦି ଏତେ କଥା ଥିଲା ସେଦିନ ମୋ ନିକଟରୁ ମୁଁହ ଟ‘ରାଉଥିଲ କାହିଁକି। ନିହାରିକା କହିଲା ଜୀବନ ଏକ ଅ ଙ୍କା ବ ଙ୍କା ନଈ। ନଈ ଯେପରି କେତେବେଳେ ସମତଳ ଶଯ୍ୟାରେ ଓ କେତେବେଳେ ବନ୍ଧୁର ସଞ୍ଚାରେ ଗତି କରେ ଠିକ୍ ସେହିପରି ଏଇ ମଣିଷ ଜୀବନ। ତା ଛଡା ମୋର ବି ତ ସୁଖ ସଂସାର ଅଛି। ତୁମର ବି ତା ସୁଖ ସଂସାର ଅଛି। ତେଣୁ ସେଥିପାଇଁ ଦୁଃଖ କରିବା କାହିଁକି। ଏଣୁ ବଞ୍ଚିଥିବା ପର୍ଯ୍ୟନ୍ତ ଆମେ ଆମ ଜୀବନକୁ ଏମିତି ବିତାଇ ଚାଲିବା।

ଶ୍ରୀକୃଷ୍ଣ ନିବାସ, କରଞ୍ଜିଆ, ମୟୂରଭଞ୍ଜ
ମୋ: ୯୪୩୭୩୩୨୦୬୭୯

୧୨ ଜିଲ୍ଲାରେ ଏବେ ବି ୫୦%ରୁ କମ୍ ଏଗ୍ରିଷ୍ଟାକ୍ ରେଜିଷ୍ଟ୍ରେସନ

ଭୁବନେଶ୍ୱର(ବ୍ୟୁରୋ): ପିଏମ୍ କିଷାନ୍‌ରେ ଲାଭ ପାଇବାର ଅଛି ତ ଏଗ୍ରିଷ୍ଟାକ୍ ପଞ୍ଜୀକରଣ କର । ଫଳରେ ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ପାଇପାରିବ । ଯଦି ନ କରିବ ତେବେ ଏହି ଯୋଜନାର ଲାଭରୁ ବଞ୍ଚିତ ହେବେ ଚାଷୀ । ସେହିପରି ପିଏମ୍ କିଷାନ୍ ଯୋଜନାରେ ମଧ୍ୟ ଚାଷୀ ପଞ୍ଜୀକରଣ କରିବା ବେଳେ ଏଗ୍ରିଷ୍ଟାକ୍ ଫାର୍ମର ଆଇଡି ବାଧତାମୂଳକ । ନଚେତ୍ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଦୁଇଟି କିସ୍ତିରେ ୪ ହଜାର ଟଙ୍କା ପାଇବାରୁ ବଞ୍ଚିତ ହେବେ । ତେଣୁ ଏଗ୍ରିଷ୍ଟାକ୍ ନକଲେ ଏହିଭଳି ବାର୍ଷିକ ୧୦ ହଜାର ଟଙ୍କା ପାଇବାରୁ ବଞ୍ଚିତ ହେବେ ଚାଷୀ ପରିବାର । ଏଭଳି ବାରମ୍ବାର ବୁଝାଇବା ସତ୍ତ୍ୱେ ବଢ଼ିପାରୁନି ଏଗ୍ରିଷ୍ଟାକ୍‌ରେ ଚାଷୀ ପଞ୍ଜୀକରଣ । ୨୦୨୫ ଜାନୁଆରୀରୁ ପଞ୍ଜୀକରଣ ଆରମ୍ଭ ହୋଇଥିଲେ ମଧ୍ୟ ସାରା ରାଜ୍ୟରେ ଏବେ ମାତ୍ର ୫୧% ଛୁଇଁପାରିଛି । ଅଗଷ୍ଟ ୩୧ ତାରିଖ ସନ୍ଧ୍ୟା ୫ଟା ୩୨ ସୁଦ୍ଧା ରାଜ୍ୟରେ ୧୨ଟି ଜିଲ୍ଲାରେ ଏଗ୍ରିଷ୍ଟାକ୍‌ରେ ଚାଷୀ ପଞ୍ଜୀକରଣ ହାର ୫୦%ରୁ ବି କମ ରହିଛି । ଭାରତ ସରକାର ଏଗ୍ରିଷ୍ଟାକ୍‌ରେ ପଞ୍ଜୀକରଣ କରିବା ପାଇଁ ଓଡ଼ିଶାକୁ ୪୪ ଲକ୍ଷ ୩୮ ହଜାର ୫୫୯ ଜଣ ଚାଷୀଙ୍କର

ଟାର୍ଗେଟ୍ ଦେଇଛନ୍ତି । ହେଲେ ସୋମବାର ସନ୍ଧ୍ୟା ୫ଟା ୩୨ ସୁଦ୍ଧା ସାରା ରାଜ୍ୟରେ ମାତ୍ର ୨୨ ଲକ୍ଷ ୬୬ ହଜାର ୮୫୯ଜଣ ପଞ୍ଜୀକରଣ କରିଛନ୍ତି । ସୋନପୁରରେ ମାତ୍ର ୨୯.୨୮% ଚାଷୀ ଏଗ୍ରିଷ୍ଟାକ୍‌ରେ ପଞ୍ଜୀକରଣ କରିଥିବା ବେଳେ ସୁନ୍ଦରଗଡ଼ରେ ୩୯.୪୫%, ବଲାଙ୍ଗିରରେ ୪୧.୭୨, କେନ୍ଦ୍ରାପଡ଼ାରେ ୪୧.୮୬, ପୁରୀରେ ୪୫.୭୮, ମୟୂରଭଞ୍ଜରେ ୪୭.୩୧, ମାଲକାନଗିରିରେ ୪୭.୮୯, ଅନୁଗୁଳରେ ୪୮.୪୭୧, ଭଦ୍ରକରେ ୪୯.୦୩, ଯାଜପୁରରେ ୪୯.୦୩, ଖୋର୍ଦ୍ଧାରେ ୪୯.୩୯ ଓ ଗଞ୍ଜାମରେ ୪୯.୬୨% ଚାଷୀ ପଞ୍ଜୀକରଣ କରିଛନ୍ତି ଯାହାକୁ ନେଇ ଚିନ୍ତାରେ ରାଜ୍ୟ ସରକାର । ତେବେ କେବଳ ଝାରସୁଗୁଡ଼ାରେ ସର୍ବାଧିକ ୮୧.୨% ଏଗ୍ରିଷ୍ଟାକରେ ପଞ୍ଜୀକରଣ କରିଥିବା ବେଳେ କଳାହାଣ୍ଡିରେ ୬୨.୬୩, କନ୍ଧମାଳରେ ୬୧.୨, ସମ୍ବଲପୁରରେ ୬୦.୬୩ ଓ ଜଗତସିଂହପୁରରେ ୬୦.୧୯% ଚାଷୀ ଏଗ୍ରିଷ୍ଟାକ୍ ପଞ୍ଜୀକରଣ କରିଛନ୍ତି । ତେବେ ଯେ ପର୍ଯ୍ୟନ୍ତ ଶେଷ ଚାଷୀ ପଞ୍ଜୀକରଣ କରିନାହାନ୍ତି, ସେ ପର୍ଯ୍ୟନ୍ତ ଏଗ୍ରିଷ୍ଟାକ୍ ପଞ୍ଜୀକରଣ ଜାରି ରହିବ ବୋଲି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି । ଏଗ୍ରିଷ୍ଟାକ୍ ସହିତ ଧାନ କିଣାର କୌଣସି ସମ୍ପର୍କ ନାହିଁ । ଏଗ୍ରିଷ୍ଟାକ୍ ପଞ୍ଜୀକରଣ କରିପାରିଲେ ସମସ୍ତ ସରକାରୀ ଯୋଜନା ହାସଲ କରିବାରେ ଅଧିକ ସହଜ ହେବ । ବିଶେଷ କରି ଏଗ୍ରିଷ୍ଟାକ କାର୍ଡ ଥିଲେ ସାର, ବିହନ, ପିଏମ କିଷାନ, ସିଏମ କିଷାନ ଭଳି ସୁବିଧା ଚାଷୀଙ୍କୁ ମିଳିବା ଅଧିକ ସହଜ ହେବ ବୋଲି ରାଜସ୍ୱ ମନ୍ତ୍ରୀ କହିଛନ୍ତି । ଉଲ୍ଲେଖଯୋଗ୍ୟ, କେନ୍ଦ୍ର ସରକାରଙ୍କ ନିର୍ଦ୍ଦେଶ ଚାଷୀଙ୍କର ଏଗ୍ରିଷ୍ଟାକ୍ ପଞ୍ଜୀକରଣ କର । ସେମାନଙ୍କ ଜମି ପଟ୍ଟା ସହିତ ଆଧାର କାର୍ଡ ସଂଯୋଗ କର । ଫଳରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସୁଫଳ ଚାଷୀମାନେ ସହଜରେ ପାଇପାରିବେ । ଚାଷୀଙ୍କ ପାଇଁ ରହୁଥିବା ବିଭିନ୍ନ ପ୍ରକାରର ସୁବିଧା ସୁଯୋଗ ଅଣଚାଷୀମାନେ ନନେବା ପାଇଁ ଏହି ବ୍ୟବସ୍ଥା ହୋଇଥିବା ବେଳେ ପ୍ରକ୍ରିୟାରେ କିନ୍ତୁ ଦେଖା ଦେଇଛି ମାନ୍ଦାବସ୍ଥା । ବିଶେଷ କରି ଭାଗଚାଷୀ ଓ କ୍ଷୁଦ୍ରଚାଷୀମାନେ ଜମି ପଟ୍ଟା ପାଉନଥିବାରୁ ଏଗ୍ରିଷ୍ଟାକ୍ ପଞ୍ଜୀକରଣ କରିପାରୁନାହାନ୍ତି । ସେଥିପାଇଁ ଏଗ୍ରିଷ୍ଟାକ୍ ପଞ୍ଜୀକରଣରେ ମାନ୍ଦାବସ୍ଥା ଦେଖା ଦେଇଛି ବୋଲି ବିଭିନ୍ନ ଚାଷୀ ସଙ୍ଗଠନ ଓ ବିରୋଧୀ ରାଜନୈତିକ ଦଳମାନେ ଅଭିଯୋଗ କରିଛନ୍ତି ।

ଭୁବନେଶ୍ୱର(ବ୍ୟୁରୋ): ସହରାଞ୍ଚଳରେ ଏବେ ଚାଷ ଜମିର କିସମ ବଦଳୁନି। ଅର୍ଥାତ ଲୋକ ଜମି କିଣି ଘର କରିବାକୁ ଚାହିଲେ ବି ଜମିର କିସମ ଘରବାଡ଼ି କରିପାରୁନଥିବାରୁ ଘର ନିର୍ମାଣ କରିବାକୁ ବ୍ୟାଙ୍କରୁ ଋଣ ମିଳୁନି। କେବଳ ଋଣ ନୁହେଁ, ଘର ନିର୍ମାଣ ପାଇଁ ବି ପ୍ଲାନ୍ ଅନୁମୋଦନ ହେଉନି। ଦୀର୍ଘଦିନ ଧରି ଏହି ସମସ୍ୟା ଲାଗି ରହିଥିବାବେଳେ ରାଜସ୍ୱ ବିଭାଗ ଏନେଇ ତତ୍ପରତା ଦେଖାଉନି। ଫଳରେ ବିଭିନ୍ନ ସହରାଞ୍ଚଳରେ ଏବେ ବେଆଇନ ନିର୍ମାଣ ବଢ଼ିବାରେ ଲାଗିଛି। ରାଜସ୍ୱ ବିଭାଗର ଜଣେ ବରିଷ୍ଠ ଅଧିକାରୀଙ୍କ କହିବାନୁଯାୟୀ, ସହରାଞ୍ଚଳରେ ଜମି କିସମ ବଦଳାଇବାଜନିତ ନିଷ୍ପତ୍ତି ଏଣିକି ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ମାଧ୍ୟମରେ ନିଆଯିବ। ଅର୍ଥାତ ଯେଉଁ ଜମିର କିସମ ବଦଳାଇବାକୁ ନଗର ଉନ୍ନୟନ ବିଭାଗ ଅଧୀନସ୍ଥ ବିଭିନ୍ନ ସଂସ୍ଥା (ଉନ୍ନୟନ କର୍ତ୍ତୃପକ୍ଷ, ପୌର ସଂସ୍ଥା) ନିଷ୍ପତ୍ତି ନେବେ ସେହି ଜମିର କିସମ ବଦଳିବ। ଏଥିପାଇଁ ରାଜସ୍ୱ ବିଭାଗ ପକ୍ଷରୁ ଏକ ଚିଠା ନିୟମ ପ୍ରସ୍ତୁତ ହୋଇଛି। ଏହାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯାଇଛି। ସେଠାରୁ ଅନୁମୋଦନ ମିଳିଲେ

ଏହାକୁ କାର୍ଯ୍ୟକାରୀ କରାଯିବ। ଉକ୍ତ ଅଧିକାରୀଙ୍କ ସୂଚନା ଅନୁଯାୟୀ, ରାଜ୍ୟରେ ଏଣିକି କେବଳ ଚାଷ ଜମିର କିସମ ବଦଳି ଘରବାଡ଼ି ହେବ। ଅର୍ଥାତ୍ ସାରଦ, ବଗାୟତ, ଚାଷ, ପତିତ, ମାଳ, ବେରଣ କିସମ ଜମିକୁ ଘରବାଡ଼ି କରାଯାଇପାରିବ। ହେଲେ ଏଥିପାଇଁ ଯିଏ ଜମି କିଣିଥିବେ ତାଙ୍କୁ ସ୍ଥାନୀୟ ପୌରସଂସ୍ଥା ବା ଉନ୍ନୟନ କର୍ତ୍ତୃପକ୍ଷଙ୍କ ନିକଟରେ ଘର କରିବାକୁ ପ୍ଲାନ୍ ମଞ୍ଜୁର ପାଇଁ ଆବେଦନ କରିବାକୁ ପଡ଼ିବ। ଏହି ପ୍ଲାନ୍ ମଞ୍ଜୁର କରିବାକୁ ଆବେଦନକାରୀଙ୍କୁ ଆବଶ୍ୟକ ଫି', ଜମି କିସମ ବଦଳାଇବା ଫି' ଆଦି ଦେବାକୁ ପଡ଼ିବ। ଯଦି କର୍ତ୍ତୃପକ୍ଷ ଏହାକୁ ମଞ୍ଜୁର କଲେ ତେବେ ଏ ନେଇ ସ୍ଥାନୀୟ ତହସିଲଦାରଙ୍କ ନିକଟକୁ ଅନଲାଇନ୍‌ରେ ଜମି କିସମ ବଦଳାଇବାକୁ ଆବେଦନପତ୍ରଟି ପଠାଯିବ। ସେ ସ୍ଥାନୀୟ ଆରଆଇଙ୍କ ମାଧ୍ୟମରେ ଏହାର ଯାଞ୍ଚ କରି କିସମ ବଦଳାଇବେ। ଏହାପରେ ଜମି କ୍ରେତା ଘରର ମଞ୍ଜୁର ହୋଇଥିବା ପ୍ଲାନ୍ ସହ ସଂଶୋଧିତ ପଟ୍ଟା ପାଇବେ। ତାଙ୍କୁ ତହସିଲ ଅଫିସ ଯିବାକୁ ପଡ଼ିବନି। ଯେଉଁକି ଜମିରେ ଘର, ବ୍ୟାବସାୟିକ କାର୍ଯ୍ୟ କରିବେ ସେତିକି ଜମିର କିସମ ବଦଳିବ। ବାକି ଜମିର କିସମ ପୂର୍ବଭଳି ରହିବ।

ଲଘୁଚାପ ପ୍ରଭାବରେ ଜାରି ରହିଛି ବର୍ଷା

ଭୁବନେଶ୍ୱର(ବ୍ୟୁରୋ) : ରାଜ୍ୟରେ ଲଘୁଚାପ ପ୍ରଭାବରେ ଜାରି ରହିଛି ବର୍ଷା । ଆଜି ମଧ୍ୟ ଅଧା ରାଜ୍ୟରେ ବର୍ଷା ହେବା ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଉତ୍ତର ଓଡ଼ିଶା ଉପରେ ରହିଛି ସ୍ପଷ୍ଟ ଚିହ୍ନିତ ଲଘୁଚାପ । ୩ ଜିଲ୍ଲାକୁ ଅରେଞ୍ଜ ଏବଂ ୮ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି । ଆଇଏମଡି ସୂଚନା ମୁତାବକ, ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଉପକୂଳ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଅଞ୍ଚଳରେ ଏକ ସ୍ପଷ୍ଟ ଚିହ୍ନିତ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି । ଏହା ଆଗାମୀ ୪୮ ଘଣ୍ଟା ମଧ୍ୟରେ ଉତ୍ତର ଓଡ଼ିଶା ଏବଂ ଝାଡ଼ଖଣ୍ଡ ଦେଇ ପଶ୍ଚିମ-ଉତ୍ତରପଶ୍ଚିମ ଦିଗକୁ ଗତି କରିବାର ସମ୍ଭାବନା ରହିଛି । ଆଜି ପାଇଁ ସୁନ୍ଦରଗଡ଼, କେନ୍ଦୁଝର ଏବଂ ମୟୂରଭଞ୍ଜ ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ଏହି ଜିଲ୍ଲାକୁ ଅରେଞ୍ଜ ୱାର୍ଣ୍ଣିଂ ଜାରି ହୋଇଛି । ସେହିପରି ବାଲେଶ୍ୱର, ଭଦ୍ରକ, ଝାରସୁଗୁଡ଼ା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ ଏବଂ ସୁବର୍ଣ୍ଣପୁର ଜିଲ୍ଲାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଏହି ଜିଲ୍ଲାପାଇଁ ୟେଲୋ ୱାର୍ଣ୍ଣିଂ ଜାରି ହୋଇଛି ।

ବେଦାନ୍ତ ଆଲୁମିନିୟମର ଉନ୍ନତ ଏଆଇ-ଭିତ୍ତିକ ସମାଧାନ ଭବିଷ୍ୟତର ଉତ୍ପାଦନ ଶିଳ୍ପକୁ ଶକ୍ତି ଯୋଗାଉଛି

ଭୁବନେଶ୍ୱର(ବ୍ୟୁରୋ): ଭାରତୀୟ ଉତ୍ପାଦନ ଶିଳ୍ପ କ୍ଷେତ୍ର ଶିଳ୍ପ ନବୀନତାର ନୂଆ ଯୁଗକୁ ଅଗ୍ରସର ହେଉଥିବାବେଳେ, ଡିଜିଟାଲ ପ୍ରଯୁକ୍ତି ସୁରକ୍ଷିତ କାର୍ଯ୍ୟପରିଚାଳନା, ଅଧିକ ଦକ୍ଷତା ଏବଂ ଦୃଢ଼ ଅପରେସନାଲ୍ ରେଜିଲିଏନ୍ସର ପ୍ରମୁଖ ସକ୍ଷମକାରୀ ଭାବେ ଉଭା ହେଉଛି । ଏହି ପରିବର୍ତ୍ତନର ପ୍ରତିଫଳନ ସ୍ୱରୂପ, ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ ନିଜର ବିଭିନ୍ନ କାର୍ଯ୍ୟକ୍ଷେତ୍ରରେ ଆର୍ଟିଫିସିଆଲ୍ ଇଂଟେଲିଜେନ୍ସ (ଏଆଇ), ଇଣ୍ଡଷ୍ଟ୍ରିଆଲ୍ ଇଂଟରନେଟ୍ ଅଫ୍ ଥିଙ୍ଗ୍ସ (ଆଇଆଇଓଟି), ଆଡଭାନ୍ସଡ୍ ଆନାଲିଟିକ୍ସ ଏବଂ ଇଂଟେଲିଜେଂଟ ସେଫ୍ଟି ସିଷ୍ଟମର ବ୍ୟବହାର କରୁଛି । ଏହା ମାଧ୍ୟମରେ କମ୍ପାନୀ ନୂତନ ପିଢ଼ିର ସଂଯୋଜିତ ମାନୁଫାକୁରିଂ ପ୍ରଣାଳୀକୁ ଆଗେଇ ନେଉଛି । ଦ୍ରୁତ ପରିବର୍ତ୍ତନଶୀଳ ବ୍ୟବସାୟିକ ପରିବେଶରେ ପ୍ରତିଯୋଗିତାମୂଳକ କ୍ଷମତା ବୃଦ୍ଧି ପାଇଁ ଉତ୍ପାଦନକାରୀମାନେ ଡିଜିଟାଲ ପ୍ରଯୁକ୍ତି ଉପରେ ଅଧିକ ନିର୍ଭର କରୁଛନ୍ତି । ପ୍ଲାଂଟ ପରିଚାଳନା, ବିପଦ ହ୍ରାସ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ଏହାର ଭୂମିକା ବୃଦ୍ଧି ପାଇଛି । କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ଅଧିକ ସ୍ପଷ୍ଟତା ଏବଂ ରିଅଲ୍-ଟାଇମରେ କାର୍ଯ୍ୟକାରୀ ତଥ୍ୟ ଯୋଗାଇ ଏହି ସମାଧାନଗୁଡ଼ିକ ଶିଳ୍ପକୁ ସୁରକ୍ଷା, ନିର୍ଭରଯୋଗ୍ୟତା ଓ ଦକ୍ଷତା ବଢ଼ାଇବାରେ ସହାୟତା କରୁଛି । ବେଦାନ୍ତ ଆଲୁମିନିୟମରେ ଏହି ଡିଜିଟାଲ ପରିବର୍ତ୍ତନ ଲଜିଷ୍ଟିକ୍ସ, ଉତ୍ପାଦନ, ସମ୍ପତି ପରିଚାଳନା ଓ କାର୍ଯ୍ୟସ୍ଥଳ ସୁରକ୍ଷା କ୍ଷେତ୍ରରେ ପ୍ରତ୍ୟକ୍ଷ ଉନ୍ନତି ଆଣୁଛି । ଛତିଶଗଡ଼ର କୋରବାସ୍ଥିତ କମ୍ପାନୀର ଆଇକନିକ୍ ସ୍ମେଲ୍ଟର ବାଲକୋରେ ଏହି ଡିଜିଟାଲ୍-ଫର୍ଷ୍ଟ ଆଭିମୁଖ୍ୟ ଲଜିଷ୍ଟିକ୍ସ ବ୍ୟବସ୍ଥାକୁ ଅଧିକ ସ୍ମାର୍ଟ ଓ ସୁଦୃଢ଼ କରିଛି । ପ୍ଲାଣ୍ଟରେ ସ୍ଥାପିତ ଚାରିଟି ଏଆଇ-ସକ୍ଷମ କଂଟ୍ରୋଲ୍ ଟାୱାର୍ରେ ଜିପିଏସ, ଆଇଓଟି-ଭିତିକ ଯାନ ଟ୍ରାକିଂ, ଯାନ ପରିଚାଳନା ପାଇଁ ଭିଡିଓ ଟେଲିମାଟିକ୍ସ, ଜିଓ-ଫେନ୍ସିଂ ଏବଂ ରିଅଲ୍-ଟାଇମ୍ ଆନାଲିଟିକ୍ସକୁ ସମନ୍ୱିତ କରାଯାଇଛି । ଏହା ମାଧ୍ୟମରେ କୋଇଲା ପରିବହନ, ପ୍ରସ୍ତୁତ ଉତ୍ପାଦର ଡେଲିଭରି ଏବଂ ଆଶ୍ ପରିଚାଳନା ଉପରେ ନଜର ରଖାଯାଉଛି । ଲାଂଜିଗଡ଼ରେ ଡିଜିଟାଲ୍ ନବସ୍ପୃଜନକୁ ବ୍ୟବହାର କରି କାର୍ଯ୍ୟସ୍ଥଳ ସୁରକ୍ଷା ସଂସ୍କୃତି ଓ କର୍ମଚାରୀଙ୍କ ପ୍ରସ୍ତୁତିକୁ ଅଧିକ ସୁଦୃଢ଼ କରାଯାଉଛି । ରିଫାଇନେରୀରେ 'ଆଲୁମିନଟି' ନାମକ ଏଆଇ-ଚାଳିତ ରୋବଟ୍ ପରିଚୟ କରାଯାଇଛି । ରିଅଲ୍-ଟାଇମ୍ ଗାଇଡାନ୍ସ, ବହୁଭାଷୀ ସହାୟତା ଏବଂ ଡିଜିଟାଲ୍ ଲର୍ଣ୍ଣିଂ ମାଧ୍ୟମରେ ଏହା ସୁରକ୍ଷା ସମ୍ପର୍କିତ ଶିକ୍ଷାକୁ ଅଧିକ ଆକର୍ଷଣୀୟ, ସହଜ ଓ ପ୍ରଭାବଶାଳୀ କରୁଛି । ଏହା ସହିତ, ହେଭି ମୋଟର ଭେହିକଲ୍ (ଏଚଏମଭି) ଡ୍ରାଇଭର ସିମ୍ୟୁଲେଟର୍ ଟ୍ରେନିଂ ମାଧ୍ୟମରେ ଚାଳକମାନଙ୍କୁ ବାସ୍ତବସମ୍ମତ ଓ ବିପଦମୁକ୍ତ ପରିବେଶରେ ପ୍ରଶିକ୍ଷଣ ଦିଆଯାଉଛି । ଏହା ଦ୍ୱାରା ବିପଦ ଚିହ୍ନଟ କ୍ଷମତା, ଜରୁରୀକାଳୀନ ପ୍ରତିକ୍ରିୟା ଏବଂ ସୁରକ୍ଷିତ ଡ୍ରାଇଭିଂ ଅଭ୍ୟାସରେ ଉନ୍ନତି ଆଣାଯାଉଛି ।

ରାଜ୍ୟସାରା ଅପମିଶ୍ରିତ, ବାସିଖାଦ୍ୟ ବିକ୍ରି ସ୍ଥାନରେ ଚାଲିଛି ଚଢ଼ଉ

ଭୁବନେଶ୍ୱର(ବ୍ୟୁରୋ): ଚକମକ୍ ରେଷ୍ଟୁରାଣ୍ଟ । ଏସି ମାର୍ବଲ ଘର । ବ୍ରାଣ୍ଡ ନାଁରେ ଥାଳିରେ ପରଷୁଥିଲେ ଜହର । ଏମିତି ଏକାଧିକ ନାମୀଦାମୀ 'ଫ୍ରୋଜେନ୍ ଫୁଡ୍'ରେ ଛାପା ମାରିଛି ଖାଦ୍ୟ ସୁରକ୍ଷା ବିଭାଗ । ରାଜଧାନୀରେ ଏକ ଦୋକାନରୁ ବାସି ମାଂସ ଜବତ ହୋଇଛି । ଜଟକରେ ମୋମୋ କାରଖାନା ସିଲ୍ ହୋଇଛି । ରାଜ୍ୟବ୍ୟାପି ଜୋରଦାର ଚଢ଼ଉ କରାଯିବା ସହ ୩ ଲକ୍ଷରୁ ଅଧିକ ଟଙ୍କା ଫାଇନ୍ ଆଦାୟ କରାଯାଇଛି । ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ବଡ଼ ଧରଣର ଚଢ଼ଉ କରାଯାଇଛି । ଭୁବନେଶ୍ୱର ମହାନଗର ନିଗମ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ ନେତୃତ୍ୱରେ ମୋଟ୍ ୩ଟି ଟିମ ଚଢ଼ଉରେ ସାମିଲ ହୋଇଥିଲେ । ଜୟଦେବବିହାର ଅଞ୍ଚଳରେ ଥିବା ଏକ ଖାଦ୍ୟ ପ୍ରତିଷ୍ଠାନରେ ଫ୍ରିଜ୍ ଖୋଲିବା ପରେ ବାହାରିଥିଲା ପ୍ରାୟ ୬ କେଜି ବାସି ଚିକେନ୍ । ଆଉ ଗୋଟିଏ ବ୍ରାଣ୍ଡେଡ୍ ଷ୍ଟୋରରେ ବାସି ପିଜା, ବର୍ଗର କିଙ୍ଗ୍, ୱାଓ ମୋମା ମିଳିଥିଲା । ସେସବୁ ନଷ୍ଟ କରିବା ସହ ନିୟମ ଭାଙ୍ଗିଥିବା ଆଉଟଲେଟକୁ କଡ଼ା ଚେତାବନୀ ଦିଆଯାଇଛି । ଜାଗମରା, ଫାୟାର ଷ୍ଟେସନ, କଳିଙ୍ଗନଗର ଆଦି ଅଞ୍ଚଳରେ

ଥିବା ଏକାଧିକ ମିଠା ଦୋକାନରେ ମଧ୍ୟ ଚଢ଼ଉ କରାଯାଇଛି । କଟକ ମହାନଗର ନିଗମ ପକ୍ଷରୁ ଏକ ମୋମୋ ପ୍ରସ୍ତୁତକାରୀ ୟୁନିଟ୍ ଉପରେ ଚଢ଼ଉ ହୋଇଥିଲା । ଏଠାରେ ଅପମିଶ୍ରିତ ଖାଦ୍ୟରେ ମୋମୋ ପ୍ରସ୍ତୁତ କରାଯାଇଥିବାରୁ ସିଲ ହୋଇଛି । ଏହା ସହ ୩୬ଟି ରେଷ୍ଟୁରାଣ୍ଟରେ ମଧ୍ୟ ଚଢ଼ଉ କରାଯାଇ ଫାଇନ୍ ଆଦାୟ କରାଯାଇଛି । ଢେଙ୍କାନାଳ ସହରର ମୁଖ୍ୟ ଚିକିତ୍ସାଳୟ ଆଖପାଖ, ମହାବୀର ବଜାର, ମୀନାବଜାର ଏବଂ ଦକ୍ଷିଣକାଳୀ ଅଞ୍ଚଳର ଏକାଧିକ ହୋଟେଲ୍‌ରେ ଯାଞ୍ଚ ବେଳେ ସାମ୍ନାକୁ ଆସିଥିଲା ବାସି ଓ ଅବଧି ସରିଥିବା ପ୍ୟାକେଟ୍ ଖାଦ୍ୟ । ସେଠାରୁ ମୋଟ୍ ୨ ଲକ୍ଷ ୧୦ ହଜାର ଟଙ୍କା ଫାଇନ୍ ଆଦାୟ ହୋଇଛି । ଏହା ସହ ୨୭ଟି ଦୋକାନରୁ ଖାଦ୍ୟ ନମୂନା ସଂଗ୍ରହ କରାଯାଇ ପରୀକ୍ଷା ପାଇଁ ପଠାଯାଇଛି । ଭଦ୍ରକରେ ବି ପ୍ରାୟ ୨୫ଟି ହୋଟେଲ୍, ମିଠା ଦୋକାନ, ପିଜା ହବ୍ ଓ ଜଳଖିଆ ଦୋକାନରେ ଚଢ଼ଉ କରିଥିଲା ଖାଦ୍ୟ ସୁରକ୍ଷା ବିଭାଗ । ବାସି ଖାଦ୍ୟ, ବାସି ମିଠା ସବୁ ନଷ୍ଟ କରାଯାଇଛି । ଅନୁଗୋଳରେ ୧୪ଟି ହୋଟେଲରେ ଚଢ଼ଉ କରାଯିବା ସହ ୧୮ ହଜାର ଟଙ୍କା ଫାଇନ୍ ଆଦାୟ କରାଯାଇଛି । ସେହିଭଳି ବାଲେଶ୍ୱର ସହରର ୧୦ରୁ ଅଧିକ ଦୋକାନରେ ଚଢ଼ଉ କରାଯାଇ ବାସି ଖାଦ୍ୟ ଜବତ କରାଯିବା ସହ ୨୭ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ଗଞ୍ଜାମରେ ୧୦ଟି ଦୋକାନରେ ଚଢ଼ଉ କରାଯିବା ସହ ୪୫ କେଜି ବାସୀ ଖାଦ୍ୟ ଜବତ ହୋଇଛି । ଏହା ସହ ୫ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି । ରାଜ୍ୟସାରା ଖାଦ୍ୟ ନାଁରେ ବିଷ ବିକ୍ରି ଚାଲିଛି । ଖାଲି ରାସ୍ତା କଡ଼ ଦୋକାନ ନୁହେଁ, ସର୍ପିଂ ମଲ, ନାମୀଦାମୀ ରେଷ୍ଟୋରାଁରେ ଏମିତି ବିଷ ଖାଦ୍ୟ ବିକ୍ରି ଚାଲିଛି । ଖାଦ୍ୟ ସୁରକ୍ଷା ବିଭାଗ କମିଶନର ପୋମା ଟୁଡୁ କହିଛନ୍ତି ଯେ, ଆଗକୁ ଆହୁରି ଜୋରଦାର ଚଢ଼ଉ କରାଯିବ । ସବୁ ଜିଲ୍ଲାରେ ଥିବା ବଡ ଖାଦ୍ୟ ଦୋକାନରେ ଚଢ଼ଉ ନିର୍ଦ୍ଦେଶ ଦିଆଯାଇଛି ।

ଓଡ଼ିଶାରେ 'ପରମାଣୁ ଶକ୍ତି' କେନ୍ଦ୍ର ପାଇଁ ଦେବଗଡ଼ ଓ ନବରଙ୍ଗପୁରକୁ ସ୍ଥିର କରିଛି ଏନ୍‌ଟିପିସି

ଭୁବନେଶ୍ୱର(ବ୍ୟୁରୋ): ଓଡ଼ିଶାରେ ପରମାଣୁ ଶକ୍ତି ପ୍ରକଳ୍ପ ପାଇଁ ସରକାର ଓ ବୃହତ୍ ଶିଳ୍ପସଂସ୍ଥା ଜମି ଖୋଜୁଛନ୍ତି। ଏଥିପାଇଁ ଦୁଇଟି ସ୍ଥାନରେ ପ୍ରାଥମିକ ପର୍ଯ୍ୟାୟରେ ଜମି ଖୋଜାଚାଲିଛି। ଏନ୍‌ଟିପିସି ପକ୍ଷରୁ ଦେବଗଡ଼ ଓ ନବରଙ୍ଗପୁରରେ ପରମାଣୁ ଶକ୍ତି ପ୍ରକଳ୍ପ ଲାଗି ଅନୁଧ୍ୟାନ କରାଯାଉଛି ବୋଲି ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ(ଏସିଏସ୍) ବିଶାଳ ଦେବ କହିଛନ୍ତି। ଲୋକସେବା ଭବନରେ ମଙ୍ଗଳବାର ଇଣ୍ଡିଆନ୍ ଗ୍ରୀନ୍ ବିଲ୍ଡିଂ କାଉନ୍ସିଲ(ଆଇଜିବିସି) ସାର୍ଟିଫିକେଶନ ଓ ମିଡିଆ ଇଣ୍ଟରଆକ୍ସନ ଅବସରରେ ଖବରଦାତାଙ୍କ ପ୍ରଶ୍ନର ଉତ୍ତରରେ ଏସିଏସ୍ ଦେବ କହିଛନ୍ତି, ପରମାଣୁ ଶକ୍ତି ପ୍ରକଳ୍ପ ପାଇଁ ପୂର୍ବରୁ ୪ଟି ସ୍ଥାନ ଚିହ୍ନଟ ହୋଇଥିଲା, ସେଥିରୁ ଦୁଇଟି ପ୍ରାଥମିକ ଅନୁଧ୍ୟାନ ବେଳେ ଉପଯୁକ୍ତ ନ ଥିବା ଜଣାପଡ଼ିଥିଲା। ଏନ୍‌ଟିପିସି ଓ ଏନ୍‌ପିସିଆଇଏଲ୍ ମିଳିତ ଭାବେ ଓଡ଼ିଶାରେ ୩,୨୦୦ ମେଗାୱାଟ୍‌ର ପରମାଣୁ ଶକ୍ତି ପ୍ରକଳ୍ପ ପାଇଁ ପ୍ରସ୍ତାବ ରଖିଛନ୍ତି। ତେବେ ପରମାଣୁ ପ୍ରକଳ୍ପରେ ସୁରକ୍ଷା ଓ ପରିବେଶ ସୁରକ୍ଷା

ମୋଦୀ କ୍ୟାବିନେଟ୍‌ରେ ବଡ଼ ଅଦଳବଦଳ ନେଇ ପ୍ରସ୍ତୁତି

- ଅଶ୍ୱିନୀ ବୈଷ୍ଣବଙ୍କୁ ମିଳିପାରେ ଟପ୍ ୫ ମନ୍ତ୍ରୀପଦ
- ମନ୍ତ୍ରୀମଣ୍ଡଳରୁ ବିଦାହେବେ ଅଭିଜ୍ଞ ନେତା



ନୂଆଦିଲ୍ଲୀ,୨।୯: ନୂତନ ବିଜେପି ସାଂଗଠନିକ ଦଳ ଗଠନ ପରେ, ମୋଦୀ ସରକାରରେ କ୍ୟାବିନେଟ୍ ବିସ୍ତାର ଏବଂ ପୁନର୍ଗଠନ ବିଷୟରେ ଆଲୋଚନା ଜୋର ଧରିଛି। ସାଂଗଠନିକ ପରିବର୍ତ୍ତନ ପରେ, ଏକ ବଡ଼ କ୍ୟାବିନେଟ୍ ଅଦଳବଦଳ ବିଷୟରେ କଳ୍ପନାଜଳ୍ପନା ବି ଚାଲିଛି । ମନ୍ତ୍ରିମଣ୍ଡଳରୁ ଅନେକ ଅଭିଜ୍ଞ ନେତାଙ୍କୁ ବାହାର କରାଯାଇ ୧୬ ରୁ ୧୭ ଯୁବ ଏବଂ ନୂତନ ମୁହଁକୁ ସାମିଲ କରାଯାଇପାରେ। ମୋଦି କ୍ୟାବିନେଟ୍ ପୁନର୍ଗଠନରେ ୨୦୨୭ ବିଧାନସଭା ନିର୍ବାଚନ ଏବଂ ୨୦୨୯ ଲୋକସଭା ନିର୍ବାଚନକୁ ଧ୍ୟାନରେ ରଖାଯାଇପାରେ। ମନ୍ତ୍ରିମଣ୍ଡଳ ବିସ୍ତାରରେ କେଉଁ ନୂଆ ମୁହଁ ଆସିବେ ଏବଂ କିଏ ଯିବେ ସେ ବିଷୟରେ ରାଜନୈତିକ ମହଲ ଏବଂ ବିଜେପି କରିଡରରେ କ'ଣ ଆଲୋଚନା ହେଉଛି, ଆସନ୍ତୁ ଜାଣିବା। ସୂତ୍ର ଅନୁସାରେ ମନ୍ତ୍ରୀମାନଙ୍କ ଭବିଷ୍ୟତ ପାଇଁ କାର୍ଯ୍ୟଦକ୍ଷତା ମାର୍ଗଦର୍ଶକ ହେବ। ପ୍ରଧାନମନ୍ତ୍ରୀ ମୋଦୀ ନିକଟରେ ଏକ କ୍ୟାବିନେଟ ବୈଠକରେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ମନ୍ତ୍ରୀମାନେ କେବଳ ସେମାନଙ୍କ କାର୍ଯ୍ୟାଳୟରେ ସୀମିତ ରହିବା ଉଚିତ୍ ନୁହେଁ, ବରଂ ଗ୍ରାଉଣ୍ଡକୁ ଯାଇ ଜନ ସାଧାରଣଙ୍କ ସହ ଯୋଡ଼ି ହେବା ଉଚିତ୍। କ୍ୟାବିନେଟ୍ ବିସ୍ତାରରେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଭାବରେ ଅନେକ ନୂତନ ମୁହଁ ଦେଖାଯାଇପାରେ। ବିଜେପି ସହଯୋଗୀଙ୍କୁ ମଧ୍ୟ କ୍ୟାବିନେଟରେ ସାମିଲ କରାଯାଇପାରେ। ମୋଦି କ୍ୟାବିନେଟର ଶ୍ରେଷ୍ଠ ପାଞ୍ଚଟି ମନ୍ତ୍ରଣାଳୟ ମଧ୍ୟରୁ ଗୋଟିଏ ମଧ୍ୟରେ ମଧ୍ୟ ପରିବର୍ତ୍ତନ ଦେଖାଯାଇପାରେ। ଏହା କାମ ଖରାପ ଥିବାରୁ ନୁହେଁ, ବରଂ ଅନ୍ୟ କାହାକୁ ସୁଯୋଗ ଦେବା ପାଇଁ ହୋଇପାରେ। କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କୁ ଟପ୍ ପାଞ୍ଚ ମନ୍ତ୍ରୀଙ୍କ ମଧ୍ୟରେ ସାମିଲ କରାଯାଇପାରେ ବୋଲି ଆଲୋଚନା ହେଉଛି। ତାଙ୍କ ପାଖରେ ତିନୋଟି ପ୍ରମୁଖ ବିଭାଗ ରେଳ, ସୂଚନା ଏବଂ ପ୍ରସାରଣ, ଏବଂ ଆଇଟି ରହିଛି। ତାଙ୍କ କାର୍ଯ୍ୟଦକ୍ଷତା ପ୍ରତି ସକାରାତ୍ମକ ପ୍ରତିକ୍ରିୟା ମିଳୁଛି ଏବଂ ତାଙ୍କୁ ଅଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ଦିଆଯାଇପାରେ ବୋଲି ବିଶ୍ୱାସ କରାଯାଉଛି। ନୀତିନ ଗଡକରୀଙ୍କୁ ନେଇ ରାଜନୈତିକ ମହଲରେ ମଧ୍ୟ ଆଲୋଚନା ହେଉଛି। କୁହାଯାଉଛି ଯେ ତାଙ୍କ ମନ୍ତ୍ରିମଣ୍ଡଳରେ ଅଦଳବଦଳ ସମ୍ଭବ। ନିକଟରେ ଗଡକରୀ ଯୁବପିଢ଼ିଙ୍କୁ ଆଗକୁ ଆଣିବା କଥା କହିଥିଲେ, ଯାହା ସୂଚିତ କରେ ଯେ ତାଙ୍କ ମନ୍ତ୍ରିମଣ୍ଡଳ ଅନ୍ୟ କାହାକୁ ଦିଆଯାଇପାରେ। ତଥାପି, ତାଙ୍କର ଶାନ୍ତ ଏବଂ ସନ୍ତୁଳିତ ବୟାନ ମଧ୍ୟ ସୂଚାଇ ଦେଉଛି ଯେ, ସେ ଇସ୍ତଫା ଦେବା ବିଷୟରେ କହୁନାହାଁନ୍ତି। ପ୍ରହ୍ଲାଦ ଯୋଶୀଙ୍କୁ ଶିକ୍ଷା ମନ୍ତ୍ରଣାଳୟର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏହି ମନ୍ତ୍ରଣାଳୟ ସିଧାସଳଖ ଜେନ-ଜେଡ ଏବଂ ଯୁବପିଢ଼ି ସହିତ ଜଡିତ। ତେଣୁ, ଏଠାରେ ମଧ୍ୟ ସ୍ଥାୟୀ ପରିବର୍ତ୍ତନ ଘଟିବ ବୋଲି ବିଶ୍ୱାସ କରାଯାଉଛି। ଅନେକ ମନ୍ତ୍ରୀ ୩ କିମ୍ବା ୪ ମନ୍ତ୍ରଣାଳୟ ରଖିଛନ୍ତି। ଏହି ବିଭାଗ ଗୁଡ଼ିକ ମଧ୍ୟରୁ କିଛି ନୂତନ ମୁହଁଙ୍କୁ ଦିଆଯାଇପାରେ। ବର୍ତ୍ତମାନ, ମୋଦି କ୍ୟାବିନେଟରେ ୬୯ ଜଣ ମନ୍ତ୍ରୀ ଅଛନ୍ତି, ଯେତେବେଳେ କି ଏହା ସର୍ବାଧିକ ସଂଖ୍ୟା ୮୧ ହୋଇପାରେ। ଏହାର ଅର୍ଥ ହେଉଛି ୧୨ ଟି ପଦବୀ ଖାଲି ଅଛି।

ନେପାଳ ଜଳପ୍ରଳୟକୁ ବିତିଲା ୮ ଦିନ

- ମୃତ୍ୟୁସଂଖ୍ୟା ୧୧ଶହ ଟପିଲା
- ସାଢ଼େ ୪ ହଜାରରୁ ଅଧିକ ନିଖୋଜ
- ମାଟିତଳୁ ବାହାରୁଛି କୁଢ଼ କୁଢ଼ ଶବ
- ଡ୍ରୋନ୍ ଆଉ ସ୍ନିଫର ଡଗ୍ ସାହାଯ୍ୟରେ ସର୍ଚ୍ଚ ଅପରେସନ

କାଠମାଣ୍ଡୁ,୨।୯: ନେପାଳ ପ୍ରଳୟକୁ ଆଠ ଦିନ ବିତିଲାଣି । ସମୟ ଯେତିକି ଗଡୁଛି, ଆଶଙ୍କା ସେତିକି ବଢୁଛି । ମୃତ୍ୟୁସଂଖ୍ୟା ପ୍ରାୟ ୧୧ଶହ ଟପିଲାଣି। ଧ୍ୱଂସାବଶେଷ ତଳୁ ଖୋଜାଚାଲିଛି ଜୀବନର ସନ୍ଧାନ । ଭଗ୍ନାବଶେଷ ମଧ୍ୟରୁ ଲୋକଙ୍କୁ ଉଦ୍ଧାର କରାଯାଉଛି । ଅଗଷ୍ଟ ୨୬ ତାରିଖରେ ଭୀଷଣ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ନେପାଳରେ ବ୍ୟାପକ କ୍ଷୟକ୍ଷତି ଘଟିଥିଲା । ଏବେ ବି ହଜାର ହଜାର ଲୋକଙ୍କ ମିଳୁନି ପତ୍ତା। ଟନେଲରେ ଫସିରହିଛନ୍ତି ଶହ ଶହ ଲୋକ। ଧ୍ୱଂସସ୍ତୂପ, ନଦୀକୂଳ, ଦୁର୍ଗମ ଗାଁଠୁ ଆରମ୍ଭ କରି ଜଳବିଦ୍ୟୁତ୍ ପ୍ରକଳ୍ପର ଟନେଲ୍ ପର୍ଯ୍ୟନ୍ତ ଚାଲିଛି ସନ୍ଧାନ ଓ ଉଦ୍ଧାର ଅଭିଯାନ। ହେଲିକପ୍ଟର, ଡ୍ରୋନ୍ ଆଉ ସ୍ନିଫର ଡଗ ସାହାଯ୍ୟରେ ଚାଲିଛି ସର୍ଚ୍ଚ ଅପରେସନ । ୨୬ ତାରିଖରେ ନେପାଳ-ତିବ୍ବତ ସୀମା ନିକଟରେ ବିଶାଳ ବରଫ ଓ ପଥର ଖଣ୍ଡ ଖସିବା ପରେ ହଠାତ୍ ପ୍ରବଳ ଜଳସ୍ରୋତ ଓ ମାଟି ଓ ପଥରର ସୁଅ ମାଡ଼ି ଆସିଥିଲା । ଭୋଟେକୋଶୀ ଓ ତ୍ରିଶୂଳୀ ନଦୀ ଦେଇ ତଳମୁଣ୍ଡକୁ ମାଡ଼ିଯାଇ ରସୁୱା, ନୁୱାକୋଟ, ଧାଦିଙ୍ଗ, ଗୋର୍ଖା, ତନହୁଁ, ନୱଲପରାସୀ ଓ ଚିତୱନ ସମେତ ବିସ୍ତୀର୍ଣ୍ଣ ଅଞ୍ଚଳରେ ଭୟଙ୍କର କ୍ଷୟକ୍ଷତି ହୋଇଥିଲା । ପ୍ରଳୟଙ୍କାରୀ ବନ୍ୟାରେ ଏପର୍ଯ୍ୟନ୍ତ ମୃତ୍ୟୁସଂଖ୍ୟା ୧୧ଶହ ଟପିଲାଣି। ପ୍ରାୟ ୪ ହଜାରରୁ ଅଧିକ ଲୋକ ଏବେ ବି ନିଖୋଜ ଅଛନ୍ତି । ରେସକ୍ୟୁ ଅପରେସନକୁ ଜୋରଦାର କରାଯାଇଛି। ଏ ପର୍ଯ୍ୟନ୍ତ ୧୦ ହଜାରରୁ ଅଧିକ ଲୋକଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ଉଦ୍ଧାରକାରୀଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହୋଇଛି ଖରାପ ପାଗ ଓ ଭାଙ୍ଗି ଯାଇଥିବା ରାସ୍ତା ଓ ସେତୁ। ଅତିକମରେ ୧୯ଟି ସେତୁ ଧ୍ୱଂସ ହୋଇଥିବା ବେଳେ ଅନେକ ପ୍ରମୁଖ ରାଜପଥ ବିଚ୍ଛିନ୍ନ ହୋଇଛି । ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଜୀବନ ବଞ୍ଚାଇବାକୁ ସଂଗ୍ରାମ ଚାଲିଛି । ଭାରତ ସମେତ ଚୀନ, ବ୍ରିଟେନ, କାନାଡା, ଆମେରିକା, ଅଷ୍ଟ୍ରେଲିଆ, ଦକ୍ଷିଣ କୋରିଆ ଓ ସିଙ୍ଗାପୁର ଭଳି ଦେଶ ଉଦ୍ଧାରକାରୀ ଦଳ, ଯନ୍ତ୍ରପାତି ଓ ଆର୍ଥିକ ସହାୟତା ପଠାଇଛନ୍ତି। ଏସବୁ ଭିତରେ କିଛି ନଦୀର ଜଳସ୍ତର ବଢ଼ିବାକୁ ୭ ଜିଲ୍ଲାକୁ ବନ୍ୟା ଆଲର୍ଟ ଜାରି ହୋଇଛି ।

ବିଚାରପତିଙ୍କ ଅବସର ବୟସ ବୃଦ୍ଧିକୁ ବିରୋଧ

ନୂଆଦିଲ୍ଲୀ,୨।୯: ଜିଲ୍ଲା କୋର୍ଟ ବିଚାରପତିଙ୍କ ଅବସର ବୟସ ବୃଦ୍ଧି ପ୍ରସଙ୍ଗ ଏବେ ସୁପ୍ରିମକୋର୍ଟରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ରେ ପହଞ୍ଚିଛି। ଅନେକ ରାଜ୍ୟ ସୁପ୍ରିମକୋର୍ଟଙ୍କ ଏହି ରାୟକୁ ସମର୍ଥନ କରୁଥିବା ବେଳେ କିଛି ଏହାକୁ ବିରୋଧ କରୁଛନ୍ତି। ଅନ୍ୟ ରାଜ୍ୟ ଏବେ ବି ଏହି ପ୍ରସଙ୍ଗ ଉପରେ ବିଚାର କରୁଛନ୍ତି। ଜିଲ୍ଲା ବିଚାରପତିଙ୍କ କ୍ଷେତ୍ରରେ, ସୁପ୍ରିମକୋର୍ଟ ଚାହାଁନ୍ତି ଯେ ସେମାନଙ୍କର ଅବସର ବୟସ ୧ ରୁ ୨ ବର୍ଷ ବୃଦ୍ଧି କରାଯାଉ। କାରଣ କୋର୍ଟଙ୍କ ମତରେ ଜିଲ୍ଲା ବିଚାରପତିମାନେ ଅନ୍ୟ ସରକାରୀ କର୍ମଚାରୀଙ୍କ ତୁଳନାରେ ବିଳମ୍ବରେ ସେମାନଙ୍କ ପଦବୀରେ କାର୍ଯ୍ୟ କରନ୍ତି। ତେଣୁ ସେ ଏହି ନିଷ୍ପତ୍ତି ସପକ୍ଷରେ ଅଛନ୍ତି। ତେବେ ଏହି ମାମଲାରେ ଏବେ ନିଷ୍ପତ୍ତି କିଛି ସ୍ପଷ୍ଟ ହୋଇନି। ଏହି ପୁରା ମାମଲାର ଆଉ ଏକ ବଡ କାରଣ ହେଉଛି ଦେଶର କୋର୍ଟରେ ବିଚାରପତିଙ୍କ ଅଭାବ। ବରିଷ୍ଠ ଆଇନଜୀବି ସିଦ୍ଧାର୍ଥ ଭଟ୍ଟନାଗର ରାଜ୍ୟସଭାରେ ଦେଇଥିବା ପ୍ରଶ୍ନର ଉତ୍ତରରେ କହିଛନ୍ତି, ଜିଲ୍ଲା ଜଜ୍ ପଦ ଭାରି ମାତ୍ରାରେ ଖାଲି ହେବା କାରଣରୁ ଅବସର ପରେ ବହୁ ବିଚାରପତିଙ୍କୁ ପୁଣିଥରେ ଫେରାଇ ଆରିବାରେ ସମସ୍ୟା ସୃଷ୍ଟି ହୁଏ। ଏହି ସବୁ କଥାକୁ ଧ୍ୟାନରେ ରଖି ଓ ବାକି ଦିଗକୁ ଦେଖି ସୁପ୍ରିମକୋର୍ଟ ଏହି ମାମଲାକୁ ନେଇ ସକାରାତ୍ମକ ଦିଗରେ ରହିଛନ୍ତି। ଏବେ ଅଲଗା ଅଲଗା ସ୍ଥାନରେ ସ୍ଥିତି ଅଲଗା ରହିଛି, କିନ୍ତୁ ସୁପ୍ରିମକୋର୍ଟ ଏହି ବୟସ ସୀମାକୁ ବଢାଇବାର ପକ୍ଷରେ ରହିଛନ୍ତି।

ଜିତେନ୍ଦ୍ର ମିଶ୍ରା ରାମ ମନ୍ଦିରର ନୂଆ ସିଇଓ

ନୂଆଦିଲ୍ଲୀ,୨।୯: ଅଯୋଧ୍ୟା ରାମ ମନ୍ଦିର ଟ୍ରଷ୍ଟର ନୂଆ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (CEO)ଙ୍କ ହେବେ ଅବସରପ୍ରାପ୍ତ ଏୟାର ମାର୍ଶଲ ଜିତେନ୍ଦ୍ର ମିଶ୍ରା। ଏହି ପଦ ପାଇଁ ୫୦୦୦ ରୁ ଅଧିକ ଆବେଦନ କରିଥିବା ବେଳେ ଶେଷରେ ତାଙ୍କୁ ଚୟନ କରାଯାଇଛି। ଆଜି ତାଙ୍କ ନାଁ ବିଧିବଦ୍ଧ ଭାବେ ଘୋଷଣା କରାଯିବାର କାର୍ଯ୍ୟକ୍ରମ ରହିଛି। ଭାରତୀୟ ବାୟୁ ସେନାରେ ସେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିଛନ୍ତି। ଅପରେସନ ସିନ୍ଦୂର ବେଳେ ସେ ଓ୍ୱେଷ୍ଟର୍ନ କମାଣ୍ଡ ପଦବୀରେ ଥିଲେ। ସେ ଏବେ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନେବାକୁ ଯାଉଛନ୍ତି। ରାମ ମନ୍ଦିରର ପରିଚାଳନା ଭାର ତାଙ୍କ ଉପରେ ନ୍ୟସ୍ତ ହେବ। ନିକଟରେ ଅଯୋଧ୍ୟା ରାମ ମନ୍ଦିରର ଦାନ ଅର୍ଥ ଚୋରି ପ୍ରସଙ୍ଗ ଉତ୍ତର ପ୍ରଦେଶ ତଥା ଦେଶର ରାଜନୀତିକ ପାଣିପାଗକୁ ବେଶ୍ ସରଗମ କରିଥିବା ବେଳେ ଏଭଳି ଏକ ସ୍ଥିତିରେ ଜିତେନ୍ଦ୍ର ମିଶ୍ରା ଏହାର ସିଇଓ ଭାବେ ଦାୟିତ୍ୱ ନେବାକୁ ଯାଉଛନ୍ତି। ଦାନ ଗଣତି ସହ ଜଡ଼ିତ ପ୍ରାୟ ଆଠ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ଏହି ବିବାଦ ପରେ ଟ୍ରଷ୍ଟର ସାଧାରଣ ସମ୍ପାଦକ ଚମ୍ପତ ରାୟ ମଧ୍ୟ ଇସ୍ତଫା ଦେଇଛନ୍ତି। ତେବେ ଚୋରି ଘଟଣାରେ ତଦନ୍ତ କମିଟି ତାଙ୍କୁ କ୍ଲିନ୍ ଚିଟ୍ ଦେଇଛି। ଜିତେନ୍ଦ୍ର ମିଶ୍ରା ମିଶ୍ର ୧୯୮୬ ମସିହା ଡିସେମ୍ବର ମାସରେ ଭାରତୀୟ ବାୟୁସେନାରେ ଜଣେ ଫାଇଟର ପାଇଲଟ୍ ଭାବରେ ନିଯୁକ୍ତ ହୋଇଥିଲେ। ସେ ୩୮ ବର୍ଷରୁ ଅଧିକ ସମୟ ସେବା ପ୍ରଦାନ କରିବା ପରେ ୨୦୨୬ ମେ'ରେ ଭାରତୀୟ ବାୟୁସେନାରୁ ଅବସର ନେଇଥିଲେ।

ସାଂଘାଇ ସହଯୋଗ ସଂଗଠନ ମଞ୍ଚ

୩ ଶକ୍ତିଶାଳୀ ଦେଶ ତାଲିକାରେ ଭାରତ

ନୂଆଦିଲ୍ଲୀ,୨।୯: ସାଂଘାଇ ସହଯୋଗ ସଂଗଠନର ମଞ୍ଚରେ ଭାରତକୁ ନେଇ ବଡ଼ ବୟାନ ଦେଇଛନ୍ତି ବେଲାରୁସ ରାଷ୍ଟ୍ରପତି ଏଲେକ୍ସାଣ୍ଡର ଲୁକାଶେଙ୍କୋ। ତାଙ୍କ ଭାଷଣରେ ସେ ଭାରତକୁ ବିଶ୍ୱର ଶକ୍ତିଶାଳୀ ଦେଶଗୁଡ଼ିକ ମଧ୍ୟରେ ସାମିଲ କରିଛନ୍ତି। ତାଙ୍କ ଏହି ବୟାନ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। କିର୍ଗିଜସ୍ତାନର ରାଜଧାନୀ ବିଶକେକ୍‌ରେ ଆୟୋଜିତ ଏସସିଓ ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଯୋଗ ଦେଇଛନ୍ତି। ଲୁକାଶେଙ୍କୋ କହିଛନ୍ତି ଯେ, ଦେଶଗୁଡ଼ିକ କେତେ ସମାନ ତାହା ନେଇ ତର୍କ କରିବାର କିଛି ଆବଶ୍ୟକତା ନାହିଁ। ତାଙ୍କ ମତରେ ଚାଇନା, ରୁଷିଆ ଓ ଭାରତଏହି ତିନି ଦେଶ ବିଶ୍ୱର ଶକ୍ତିଶାଳୀ ରାଷ୍ଟ୍ର। ସେ ଆହୁରି କହିଛନ୍ତି ଯେ ଏହି ତିନୋଟି ଦେଶ ଆର୍ଥିକ ଭାବେ ଶକ୍ତିଶାଳୀ ହେବା ସହ ପରମାଣୁ ଶକ୍ତିର ଅଧିକାରୀ। ତେବେ ତାଙ୍କ ଏହି ତାଲିକାରେ ଆମେରିକାର ନାମ ନଥିବା ମଧ୍ୟ ଚର୍ଚ୍ଚା ସୃଷ୍ଟି କରିଛି। ଏସସିଓ ସମ୍ମିଳନୀରେ ସଦସ୍ୟ ଦେଶଗୁଡ଼ିକ ଆତଙ୍କବାଦ ବିରୋଧୀ ଲଢ଼େଇରେ ଦୋହରା ମାନଦଣ୍ଡକୁ ଅସ୍ୱୀକାର୍ଯ୍ୟ ବୋଲି କହିଛନ୍ତି। ଏନେଇ ସଦସ୍ୟ ଦେଶଗୁଡ଼ିକ ମଧ୍ୟରେ ଏକମତ ଦେଖିବାକୁ ମିଳିଛି। ଏକ ମିଳିତ ବୟାନରେ ଏସସିଓ ସଦସ୍ୟ ଦେଶଗୁଡ଼ିକ ପଶ୍ଚିମ ଏସିଆର ସାମ୍ପ୍ରତିକ ଘଟଣାକ୍ରମକୁ ନେଇ ଗଭୀର ଚିନ୍ତା ପ୍ରକାଶ କରିଛନ୍ତି। ଏହା ସହ ଇରାନ ଉପରେ ଆମେରିକାର ଆକ୍ରମଣକୁ ନିନ୍ଦା କରାଯାଇଛି। ଏହି ମିଳିତ ବୟାନକୁ 'ବିଶକେକ୍ ଘୋଷଣାପତ୍ର' ନାମ ଦିଆଯାଇଛି। ଏସସିଓରେ ରୁଷିଆ, ଚାଇନା, ଭାରତ, ପାକିସ୍ତାନ, ଇରାନ, ବେଲାରୁସ, ଉଜବେକିସ୍ତାନ, କାଜାଖସ୍ତାନ, ତାଜିକିସ୍ତାନ ଓ କିର୍ଗିଜସ୍ତାନ ସାମିଲ ଅଛନ୍ତି।

ଚୁଟ୍‌କୀରେ...

ଚାଷୀ ଓ ଶିକ୍ଷକଙ୍କ ବିରୋଧରେ ରୁଜୁ ମାମଲା ହେବ ପ୍ରତ୍ୟାହାର

ନୂଆଦିଲ୍ଲୀ,୨।୯: ବଡ଼ ଘୋଷଣା କରିଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ। ଡିଏମକେ ସରକାର ସମୟରେ ବିକ୍ଷୋଭକାରୀ ଚାଷୀ ଓ ଶିକ୍ଷକଙ୍କ ବିରୋଧରେ ରୁଜୁ ହୋଇଥିବା ସମସ୍ତ ମାମଲାକୁ ପ୍ରତ୍ୟାହାର କରିବେ ବିଜୟ ସରକାର। ଗଣତାନ୍ତ୍ରିକ ଉପାୟରେ ଆନ୍ଦୋଳନ କରୁଥିବା ଚାଷୀ ଓ ଶିକ୍ଷକଙ୍କ ସହ ପୂର୍ବତନ ଏମକେ ଷ୍ଟାଲିନଙ୍କ ନେତୃତ୍ୱାଧୀନ ସରକାର ଅମାନବୀୟ ବ୍ୟବହାର କରିଥିଲା ବୋଲି ମଧ୍ୟ ବିଜୟ ଅଭିଯୋଗ କରିଛନ୍ତି। ତାମିଲନାଡୁ ବିଧାନସଭାକୁ ସମ୍ବୋଧନ କରିବା ବେଳେ ବିଜୟ କହିଛନ୍ତି ଯେ ୨୦୨୧ ମେ' ମାସରୁ ୨୦୨୬ ମଧ୍ୟରେ ବିକ୍ଷୋଭ କରିଥିବା ଚାଷୀ ଓ ଶିକ୍ଷକଙ୍କ ବିରୋଧରେ ଅନେକ ମାମଲା କରାଯାଇଥିଲା। ମାମଲା ପଡ଼ି ରହିଥିବାରୁ ସେମାନଙ୍କ ମଧ୍ୟରୁ ଅନେକ ସମ୍ଭବତଃ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହି ସରକାର (ଟିଭିକେ) ଚାଷୀ ଓ ଶିକ୍ଷକଙ୍କ ସହ ରହିବ। ସେମାନଙ୍କ ଦାବିକୁ ସମର୍ଥନ କରିବ। ମାମଲା ପ୍ରତ୍ୟାହାର ନିଷ୍ପତ୍ତି ଗଣତାନ୍ତ୍ରିକ ଅଧିକାରକୁ ଆହୁରି ମଜବୁତ କରିବ। ଏଥିସହ ସାଧାରଣ ଲୋକ ଓ ସରକାରଙ୍କ ମଧ୍ୟରେ ବିଶ୍ୱାସକୁ ବୃଦ୍ଧି କରିବ ବୋଲି ସେ କହିଛନ୍ତି। ଚାଷୀଙ୍କୁ ରାଜ୍ୟର ମେରୁଦଣ୍ଡ ଭାବେ ବର୍ଣ୍ଣନା କରି ବିଜୟ କହିଛନ୍ତି ଯେ ଏସଆଇପିସିଓଟି ଶିଳ୍ପାଞ୍ଚଳ ବିକାଶ ଓ ପ୍ରସ୍ତାବିତ ପାରାନ୍ଦୁର ଏୟାରପୋର୍ଟକୁ ବିରୋଧ କରୁଥିବାରୁ ସେମାନଙ୍କ ବିରୋଧରେ ମାମଲା ହୋଇଥିଲା। ବିକ୍ଷୋଭ ବେଳେ ଚାଷୀଙ୍କ ବିରୋଧରେ ହୋଇଥିବା ମାମଲା ଏବେ ବି ପଡ଼ି ରହିଛି। ଏପରି କି ଶିକ୍ଷକ ଶିକ୍ଷୟିତ୍ରୀମାନେ ଗଣତାନ୍ତ୍ରିକ ଉପାୟରେ ବିକ୍ଷୋଭ କରୁଥିଲେ ସେମାନଙ୍କ ବିରୋଧରେ ମାମଲା ହୋଇଥିଲା।

ଇବୋଲା ମୃତ୍ୟୁସଂଖ୍ୟା ୩୦୦୦ ପାର୍

ବ୍ରାଜାଭିଲ୍ଲେ,୨।୯: କଙ୍ଗୋ ଗଣରାଜ୍ୟରେ ଇବୋଲା ଯୋଗୁ ୩୦୦୦ ରୁ ଅଧିକ ଲୋକଙ୍କର ମୃତ୍ୟୁ ହୋଇଛି। ଦେଶର ସବୁଠାରୁ ଭୟଙ୍କର ମହାମାରୀକୁ ନିୟନ୍ତ୍ରଣ କରିବା ପାଇଁ କର୍ତ୍ତୃପକ୍ଷ ସଂଘର୍ଷ କରୁଥିବା ବେଳେ ଇ?ବୋଲା ମାମଲା ସଂଖ୍ୟା ୬୧୦୦ ଅତିକ୍ରମ କରିଛି। କଙ୍ଗୋ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ସଦ୍ୟତମ ତଥ୍ୟ ଅନୁଯାୟୀ, ମେ ୧୫ ତାରିଖରେ ଇତୁରି ପ୍ରଦେଶରେ ଇବୋଲା ବ୍ୟାପିବା ଘୋଷଣା ହେବା ପରଠାରୁ ଏପର୍ଯ୍ୟନ୍ତ ୬,୧୮୬ ମାମଲା ଓ ୩୦୦୭ ଜଣଙ୍କର ମୃତ୍ୟୁ ରେକର୍ଡ କରାଯାଇଛି। କିଛି ସ୍ୱାସ୍ଥ୍ୟ ଅଧିକାରୀ ଓ ବିଶେଷଜ୍ଞ ବିଶ୍ୱାସ କରନ୍ତି ଯେ, ଇବୋଲା ପ୍ରକୋପ ଜାନୁଆରି ମାସରୁ ଆରମ୍ଭ ହୋଇଥାଇପାରେ। ବିରଳ ବୁଣ୍ଡିବୁଗୟୋ ପ୍ରଜାତି ଦ୍ୱାରା ବୃଦ୍ଧି ପାଇଥିବା ଇବୋଲା ପ୍ରକୋପ ୨୦୧୮-୨୦୨୦ ମହାମାରୀକୁ ଅତିକ୍ରମ କରିବା ପରେ କଙ୍ଗୋର ଇତିହାସରେ ସବୁଠାରୁ ବଡ଼ ଓ ଘାତକ ହୋଇଛି। ଇବୋଲା ଛଅଟି ପ୍ରଦେଶକୁ ବ୍ୟାପିସାରିଛି ଓ ଏହା ଏପର୍ଯ୍ୟନ୍ତ ସବୁଠାରୁ ଦ୍ରୁତତମ ବୃଦ୍ଧି ପାଉଥିବା ଇବୋଲା ପ୍ରକୋପ ହୋଇ ରହିଛି।

ୟୁକ୍ରେନ୍‌ରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣ

ତେଲଙ୍ଗାନା ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ

ନୂଆଦିଲ୍ଲୀ,୨।୯: ୟୁକ୍ରେନରେ ରୁଷର କ୍ଷେପଣାସ୍ତ୍ର ଆକ୍ରମଣରେ ତେଲଙ୍ଗାନାର ଜଗତିଆଲ ଜିଲ୍ଲାର ଜଣେ ୪୨ ବର୍ଷୀୟ ପ୍ରବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ତେଲଙ୍ଗାନାର ଅନ୍ୟ ଜଣେ ବ୍ୟକ୍ତି କ୍ଷେପଣାସ୍ତ୍ର ଆକ୍ରମଣରେ ଆହତ ହୋଇଛନ୍ତି। ମୃତ ବ୍ୟକ୍ତିଙ୍କ ନାମ ଭାଭିଲାଲା ସୁଦର୍ଶନ ଗୌଡ଼ ଓ ସେ ହୁସନାବାଦ ଗାଁର ବାସିନ୍ଦା ବୋଲି ଚିହ୍ନଟ କରାଯାଇଛି। ସୁଦର୍ଶନ ଚାରି ମାସ ତଳେ କାମ ଅନ୍ୱେଷଣରେ ଜଣେ ସମ୍ପର୍କୀୟଙ୍କ ସହିତ ୟୁକ୍ରେନ୍ ଯାଇଥିଲେ। ସେ ନିର୍ମାଣ କ୍ଷେତ୍ରରେ କାମ କରୁଥିଲେ। ଓଡେସାରେ ରହୁଥିବା ସମୟରେ ଏକ କ୍ଷେପଣାସ୍ତ୍ର ଆକ୍ରମଣରେ ଗୌଡଙ୍କ ମୃତ୍ୟୁ ହୋଇଥିଲା। ସେ ବିମାନ ଆକ୍ରମଣ ଚେତାବନୀ ପରେ ରହୁଥିବା ଘର ଛାଡି ବାହାରକୁ ଆସିବା ପରେ ତାଙ୍କ ଉପରେ କ୍ଷେପଣାସ୍ତ୍ର ମାଡ଼ ହୋଇଥିଲା। ୟୁକ୍ରେନସ୍ଥିତ ଭାରତୀୟ ଦୂତାବାସ ସୁଦର୍ଶନଙ୍କ ପରିବାରକୁ ଖବର ଜଣାଇବା ସହିତ ଶୋକବ୍ୟକ୍ତ କରିଛି। ସୁଦର୍ଶନଙ୍କ ମୃତଦେହ ଫେରାଇ ଆଣିବାରେ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଛି। ଦୂତାବାସ ସୁଦର୍ଶନଙ୍କ କମ୍ପାନୀ ଓ ୟୁକ୍ରେନୀୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗରେ ଅଛି। ରୁଷ୍ ଆକ୍ରମଣରେ ଆ

'ଓଡ଼ିଆ ସାହିତ୍ୟରେ କୁହୁକ ବାସ୍ତବତାର ପରିକଳ୍ପନା' ଶୀର୍ଷକ ପାଠଚକ୍ର

ସତ୍ୟବାଦୀ /ସୁଆଣ୍ଡୋ (ଅମୃତ ମିଡିଆ): ଓଡ଼ିଆ ବିଶ୍ୱବିଦ୍ୟାଳୟ ସାପ୍ତାହିକ ପାଠଚକ୍ର ପରିପ୍ରେକ୍ଷୀରେ ଆଜି ଅପରାହ୍ଣରେ 'ଓଡ଼ିଆ ସାହିତ୍ୟରେ କୁହୁକ ବାସ୍ତବତାର ପରିକଳ୍ପନା' ଶୀର୍ଷକ ଏକ ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି । କୁଳପତି ପ୍ରଫେସର୍ ଡ. ସତ୍ୟନାରାୟଣ ଆଚାର୍ଯ୍ୟ ଏହି ପାଠଚକ୍ରର ଶୁଭାରମ୍ଭ କରିଥିଲେ। ପାଠଚକ୍ର ପ୍ରକୋଷ୍ଠରେ ଆୟୋଜିତ ଉକ୍ତ ପାଠଚକ୍ରରେ ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପରିଦର୍ଶୀ ପ୍ରଫେସର୍ ଡ. ଅନନ୍ତ କିଶୋର ଜେନା ବିଷୟ ବିଶାରଦ ରୂପେ ଯୋଗଦେଇ ଭିତ୍ତି ବକ୍ତବ୍ୟ ଉପସ୍ଥାପନ କରିଥିଲେ । ପାଶ୍ଚାତ୍ୟ

ସାହିତ୍ୟ, ଭାରତୀୟ ସାହିତ୍ୟ ଓ ଓଡ଼ିଆ ସାହିତ୍ୟ କଥା ପରମ୍ପରାରେ କିଭଳି କୁହୁକ ବାସ୍ତବତାର ପ୍ରତିଫଳନ ଘଟିଛି, ସେ ସଂପର୍କରେ ପ୍ରଫେସର୍ ଜେନା ଆଲୋଚନା କରିଥିଲେ । ସେହିପରି ସାରଳା ମହାଭାରତର ନବଗୁଞ୍ଜର, ସତ୍ୟଆତ୍ମ ଉପାଖ୍ୟାନ, ଆଈମା' କାହାଣୀ ଓ ମନୋଜ ଦାସଙ୍କ ବିଭିନ୍ନ ଗଳ୍ପରୁ ଉଦାହରଣ ଦେଇ ସେ କୁହୁକ ବାସ୍ତବତାର ସ୍ୱରୂପ ଉଦ୍ଘାଟନ କରିଥିଲେ। ଭାଷା ଓ ସାହିତ୍ୟ ବିଭାଗ ପରିଦର୍ଶୀ ସହଯୋଗୀ ପ୍ରଫେସର୍ ବାସନ୍ତୀ ମହାନ୍ତି ଦକ୍ଷ ପ୍ରଜାପତି ପ୍ରସଙ୍ଗ ଉତ୍ଥାପନ ପୂର୍ବକ କୁହୁକ ବାସ୍ତବତାର ମନସ୍ତାତ୍ତ୍ୱିକ ଦିଗ ବିଷୟରେ କହିଥିଲେ । ଭାଷାବିଜ୍ଞାନ ଓ ପ୍ରାକୃତିକ ଭାଷା ସଂସାଧନ ବିଭାଗ ପରିଦର୍ଶୀ ସହକାରୀ ପ୍ରଫେସର୍ ଡ. କୁଳମଣି ଓଝା ପ୍ରାକ୍-ସୂଚନା ପ୍ରଦାନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ପାଠଚକ୍ରରେ ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ଡ. ରାଧାଗୋବିନ୍ଦ କୁଇଲା, ଆଞ୍ଚଳିକ ଜନଜାତି ଭାଷା ଓ ଐତିହ୍ୟ ଅଧ୍ୟୟନ ବିଭାଗ ମୁଖ୍ୟ ଡ. ଶର୍ମିଷ୍ଠା ମହାପାତ୍ର, ଡ. ସଂଗୀତା ଜେନା, ଡ. ସସ୍ମିତା ଜେନା, ଡ. ମୋନାଲି ଚ୍ୟାଙ୍ଗ୍ ଓ ଡ. ଶୁଭସ୍ମିତା ନାୟକଙ୍କ ସମେତ ଛାତ୍ରଛାତ୍ରୀମାନେ ଉପସ୍ଥିତ ଥିଲେ।

ଅନ୍ତରଙ୍ଗରେ ପରିବହନ ବିଭାଗର ଚଢ଼ଉ

- ସ୍କୁଲ ବସକୁ ୧୫ ହଜାର ଫାଇନ
- ବିନା ଫିଟନେସ, ବିନା ପଲ୍ୟୁସନ, ବିନା ଲାଇସେନ୍ସରେ ଦୌଡୁଛି ସ୍କୁଲ ବସ
- ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ବିପଦ

କାକଟପୁର/ଅନ୍ତରଙ୍ଗ (ଅମୃତ ମିଡିଆ): ପୁରୀ ଜିଲ୍ଲା ଅନ୍ତରଙ୍ଗ ବ୍ଲକ ମୁଖ୍ୟ ବଜାରରେ ସୋମବାର ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ବଡ ଧରଣର ଗାଡି ଯାଞ୍ଚ କରାଯାଇଛି। ଅନ୍ତରଙ୍ଗ ଥାନା ସାମ୍ନାରେ ପରିବହନ ବିଭାଗର ଅଧିକାରୀମାନେ ଅଚାନକ ଚେକିଂ ଆରମ୍ଭ କରିଥିଲେ। ଏହି ଯାଞ୍ଚରେ ଏକ ଘରୋଇ ଶିକ୍ଷାନୁଷ୍ଠାନର ସ୍କୁଲ ବସକୁ ୧୫ ହଜାର ଟଙ୍କା ଜରିମାନା କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ, ଅନ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ବିଭିନ୍ନ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ ସରକାରୀ ଆଦର୍ଶ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଟୋ ଓ ଚାରି ଚକିଆ ଗାଡିରେ ବିପଦଜନକ ଭାବେ ନେବା ଆଣିବା କରାଯାଉଛି ବୋଲି ବାରମ୍ବାର ଅଭିଯୋଗ ହୋଇ ଆସୁଥିଲା। ଏ ନେଇ ପୂର୍ବରୁ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ଏହାକୁ ଗୁରୁତର ସହ ନେଇ ଜିଲ୍ଲା ପରିବହନ ବିଭାଗ ସୋମବାର ଅଚାନକ ଚଢାଉ କରିଥିଲା। ଯାଞ୍ଚ ବେଳେ କାକଟପୁର ଅଞ୍ଚଳର ଏକ ଘରୋଇ ସ୍କୁଲ ବସକୁ ଅଟକା ଯାଇଥିଲା। ଯାଞ୍ଚରୁ ଜଣାପଡିଲା ଯେ ବସର ଫିଟନେସ ନାହିଁ, ପଲ୍ୟୁସନ ସାର୍ଟିଫିକେଟ ନାହିଁ ଏବଂ ଡ୍ରାଇଭରଙ୍କ ପାଖରେ ବୈଧ ଡ୍ରାଇଭିଂ ଲାଇସେନ୍ସ ମଧ୍ୟ ନାହିଁ। ବିନା କାଗଜପତ୍ରରେ କୋମଳମତି ଛାତ୍ରଛାତ୍ରୀଙ୍କୁ ନେଇ ବସ ଚଳାଚଳ କରୁଥିଲା। ଏହା ଦେଖି ପରିବହନ ଅଧିକାରୀ ତୁରନ୍ତ ବସକୁ ଜବତ କରିଥିଲେ। କେବଳ ସ୍କୁଲ ବସ ନୁହେଁ, ଅନ୍ୟ ଅନେକ ଅଟୋ ଓ ଚାରି ଚକିଆ ଗାଡିର ଗାଡିର କାଗଜପତ୍ର ଠିକ୍ ଅଛି କି ନାହିଁ ଯାଞ୍ଚ କରିବାକୁ ପରିବହନ ବିଭାଗ ପକ୍ଷରୁ ପରାମର୍ଶ ଦିଆଯାଇଛି।

ଚର୍ଚ୍ଚାରେ ଶ୍ରୀଜଗନ୍ନାଥଙ୍କ ୩ ରତ୍ନସିନ୍ଦୂକ

ପୁରୀ (ବ୍ୟୁରୋ): ଗତ ସୋମବାର ଓ ମଙ୍ଗଳବାର ଦୁଇ ଦିନ ଧରି ମହାପ୍ରଭୁଙ୍କ ଭିତର ରତ୍ନଭଣ୍ଡାରରେ ଥିବା ରତ୍ନ ଅଳଙ୍କାର ଗଣତି ମଣତି କାର୍ଯ୍ୟ କରାଯାଇଥିଲା। ମଙ୍ଗଳବାର ରେକର୍ଡ ସମୟ ୮ ଘଣ୍ଟା ୨୩ ମିନିଟ୍ ଯାଏଁ ମହାପ୍ରଭୁଙ୍କ ରତ୍ନ ଅଳଙ୍କାର ଗଣତି ମଣତି ହୋଇଥିଲା। ବଡ଼ କଥା ହେଉଛି ରତ୍ନ ଭଣ୍ଡାରରେ ୩ଟି ବଡ଼ ସିନ୍ଦୁକ ରହିଛି । ଏଥିରେ ମହାପ୍ରଭୁଙ୍କ ମୂଲ୍ୟବାନ ରତ୍ନ ଅଳଙ୍କାର ଥିବା ଶ୍ରୀମନ୍ଦିର ପ୍ରଶାସକ କହିବା ପରେ ଏହାକୁ ନେଇ ଚର୍ଚ୍ଚା ବଢିଛି । ଅନ୍ୟ ପକ୍ଷରେ ମହାପ୍ରଭୁଙ୍କ ନୀତି ବହୁଳତା ପାଇଁ ପୂଣି ଗଣତି ମଣତି କାର୍ଯ୍ୟକୁ ସ୍ଥଗିତ ରଖାଯାଇଛି । ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର କମାଣ୍ଡରଙ୍କ ସହ ଆଲୋଚନା କରାଯାଇ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରର ଗଣତି ମଣତି ପାଇଁ ତାରିଖ ଧାର୍ଯ୍ୟ କରାଯିବ ।

ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

- ୫୨୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା
- ୨ମାସ ମଧ୍ୟରେ ମିଳିବ ସାର୍ଟିଫିକେଟ୍

ସୁଚାରୁରୂପେ ସମ୍ପାଦନ ପାଇଁ ୧୫ରୁ ଉର୍ଦ୍ଧ୍ୱ ଅଙ୍ଗନବାଡ଼ି କର୍ମୀଙ୍କୁ ନିୟୋଜିତ

ପିପିଲି(ଅମୃତ ମିଡିଆ): ପିପିଲି ବ୍ଲକ ଅନ୍ତର୍ଗତ ଶିରିଆପୁର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ପରିସରରେ ପଞ୍ଚାୟତ ସମିତି ପକ୍ଷରୁ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି । ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମୋନିକା ଦାଶଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ବ୍ଲକର ବିଭିନ୍ନ ପଞ୍ଚାୟତରୁ ଆସିଥିବା ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଶିବିରରେ ବିଭିନ୍ନ ବିଭାଗର ବିଶେଷଜ୍ଞ ଡାକ୍ତର ଓ ମନୋବିଜ୍ଞାନ ବିଶେଷଜ୍ଞ ମାନେ ଯୋଗଦେଇ ଭିନ୍ନକ୍ଷମ ମାନଙ୍କର ସ୍ୱାସ୍ଥ୍ୟ ଯାଞ୍ଚ କରିଥିଲେ। ଶାରୀରିକ ଚିକିତ୍ସା ବିଭାଗର ଡାକ୍ତର ସୁଶୀଲ କୁମାର ନାୟକ, ଅସ୍ଥିଶଲ୍ୟ ବିଭାଗର ଡାକ୍ତର ବିକାଶ ଦାସ, ସ୍ନାୟୁରୋଗ ବିଭାଗର ଡାକ୍ତର ଅଂଶୁମାଳିନୀ ପଣ୍ଡା, ଶିଶୁରୋଗ ବିଭାଗର ଡାକ୍ତର ଅର୍ଚ୍ଚନା ପଟ୍ଟନାୟକ,

ନାକ-କାନ-ଗଳା ବିଶେଷଜ୍ଞ ଡାକ୍ତର ରବୀନ୍ଦ୍ର କୁମାର ଘଡ଼ାଇ, ମନୋରୋଗ ଚିକିତ୍ସା ବିଭାଗର ଡାକ୍ତର ସସ୍ମିତ ପାତ୍ର ଓ ଚକ୍ଷୁରୋଗ ବିଶେଷଜ୍ଞ ଡାକ୍ତର ଶୁଭ୍ରକାନ୍ତି ପରମଗୁରୁଙ୍କ ସମେତ ରୂପାଲି ମହାନ୍ତି, ମନୋବିଜ୍ଞାନ ବିଶେଷଜ୍ଞ ଅର୍ପିତା ସାହୁ ଓ ଏୟୁସି ଚନ୍ଦନ କୁମାର ସୌରଭ ମହାନ୍ତି ପ୍ରମୁଖ ଯୋଗଦେଇ ସେବା ପ୍ରଦାନ କରିଥିଲେ। ଦୂରଦୂରାନ୍ତରୁ ଶିବିରକୁ ଆସିଥିବା ଭିନ୍ନକ୍ଷମମାନଙ୍କ ସୁବିଧା ପାଇଁ ହ୍ୱିଲଚେୟାର, ପାନୀୟ ଜଳ, ବସିବା ଓ ବିଶ୍ରାମ ପାଇଁ ସ୍ଥାନ ସହିତ ଖାଦ୍ୟପେୟର ବ୍ୟବସ୍ଥା କରାଯାଇଥିଲା। ପଞ୍ଜିକରଣ କାର୍ଯ୍ୟ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ବ୍ଲକ ସାମାଜିକ ସୁରକ୍ଷା ଅଧିକାରିଣୀ ମୋନିକା ଦାଶ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ପିପିଲି ବ୍ଲକ ସାମାଜିକ ସୁରକ୍ଷା ବିଭାଗର କନିଷ୍ଠ ସହାୟକ ଶିଶିର କୁମାର ସାହୁ, କାର୍ଯ୍ୟକ୍ରମ ସହାୟକ ଶିବଶଙ୍କର ପ୍ରଧାନ ଓ ପିପିଲି ଏନ୍.ଏସି କାର୍ଯ୍ୟକ୍ରମ ସହାୟକ ରାଜା ବରାଳ ପ୍ରମୁଖ ଉପସ୍ଥିତ ରହି ଶିବିରର ବିଭିନ୍ନ କାର୍ଯ୍ୟ ତଦାରଖ କରିଥିଲେ। ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ସହାୟିକା ବର୍ଷା ମିଶ୍ର ଓ ରଶ୍ମିରଞ୍ଜନ ସାହୁ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ (ବ୍ୟୁରୋ): ପୁରୀ ରେଳଷ୍ଟେସନ ପରିସରରେ ଝୁଲି ପଡ଼ିଲେ ଯୁବକ । ରେଳଷ୍ଟେସନ ପରିସରରେ ଥିବା ଦୁର୍ଗା ମଣ୍ଡପ ପଛପଟେ ବେକରେ ଗାମୁଛା ଲଗାଇ ଜଣେ ଯୁବକ ଝୁଲି ପଡିଛି । ରେଳଷ୍ଟେସନ ପରିସରରେ ଥିବା ଦୁର୍ଗା ମଣ୍ଡପ ପଛପଟେ ଥିବା ଛାତର ଲୁହା ରେଲିଙ୍ଗରେ ଗାମୁଛା ଲଗାଇ ଝୁଲି ଯୁବକ ଜଣଙ୍କ ଝୁଲିପଡ଼ିଥିବା ଦେଖିବାକୁ ମିଳିଛି । ଖବର ପାଇ ଜିଆରପି ଓ ଆରପିଏଫ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି । ମୃତ ଯୁବକଙ୍କ ପରିଚୟ ମିଳିପାରିନାହିଁ । ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି । ଜିଆରପି ମୃତଦେହ ଜବତ କରି ତଦନ୍ତ ଚଳାଇଥିବା ବେଳେ ତଦନ୍ତ ପରେ ଘଟଣା ବିଷୟରେ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି ।ତେବେ ପୁରୀ ରେଳ ଷ୍ଟେସନ ଭଳି ଏକ ସମ୍ବେଦନଶୀଳ ସ୍ଥାନରେ ମାଳ ମାଳ ଜିଆରପି, ଆରପିଏଫ ପୋଲିସ କଡ଼ା ପ୍ରହରା ଦେଉଥିବା ବେଳେ ଯୁବକ ଜଣକ କିଭଳି ଆତ୍ମହତ୍ୟା କଲେ ତାକୁ ନେଇ ଏବେ ପ୍ରଶ୍ନ ଉଠିଛି ।

ଦେବୀ କୂଳରୁ ନାବାଳକ ନିଖୋଜ !

- କଳା ଥାର୍ ପଛର ରହସ୍ୟ ଖୋଜୁଛି ପୋଲିସ
- ନଦୀରେ ସର୍ଚ୍ଚ ଅପରେସନ ଜାରି
- ଡଗ୍ ସ୍କ୍ୱାଡ୍ ଘରଠୁ ନଦୀକୂଳ ଯାଏଁ ଗଲା



କାକଟପୁର /ଅନ୍ତରଙ୍ଗ(ଅମୃତ ମିଡିଆ): ପୁରୀ ଜିଲ୍ଲା ଅନ୍ତରଙ୍ଗ ଥାନା ତାଳଦା ପଂଚାୟତ ଏଡବାଂଶ ଗାଁରୁ ହୃଦୟ ଥରାଇ ଦେବା ଭଳି ଖବର। ୭ବର୍ଷର କୁନି ପୁଅ ସୁବ୍ରଜିତ ବେହେରା ଗତ ମଙ୍ଗଳବାର ଅପରାହ୍ଣରୁ ନିଖୋଜ। ବାପା ପ୍ରଶାନ୍ତ ବେହେରାଙ୍କ ଏକମାତ୍ର ପୁଅ। ଶେଷ ଥର ପାଇଁ ଦେବୀ ନଦୀ କୂଳରେ ଖେଳୁଥିବା ଦେଖାଯାଇଥିଲା। ତା ପରେ ହଠାତ ଗାୟବ। ମା' କାନ୍ଦି କାନ୍ଦି ବେହୋସ ହୋଇପଡୁଛି। ମଙ୍ଗଳବାରଠୁ ଆଖିରୁ ଲୁହ ଶୁଖୁନି। ପୁରା ଗାଁ ଶୋକାକୁଳ, ପ୍ରତି ଘରେ ଗୋଟିଏ ଚର୍ଚ୍ଚା - ସୁବ୍ରଜିତ କୁଆଡେ ଗଲା ? ଅଭିଯୋଗ ପାଇବା ପରେ ଅନ୍ତରଙ୍ଗ ପୋଲିସ ତୁରନ୍ତ ଆହ୍ୱନରେ। ପୁରୀରୁ ସାଇଣ୍ଟିଫିକ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଘଟଣାସ୍ଥଳରେ ପହଞ୍ଚି ଯାଞ୍ଚ କରିଥିଲେ। ପୋଲିସ ଡଗ୍ ସୁବ୍ରଜିତର ହ୍ରେସ ଶୁଙ୍ଘିବା ପରେ ଘରଠାରୁ ସିଧା ଦେବୀ ନଦୀ କୂଳ ପର୍ଯ୍ୟନ୍ତ ଯାଇଛି। ନଦୀ କୂଳରେ ଅଟକି ଯାଇଛି। ଏହାକୁ ନେଇ ପୋଲିସର ସନ୍ଦେହ ବଢିଛି ପୁଅ ନଦୀରେ ବୁଡି ଯାଇଥିବ। ତେଣୁ ଅଗ୍ନିଶମ ବାହିନୀ ବୁଧବାର ସକାଳୁ ମଧ୍ୟାହ୍ନ ପର୍ଯ୍ୟନ୍ତ ଦେବୀ ନଦୀର ପ୍ରତି କୋଣ ଖୋଜୁଛନ୍ତି । ସନ୍ଧ୍ୟା ସୁଦ୍ଧା ସର୍ଚ୍ଚ ଅପରେସନ ଜାରି ରହିଛି, ହେଲେ କୌଣସି ସୁରାକ ମିଳିନାହିଁ। ନଦୀର ପାଣି ବେଶୀ ଥିବାରୁ ସର୍ଚ୍ଚରେ ବାଧା ହେଉଛି। ହେଲେ ଏଠି ଅଛି ସବୁଠୁ ବଡ ରହସ୍ୟ! ଗ୍ରାମବାସୀ କହୁଛନ୍ତି, ସୁବ୍ରଜିତ ନିଖୋଜ ହେବା ସମୟରେ ଗାଁ ଦାଣ୍ଡରେ ଏକ ଅଚିହ୍ନା ଥାର୍ ଗାଡି ବୁଲୁଥିଲା। କେହି ଜାଣି ନଥିବା ଗାଡି ହଠାତ ଗାଁକୁ ଆସିଲା, କିଛି ସମୟ ବୁଲିଲା, ପୁଅ ହଜିବା ପରେ ଗାୟବ। ଏହା କେବଳ ସଂଯୋଗ ମାତ୍ର ନା ଏହା ପଛରେ ଅଛି କୌଣସି ଅପହରଣକାରୀ ଗ୍ୟାଙ୍ଗ ? ଗାଁରେ ଏବେ ଏହାକୁ ନେଇ ଭୟ। ପିଲା ଛୁଆଙ୍କୁ ଘରୁ ବାହାରକୁ ଛାଡୁନାହାନ୍ତି ଅଭିଭାବକ। ପୋଲିସ ଏବେ ଦୁଇଟି ଆଙ୍ଗଲରୁ ତଦନ୍ତ କରୁଛି। ଥାର୍ କାହାର, କେଉଁ ବାଟ ଦେଇ ଆସିଲା, କେଉଁ ବାଟେ ପଳାଇଲା - ପ୍ରତି ଗାଁ ଲୋକଙ୍କୁ ପଚାରିବା ଶହ ଯେଉଁ ସ୍ଥାନରେ ସିସିଟିଭି ଫୁଟେଜ ଏବେ ପୋଲିସ ନଜରରେ। ଏଡବାଂଶ ଆଖପାଖ ସମସ୍ତ ରାସ୍ତାର ସିସିଟିଭି ଯାଞ୍ଚ ଚାଲିଛି। ଦେବୀ ନଦୀ ସତ କହିବ ନା କଳା ଥାର୍ ତଳେ ଲୁଚିଛି ରହସ୍ୟ ? ଏବେ ଏହାକୁ ଅପେକ୍ଷା।ବୁଧବାର ସନ୍ଧ୍ୟା ସୁଦ୍ଧା ୭ବର୍ଷ ବାଳକ ମିଳି ପାରିନାହିଁ।

ମାନଚିତ୍ରରୁ ହଜିଯିବ ଡାଲୁଅକଣି !

- ଅନ୍ତରଙ୍ଗରେ ସମୁଦ୍ର ତାଣ୍ଡବ, ବିପଦରେ ୫ ଗାଁ
- ଝାଉଁ ଜଙ୍ଗଲରେ ପ୍ରଚଣ୍ଡ ଢେଉ

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ): ଆଉ କିଛି ଘଣ୍ଟାର କିଛି ଦିନ। ତା ପରେ ସବୁ ଶେଷ ! ପୁରା ଜିଲ୍ଲା ଅନ୍ତରଙ୍ଗ ବ୍ଲକ ଛୁରିଆନା ପଞ୍ଚାୟତର ଡାଲୁଅକଣି ଗାଁ ପାଇଁ ଏବେ ସମୁଦ୍ର ପ୍ରବେଶ କରିବାର କାଉଣ୍ଟଡାଉନ ଆରମ୍ଭ ହୋଇଛି। ଗାଁଠାରୁ ମାତ୍ର ୫୦ ଫୁଟ ଦୂରରେ ସମୁଦ୍ର ! ସୁଁ ସୁଁ ଗର୍ଜନରେ କମ୍ପୁଛି ପୁରା ଅଞ୍ଚଳ। ସାତଭାୟା ପରେ ଏବେ ଦ୍ୱିତୀୟ ସାତଭାୟା ପାଲଟିବାକୁ ଯାଉଛି ଡାଲୁଅକଣି। ଯେଉଁଠି ପୂର୍ବରୁ ଘଞ୍ଚ ଝାଉଁ ଜଙ୍ଗଲ ଥିଲା ସେଠି ଏବେ କେବଳ ପ୍ରଚଣ୍ଡ ଢେଉ। ବଙ୍ଗୋପସାଗରରେ ସୃଷ୍ଟ ଲଘୁଚାପ ପରେ ସମୁଦ୍ର ସମ୍ପୂର୍ଣ୍ଣ ଅଶାନ୍ତ ହୋଇପଡିଛି। କେଲୁଣୀ ନଦୀ ମୁହାଣ ବୁଲି ଯିବା ପରେ ସମୁଦ୍ରର ଗତିପଥ ବଦଳି ଯାଇଛି। ଆଗରୁ ସମୁଦ୍ର ସିଧା ଯାଉଥିଲା ଏବେ ସିଧା ଗାଁକୁ ମାଡି ଆସୁଛି।

ନୁହେଁ। ପ୍ରତିଦିନ ସମୁଦ୍ର ଦୁଇରୁ ତିନି ଫୁଟ ଆଗକୁ ମାଡି ଆସୁଛି, ଯାହା ଗ୍ରାମବାସୀଙ୍କ ମନରେ ଛନକା ପକାଇଛି। ଏ ନେଇ ଛୁରିଆନା ସରପଞ୍ଚ କ୍ଷୀରୋଦ କାଣ୍ଡି କହିଛନ୍ତି, 'ଏ ନେଇ ବାରମ୍ବାର ପ୍ରଶାସନ, ଜିଲ୍ଲା ପ୍ରଶାସନକୁ ଜଣାଇଲେ ମଧ୍ୟ କୌଣସି ଅଧିକାରୀ ଏହାକୁ ଗୁରୁତ୍ୱ ଦେଉନାହାନ୍ତି କିନ୍ତୁ ସମୁଦ୍ର କ୍ରମଶଃ ଗାଁ ମୁହାଁ ହେଲାଣି, ଯାହା ଝାଉଁ ଗଛ ଥିଲା ସମୁଦ୍ର ଲୀନ ହେଲାଣି। ତୁରନ୍ତ ସ୍ଥାୟୀ ପଥର ବନ୍ଧ ନ ହେଲେ ଗାଁ ରହିବନି।' ସ୍ଥାନୀୟ ବାସିନ୍ଦା ସୁରେନ୍ଦ୍ର କାଣ୍ଡି କହିଛନ୍ତି, 'ଆମେ ରାତିରେ ଶୋଇ ପାରୁନା। ସୁଁ ସୁଁ ଶବ୍ଦରେ ପିଲା ଛୁଆ ଡରି ଯାଉଛନ୍ତି। ସରକାର ଆମ କଥା ଶୁଣୁନାହାନ୍ତି। ସାତଭାୟା ଭଳି ଆମକୁ ବି ବିସ୍ଥାପିତ କରାଯିବ କି ?'ସ୍ଥାନୀୟ ପରିବେଶବିତ ସରୋଜ କୁମାର ଜେନା କହିଛନ୍ତି, 'ଜଳବାୟୁ ଯୋଗୁଁ ପୀଡାରେ ପୀଡିତ ସାତଭାୟା। ଶ୍ରୀକ୍ଷେତ୍ର ମାଟିରେ ଅନ୍ତରଙ୍ଗ ବ୍ଲକର ଛେନୁଆ, କଳମକଣି, କଁଅରପୁର, ଉଦୟକଣି, ତଣ୍ଡାହର ଥିବା ଅନ୍ୟ ପାର୍ଶ୍ୱରେ ଡାଲୁଅକଣି ଏହି ଗାଁ ସମ୍ପୂର୍ଣ୍ଣ ବିପଦରେ। ଛେନୁଆ, ଉଦୟକଣି ୨ଥର ବିସ୍ଥାପିତ ହେଲାଣି। ଆଉ ଗୋଟିଏ ଗାଁ ସମୁଦ୍ରରେ ନ ହଜିଯାଉ ସମସ୍ତଙ୍କର ପ୍ରୟାସ ରହିବା ଦରକାର। ବୈଜ୍ଞାନିକ ପଦ୍ଧତିରେ ସରକାରୀ ସ୍ତରରେ ପ୍ରୟାସ ହେଉ।' ଯଦି ଏବେ ତୁରନ୍ତ ସ୍ଥାୟୀ ପଥର ବନ୍ଧ ଓ ଜିଓ ଟ୍ୟୁବ ୱାଲ ନିର୍ମାଣ ନ ହୁଏ, ତେବେ ଆଉ କିଛି ଦିନରେ ମାନଚିତ୍ରରୁ ହଜିଯିବ ୫ଟି ଗାଁ। ଏବେ ପ୍ରଶ୍ନ - ପ୍ରଶାସନ କେବେ ଚେତିବ ?

ଶିଶୁ ସୁରକ୍ଷା ସଚେତନତା

ପୁରୀ (ବ୍ୟୁରୋ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଓ ଚାଇଲ୍ଡ ହେଲ୍ପଲାଇନ୍, ପୁରୀର ମିଳିତ ପ୍ରୟାସରେ ପ୍ରିୟଙ୍କା ଦେବୀ କଲେଜ ଅଫ୍ ନର୍ସିଂ, ବାଲିଘାଟଠାରେ ମିଶନ ବାତ୍ସଲ୍ୟ ଯୋଜନା ଅନ୍ତର୍ଗତ ଏକ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ନର୍ସିଂ କଲେଜର ସମ୍ପାଦକ ବାବୁଲା ବେହେରା ଓ ଅଧକ୍ଷା କମଳା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଶିଶୁ କଲ୍ୟାଣ ସମିତିର ଅଧକ୍ଷ ମହାବୀର ରୁଦ୍ର ନାରାୟଣ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ସୁରକ୍ଷା ଅଧିକାରୀ ଶୁଭ ନାରାୟଣ ଶତପଥୀ, ଚାଇଲ୍ଡ ହେଲ୍ପଲାଇନ୍ ସଂଯୋଜକ କୃଷ୍ଣ ଚନ୍ଦ୍ର ମିଶ୍ର ଓ ଦେବଗଡ଼ ଜିଲ୍ଲାର ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ଶତପଥୀ ଯୋଗଦେଇ ଶିଶୁ ସୁରକ୍ଷା ଓ ଅଧିକାର, ଯୁବକମାନଙ୍କ ଭୂମିକା ସମ୍ପର୍କରେ ସଚେତନ କରିଥିଲେ। ପୂର୍ବତନ ଶିଶୁ କଲ୍ୟାଣ ସମିତି ସଦସ୍ୟ କୁମୁଦ ଶତପଥୀ ସଭା ପରିଚାଳନା କରିଥିଲେ। କାର୍ଯ୍ୟକ୍ରମର ସଫଳ ଆୟୋଜନରେ ପ୍ରିୟଙ୍କା ଦେବୀ କଲେଜ ଅଫ୍ ନର୍ସିଂର କର୍ମକର୍ତ୍ତା ତଥା ଚାଇଲ୍ଡ ହେଲ୍ପଲାଇନ୍‌ର ବିଭୂତି ଭୂଷଣ ସ୍ୱାଇଁ ସମେତ ଅନ୍ୟାନ୍ୟ କର୍ମକର୍ତ୍ତାମାନେ ସହଯୋଗ କରିଥିଲେ। ଶେଷରେ ନର୍ସିଂ କଲେଜର ଅଧ୍ୟାପକ କାଳୀପ୍ରସାଦ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

କାକଟପୁର ପ୍ରେସ୍ କ୍ଲବ୍‌ର ୨ୟ ବାର୍ଷିକ ଉତ୍ସବ

'ବିକଶିତ ଭାରତରେ ସାମ୍ବାଦିକ ବିକଶିତ ନୁହଁନ୍ତି'

- ପେନ୍‌ସନ୍ ଓ ସୁରକ୍ଷା ଆଇନ ଦାବି
- ସଭାପତି ବିଜୟ ବେହେରା ସମ୍ବର୍ଦ୍ଧିତ

କାକଟପୁର/ଅନ୍ତରଙ୍ଗ(ଅମୃତ ମିଡିଆ):ବିକଶିତ ଭାରତର ସ୍ୱପ୍ନ ଦେଖାଉଛି ସରକାର, ହେଲେ ସେ ସ୍ୱପ୍ନକୁ ଗାଁ ଗାଁରେ ପହଞ୍ଚାଉଥିବା ସାମ୍ବାଦିକ ଆଜି ବି ବିକଶିତ ହୋଇନାହିଁ। ଏହି ଗର୍

ଛାତ୍ରୀ ନିବାସରେ ଅବ୍ୟବସ୍ଥା ଅଭିଯୋଗ

୯୦ ଛାତ୍ରୀଙ୍କ ପାଇଁ ଜଣେ ମାତ୍ର ରୋଷେୟା

ବେଗୁନିଆପଡ଼ା (ଅମୃତ ମିଡିଆ): ବେଗୁନିଆପଡ଼ା ଜନତା ନୋଡାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଜାତି/ଜନଜାତି ଛାତ୍ରୀ ନିବାସରେ ଅବ୍ୟବସ୍ଥା ନେଇ ଅଭିଯୋଗ ଉଠିଛି। ଛାତ୍ରୀ ନିବାସରେ ବର୍ତ୍ତମାନ ପ୍ରାୟ ୯୦ ଜଣ ଛାତ୍ରୀ ରହୁଥିବା ବେଳେ, ସେମାନଙ୍କ ଦେଖାଶୁଣା ଓ ପରିଚାଳନାକୁ ନେଇ ଅଭିଭାବକ ମାନଙ୍କ ମଧ୍ୟରେ ଆଶଙ୍କା ସୃଷ୍ଟି ହୋଇଛି।

ସୂଚନା ଅନୁସାରେ, ୧୦୦ ଛାତ୍ରୀଙ୍କ ପାଇଁ ଉଦ୍ଦିଷ୍ଟ ଏହି ଆବାସିକ ହଷ୍ଟେଲରେ ଜଣେ ୱାର୍ଡେନ୍ ଓ ଦୁଇଜଣ ରୋଷେୟା ରହିବା କଥା। କିନ୍ତୁ ବର୍ତ୍ତମାନ ଜଣେ ମାତ୍ର ରୋଷେୟାଙ୍କ ଉପରେ ୯୦ ଜଣ ଛାତ୍ରୀଙ୍କ ଖାଦ୍ୟ ପ୍ରସ୍ତୁତିର ଦାୟିତ୍ୱ ରହିଥିବା ଅଭିଯୋଗ ହୋଇଛି। ଅନ୍ୟପଟେ, ସ୍ୱାସ୍ଥ୍ୟଗତ ସମସ୍ୟା ଦର୍ଶାଇ ୱାର୍ଡେନ୍ ଦୀର୍ଘଦିନ ଧରି ଛୁଟିରେ ଥିବା ନେଇ ଅଭିଯୋଗ ହୋଇଛି। ବ୍ଲକ ତଥା ବ୍ଲକ ବାହାର ଅଞ୍ଚଳରୁ ଆସିଥିବା ଛାତ୍ରୀମାନେ ପରିବାରଠାରୁ ଦୂରରେ ରହି ଶିକ୍ଷା ଗ୍ରହଣ କରୁଛନ୍ତି। ଭଲ ପାଠପଢ଼ା ସହ ଉତ୍ତମ ସୁବିଧା ଓ ସୁରକ୍ଷିତ ପରିବେଶ ମିଳିବ ବୋଲି ଆଶା ରଖିଥିବା ଛାତ୍ରୀମାନେ ମୌଳିକ ସୁବିଧାରୁ ବଞ୍ଚିତ ହେଉଥିବା ଅଭିଭାବକମାନେ ବିଡ଼ିଓ ଏବଂ ବିଇଓ ଙ୍କୁ ଅଭିଯୋଗ କରିଛନ୍ତି।

ଅଭିଭାବକମାନଙ୍କ ଅଭିଯୋଗ ଅନୁଯାୟୀ, ହଷ୍ଟେଲ ସମ୍ପର୍କରେ ଆଲୋଚନା ପାଇଁ ୱାର୍ଡେନଙ୍କୁ ଭେଟିବା ସମୟରେ ଉତ୍ତମ ବ୍ୟବହାର ମିଳୁନଥିବା ଅଭିଯୋଗ ହୋଇଛି।ଗୋଟିଏ ଆବାସିକ ହଷ୍ଟେଲରେ ୯୦ ଜଣ ଛାତ୍ରୀ ରହୁଥିବା ବେଳେ ମାତ୍ର ଜଣେ ରୋଷେୟାଙ୍କ ଉପରେ ଏତେ ବଡ଼ ଦାୟିତ୍ୱ ଦିଆଯିବା କେତେଦୂର ଯୁକ୍ତିଯୁକ୍ତ, ତାହାକୁ ନେଇ ପ୍ରଶ୍ନ ଉଠିଛି। ଛାତ୍ରୀ ନିବାସର ସୁଚାରୁ ପରିଚାଳନା ଓ ଛାତ୍ରୀମାନଙ୍କ ମୌଳିକ ସୁବିଧା ସୁନିଶ୍ଚିତ କରିବା ଦିଗରେ କର୍ତ୍ତୃପକ୍ଷ କାହିଁକି ତୁରନ୍ତ ପଦକ୍ଷେପ ନେଉନାହାନ୍ତି, ତାହାକୁ ନେଇ ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ଏହି ଅଭିଯୋଗଗୁଡ଼ିକର ସତ୍ୟତା ଯାଞ୍ଚ କରି ଛାତ୍ରୀ ନିବାସରେ ଆବଶ୍ୟକ କର୍ମଚାରୀ ନିଯୁକ୍ତି ସହ ସୁବ୍ୟବସ୍ଥିତ ପରିଚାଳନା ପାଇଁ କର୍ତ୍ତୃପକ୍ଷ ତୁରନ୍ତ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି। ଅପର ପକ୍ଷରେ କିଛି ଅଭିଭାବକ ଏହା ପୂର୍ବରୁ ପ୍ରଧାନ ଶିକ୍ଷକଙ୍କ ବିରୁଦ୍ଧରେ ବେଗୁନିଆପଡା ବି ଇ ଓ ଙ୍କୁ ଲିଖିତ ଅଭିଯୋଗ କରିଥିଲେ ଏହାକୁ ନେଇ ବେଗୁନିଆପଡା ବି ଇ ଓ ତାଙ୍କ ଠାରୁ ମଧ୍ୟ ରିପୋର୍ଟ ମାଗିଛନ୍ତି। ପ୍ରଧାନ ଶିକ୍ଷକ ସିମାଞ୍ଚଳ ପାତ୍ର ଅଭିଯୋଗ କୁ ଅସ୍ୱୀକାର କରିବା ସହିତ ଏହା ସମ୍ପୂର୍ଣ ଭିତ୍ତିହୀନ କହି ବିଇ ଙ୍କୁ ଲିଖିତ ଉତ୍ତର ପ୍ରଦାନ କରିଥିବା କହିଛନ୍ତି କ୍ଷ ଏହି ଛାତ୍ରୀ ନିବାସଟି ବେଗୁନିଆପଡ଼ା ବ୍ଲକ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଦାୟିତ୍ୱରେ ଥିବା ଜିପିଓ ସୁଧୀର ପ୍ରଧାନଙ୍କ ଦାୟିତ୍ୱରେ ରହିଛି। ଏ ସମାସ୍ୟାକୁ ନେଇ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ଲିଖିତ ଅବଗତ କରାଯାଇଥିବା ସେ କହିଛନ୍ତି ପ୍ରଧାନ ଶିକ୍ଷକ। ୱାର୍ଡେନ ଓ ପ୍ରଧାନ ଶିକ୍ଷ୍ୟକଙ୍କ ଆରୋପ ପ୍ରତ୍ୟାରୋପ ର ପୂର୍ଣ୍ଣଚ୍ଛେଦ ପଡି ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ସମାସ୍ୟାର ସମାଧାନ କେବେ ହେଉଛି ତା ଉପରେ ନଜର ରହିଛି।

ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ କର୍ମଚାରୀଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଯାଜପୁର (ଅମୃତ ମିଡିଆ): ଯାଜପୁର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ବରିଷ୍ଠ କିରାଣୀ ଅମୀୟ ତ୍ରିପାଠୀ ଏବଂ ଗ୍ରନ୍ଥାଗାରିକ ହରପ୍ରିୟା ସାହୁଙ୍କ ଅନ୍ୟତ୍ର ବଦଳି ଅବସରରେ ଉଭୟଙ୍କୁ କାର୍ଯ୍ୟାଳୟରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶ କ୍ରମେ ଗ୍ରନ୍ଥାଗାରିକ ହରପ୍ରିୟା ସାହୁ କେନ୍ଦ୍ରାପଡ଼ା ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟକୁ ବଦଳି ହୋଇଛି। ଏହାସହ ବରିଷ୍ଠ କିରାଣୀ ଅମୀୟ ତ୍ରିପାଠୀ ପଦୋନ୍ନତି ପାଇ ସେକ୍ସନ ଅଧିକାରୀ ଭାବେ ଜିଲ୍ଲା ପଞ୍ଚାୟତ କାର୍ଯ୍ୟାଳୟରେ ଯୋଗ ଦେଇଛନ୍ତି। ଏହି ସଭାରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ କାମିନୀ ରଞ୍ଜନ ପଟ୍ଟନାୟକ ଏବଂ ସମସ୍ତ କର୍ମଚାରୀ ଯୋଗଦେଇ ବଦଳି ହୋଇଥିବା କର୍ମଚାରୀଙ୍କ

କାର୍ଯ୍ୟଦକ୍ଷତା, ନିଷ୍ଠା, ସମୟାନୁବର୍ତ୍ତିତା ଓ ସହକର୍ମୀଙ୍କ ପ୍ରତି ତାଙ୍କର ଆତ୍ମୀୟତାକୁ ସ୍ମରଣ କରିଥିଲେ। ବଦଳି ହୋଇଥିବା ଉଭୟ କର୍ମଚାରୀଙ୍କୁ ଉତ୍ତରୀୟ ଏବଂ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ଅବସରରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ପଟ୍ଟନାୟକ ନୂତନ କର୍ମସ୍ଥଳୀରେ ସଫଳତା ଓ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିବା ସହ ସରକାରୀ ଦାୟିତ୍ୱକୁ ନିଷ୍ଠାର ସହ ନିର୍ବାହ କରିବା ପାଇଁ ଶୁଭେଚ୍ଛା ଜଣାଇଥିଲେ।

ପୁରୁଷୋତ୍ତମପୁର ଏନଏସିରେ ସ୍ୱାୟତ୍ତ ଶାସନ ଦିବସ

ପୁରୁଷୋତ୍ତମପୁର (ଅମୃତ ମିଡିଆ): ପୁରୁଷୋତ୍ତମପୁର ବିଜ୍ଞାପିତ ଆଞ୍ଚଳ ପରିଷଦ ତରଫରୁ ବହୁମୁଖୀ ଇଣ୍ଡୋର ଷ୍ଟାଡିଏମ ପରିସର ରେ ଏନଏସି ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ଓ କାର୍ଯ୍ୟନିର୍ବାହୀ ଅଧିକାରୀ ସଙ୍ଗୀତା କୁମାରୀ ସେଠୀଙ୍କ ମିଳିତ ସଂଯୋଜନାରେ ସ୍ୱାୟତ୍ତ ଶାସନ ଦିବସ ପାଳିତ ହୋଇ ଥିଲା। ଏହା ମହା ଆଡମ୍ବର ଭାବରେ ପାଳନ କରାଯାଇ ଥିଲା । ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ଜାତୀୟ ପତାକା ଉତ୍ତୋଳନ ପରେ ଜାତୀୟ ସଂଗୀତ ଗାନ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ରୂପେ ଆସ୍କା ସାଂସଦ ଶ୍ରୀମତୀ ଅନିତା ସୁଭଦର୍ଶିନୀ, ସମ୍ମାନିତ ଅତିଥି ଭାବେ ପୁରୁଷୋତ୍ତମପୁର ଏସ ଡି ପିଓ ସୁଜିତ କୁମାର ନାୟକ , ଥାନା ଅଧିକାରୀ କୁଳମଣୀ ସେଠୀ, ମୁଖ୍ୟ ବକ୍ତା ଭାବେ ତହସିଲ ବିନୋଦ କୁମାର ବେହେରା, ଏମପି ପୁରୁଷୋତ୍ତମପୁର ଏନଏସି ନମିନି ବିଶ୍ୱଜିତ ମହାପାତ୍ର, ଏକଜଂ କାଉନ ସିଲର ଭବାନୀ ଶଙ୍କର ନାହାକ, ୨ନଂ କାଉନ ସିଲର ଭାସ୍କର ବେହେରା,୩ନଂ କାଉନ ସିଲର କେ ପ୍ରମୋଦ କୁମାର ଆଚାରୀ, ୪ନଂ କାଉନ ସିଲର ଅଶୋକ କୁମାର ମହାକୁଡ଼, ୫ନଂ କାଉନ ସିଲର ସୁଜାତା ବେହେରା, ୬ନଂ କାଉନ ସିଲର ସୁଦଷ୍ଣା ବେହେରା, ୭ନଂ କାଉନ ସିଲର ଯମୁନା ବେହେରା, ୮ନଂ କାଉନ ସିଲର ଲିଙ୍ଗରାଜ ବେହେରା, ୯ନଂ କାଉନ ସିଲର ଅର୍ଚନା ପଣ୍ଡା, ୧୦ନଂ କାଉନ ସିଲର ଅରୁଣ କୁମାର ମାହାଙ୍କୁଡ, ୧୧ନଂ କାଉନ ସିଲର ସୁଜ୍ଞାନୀ କୁମାରୀ ପଣ୍ଡା, ୧୨ ନଂ କାଉନ ସିଲର ଗିରିଜା ବେହେରା, ମଞ୍ଚାସିନ ଥିଲେ । କାର୍ଯ୍ୟ ନିର୍ବାହୀ ଅଧିକାରୀ ସଂଗୀତା ସେଠୀ ଅତିଥି ମାନଙ୍କ ପରିଚୟ ପ୍ରଦାନ କରି ଜଗନ୍ନାଥ ଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରି ତାଙ୍କରି ଆଶିଷ ଭିକ୍ଷା କରିଥିଲେ ।

ଅତିଥି ମାନେ ସ୍ୱାୟତ ଶାସନ ର ବ୍ୟବସ୍ତା, କାର୍ଯ୍ୟ କାରିତା, ଏବଂ ଜନ ସାଧାରଣ ଙ୍କ ଦାଇତ୍ୱ ବୋଧତା ଉପରେ ଅନେକ କଥା କହିଥିଲେ ।ମୁଖ୍ୟ ବକ୍ତା ସ୍ୱାୟତ୍ତ ଶାସନର ମହତ୍ୱ ଓ ନଗର ଉନ୍ନୟନ ଉପରେ ବକ୍ତବ୍ୟ ରଖିଥିଲେ। ଏହି ସମାରୋହରେ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମାଜସେବା, ସାମ୍ବାଦିକତା ଓ ସାମାଜିକ ଅବଦାନ ପାଇଁ ଅଞ୍ଚଳର ବହୁ ବରିଷ୍ଠ ନାଗରିକ, ସମାଜସେବୀ, ସ୍ୱୟଂ ସହାୟକ ଗୋଷ୍ଠୀ ଓ ସାମ୍ବାଦିକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାସହିତ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ସାଂସଦ ଓ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। କିଛି ଭତ୍ତା ହିତାଧିକାରୀ ଙ୍କୁ କିଛି ମାସ ହେଲା ଭତ୍ତା ମିଳି ନଥିବାରୁ ସାଂସଦ ଙ୍କୁ ଅଭିଯୋଗ କରିଥିଲେ। ସାଂସଦ କାର୍ଯ୍ୟକ୍ରମ ନିର୍ବାହୀ ଅଧିକାରୀଙ୍କୁ ତୁରନ୍ତ ଏହାର ସମାଧାନ କରିବାକୁ କହିଥିଲେ। ଶେଷରେ ଅଧକ୍ଷ କୃଷ୍ଣ ଚନ୍ଦ୍ର ପଣ୍ଡା ଏନଏସି ପାଇଁ କିଛି ନୂତନ ଆଶା ନେଇ ତହସିଲଦାରଙ୍କ ସହ କଥାହୋଇ ସବୁ ଉନ୍ନତି କରିବେ ବୋଲି କହି ଉପସ୍ଥିତ ଅତିଥି, ଓ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ ।

ପାଣ୍ଡିଆ ପଞ୍ଚାୟତରେ ହିତାଧିକାରୀଙ୍କୁ ରାସନକାର୍ଡ, ଭତ୍ତା ବଣ୍ଟନ

ପୁରୁଷୋତ୍ତମପୁର (ଅମୃତ ମିଡିଆ): ପୁରୁଷୋତ୍ତମପୁର ବ୍ଲକ ଅନ୍ତର୍ଗତ ପଣ୍ଡିଆ ପଞ୍ଚାୟତଠାରେ ମହିଳା ସରପଞ୍ଚ ସବିତା ସେଠୀ ଏବଂ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ନିରଞ୍ଜନ ବେଦ୍ୟଙ୍କ ମିଳିତ ସଂଯୋଜନା ରେ ଆୟୋଜିତ ଏକ ଭତ୍ତା ବଣ୍ଟନ ମେଳାରେ ମୁଖ୍ୟଅତିଥି ଭାବେ କବିସୂର୍ଯ୍ୟ ନଗର ବିଧାୟକ ପ୍ରତାପ ଚନ୍ଦ୍ର ନାୟକ ଯୋଗଦେଇ ୩୦ ଜଣଙ୍କୁ ଭତ୍ତା ଓ ୫୦ ଜଣ ହିତାକାରୀଙ୍କୁ ରାସନ କାର୍ଡ ବଣ୍ଟନ କରିଛନ୍ତି । ଏହି ଉପଲକ୍ଷେ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ବ୍ଲକ ଅଧକ୍ଷଙ୍କପ୍ରତିନିଧି ଜଗତ ବନ୍ଧୁ ପଣ୍ଡା , ସମିତିସଭ୍ୟ ସିମାଞ୍ଚଳ ଗୌଡ଼ ପୂର୍ବତନ ବ୍ଲକ ଅଧକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ଉପାଧକ୍ଷା ପ୍ରତିନିଧି ଲିଙ୍ଗରାଜ ବାରିକ,ସରପଞ୍ଚ ପ୍ରତିନିଧି ସନ୍ତୋଷ ସେଠୀ,କୈଳାସ ସେଠୀ, ବିଜେପି ଝାଡ଼ ବାଇ ମଣ୍ଡଳ ସଭାପତି ଶ୍ରୀକାନ୍ତ ପଣ୍ଡା, ଶିକୁଳା ଏ ଡି ଇ ଓ ଚନ୍ଦନ ନାୟକ ଙ୍କ ସହ ମହିଳା ସଂଘ ସଭାପତି ମମତା ପ୍ରଧାନ ଓ ବହୁ ସଂଖ୍ୟାରେ ମହିଳା,ଦଳୀୟ କର୍ମୀ ଏବଂ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ ।

ଜନ୍ମଦେବା ପରେ ଆଖିବୁଜିଲେ ମା'

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ଥାନା ଅନ୍ତର୍ଗତ ବଡ଼ପଗି ଗ୍ରାମର କମଳ କିଶୋର ଜେରାଇଙ୍କ ସ୍ତ୍ରୀ ତିଲୋତ୍ତମା ତିରିଆ (୨୫)ଙ୍କର ଚିକିତ୍ସାଧୀନ ଅବସ୍ଥାରେ ସୋମବାର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ମୃତ୍ୟୁ ଘଟିଛି। ସୂଚନା ଅନୁଯାୟୀ, ଗତ ଅଗଷ୍ଟ ୨୭ ତାରିଖରେ ତିଲୋତ୍ତମାଙ୍କୁ ପ୍ରସବ ବେଦନା ହେବାରୁ ପରିବାର ଲୋକେ ତାଙ୍କୁ କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ସେ ଏକ କନ୍ୟାସନ୍ତାନ ଜନ୍ମ ଦେବା ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହୋଇଥିଲା। ପରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁକନ୍ୟାର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବାବେଳେ ସୋମବାର ଅପରାହ୍ନ ପ୍ରାୟ ୩ଟା ସମୟରେ ତିଲୋତ୍ତମାଙ୍କର ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ସାହାରପଡ଼ା ଫାଣ୍ଡି ପୋଲିସ ମୃତଦେହର ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ପାଟଣା ଥାନାରେ ୪୬/୨୬ ନମ୍ବରରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ଥ ଓରାମ କହିଛନ୍ତି।

ପ୍ରଥମ ବର୍ଷ ଡାକ୍ତରୀ ଛାତ୍ର ନିଖୋଜ

ରେଲୱେ ଷ୍ଟେଶନରୁ ମିଳିଲା ମୋବାଇଲ

ବ୍ରହ୍ମପୁର (ଅମୃତ ମିଡିଆ): ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମକେସିଜି) ଭେଷଜ ମହାବିଦ୍ୟାଳୟର ଜଣେ ଛାତ୍ର ନିଖୋଜ ନେଇ ବୈଦ୍ୟନାଥପୁର ଥାନାରେ ଅଭିଯୋଗ ହୋଇଛି। ସୂଚନା କ୍ରମେ ଯାଜପୁର ଜିଲା କୁଆଖିଆ ଥାନା ଅନ୍ତର୍ଗତ କପାଳି ଗ୍ରାମର ସାଗର ସାହୁ (୨୧) ଅଗଷ୍ଟ ୩୧ ରୁ ନିଖୋଜ ହୋଇଯାଇଛନ୍ତି। ଗତ ରବିବାର ଦିନ ତାଙ୍କ ମୋବାଇଲ ଫୋନ ବ୍ରହ୍ମପୁର ରେଳ ଷ୍ଟେଶନର ଏକ ନମ୍ବର ପ୍ଲାଟଫର୍ମରୁ ମିଳିଛି । ଏମବିବିଏସ ପ୍ରଥମ ବର୍ଷ ଛାତ୍ର ସାଗର ବିନା କୋଚିଂରେ ନିଟ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏମକେସିଜିରେ ନାମ ଲେଖାଇଥିଲେ। ସେ ପ୍ରଥମ ବର୍ଷର ପଢୁଥିବା ମାମୁ କୁଳମଣି ସାହୁ ସୂଚନା ଦେଇଛନ୍ତି । ସାଗରଙ୍କ ନିଖୋଜ ନେଇ ବିଏନପୁର ଥାନା ଓ ଜିଆରପି ଥାନା ଷ୍ଟେଶନ ପରିସରରେ ଲାଗିଥିବା ସିସିଟିଭି ଯାଞ୍ଚ ଓ ବିଭିନ୍ନ ଦିଗକୁ ନେଇ ତଦନ୍ତ ଆରମ୍ଭ କରିଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି ।

ଜାଲରେ ଫସିଥିଲା ବିରାଟକାୟ ଅଜଗର

ପାଟଣା (ଅମୃତ ମିଡିଆ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଅଧୀନ ମୃଷାପଡ଼ା ଗାଁର ଭରତ ନାଏକଙ୍କ ବଗିଚାରେ ଲାଗିଥିବା ଜାଲରୁ ବୁଧବାର ପୂର୍ବାହ୍ନରେ ଏକ ୬ ଫୁଟ ଲମ୍ବର ଅଜଗର ସାପକୁ ବନବିଭାଗ ଉଦ୍ଧାର କରିଛି। ବନବିଭାଗ ପାରା ଷ୍ଟାଫ୍ ଏମ୍‌ତି ଓ୍ୱାସିମଙ୍କ ନେତୃତ୍ୱରେ ପାରା ଷ୍ଟାଫ୍ ଭରତ ଚନ୍ଦ୍ର ନାଏକ ଓ କାର୍ତ୍ତିକ ମହାନ୍ତ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ଉଦ୍ଧାର ପରେ ଅଜଗରଟିକୁ ସୁରକ୍ଷିତ ଭାବେ ଜଙ୍ଗଲରେ ଛାଡ଼ି ଦିଆଯିବ ବୋଲି ରେଞ୍ଜର ଆର୍ତ୍ତତ୍ରାଣ ମିର୍ଜା କହିଛନ୍ତି।

ମେଡିକାଲ ସାଇନ୍ସ କଲେଜର ତୃତୀୟ ବାର୍ଷିକ ଉତ୍ସବ

ଚାନ୍ଦବାଲି (ଅମୃତ ମିଡିଆ): ମା' ଦକ୍ଷିଣେଶ୍ୱରୀ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ କଲେଜର ତୃତୀୟ ବାର୍ଷିକ ଉତ୍ସବ କଲେଜ ପରିସରରେ ଆନନ୍ଦ ଉତ୍ସାହର ସହ ଅନୁଷ୍ଠିତ ହୋଇଯାଇଛି। କଲେଜ ନିର୍ଦ୍ଦେଶକ ଦ୍ୱାରିକାନାଥ ଦାଶଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ସେ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ।

ମୁଖ୍ୟ ଅତିଥି ଭାବେ ଚାନ୍ଦବାଲି ଏସ୍‌ଡିପିଓ ପ୍ରଭାଷ ଚନ୍ଦ୍ର ସାହୁ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ଯୋଗଦେଇଥିଲେ। ସମ୍ମାନିତ ବକ୍ତା ଭାବେ ତାରାପଦ ମହାନ୍ତି ଏବଂ ସମ୍ମାନିତ ଅତିଥି ଭାବେ ଡ. ଆଲୋକ କୁମାର କର ଓ କଲେଜ ଚେୟାରମ୍ୟାନ ଗୌରପ୍ରିୟା ଦାଶ ଯୋଗଦେଇ ଜିଏନ୍ ?ଏମ୍ ? ଛାତ୍ରଛାତ୍ରୀମାନଙ୍କୁ ଉଦ୍ଦେଶ୍ୟରେ ଅଭିଭାଷଣ ରଖିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ଓ କୃତିତ୍ୱ ପାଇଁ ଛାତ୍ରୀମାନଙ୍କୁ ପୁରସ୍କୃତ ଓ ସମ୍ମାନିତ କରାଯାଇଥିଲା। ପରେ ଛାତ୍ରୀମାନଙ୍କ ପକ୍ଷରୁ ବିଭିନ୍ନ ମନୋରଞ୍ଜନଧର୍ମୀ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

ଜିଲ୍ଲାସ୍ତରୀୟ ସ୍କାଉଟ୍ସ ଗାଇଡ୍ସ ତାଲିମ ଶିବିର

ପୋଲସରା (ଅମୃତ ମିଡିଆ): ପୋଲସରା କାଳୀ ମନ୍ଦିର ସାହି ନିକଟସ୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସ୍କାଉଟ୍ ଗାଇଡ୍ସର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସ୍କାଉଟ୍ ଗାଇଡ୍ସର ସମ୍ପାଦକ ଭାଗୀରଥୀ ସ୍ୱାଇଁଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ କାର୍ଯ୍ୟକ୍ରମକୁ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟ ଦାଶରଥି ସ୍ୱାଇଁଙ୍କ ପ୍ରତ୍ୟକ୍ଷ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ଏହି ତୃତୀୟ ପର୍ଯ୍ୟାୟ ଟେଷ୍ଟ କ୍ୟାମ୍ପରେ ଜିଲ୍ଲା ସ୍କାଉଟ୍ ତାଲିମ କମିଶନର ବିକ୍ରମ ମହାରଣା, ସହ ତାଲିମ କମିଶନର ଅରୁଣ କୁମାର ତାଙ୍ଗୁଆ, ଜିଲ୍ଲା ରିପ୍ରେଜେଣ୍ଟେଟିଭ ଭାସ୍କର ରଣା ପ୍ରମୁଖ ତାଲିମଦାତା ଭାବେ ଯୋଗଦେଇଥିଲେ । କାର୍ଯ୍ୟକ୍ରମକୁ ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଶୁଭ ଆରମ୍ଭ ଏବଂ ସ୍କାଉଟ୍ ପ୍ରତିଷ୍ଠାତା ରେଡେନ ପାଓ୍ୱାଲ ଏବଂ ଗାଇଡ୍ସର ପ୍ରତିଷ୍ଠାତା ଲେଡି ଭେଡେନ ପାଓ୍ୱାଲ ଉଭୟଙ୍କ ଫୋଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଶୁଭାରମ୍ଭ କରିଥିଲେ । ପରେ ତାଲିମଦାତାମାନେ ଉପସ୍ଥିତ ସ୍କାଉଟ୍ ଏବଂ ଗାଇଡ୍ସମାନଙ୍କୁ ଫ୍ଲାଗ ପ୍ରୋସିସ୍, ନଟାସ୍ଥ ବେଣ୍ଡେଜ ପ୍ରାଥମିକ ଚିକିତ୍ସା, ମ୍ୟାପିଙ୍ଗ, କମ୍ପାସ ଏଷ୍ଟିମେସନ୍, ସିଗନାଲିଙ୍ଗ, ହେଣ୍ଡ ସିଗନାଲ, ସ୍କାଉଟ୍ ?ର ଇତିହାସ, ଷ୍ଟେଚର, ଫ୍ଲାଗ ମାଷ୍ଟ, ସେଲ୍‌ଟର, ୟୁନିଫର୍ମ, ପଦୋନ୍ନତି, ନିୟମ, ପ୍ରତିଜ୍ଞା ନିୟମ,କରମର୍ଦ୍ଦନ, ସ୍କାଉଟ୍ ଗାଇଡ୍ ସାଇନ୍,ସାଲ୍ୟୁଟ ପ୍ରଭୃତି ବି

ମଣ୍ଡଳ ଶିକ୍ଷାଧିକାରୀଙ୍କ ଆଦେଶକୁ ଅବମାନନା

ବିଦ୍ୟାଳୟରେ ଯୋଗ ଦେଉନାହାଁନ୍ତି ଶିକ୍ଷକ

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧିନସ୍ଥ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୂତନ ଶିକ୍ଷକ ଭାବେ ଫାଜଲୁର ରହେମାନ୍ ଯୋଗ ଦେବା ପାଇଁ ମଣ୍ଡଳ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ନିଶ୍ଚିନ୍ତକୋଇଲି ପକ୍ଷରୁ ତା.୨୮.୦୮.୨୦୨୬ରିଖ ରେ ନିର୍ଦ୍ଦେଶ ଦିଆଯାଇଥିଲା। ପୂର୍ବରୁ ଫାଜଲୁର ରହେମାନ୍ ତବଲିଗନଗର ପ୍ରୋଜେକ୍ଟ ଯୁଜିଏଚଏସରେ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ । ଏଠାରେ ସୂଚନାଥାଉକି ଦୁଇଜଣ ଶିକ୍ଷୟିତ୍ରୀରେ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟ ଚାଲୁ ରହିଥିବାବେଳେ ତା.୩୧.୦୮.୨୦୨୬ରିଖରେ ସହକାରୀ ଶିକ୍ଷୟିତ୍ରୀ ଶ୍ରୀମତୀ ଅନ୍ନପୂର୍ଣ୍ଣା ସାମଲ ଅବସର ଗ୍ରହଣ କରିଛନ୍ତି । ସହକାରୀ ଶିକ୍ଷୟିତ୍ରୀ ଅବସର ନେଲା ପରେ ଏହି ବିଦ୍ୟାଳୟରେ ଶିକ୍ଷୟିତ୍ରୀ ତମାଳଲତା ମହାପାତ୍ର ଏକାକୀ ବିଦ୍ୟାଳୟରେ ଶିକ୍ଷାଦାନ ଓ ବିଦ୍ୟାଳୟର ପରିଚାଳନା କରିବାରେ ଅସୁବିଧା ଭୋଗୁଛନ୍ତି । ବିଦ୍ୟାଳୟରେ ନୂତନ ଶିକ୍ଷକ ଭାବେ ଯୋଗ ଦେବାକୁ ସରକାରୀ ନିର୍ଦ୍ଦେଶ ରହିଥିଲା ବେଳେ ଏଯାଏଁ ସମ୍ପୃକ୍ତ ଶିକ୍ଷକ ଫାଜଲୁର ରହେମାନ୍ ରଙ୍ଗମୁଣ୍ଡାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଯୋଗ ଦେଇନଥିବାରୁ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା ପରିଷଦର ସଦସ୍ୟ ସଦସ୍ୟାମାନେ ଗଭୀର କ୍ଷୋଭ ପ୍ରକାଶ କରିଛନ୍ତି। କଣ ପାଇଁ ଜଣେ ଶିକ୍ଷକ ମଣ୍ଡଳ ଶିକ୍ଷାଧିକାରିଣୀଙ୍କ ନିର୍ଦ୍ଦେଶକୁ ଅବମାନନା କରୁଛନ୍ତି, ଏହା ପଛରେ କି ରହସ୍ୟ ଲୁଚିରହିଛି ତାହା ତଦନ୍ତ ସାପେକ୍ଷ । ତୁରନ୍ତ କଟକ ଜିଲ୍ଲା ଶିକ୍ଷାଧିକାରୀ ଏଥିପ୍ରତି ଗୁରୁତ୍ୱ ଦେଇ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଦ୍ୟାଳୟ ପରିଚାଳନା ପରିଷଦ ଓ ଛାତ୍ର ଅଭିଭାବଙ୍କ ପକ୍ଷରୁ ଦାବି ହୋଇଛି ।

ଅଧ୍ୟାପକଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): ନିଶ୍ଚିନ୍ତକୋଇଲି ବ୍ଲକ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ଓଡ଼ିଆ ବିଭାଗ ଅଧ୍ୟାପକ ଗଗନବିହାରୀ ଦାଶଙ୍କୁ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ପୂର୍ବତନ ଛାତ୍ର ସଂସଦ ସଭାପତି କ୍ଷମାନିଧି ପୁଝାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷ ଶଙ୍କରପ୍ରସାଦ ନାୟକ, ମୁଖ୍ୟବକ୍ତା ଭାବେ ପୂର୍ବତନ ଅଧକ୍ଷ ଅକ୍ଷୟ କୁମାର ବେହେରା,ସମ୍ମାନୀତ ଅତିଥି ଭାବେ ଅଧ୍ୟାପକ ବିପିନ ବିହାରୀ ଦାସ,ଏଲଟି ସୁଶାନ୍ତ କୁମାର ସାହୁ,ଅଧ୍ୟାପକ ସୂର୍ଯ୍ୟ କୁମାର ଥାପା,ଅଧ୍ୟାପକ ବିନୟ କୁମାର ଦାସ ପ୍ରମୁଖ ଯୋଗ ଦେଇ ବିଦାୟୀ ଅଧ୍ୟାପକଙ୍କୁ ଜଣେ ଛାତ୍ର ବତ୍ସଳ ଆଦର୍ଶ ଅଧ୍ୟାପକ ଭାବେ ବର୍ଣ୍ଣନା କରିବା ସହ ଏହା ବିଦାୟ ନୁହେଁ ଏହା ଏକ ସୃଚିର ଅଧ୍ୟାୟ ବୋଲି କହିଥିଲେ । ପୁରାତନ ଛାତ୍ର ନେତା ରତନ କୁମାର କର,ହିମାଂଶୁଶେଖର ଦାସ,ନିର୍ମଳ ପଢିହାରୀ,ଇଜାଜ୍ ଖାଁ,ସୁଶାନ୍ତ ମଲିକ,ଶୁଭ୍ରଜିତ୍ ଖୁଣ୍ଟିଆ,ସାମ୍ବାଦିକ ରତ୍ନାକର ବାରିକ ପ୍ରମୁଖ ବିଦାୟୀ ଅଧ୍ୟାପକଙ୍କୁ ପୁଷ୍ପଗୁଚ୍ଛ ଓ ଉ□ରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ମହାବିଦ୍ୟାଳୟର ପୁରାତନ ଛାତ୍ର ଜ୍ଞାନକାବଲ୍ଲଭ ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତଭାଷଣ ପ୍ରଦାନ କରିଥିବା ବେଳେ ଛାତ୍ର ନେତା ଅମିତାଭ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ବହୁ ଛାତ୍ର ଛାତ୍ରୀ ଉପସ୍ଥିତ ଥିଲେ । ସେହିପରି ଶ୍ରୀ ଶ୍ରୀ ଦଧିବାମନ ଜୀଉ ଟ୍ରଷ୍ଟ ପକ୍ଷରୁ ମନ୍ଦିର ପରିସରରେ ସମାଜସେବୀ ନୃସିଂହଚରଣ ମୁଦୁଲିଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ଶିକ୍ଷାବିତ୍ ଭୈରବଚନ୍ଦ୍ର ଜେନା,ଅରୁଣ ସିଂହ,ରବୀନ୍ଦ୍ର ମହାପାତ୍ର,ସୁଶାନ୍ତ ପଣ୍ଡା,ଜଗଜ୍ଜୀବନ ମୁଦୁଲି,ପ୍ରକାଶ ସେଠୀ,ପ୍ରମୋଦ କୁମାର ଦଲାଇ,କ୍ଷିତିଶ ରାଉତ ପ୍ରମୁଖ ଯୋଗ ଦେଇ ବିଦାୟୀ ଅଧ୍ୟାପକ ଶ୍ରୀଯୁକ୍ତ ଦାଶଙ୍କ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ ।

୨୫କିଲୋ ଗଞ୍ଜେଇ ଜବତ,୨ଗିରଫ

କେନ୍ଦ୍ରାପଡ଼ା(ଅମୃତ ମିଡିଆ): କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ କେନ୍ଦ୍ରାପଡା ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କେନ୍ଦ୍ରାପଡ଼ା ସଦର ଥାନା ଅଞ୍ଚଳର ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା । ଏହି କ୍ରମରେ କଚେରିପଡ଼ା ଗ୍ରାମରେ କଙ୍ଗୋ ସିଗାରେଟ୍ ଖୋଳ ମଧ୍ୟରେ ଗଞ୍ଜେଇ ଭର୍ତ୍ତି କରି ବିକ୍ରି କରାଯାଉଥିବା ସମ୍ପର୍କରେ ବିଶେଷ ସୂତ୍ରରୁ ସୂଚନା ପାଇ ଅବକାରୀ ବିଭାଗ ପକ୍ଷରୁ ଅତର୍କିତ ଚଢ଼ାଉ କରାଯାଇଥିଲା । କେନ୍ଦ୍ରାପଡ଼ାର ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍‌ଙ୍କ ଉପସ୍ଥିତିରେ ତଲାସୀ କରାଯାଇ ୨୫ କି.ଗ୍ରା. ଗଞ୍ଜେଇ ଜବତ କରାଯାଇଥିଲା । ଏହି ଘଟଣା ସମ୍ପର୍କିତ ମାମଲାରେ କଚେରିପଡ଼ା ଗ୍ରାମର ସୂର୍ଯ୍ୟକାନ୍ତ ବାରିକ(୩୨) ଏବଂ ରଶ୍ମୀକାନ୍ତ ବାରିକ(୪୦)ଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି । ଏହି ଚଢ଼ାଉରେ ଅବକାରୀ ଉପ ନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

ପ୍ରଥମ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ବାରାଣସୀ ଅଯୋଧ୍ୟା ଟ୍ରେନ ଶୁଭାରମ୍ଭ

ଖୋର୍ଦ୍ଧା ଜିଲ୍ଲାର ୧୬୯ ଯାତ୍ରୀ ସାମିଲ

ଖୋର୍ଦ୍ଧା(ଅମୃତ ମିଡିଆ): ଆଜି ୨୦୨୬ ବର୍ଷର ପ୍ରଥମ ବରିଷ୍ଠ ତୀର୍ଥ ଯାତ୍ରା ବାରାଣସୀ ଅଯୋଧ୍ୟା ଟ୍ରେନର ସୁଭାରମ୍ଭ ଉପଲକ୍ଷେ ଖୋରଧା ଜିଲ୍ଲାର ୧୬୯ ଜଣ ତୀର୍ଥ ଯାତ୍ରୀ (ଖୋରଧା ସବ୍ ଡିଭିଜନର ୧୨୪ ଏବଂ ଭୁବନେଶ୍ୱର ସବ୍ ଡିଭିଜନ ର ୪୫)ସାମିଲ ହୋଇଛନ୍ତି । ଆଜି ଅପରାହ୍ନରେ ଜିଲ୍ଲା ସଂସ୍କୃତି ଓ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ଜିଲ୍ଲା ପ୍ରଶାସନ ଏବଂ ପର୍ଯ୍ୟଟନ ବିଭାଗ ମିଳିତ ଆନୁକୂଲ୍ୟରେ ତୀର୍ଥ ଯାତ୍ରୀ ମାନଙ୍କୁ ଏକ ଭବ୍ୟ ସ୍ୱାଗତ ସମାରୋହ ରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ବିଧାୟକ, ଖୋରଧା ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ ଯୋଗଦେଇ ତୀର୍ଥ ଯାତ୍ରୀ ମାନଙ୍କ ଭୁବନେଶ୍ୱର ରେଳ ଷ୍ଟେସନ ଆଗମନ ଉପଲକ୍ଷେ ମହାପ୍ରଭୁଙ୍କ ନାମରେ ଶ୍ରୀଫଳ ବାଡ଼େଇ ଚାରିଗୋଟି ବସରେ ତୀର୍ଥ ଯାତ୍ରୀ ମାନଙ୍କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ,ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ସମାରୋହରେ ନିଜ ଅଭିଭାଷଣରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ କହିଲେ ମନୁଷ୍ୟ ଜୀବନର ଶେଷ ଲକ୍ଷ୍ୟ ପ୍ରଭୁଙ୍କ ଦର୍ଶନ, ବିଭୂକୃପା କରୁଣା ଲାଭ ଓ ପରମ ଧାମ ପ୍ରାପ୍ତି । ରାଜ୍ୟ ସରକାରଙ୍କ ଏହି ଅଭିନବ ଯୋଜନାରେ ବରିଷ୍ଠ ନାଗରିକ ମାନେ ଚାରିଧାମ ଯାତ୍ରା କରି ପ୍ରଭୁଙ୍କ ଦିବ୍ୟ ଦର୍ଶନ କରି ପରିଣତ ବୟସରେ ନିଜର ଅଭିପ୍ସା ପୂର୍ଣ୍ଣ କରିବାର ସୁଯୋଗ ପାଉଛନ୍ତି । ମହାପ୍ରଭୁଙ୍କ ତଥା ଠାକୁରଙ୍କ ଡୋରି ଲାଗିଲେ ପଙ୍କୁ ଲଂଘୟତେ ଗିରି ପରି ଆଜି ଯେଉଁ ତୀର୍ଥ ଯାତ୍ରୀ ମାନେ ବାରାଣସୀ ଅଯୋଧ୍ୟା ପ୍ରଭୁ ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଙ୍କ ଦର୍ଶନରେ ଯାଉଛନ୍ତି ସମସ୍ତେ ଖୁସି ଖୁସି ଯାଇ ଫେରିବାକୁ ସଦିଚ୍ଛା ରଖିବା ସହ ଖୋରଧା ଜିଲ୍ଲା ଠାରୁ ଆରମ୍ଭ କରି ଓଡ଼ିଶା ପ୍ରଦେଶ, ଅଖଣ୍ଡ ଭାରତ ବର୍ଷ ଓ ସମଗ୍ର ବିଶ୍ୱର ମଙ୍ଗଳ ପାଇଁ ମହାପ୍ରଭୁଙ୍କୁ ଆଶିଷ ମାଗିବାକୁ ତୀର୍ଥ ଯାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ । ସଭାପତି ଭାଷଣରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା କହିଲେ ଯେ ତୀର୍ଥ କରିବା ଦ୍ୱାରା ମନୁଷ୍ୟ ମନରେ କଳୁଷିତ ମନୋଭାବ ଖଣ୍ଡନ ହୋଇ ଦେବତ୍ୱ ମନୋଭାବ ଜାଗ୍ରତ ହୋଇଥାଏ । ସେହିପରି ମଧ୍ୟ ମୋହ ମାୟା ସଂସାରର ଆସକ୍ତି ଦୂର ହୋଇ ଆଧ୍ୟାତ୍ମିକତା ଜାଗ୍ରତ ହୋଇ ବିଶ୍ୱ କଲ୍ୟାଣରେ ପ୍ରୟୋଗ ହୋଇଥାଏ ବୋଲି ଉଦବୋଧନ ଦେଇ ୬ ଗୋଟି ଜିଲ୍ଲାର ପ୍ରାୟ ୮୦୦ ତୀର୍ଥ ଯାତ୍ରୀ ମାନଙ୍କ ମଙ୍ଗଳ କାମନା କରିଥିଲେ । ସମ୍ମାନିତ ଅତିଥି ଭାବେ ଜିଲ୍ଲାପରିଷଦ ସଭାପତି ଶ୍ରୀମତୀ ରୁପଶ୍ରୀ ରାଣୀ ଗୁମାନ ସିଂହ, ଉପସଭାପତି ଶ୍ରୀ ଗୋପୀନାଥ ମହାରଣା, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଶ୍ରୀ ଜ୍ୟୋତି ଶଙ୍କର ସାହୁ, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା ଶ୍ରୀମତୀ କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶ୍ରୀ ସୌର୍ଯ୍ୟ ରଞ୍ଜନ ମହାନ୍ତି, ବୋଲଗଡ଼ ଜିଲ୍ଲାପରିଷଦ ଜୋନର ସଦସ୍ୟ ସୁବାଷ ଚନ୍ଦ୍ର ରାୟ ଗୁରୁ ଯୋଗ ଦେଇ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ ସରକାରଙ୍କ ବରିଷ୍ଠ ନାଗରିକ ମାନଙ୍କ ନିମନ୍ତେ ଏକ ଅଗ୍ରଣୀ ଯୋଜନା ଉଲ୍ଲେଖ କରି ଐତିହ୍ୟ ସଂସ୍କୃତି କଳା ଓ ପର୍ଯ୍ୟଟନର ଆଦାନ ପ୍ରଦାନର ଅଖଣ୍ଡ ଭାରତ ବର୍ଷ ର ଆଧ୍ୟାତ୍ମିକ ଅନୁଭୂତି ମିଳିବା ସହ ଜାତୀୟ ସଂହତି ମଜବୁତ୍ କରିଥାଏ ବୋଲି ନିଜ ନିଜ ମତ ପ୍ରକାଶ କରିଥିଲେ । ଶେଷରେ ଭାରପ୍ରାପ୍ତ ପର୍ଯ୍ୟଟନ ଅଧିକାରୀ ଡେପୁଟୀ କଲେକ୍ଟର, ଯୁଡ଼ିସିଆଲ ସାରା ମଲ୍ଲିକ ଧନ୍ୟବାଦ ପ୍ରଦାନ କରିଥିଲେ । ମଞ୍ଚ ପରିଚାଳନା ଶ୍ରୀକାନ୍ତ ନାୟକ ସମ୍ପାଦିତ କରିଥିଲେ । ତୀର୍ଥ ଯାତ୍ରୀ ମାନଙ୍କ ଡାକ୍ତରୀ ପରୀକ୍ଷା କରା ଯାଇଥିଲା । ତୀର୍ଥ ଯାତ୍ରୀ ମାନେ ଆଜି ଭୁବନେଶ୍ୱରରେ ରାତ୍ରି ଯାପନ କରି ଆସନ୍ତା କାଲି ପୂର୍ବାହ୍ନରେ ସ୍ୱତନ୍ତ୍ର ରେଳରେ ୬ ଗୋଟି ଜିଲ୍ଲାର ପ୍ରାୟ ୮୦୦ ତୀର୍ଥ ଯାତ୍ରୀ ଏକତ୍ରିତ ହୋଇ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଯୁକ୍ତ ସୁରକ୍ଷା ଅଧିକାରୀ ମାନଙ୍କ ହେପାଜତରେ ବାରାଣସୀ ଅଯୋଧ୍ୟା ଅଭିମୁଖେ ଯାତ୍ରା କରିବେ । ଏଥି ନିମନ୍ତେ ଖୋରଧା ଜିଲ୍ଲା ପ୍ରଶାସନ ପକ୍ଷରୁ ୫ ଜଣ ସୁରକ୍ଷା ସେବା ଅଧିକାରୀଙ୍କୁ ନିଯୁକ୍ତ କରାଯାଇଅଛି । ଆଜିର ସମାରୋହରେ ଅନ୍ୟ ମାନଙ୍କ ମଧ୍ୟରେ ମାନ୍ୟବର ସାଂସଦ, ଭୁବନେଶ୍ୱର ଙ୍କ ପ୍ରତିନିଧି ଶ୍ରୀ ଦିଲ୍ଲୀପ କୁମାର ହୋତା,ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ଡେପୁଟୀ କଲେକ୍ଟର ସୌମ୍ୟା ସାଗରିକା ସ୍ୱାଇଁ, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସ୍ୱିଟୀ ସୋରେନ,ଆସିଷ୍ଟାଣ୍ଟ କଲେକ୍ଟର ଇପ୍ସିତା ସାହୁ, ନିଜାରତ୍ ଅଧିକାରୀ ରିଷବ ତ୍ରିପାଠୀ , ଆଜି ଯୋଗଦାନ କରିଥିବା ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ସୁସ୍ମିତା ପ୍ରଧାନଙ୍କ ସମେତ ଜିଲ୍ଲାପାଳ କାର୍ଯ୍ୟାଳୟ କର୍ମଚାରୀ ବୃନ୍ଦ ଯୋଗଦେଇଥିଲେ । ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଭାରରାପ୍ତ ଜିଲ୍ଲା ପର୍ଯ୍ୟଟନ ଉନ୍ନୟନ ଅଧିକାରୀ ଏବଂ ଡେପୁଟୀ କଲେକ୍ଟର, ଯୁଡ଼ିସିଆଲ ସାରା ମଲ୍ଲିକ ସମସ୍ତ କାର୍ଯ୍ୟ ସୁଚାରୁ ରୁପେ ପରିଚାଳନା କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ମାନ୍ୟବର ବିଧାୟକ, ଖୋରଧା ଏବଂ ଜିଲ୍ଲା ଯୋଜନା କମିଟି ଅଧକ୍ଷ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଜଗଦେବ, ସଭାପତି ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଏବଂ ସମସ୍ତ ଅତିଥି ମାନଙ୍କୁ ଉତ୍ତରୀୟ ଓ ପୁଷ୍ପ ଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଅଥିଲା ।

ଗୋପବନ୍ଧୁ ଶିକ୍ଷାନିକେତନରୁ ପ୍ରଫୁଲ୍ଲ ରାଉଳଙ୍କ ଅବସର

ବେତନଟୀ(ଅମୃତ ମିଡିଆ): ବେତନଟୀ ବ୍ଲକ ସନ୍ତରା ପଞ୍ଚାୟତ ମଚ୍ଛପଦା ଗୋପବନ୍ଧୁ ଶିକ୍ଷାନିକେତନରୁ ଅବସର ନେଇଥିବା ଚତୁର୍ଥ ଶ୍ରେଣୀ କର୍ମଚାରି ପ୍ରଫୁଲ୍ଲ ରାଉଳ (ହେମ)ଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ବିଦ୍ୟାଳୟର ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ହରେକୃଷ୍ଣ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବରେ ବଳରାମ ସାହୁ, ମୁଖ୍ୟବକ୍ତା ଭାବରେ ବେତନଟୀ ବ୍ଲକର ଓଷ୍ଟାର ସଭାପତି ଶିଶିର କୁମାର ନାୟକ ବିଶିଷ୍ଟ ଅତିଥି ଭାବରେ ପରିଚାଳନା କମିଟିର ସଭାପତି ଚତୁର୍ଭୁଜ ପୁଷ୍ଟି ସମ୍ମାନନୀୟ ଅତିଥି ଭାବରେ ପୂର୍ବତନ ପ୍ରଧାନଶିକ୍ଷକ ହରିହର ପ୍ରଧାନ, ସମିତି ସଭ୍ୟା ସୁମତି ପୁଷ୍ଟି, ମନ୍ଥ ପ୍ରାମାଣିକ, ବ୍ଲକ ସମ୍ପାଦକ ତଥା ବରିଷ୍ଠ ଶିକ୍ଷକ ସୂର୍ଯ୍ୟାନନ୍ଦ ନାୟକ, ପୂର୍ବତନ ପରିଚାଳନା କମିଟିର ସଭାପତି ରତିକାନ୍ତ ମହାନ୍ତ ଅନାମଦତ୍ତ ପ୍ରମୁଖ ଯୋଗଦେଇ ବିଦାୟୀ କର୍ମଚାରି ହେମର ଅବସରକାଳୀନ ଜୀବନ ସୁଖମୟ ହେଉ କାମନା କରିଥିଲେ ଏହି ବିଦ୍ୟାଳୟର ଶିକ୍ଷକ ଜଗନ୍ନାଥ ବିଦ୍ଧାଣି ଅତିଥି ପରିଚୟ ପ୍ରଦାନ କରିଥିଲେ ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ କାର୍ତ୍ତିକ କୁମାର ଧଳ, ଅନନ୍ତ ମହାପାତ୍ର,ଅମିୟ ପରିଡା କର୍ମଚାରୀ ମୋନଜ ପ୍ରଧାନ,ରବିନ୍ଦ୍ର ବସନ୍ତିଆ ସହଯୋଗ କରିଥିଲେ ସଭାରେ ବିଦ୍ୟାଳୟର ପରିଚାଳନା କମିଟିର ସଦସ୍ୟ ରତିକାନ୍ତ ଦତ୍ତ ,ଅନନ୍ତ ଭୋଇ ଓ ମାନ୍ୟଗନ୍ୟ ବ୍ୟକ୍ତି, ଛାତ୍ରଛାତ୍ରୀ ଉପସ୍ଥିତଥିଲେ ଶେଷରେ ସହକାରୀ ଶିକ୍ଷକ ଅରୁଣ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

କେନାଲ ବନ୍ଧରେ ନୂତନ ସୁରକ୍ଷା ପ୍ରାଚୀର ନିର୍ମାଣ ପାଇଁ ଦାବି

ନିଶ୍ଚିନ୍ତକୋଇଲି(ଅମୃତ ମିଡିଆ): କେନ୍ଦୁପାଟଣା ଜଳସମ୍ପଦ ବିଭାଗ ଅଧିନ କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ୮ନଂ କେନାଲ ମୁହଁର କେନାଲ ବନ୍ଧରେ ସୁରକ୍ଷା ପ୍ରାଚୀର ନଥିବାରୁ ଲୋକମାନେ ବିପଦସଂକୁଳ ଅବସ୍ଥାରେ ଯାତାୟତ କରୁଛନ୍ତି । ଟିକିଏ ଅସାବଧାନତାରୁ ଯଦି କେହି କେନାଲ ବନ୍ଧରୁ ଖସିପଡ଼େ ତାହେଲେ ତାହାର ଅବସ୍ଥା କଣ ହେବ ତାହା କହି ହେଉ ନାହିଁ । ସେହି ସ୍ଥାନରେ କେନ୍ଦୁପାଟଣା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଅବସ୍ଥିତ ଓ ପାଖରେ କେନ୍ଦୁପାଟଣା ସରକାରୀ ଉଚ୍ଚ ବିଦ୍ୟାଳୟ ଅବସ୍ଥିତ ଏହି ପୋଲ ଉପର ଦେଇ ପଞ୍ଚାୟତ କାର୍ଯ୍ୟାଳୟକୁ ବିଭିନ୍ନ କାର୍ଯ୍ୟ ପାଇଁ ଯୁବଗୋଷ୍ଠୀ ଠାରୁ ଆରମ୍ଭ କରି ବୃଦ୍ଧ ବୃଦ୍ଧାମାନେ ଯାତାୟତ କରିଥାନ୍ତି । ସେହିପରି ଉଚ୍ଚବିଦ୍ୟାଳୟକୁ ମଧ୍ୟ ଛାତ୍ରଛାତ୍ରୀମାନେ ଏହି କେନାଲ ବନ୍ଧ ଦେଇ ଯାଆସ କରନ୍ତି । କେନାଲ ମୁହଁ ଅତ୍ୟନ୍ତ ଗଭୀର ଓ ଜଳସ୍ରୋତ ମଧ୍ୟ ପ୍ରଖର । କେନ୍ଦ୍ରାପଡ଼ା କେନାଲରୁ ବାହାରିଥିବା ବନ୍ଧରେ ପୂର୍ବରୁ ଏକପାର୍ଶ୍ୱରେ ସୁରକ୍ଷା ପ୍ରାଚୀର ନିର୍ମାଣ କରାଯାଇଥିଲା । ତାହା ଏବେ ଭାଙ୍ଗିରୁଜି ଯାଇଛି । ସାଧାରଣ ଜନତାଙ୍କ ସ୍ୱାର୍ଥ ଦୃଷ୍ଟିରୁ କେନ୍ଦୁପାଟଣା ଜଳସମ୍ପଦ ବିଭାଗ ପକ୍ଷରୁ ଏହି କେନାଲ ଉପରେ ସୁରକ୍ଷା ପ୍ରାଚୀର ନିର୍ମାଣ କରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ସେପ୍ଟେମ୍ବର...

ଉଦ୍ୟମକୁ ବିରୋଧ କରି ସୁପ୍ରିମକୋର୍ଟରେ ଜନସ୍ୱାର୍ଥ ମାମଲା ଦାଏର କରିଥିଲେ । ଗତ ଅଗଷ୍ଟ ୭ତାରିଖରେ ପୁଲିସ ଡିଜି ଚୟନ ପାଇଁ ୟୁପିଏସସି ବୈଠକ ସ୍ଥଗିତ ରହିବା ପରେ ଏହି ସମ୍ବେଦନଶୀଳ ଘଟଣା ସାମ୍ନାକୁ ଆସିଥିଲା । ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଓକିଲ ପି.ଚ

ରୋହିତ ଶର୍ମାଙ୍କୁ ନେଇ ବିସିସିଆଇର ଗୁରୁତ୍ୱପୂର୍ଣ୍ଣ ବୈଠକ

ନୂଆଦିଲ୍ଲୀ: ଟିମ୍ ଇଣ୍ଡିଆର ଅଭିଜ୍ଞ ଖେଳାଳି ତ ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ କ୍ୟାରିୟରକୁ ନେଇ ଲାଗି ରହିଛି ଚର୍ଚ୍ଚା । ଟି-୨୦ ଏବଂ ଟେଷ୍ଟ କ୍ରିକେଟକୁ ବାଏ ବାଏ କହିଥିବା ହିଟମ୍ୟାନ୍ କେବଳ ଦିନିକିଆରେ ନିଜର ଖେଳ ଜାରି ରଖିଛନ୍ତି । ତେବେ ୨୦୨୭ ବିଶ୍ୱକପ ସେ ଖେଳିବେ କି ନାହିଁ ? ଏହାକୁ ନେଇ ଦୀର୍ଘଦିନ ହେବ ଚର୍ଚ୍ଚାର ବିଷୟ ପାଲଟିଛି । ତାଙ୍କ ଚୟନ କମିଟି ୨୦୨୭ ବିଶ୍ୱକପ ଦଳରେ ସ୍ଥାନ ଦେବନାହିଁ ବୋଲି କୁହାଯାଇଥିବାବେଳେ ବିସିସିଆଇ ପକ୍ଷରୁ ଏହାକୁ ନେଇ ମଧ୍ୟ ପ୍ରତିକ୍ରିୟା ମିଳିସାରିଛି । ତଥାପି ରୋହିତଙ୍କ କ୍ୟାରିୟର ସମ୍ପର୍କରେ ବିସିସିଆଇ ପକ୍ଷରୁ ଆୟୋଜିତ ବୈଠକରେ ନିଷ୍ପତ୍ତି ନିଆଯିବ ବୋଲି କୁହାଯାଉଛି । ଗୁରୁବାର ବିସିସିଆଇ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଡାକିଛନ୍ତି ବିସିସିଆଇ ଅଧ୍ୟକ୍ଷ । ଦେବଜିତ ସାଇକିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଏହି ବୈଠକରେ ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକର ଏବଂ ସେକ୍ଟର ଅଫ୍ ଏକ୍ସେଲେନ୍ସର ପ୍ରମୁଖ ଭିଭିଏସ ଲକ୍ଷ୍ମଣ ପ୍ରମୁଖ ଉପସ୍ଥିତ ରହିବେ । ଏହି ବୈଠକରେ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯିବ । ଯେଉଁଥିରେ ମୁଖ୍ୟ ପ୍ରସଙ୍ଗ ରହିବ ରୋହିତ ଶର୍ମାଙ୍କ ଖେଳିବା କାରଣ । ୨୦୨୭ ବିଶ୍ୱକପ ଦଳରେ ସେ ସଦସ୍ୟ ରହିବେ କି ନାହିଁ ଏନେଇ ଆଲୋଚନା ହେବ ବୋଲି କୁହାଯାଉଛି । ପୂର୍ବରୁ ଏକ ରିପୋର୍ଟରେ ଦାବି କରାଯାଇଥିଲା ଯେ ଚୟନକର୍ତ୍ତାମାନେ ରୋହିତଙ୍କୁ ୨୦୨୭ ବିଶ୍ୱକପ୍ ଯୋଜନାରେ ଦେଖୁନାହାନ୍ତି ଏବଂ ଲର୍ଡ୍ସରେ ଖେଳାଯାଇଥିବା ମ୍ୟାଚ୍ ତାଙ୍କ କ୍ୟାରିୟରର ଶେଷ ମ୍ୟାଚ୍ ହୋଇପାରେ । ତେବେ ପରେ ବିସିସିଆଇ ଏହି ଖବରକୁ ଖଣ୍ଡନ କରିଥିଲା । ଏଭଳି ପରିସ୍ଥିତିରେ ଅନୁଷ୍ଠିତ ହେବାକୁ ଥିବା ବୈଠକରେ ରୋହିତଙ୍କ ଭବିଷ୍ୟତକୁ ନେଇ କୌଣସି ସ୍ପଷ୍ଟ ଚିତ୍ର ସାମ୍ନାକୁ ଆସିପାରେ। ଟିମ୍ ଇଣ୍ଡିଆ ନ୍ୟୁଜିଲାଣ୍ଡ ଗସ୍ତ କରିବ । ଏନେଇ ମଧ୍ୟ ଆଲୋଚନା କରାଯାଇପାରେ । ସେପଟେ ମୁଖ୍ୟ ଚୟନକର୍ତ୍ତା ଅଜିତ ଅଗରକରଙ୍କ ସମ୍ପର୍କରେ ମଧ୍ୟ ଆଲେଚନା ହୋଇପାରେ । ଅଗରକରଙ୍କ ଭବିଷ୍ୟତ ସମ୍ପର୍କରେ ମଧ୍ୟ କଳ୍ପନା କରାଯାଇପାରେ । ବିସିସିଆଇ ଲକ୍ଷ୍ମଣଙ୍କୁ ଅଧିକ ଗୁରୁତ୍ୱ ଦେବାକୁ ଯୋଜନା କରୁଥିବା ମଧ୍ୟ ଏକ ରିପୋର୍ଟରେ ପ୍ରକାଶ ପାଇଛି । ଯଦିଓ ଏନେଇ ବିସିସିଆଇ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ ତଥାପି ଲକ୍ଷ୍ମଣଙ୍କୁ ଅଧିକ ଦାୟିତ୍ୱ ଦେବାର ଯୋଜନା ରହିଛି । ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜରେ ଭାରତ କିଭଳି ବିଜୟ ହେବ ଏନେଇ ଆଲୋଚନା ହେବ । କାରଣ ପୂର୍ବରୁ ଇଂଲଣ୍ଡ ଏବଂ ଆୟାର୍ଲାଣ୍ଡ ବିପକ୍ଷ ଟି-୨୦ ସିରିଜରେ ଭାରତର ପରାଜୟ ହୋଇଛି । ଏନେଇ ମଧ୍ୟ ଆଲୋଚନା ହେବ ।

ଆଇସିସି ଟେଷ୍ଟ ରାଙ୍କିଙ୍ଗ: ଖସିଲେ ଶୁବମନ ଗିଲ୍ ଓ ବୁମ୍ରା, ଉଠିଲେ ଦେବଦତ୍ତ ପଡିକ୍କଲ

ନୂଆଦିଲ୍ଲୀ : ଟିମ ଇଣ୍ଡିଆର ଟେଷ୍ଟ ଓ ଦିନିକିଆ ଅଧିନାୟକ ଶୁବମନ ଗିଲ୍ଙ୍କୁ ବଡ଼ ଝଟକା। ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗରେ ୨ଟି ସ୍ଥାନ ତଳକୁ ଖସି ଯାଇଛନ୍ତି ଗିଲ୍। କେବଳ ଗିଲ ନୁହନ୍ତି, ଟିମ ଇଣ୍ଡିଆର ସ୍ପିଡଷ୍ଟାର ଯଶପ୍ରୀତ ବୁମ୍ରାଙ୍କୁ ରାଙ୍କିଙ୍ଗରେ ପୁଣି ଗୋଟିଏ ସ୍ଥାନ ହରାଇବାକୁ ପଡ଼ିଛି। ଗତ ସପ୍ତାହରେ ବୁମ୍ରାଙ୍କୁ ହଟାଇ ଅଷ୍ଟ୍ରେଲିଆର ମିଚେଲ ଷ୍ଟାର୍କ ବିଶ୍ୱର ୧ ନମ୍ବର ଟେଷ୍ଟ ବୋଲର ବନିଥିଲେ। ୨୦୨୪ ପରେ ବୁମ୍ରା ଟେଷ୍ଟ ରାଙ୍କିଙ୍ଗର ୧ ନମ୍ବର ସ୍ଥାନ ହରାଇଥିଲେ। ଏବେ ସେ ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି। ତେବେ ଭାରତର ନୂଆ ଷ୍ଟାର ଦେବଦତ୍ତ ପଡିକ୍କଲଙ୍କୁ ରାଙ୍କିଙ୍ଗରେ ଫାଇଦା ମିଳିଛି। ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରେ ଦମ ଦେଖାଇଥିବା ପଡିକ୍କଲ ଏବେ ୫ଟି ସ୍ଥାନ ଉପରକୁ ଉଠି ଆଇସିସି ଟେଷ୍ଟ ବ୍ୟାଟିଂ ରାଙ୍କିଙ୍ଗର ୫୪ତମ ସ୍ଥାନ ଦଖଲ କରି ନେଇଛନ୍ତି। ଆଇସିସି ଜାରି କରିଥିବା ଅପଡେଟ୍ ରାଙ୍କିଙ୍ଗ ଅନୁସାରେ, ଗିଲ୍ ଦୁଇଟି ସ୍ଥାନ ହରାଇ ୯ମ ସ୍ଥାନରେ ରହିଛନ୍ତି। ଶ୍ରୀଲଙ୍କା ବିପକ୍ଷ ୩ଟି ଇନିଂସରେ ସେ କେବଳ ଗୋଟିଏ ଅର୍ଦ୍ଧଶତକ ହାସଲ କରିଥିଲେ। ଏଥିପାଇଁ ତାଙ୍କୁ ରାଙ୍କିଙ୍ଗରେ ୯ମ ସ୍ଥାନକୁ ଖସିବାକୁ ପଡ଼ିଛି। ଟେଷ୍ଟ କ୍ରିକେଟରେ ଭାରତୀୟଙ୍କ ମଧ୍ୟରେ ସବୁଠାରେ ଆଗରେ ରହିଛନ୍ତି ୱିକେଟ କିପର ବ୍ୟାଟର ଋଷଭ ପନ୍ତ। ସେ ପୂର୍ବଭଳି ୭ମ ସ୍ଥାନରେ ରହିଛନ୍ତି। ସେହିପରି ଯଶସ୍ୱୀ ଜୈସୱାଲଙ୍କ ରାଙ୍କିଙ୍ଗରେ କୌଣସି ପରିବର୍ତ୍ତନ ହୋଇନାହିଁ। ସେ ମଧ୍ୟ ପୂର୍ବଭଳି ୧୧ତମ ସ୍ଥାନରେ ଅଛନ୍ତି। ତେବେ ଶ୍ରୀଲଙ୍କା ବିପକ୍ଷର ୨ଟି ଟେଷ୍ଟରେ ୨ଟି ଶତକ ସହ ୩୨୮ଟି ରନ କରିଥିବା ପଡିକ୍କଲ ୫ଟି ସ୍ଥାନ ଉପରକୁ ଉଠି ନିଜ କ୍ୟାରିୟରର ଶ୍ରେଷ୍ଠ ରାଙ୍କିଙ୍ଗ ୫୪ରେ ପହଞ୍ଚିଛନ୍ତି। ଏପଟେ ଶ୍ରୀଲଙ୍କା ବିପକ୍ଷ ଟେଷ୍ଟ ସିରିଜରୁ ଆହତ ସମସ୍ୟା ପାଇଁ ବାଦ ପଡ଼ିଥିବା ବୁମ୍ରା ତୃତୀୟ ସ୍ଥାନକୁ ଖସି ଯାଇଛନ୍ତି। ଷ୍ଟାର୍କ ୧ ନମ୍ବରରେ ରହିଥିବା ବେଳେ ଏବେ ନ୍ୟୁଜିଲ୍ୟାଣ୍ଡର ମ୍ୟାଟ ହେନରୀ ଦ୍ୱିତୀୟକୁ ଉଠିଛନ୍ତି। ଏହାବାଦ ଆଇସିସି ଟି-୨୦ ରାଙ୍କିଙ୍ଗରେ ଆଉ କୌଣସି ବିଶେଷ ପରିବର୍ତ୍ତନ ହୋଇନାହିଁ। ବ୍ୟାଟିଂ ରାଙ୍କିଙ୍ଗରେ ଇଂଲଣ୍ଡର ହ୍ୟାରୀ ବ୍ରୁକ ପୂର୍ବଭଳି ୧ ନମ୍ବରରେ ରହିଥିବା ବେଳେ ଜୋ ରୁଟ ଦ୍ୱିତୀୟରୁ ତୃତୀୟକୁ ଖସି ଯାଇଛନ୍ତି।

ଟିମ୍ ଇଣ୍ଡିଆକୁ ଫେରିଲେ ସଞ୍ଜୁ ସାମସନ୍

ନୂଆବିଲ୍ଲୀ : ଟିମ୍ ଇଣ୍ଡିଆକୁ ଫେରିଲେ ସଞ୍ଜୁ ସାମସନ୍ । ଆଫଗାନିସ୍ତାନ ବିପକ୍ଷ ଟି୨୦ ସିରିଜ୍ ପାଇଁ ଘୋଷଣା ହୋଇଛି ଭାରତୀୟ ଦଳ । ୧୫ ଜଣିଆ ଟିମର ନେତୃତ୍ୱ ନେବେ ଶ୍ରେୟସ ଆୟର । ଦଳକୁ ସଞ୍ଜୁ ସାମସନ୍ ଫେରିଥିବା ବେଳେ ଶ୍ରେୟସ ଆୟରଙ୍କୁ ଅଧିନାୟକ ଏବଂ ତିଳକ ବର୍ମାଙ୍କୁ ଉପଅଧିନାୟକ କରାଯାଇଛି । ଆସନ୍ତା ୧୩ରୁ ଭାରତ-ଆଫଗାନିସ୍ତାନ ଟି୨୦ ସିରିଜ୍ ଆରମ୍ଭ ହେବ। ପୂର୍ବରୁ ସଞ୍ଜୁ ସାମସନ୍ ଜିୟାଓ୍ୱେ ବିପକ୍ଷ ଟି୨୦ ସିରିଜ୍‌ରେ ଭାରତୀୟ ଦଳରେ ନଥିଲେ। ଏବେ ଆଫଗାନିସ୍ତାନ ବିପକ୍ଷ ସିରିଜରେ ୱିକେଟକିପର-ବ୍ୟାଟର ଭାବେ ତାଙ୍କୁ ପୁଣି ସୁଯୋଗ ମିଳିଛି। ତାଙ୍କ ସହ ଇଶାନ କିଶନ ମଧ୍ୟ ୱିକେଟକିପର ବିକଳ୍ପ ଭାବେ ଟିମରେ ରହିଛନ୍ତି । ଦଳରେ ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀଙ୍କୁ ମଧ୍ୟ ସ୍ଥାନ ମିଳିଛି । ଅଭିଷେକ ଶର୍ମା, ଶିବମ ଦୁବେ ଓ ଅକ୍ଷର ପଟେଲଙ୍କ ଭଳି ଖେଳାଳି ମଧ୍ୟ ଟିମରେ ଅଛନ୍ତି । ଅନ୍ୟପଟେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କୁ ଦଳରେ ସ୍ଥାନ ମିଳିନାହିଁ। ପେସ୍ ବୋଲିଂ ବିଭାଗରେ ଜସପ୍ରୀତ ବୁମରା ପ୍ରତ୍ୟାବର୍ତ୍ତନ ଭାରତ ପାଇଁ ବଡ଼ ଖବର । ତେବେ ବୁମରାଙ୍କ ସହ ନୀତୀଶ କୁମାର ରେଡ୍ଡୀ, ୱାଶିଂଟନ ସୁନ୍ଦର ଓ ହର୍ଷିତ ରାଣାଙ୍କ ଖେଳିବା ଲସ୍ୱଭରସ୍ୱପ୍ନ ମଝରବବ୍ଧବଭମର ଉପରେ ନିର୍ଭର କରିବ। ଅର୍ଶଦୀପ ସିଂଙ୍କୁ ମଧ୍ୟ ଦଳରେ ରଖାଯାଇଛି। ସ୍ପିନ୍ ବିଭାଗରେ ବରୁଣ ଚକ୍ରବର୍ତ୍ତୀ ଓ ରବି ବିଷ୍ଣୋଇ ରହିଛନ୍ତି । ଆଫଗାନିସ୍ତାନ ସହ ତିନୋଟି ଯାକ ମ୍ୟାଚ୍ ନୂଆଦିଲ୍ଲୀରେ ଖେଳାଯିବ। ପ୍ରଥମ ଟି୨୦ ଆସନ୍ତା ୧୩ ତାରିଖରେ ଖେଳାଯିବ । ଦ୍ୱିତୀୟ ମ୍ୟାଚ୍ ୧୫ ଓ ତୃତୀୟ ତଥା ଶେଷ ମ୍ୟାଚ୍ ସେପ୍ଟେମ୍ବର ୧୭ ତାରିଖରେ ଖେଳାଯିବ ।

ଭାରତରେ ଖେଳାଯିବ ଆଇସିସି ମହିଳା ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସଂସ୍କରଣ

ନୂଆଦିଲ୍ଲୀ : ମହିଳା କ୍ରିକେଟରେ ଯୋଡ଼ି ହେବାକୁ ଯାଉଛି ଆଉ ଗୋଟିଏ ନୂଆ ଅଧ୍ୟାୟ। ପ୍ରଥମଥର ପାଇଁ ଆସନ୍ତା ବର୍ଷ ଆୟୋଜନ ହେବ ଆଇସିସି ମହିଳା ଚାମ୍ପିୟନ୍ସ ଟ୍ରଫି। ଆଉ ଏହି କ୍ରିକେଟ ମହାକୁମ୍ଭର ମୂଳଦୁଆ ଭାରତରେ ପଡ଼ିବ। କାରଣ ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସଂସ୍କରଣର ଆୟୋଜନ ଅଧିକାର ପାଇଛି ଭାରତ। ମୁମ୍ବାଇ ଓ ବଦୋଦରାରେ ୬ଟି ଟିମକୁ ନେଇ ଟି-୨୦ ଫର୍ମାଟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ। ୨୦୨୭ ମସିହା ଫେବୃଆରୀ ୧୪ରୁ ୨୮ ଯାଏ ୬ଟି ଯାକ ଦଳ ଭାରତରେ ଟ୍ରଫି ପାଇଁ ଟକ୍କର କରିବେ। ମୁମ୍ବାଇରେ ଥିବା କ୍ରିକେଟ କ୍ଲବ ଅଫ ଇଣ୍ଡିଆ ଓ ବଦୋଦରା ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ ମ୍ୟାଚ୍ ଗୁଡ଼ିକ ଖେଳାଯିବ। ଆଇସିସି ଚାମ୍ପିୟନ୍ସ ଟ୍ରଫିର ପ୍ରଥମ ସଂସ୍କରଣରେ ଅଷ୍ଟ୍ରେଲିଆ, ଇଂଲଣ୍ଡ, ଭାରତ, ନ୍ୟୁଜିଲ୍ୟାଣ୍ଡ, ଦକ୍ଷିଣ ଆଫ୍ରିକା ଓ ଶ୍ରୀଲଙ୍କା ଭାଗ ନେବେ। ଏ ସମ୍ପର୍କରେ ଆଇସିସି ବିଧିବଦ୍ଧ ଭାବେ ଆଜି ଘୋଷଣା କରିଛି। ପାକିସ୍ତାନ ଏହି ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରି ନାହିଁ। ଆଇସିସି ଟି-୨୦ ରାଙ୍କିଙ୍ଗ ଅନୁସାରେ ଟପ୍ ୬ଟି ଦଳ ଟୁର୍ଣ୍ଣାମେଣ୍ଟ ଖେଳିବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ରାଙ୍କିଙ୍ଗ ପର୍ଯ୍ୟାୟ ଯୋଗ୍ୟତା ପାଇଁ ଜୁଲାଇ ୬ ଥିଲା କଟଅପ ତାରିଖ। ଟୁର୍ଣ୍ଣାମେଣ୍ଟ ରାଉଣ୍ଡ ରବିନ ଫର୍ମାଟରେ ଖେଳାଯିବ। ଏହାର ଅର୍ଥ ପ୍ରତିଟି ଦଳ ୫ଟି ଲେଖାଏ ମ୍ୟାଚ୍ ଖେଳିବେ। ଏହାପରେ ଟପ୍ ୨ଟି ଟିମ ଫେବୃଆରୀ ୨୮ରେ ଅନୁଷ୍ଠିତ ହେବାକୁ ଥିବା ଫାଇନାଲରେ ପହଞ୍ଚିବେ। ବାସ୍ତବରେ ଟୁର୍ଣ୍ଣାମେଣ୍ଟର ଆୟୋଜନ ଅଧିକାର ପ୍ରଥମେ ଶ୍ରୀଲଙ୍କାକୁ ମିଳିଥିଲା। କିନ୍ତୁ ଶ୍ରୀଲଙ୍କା କ୍ରିକେଟ ଏଯାଏ ଆଇସିସି ପକ୍ଷରୁ ଜାରି ନୀତି ଗତ ସଂସ୍କାରକୁ ଏଯାଏ ଲାଗୁ କରିପାରି ନାହିଁ। ତେଣୁ ଆୟୋଜନ ଦାୟିତ୍ୱ ଭାରତକୁ ହସ୍ତାନ୍ତର କରାଯାଇଛି। ୪ ବର୍ଷ ମଧ୍ୟରେ ଭାରତ ୪ର୍ଥ ଥର ପାଇଁ କୌଣସି ପ୍ରମୁଖ ଆଇସିସି ଟୁର୍ଣ୍ଣାମେଣ୍ଟ ଆୟୋଜନ କରିବାକୁ ଯାଉଛି। ୨୦୨୩ରେ ଭାରତ ପ୍ରଥମେ ପୁରୁଷ ଦିନିକିଆ ବିଶ୍ୱକପ ଆୟୋଜନ କରିଥିଲା। ଏହାପରେ ୨୦୨୫ରେ ମହିଳା ଦିନିକିଆ ବିଶ୍ୱକପ ଓ ୨୦୨୫ ପୁରୁଷ ଟି-୨୦ ବିଶ୍ୱକପ ଭାରତରେ ଖେଳା ଯାଇଥିଲା। ଏବେ ଭାରତକୁ ୨୦୨୭ ମହିଳା ଚାମ୍ପିୟନ୍ସ ଟ୍ରଫି ଆୟୋଜନ ଅଧିକାର ମିଳିଛି।

ବିଦେଶ ମାଟିରେ ଭାରତର ପରାଜୟ ନେଇ ସମୀକ୍ଷା କରିବ ବିସିସିଆଇ

ମୁମ୍ବାଇ : ଭାରତୀୟ କ୍ରିକେଟ୍ ଟିମ୍ ବିଦେଶରେ କ୍ରମାଗତ ଭାବେ ଖରାପ ପ୍ରଦର୍ଶନ କରୁଛି। ଏନେଇ ଭାରତୀୟ କ୍ରିକେଟ୍ ନିୟନ୍ତ୍ରଣ ବୋର୍ଡ (ବିସିସିଆଇ) ଆଲୋଚନା କରିବାକୁ ଚିନ୍ତା କରୁଛି। ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ଟିମ୍ ଇଣ୍ଡିଆର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର, ବରିଷ୍ଠ ଚୟନ କମିଟିର ସଭାପତି ଅଜିତ ଆଗରକର ଏବଂ ସେକ୍ଟର ଅଫ୍ ଆକ୍ସିଲେନ୍ସ (ଉତ୍କର୍ଷ)ର ମୁଖ୍ୟ ଭିଭିଏସ୍ ଲକ୍ଷ୍ମଣଙ୍କୁ ଗୁରୁବାର ମୁମ୍ବାଇସ୍ଥିତ ନିଜର ମୁଖ୍ୟାଳୟକୁ ଡାକିଛି। ଏହି ବୈଠକରେ ନିକଟରେ ଭାରତ ପରାଜିତ ହୋଇଥିବା ମ୍ୟାଚ୍ ଉପରେ ଆଲୋଚନା ହେବ। ଏଥି ସହିତ ଭାରତୀୟ କ୍ରିକେଟ୍‌ର ଭବିଷ୍ୟତ ଏବଂ ଯୋଜନା ଉପରେ ଚର୍ଚ୍ଚା ହେବ। ଆର୍ୟଲାଣ୍ଡ ଏବଂ ଇଂଲଣ୍ଡ ଗସ୍ତରେ ଭାରତୀୟ ଟିମ୍‌ର ପ୍ରଦର୍ଶନ, ଖେଳାଳିଙ୍କ ଫିଟ୍‌ନେସ୍, ଆଘାତ ପରିଚାଳନା ଏବଂ ଆଇପିଏଲ୍‌ର ଚାପ ଭଳି ପ୍ରସଂଗରେ ଆଲୋଚନା ହେବାର ଆଶଙ୍କା କରାଯାଉଛି। ବିସିସିଆଇର ସଚିବ ଦେବଜୀତ ସୌକିଆ ପୂର୍ବରୁ କହିସାରିଛନ୍ତି ଯେ, ଏହି ପରାଜୟ ପରେ ବୋର୍ଡ ଭାରତର ବିଦେଶରେ ପ୍ରଦର୍ଶନର ସମୀକ୍ଷା କରିବ। ମାତ୍ର କିଛି କାରଣ ଯୋଗୁଁ ଏହି ବୈଠକ ବିଳମ୍ବରେ ଆୟୋଜନ ହେଉଛି। ଏବେ ବୋର୍ଡ ଏହାକୁ ଗମ୍ଭୀରତାର ସହିତ ଚର୍ଚ୍ଚା କରିବାକୁ ଏବଂ ଚୟନ ସଂପର୍କିତ ଆଲୋଚନା ପାଇଁ ଗୁରୁତ୍ୱପୂର୍ଣ୍ଣ ଲୋକଙ୍କୁ ଗୋଟିଏ ସମୟରେ ଡାକିଛି। ଭାରତ ପାଇଁ ନିକଟରେ ବିଦେଶ ଗସ୍ତର ଫଳାଫଳ ନୈରାଶ୍ୟଜନକ ଥିଲା। ଜୁନ ମାସରେ ଆର୍ୟରଲାଣ୍ଡ ବିପକ୍ଷରେ ୨ମ୍ୟାଚ୍ ବିଶିଷ୍ଟ ଟି୨୦ ଶୃଙ୍ଖଳାରେ ଭାରତକୁ ୨-୦ରେ ପରାସ୍ତ ହେବାକୁ ପଡ଼ିଥିଲା। ଏହ ପରାଜୟ କାରଣରୁ ଟି୨୦ ବିଶ୍ୱକପ୍ ଚାମ୍ପିଅନସିପିର ପାଖାପାଖି ୩ ବର୍ଷ ହେଲା ଚାଲି ଆସିଥିବା ଲଗାତାର ୧୬ ଶୃଙ୍ଖଳାରେ ବିନା ପରାଜୟର ପରଂପରାରେ ବ୍ରେକ୍ ଲାଗିଥିଲା। ଏହା ପରେ ଇଂଲଣ୍ଡ ଗସ୍ତ ଆହୁରି ଖରାପ ହୋଇଥିଲା। ଭାରତ ୫ମ୍ୟାଚ୍ ବିଶିଷ୍ଟ ଟି୨୦ ଅନ୍ତର୍ଜାତୀୟ ଶୃଙ୍ଖଳାକୁ ୪-୦ରେ ପରାଜିତ ହୋଇଥିଲା। ଏହି ଶୃଙ୍ଖଳାରେ ନର୍ଟିଂହାମରେ ମିଳିଥିବା ୧୨୫ ରନ୍‌ର ପରାଜୟ ଟିମ୍‌ର ପ୍ରଦର୍ଶନ ଉପରେ ପ୍ରଶ୍ନବାଚୀ ଛିଡ଼ା କରିଥିଲା। ଦିନିକିଆ ଶୃଙ୍ଖଳାରେ ଭାରତୀୟ ଟିମ୍ ନିଜର ସମ୍ମାନ ବଞ୍ଚାଇଥିଲା। ବର୍ମିଂହାମ୍‌ରେ ଭାରତ ପ୍ରଥମ ଦିନିକିଆ ଜିତିଥିଲା। କିନ୍ତୁ ଏହି ଶୃଙ୍ଖଳାର ପରବର୍ତ୍ତୀ ୨ଟି ମ୍ୟାଚ୍‌ରେ ଘରୋଇ ଦଳ ବିଜୟୀ ହୋଇଥିଲା।

ଏଫ୍‌ଆଇଏଚ୍ ବିଶ୍ୱ ହକି ମାନ୍ୟତା ଭାରତୀୟ ପୁରୁଷ, ମହିଳା ଦଳ ୮ମ ସ୍ଥାନରେ

ମୁମ୍ବଇ: ନିକଟରେ ପୁରୁଷ ଓ ମହିଳା ହକି ବିଶ୍ୱକପ୍ ପରେ ଆନ୍ତର୍ଜାତିକ ହକି ମହାସଂଘ (ଏଫ୍‌ଆଇଏଚ୍) ପକ୍ଷରୁ ଦଳଗତ ମାନ୍ୟତା ପ୍ରକାଶ ପାଇଛି। ଭାରତର ଉଭୟ ପୁରୁଷ ଓ ମହିଳା ଦଳ ୮ମ ସ୍ଥାନରେ ରହିଛନ୍ତି। ପୁରୁଷ ବିଶ୍ୱକପ୍‌ରେ ଟାଇଟଲ ବଜାୟ ରଖିଥିବା ଜର୍ମାନୀ ୨ୟରୁ ଶୀର୍ଷ ସ୍ଥାନକୁ ଉନ୍ନୀତ ହୋଇଛି। ବିଶ୍ୱକପ୍‌ରେ ୭ମ ସ୍ଥାନରେ ରହିଥିବା ବେଲ୍‌ଜିୟମ୍ ଶୀର୍ଷରୁ ୨ୟ ସ୍ଥାନକୁ ଖସିଆସିଛି। ଅଷ୍ଟ୍ରେଲିଆ ୩ଟି ସ୍ଥାନର ଉନ୍ନତି ଘଟାଇ ତୃତୀୟ ସ୍ଥାନକୁ ଉଠିଛି। କାଂସ୍ୟ ପଦକ ଜିତିଥିବା ଆର୍ଜେଣ୍ଟିନା ୪ର୍ଥ ଓ ନେଦରଲାଣ୍ଡସ ୫ମ ସ୍ଥାନରେ ରହିଛନ୍ତି। ବିଶ୍ୱକପ୍ ଫାଇନାଲରେ ଜର୍ମାନୀଠାରୁ ପରାସ୍ତ ହୋଇଥିବା ସ୍ପେନ୍ ୬ଷ୍ଠ ଏବଂ ଇଂଲଣ୍ଡ ୭ମ ସ୍ଥାନରେ ରହିଛି। ଏସୀୟ ପୁରୁଷ ଦଳଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନରେ ଥିବା ଭାରତ ୮ମ ସ୍ଥାନ ବଜାୟ ରଖିଛି। ବିଶ୍ୱକପ୍‌ରେ ଭାରତ ୮ମ ସ୍ଥାନରେ ରହିଥିଲା। ୯ମ ସ୍ଥାନରେ ରହିଥିବା ନ୍ୟୁଜିଲାଣ୍ଡ ବିଶ୍ୱ ମାନ୍ୟତାରେ ୯ମ ଓ ଫ୍ରାନ୍ସ ୧୦ମ ସ୍ଥାନରେ ରହିଛି। ଗତ ମହିଳା ହକି ବିଶ୍ୱକପ୍ ଫାଇନାଲରେ ଆର୍ଜେଣ୍ଟିନାଠାରୁ ହାରିଥିଲା ନେଦରଲାଣ୍ଡସ। ୨୦୧୦ ପରେ ବିଶ୍ୱକପ୍‌ରେ ପ୍ରଥମ ପରାଜୟ ଭୋଗିଥିବା ନେଦରଲାଣ୍ଡସ ଶୀର୍ଷ ମାନ୍ୟତା ବଜାୟ ରଖିଛି। ଆର୍ଜେଣ୍ଟିନା ୨ୟ ସ୍ଥାନରେ ଥିବା ବେଳେ ବେଲ୍‌ଜିୟମ୍ ତୃତୀୟ ସ୍ଥାନରେ ରହିଛି। ଏସୀୟ ଦଳଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ଥାନରେ ଥିବା ଚୀନ ବିଶ୍ୱରେ ୪ର୍ଥ ସ୍ଥାନରେ ରହିଛି। ତିନି ୟୁରୋପୀୟ ଦଳ ସ୍ପେନ୍, ଜର୍ମାନୀ, ଇଂଲଣ୍ଡ ଯଥାକ୍ରମେ ୫ମ, ୬ଷ୍ଠ ଓ ୭ମ ସ୍ଥାନରେ ରହିଛନ୍ତି। ୫୨ ବର୍ଷ ପରେ ଶ୍ରେଷ୍ଠ ପ୍ରଦର୍ଶନ କରି ବିଶ୍ୱକପ୍‌ରେ ୫ମ ସ୍ଥାନ ହାସଲ କରିଥିବା ଭାରତ ଗୋଟିଏ ସ୍ଥାନ ଉପରକୁ ଉଠି ୮ମ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୯ମ ସ୍ଥାନକୁ ଖସିଆସିଛି। ଆମେରିକା ୧୦ମ ସ୍ଥାନରେ ରହିଛି।

ଅଷ୍ଟ୍ରେଲିଆରେ ବଦଳିବ ବେନ୍ ଷ୍ଟୋକ୍ସଙ୍କ ଭୂମିକା

ନୂଆଦିଲ୍ଲୀ : ଇଂଲଣ୍ଡର ପୂର୍ବତନ ଅଧିନାୟକ ବେନ ଷ୍ଟୋକ୍ସଙ୍କୁ ଏକବିଂଶ ଶତାବ୍ଦୀର ସବୁଠାରୁ ବଡ଼ ଅଲରାଉଣ୍ଡର କହିବା ଭୁଲ୍ ହେବ ନାହିଁ। ଯଦି କ୍ରିକେଟର ଟପ୍ ଅଲରାଉଣ୍ଡର ଖେଳାଳୀଙ୍କ କଥା ଆସେ ତେବେ ସେଥିରେ ବେନ ଷ୍ଟୋକ୍ସଙ୍କ ନାଁ ନିଶ୍ଚିତ ଆସିବ । ସେ ଏବେ ଅନ୍ତର୍ଜାତୀୟ କ୍ରିକେଟରୁ ସନ୍ନ୍ୟାସ ନେଇ ସାରିଛନ୍ତି, କିନ୍ତୁ କ୍ରିକେଟ ଫ୍ୟାନ୍ସଙ୍କ ମଧ୍ୟରେ ତାଙ୍କର କ୍ରେଜ୍ କମ୍ ହୋଇନାହିଁ । ଷ୍ଟୋକ୍ସ ଏବେ ଅଷ୍ଟ୍ରେଲିଆର ବିଗ ବ୍ୟାଶ ଲିଗରେ ଖେଳୁଥିବା ଦେଖାଯିବେ । ସେ ଏଡିଲେଡ ଷ୍ଟ୍ରାଇକର୍ସର ଟିମର ଭାଗିଦାରୀ ହେବେ । ତାଙ୍କ ଭୂମି

ଶିମିଳିପାଳରେ ଲଗାଣ ବର୍ଷା, ଜନଜୀବନ ବାଧାପ୍ରାପ୍ତ

ବାରିପଦା(ଅମୃତ ମିଡିଆ): ଶିମିଳିପାଳ ଅଭୟାରଣ୍ୟ ଓ ଏହାର ଆଖପାଖ ଅଞ୍ଚଳରେ ରବିବାର ରାତିଠାରୁ ପ୍ରବଳ ବର୍ଷା ହେବା ଫଳରେ ଜନଜୀବନ ପ୍ରଭାବିତ ହୋଇଛି । ଲଗାଣ ବର୍ଷା ଯୋଗୁଁ ବାଙ୍ଗିରିପୋଷୀ, ଶ୍ୟାମାଖୁଣ୍ଟା ସମେତ ବିଭିନ୍ନ ଅଞ୍ଚଳର ଗାଁଗୁଡ଼ିକରେ ବର୍ଷାଜଳ ପଶିଯାଇଥିବା ଜଣାପଡ଼ିଛି । ଏଥିସହ ବିଭିନ୍ନ ସ୍ଥାନରେ ରାସ୍ତା ଉପରେ ପାଣି ଚାଲିବାରୁ ଭାଙ୍ଗିଯିବାରୁ ଲୋକଙ୍କ ଯାତାୟାତ ଓ ଦୈନନ୍ଦିନ ଜୀବନଯାତ୍ରା ଦୁର୍ବିସହ ହୋଇପଡ଼ିଛି । ମିଳିଥିବା ତଥ୍ୟ ଅନୁସାରେ ରବିବାର ରାତିରେ ପ୍ରବଳ ବର୍ଷା ହେବା ସହ ସୋମବାର ସକାଳ ୯ଟାରୁ ଦିନ ୧୨ଟା ମଧ୍ୟରେ ବଡ଼ଗାଁରେ ସର୍ବାଧିକ ୬୮.୫୮ ମିମି ବର୍ଷା ରେକର୍ଡ ହୋଇଛି । ଏହି ସମୟରେ ପିଠାବଟାରେ ୧୯.୦୫ ମିମି, ଡୁକୁରାରେ ୨୧.୫୯ ମିମି, ନଅଣାରେ ୧୬.୮ ମିମି, କବାଟ ଘାଇରେ ୧୦.୧୬ ମିମି, ଚହଲାରେ ୧୦ ମିମି ଏବଂ ବରେହିପାଣିରେ ୧୧.୧୭୬ ମିମି ବର୍ଷା ହୋଇଥିଲା । ଏହାବ୍ୟତୀତ ବୁଢାବଳଙ୍ଗ, ଜେନାବିଲ, କେନ୍ଦୁମୁଣ୍ଡି ଓ ରାମତୀର୍ଥ ଆଦି ସ୍ଥାନରେ ମଧ୍ୟ ବର୍ଷା ରେକର୍ଡ ହୋଇଛି । ସେହିପରି ଦିନ ୧୨ଟାରୁ ଅପରାହ୍ନ ୩ଟା ମଧ୍ୟରେ ବଡ଼ଗାଁରେ ୧୮.୭୯୬ ମିମି ବର୍ଷା ହୋଇଥିବା ବେଳେ ବରେହିପାଣିରେ ୭.୮୭୪ ମିମି, କାବତଘାଇରେ ୨.୫୪ ମିମି, କୁଜିପାଳରେ ୨.୨୮୬ ମିମି, ନଡ଼ିଶାରେ ୩.୨ ମିମି ଏବଂ ବାରିପଦା, ଜେନାବିଲ ଓ ରାମତୀର୍ଥରେ ୧.୨୭ ମିମି ଲେଖାଏଁ ବର୍ଷା ହୋଇଛି । ବର୍ଷା ଜାରି ରହିଲେ ପରିସ୍ଥିତି ଆହୁରି ଗମ୍ଭୀର ହେବାର ଆଶଙ୍କା ରହିଛି ।

ରାସ୍ତା ଅବସ୍ଥା ବେହାଲ
ଚିପଟଅଣ୍ଡିଆ ଠାରୁ ବୁଢ଼ାରାଉଳ ମଠ ରାସ୍ତାର ନବନିର୍ମାଣ ଦାବି

ବାରିପଦା(ଅମୃତ ମିଡିଆ): ଚିପଟ ଅଣ୍ଡିଆ ଗ୍ରାମ ପି.ଡବ୍ଲ୍ୟୁ.ଡି. ରାସ୍ତା ଠାରୁ ଦୁର୍ଗାପୁର ଗାଁ ଦେଇ ଐତିହାସିକ ବୁଢାରାଉଳ ମଠ ପର୍ଯ୍ୟନ୍ତ ଯାଇଥିବା ମୁଖ୍ୟ ତଥା ଏକମାତ୍ର ରାସ୍ତାଟିର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି । ୨୦୧୩ ମସିହା ଫାଇଲିନ ବେଳେ ବୁଢାବଳଙ୍ଗ ଓ ନିପଟ ନଦୀର ବନ୍ୟାଜଳ ଦ୍ୱାରା ବାରିପଦା ସହରର ଅର୍ଦ୍ଧାଧିକ ଅଂଶ ସହିତ ଏହି ଗାଁ ଗୁଡିକ ଅତିମାତ୍ରାରେ କ୍ଷତିଗ୍ରସ୍ତ ହୋଇଥିଲା । ବୁଢାରାଉଳ ମଠ ସମ୍ପୂର୍ଣ୍ଣ ବନ୍ୟାଜଳରେ ବୁଡି ଯାଇଥିଲା । ସେହିଦିନ ଠାରୁ ଉକ୍ତ ରାସ୍ତାଟିର ସ୍ଥାୟୀ ନିର୍ମାଣ ବା ମରାମତି ହୋଇ ନଥିବାରୁ ଯାତାୟତରେ ଘୋର ଅସୁବିଧା ସୃଷ୍ଟି କରୁଛି । ଏହାର ପୁନଃ

ନିର୍ମାଣପାଇଁ ଗ୍ରାମବାସୀ ତଥା ଏହି ରାସ୍ତା ଦେଇ ପ୍ରତିଦିନ ବୁଢାରାଉଳ ମଠ ଏବଂ ସତସଙ୍ଗ ବିହାରକୁ ଯାତାୟତ କରୁଥିବା ବହୁ ଭକ୍ତ ଗଣ ଶ୍ୟାମାଖୁଣ୍ଟା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ସହିତ ବାରିପଦା ଗ୍ରାମ୍ୟ ଉନ୍ନୟନ ବିଭାଗ ନିର୍ବାହୀଯନ୍ତ୍ରୀ ଏବଂ ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହିଯନ୍ତ୍ରୀ ଙ୍କ ନିକଟରେ ବାରମ୍ବାର ଗୁହାରି ଜଣାଇବା ସତ୍ତ୍ୱେ ଏହାର ପୁନନିର୍ମାଣ କରାଯାଇ ପାରି ନାହିଁ । ସେହିପରି ରାସ୍ତାର ଡ୍ରେନେଜ ବ୍ୟବସ୍ଥା ମଧ୍ୟ ନଥିବାରୁ ବର୍ଷା ହେଲେ ଉପର ପଟୁ ଆସୁଥିବା ନର୍ଦ୍ଦମା ପାଣି ବର୍ତ୍ତମାନ ରାସ୍ତା ଉପରେ ଅବିରତ ଚାଲୁଛି । ଫଳରେ ବୁଢା ରାଉଳ ମଠ ଏବଂ ସତସଙ୍ଗ ବିହାର କୁ ନିତିଦିନ ଯାଇଥିବା ଶହ ଶହ ଭକ୍ତ ଉକ୍ତ ଅଳିଆ ତଥା ଦୂଷିତ ପାଣି ମାଡି ଯିବାକୁ ପଡୁଛି । ରାସ୍ତାରେ ଖାଲ ଖମା ହେବା ସହ ପାଣି ଜମି ରହୁଥିବାରୁ ଉକ୍ତ ରାସ୍ତାରେ ପ୍ରତିଦିନ ଛୋଟବଡ଼ ଦୁର୍ଘଟଣା ମଧ୍ୟ ଘଟୁଛି । ଏଣୁ ଉକ୍ତ ରାସ୍ତାକୁ ତୁରନ୍ତ ନିର୍ମାଣ କରାଯାଇ ସମସ୍ୟାର ସ୍ଥାୟୀ ସମାଧାନ କରିବାକୁ ସ୍ଥାନୀୟ ଗ୍ରାମବାସୀ ତରୁଣ କୁମାର ସାହୁ, ଗୌରହରି ପତ୍ର, ମଙ୍ଗୁଲୁ ବାରିକ, ଜଗନ୍ନାଥ ସାହୁ, ଶାନ୍ତନୁ ନାଏକ, ହାଡି ବନ୍ଧୁ ବେହେରା, ଭାଗିରଥୀ ରାଉତ ପ୍ରମୁଖ ଦାବୀ ଜଣାଇଛନ୍ତି ।

‘ଶକ୍ତି ଶ୍ରୀ ସଶକ୍ତୀକରଣ ସେଲ୍’ ଆନୁକୂଲ୍ୟରେ
ପୋକ୍ସୋ ଆଇନ ଓ ମହିଳା ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ବାରିପଦା(ଅମୃତ ମିଡିଆ): ରାଇରଙ୍ଗପୁର ମହାବିଦ୍ୟାଳୟ ପରିସରରେ ‘ ଶକ୍ତି ଶ୍ରୀ ଏମ୍ପାୱାରମେଣ୍ଟ ସେଲ୍’ ପକ୍ଷରୁ ସୋମବାର ଦିନ ’ ପୋକ୍ସୋ ଆଇନ ଏବଂ ମହିଳା ସୁରକ୍ଷା ଉପରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବହୁସଂଖ୍ୟାରେ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକ-ଅଧ୍ୟାପିକାମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକା ମମତା ସାହୁ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବାବେଳେ ରାଇରଙ୍ଗପୁର ଥାନାଧିକାରୀ ରଞ୍ଜନ କୁମାର ସେଠୀ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିସହିତ ଇତିହାସ ବିଭାଗର ମୁଖ୍ୟ ତଥା ରିଡର୍ ଆଦିତ୍ୟ କୁମାର ଆଚାର୍ଯ୍ୟ ଏବଂ ଉଦ୍ଭିଦ ବିଜ୍ଞାନ ବିଭାଗର ମୁଖ୍ୟ ତଥା ରିଡର୍ ଡକ୍ଟର ବୀରନାରାୟଣ ଚାଉପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେମାନେ ନିଜର ଅଭିଜ୍ଞତା ଆଧାରରେ ଗୁରୁତ୍ୱପୂର୍ଣ୍ଣ ମାମଲା ଏବଂ ପ୍ରମାଣ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଯାହାକି ସମସ୍ତଙ୍କ ପାଇଁ ଅତ୍ୟନ୍ତ ଫଳପ୍ରଦ ସାଧ୍ୟତ ହୋଇଥିଲା। ମହାବିଦ୍ୟାଳୟର ଅଧ୍ୟକ୍ଷ ମନୋହର ବାରିକ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରାଣୀବିଜ୍ଞାନ ଅଧ୍ୟାପକ ଆଦିମ୍ ଏମ୍.ଏମ୍.ଟି. ମୁର୍ମୁ, ପଦାର୍ଥ ବିଜ୍ଞାନ ଅଧ୍ୟାପକ ନାରଣ ମୁର୍ମୁ, ରାଜନୀତି ବିଜ୍ଞାନ ଅଧ୍ୟାପକ ରାଜେଶ ରାମ, ଅର୍ଥନୀତି ଅଧ୍ୟାପିକା ଶ୍ରୀମତୀ ବନ୍ଦିତା ମହାନ୍ତ ଏବଂ ପ୍ରଦର୍ଶକ ଦାରାସିଂହ ମହାନ୍ତ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା ଓ ସହଯୋଗ କରିଥିଲେ। ଏହାକୁ ସଫଳ କରିବାରେ ଛାତ୍ର ସ୍ୱେଚ୍ଛାସେବୀ ମନିଷା, ବୁବାନା , ତପସ୍ୱିନୀ , ସୌର୍ଯ୍ୟ , ମନୀଷ , ବିଷ୍ଣୁପ୍ରିୟା , ପ୍ରିୟତମା , ଦେବସ୍ୱିନୀ ଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ପିଅର ଲିଡର ଏବଂ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ। ଶେଷରେ ଶକ୍ତି ଶ୍ରୀ ସଂଯୋଜିକା ଡକ୍ଟର ମେନକା ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ।

ମା’ର ଶେଷ ଦର୍ଶନ ପାଇଁ ଆସି ରାସ୍ତାରୁ ପୁଅ ନିଖୋଜ

ବାରିପଦା(ଅମୃତ ମିଡିଆ); ମା’ର ଶେଷ ଦର୍ଶନ ପାଇଁ ତାମିଲନାଡୁରୁ ଘରକୁ ଫେରୁଥିବା ବେଳେ ବାଟରେ ନିଖୋଜ ହୋଇଯାଇଛନ୍ତି ପୁଅ । ଏଭଳି ଅଭାବନୀୟ ଘଟଣା ଘଟିଛି ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ଥାନା ଅଧୀନ ବାରୀ ଗ୍ରାମରେ । ମିଳିଥିବା ସୂଚନା ଅନୁସାରେ, ବାରୀ ଗ୍ରାମର ପଞ୍ଚାନନ ଧଡ଼ାଙ୍କ ସ୍ତ୍ରୀ ଦୌଲତି ଧଡ଼ା (୬୧) ହୃତଘାତ ଜନିତ କାରଣରୁ ଗତ ୨୦ ତାରିଖ ଗୁରୁବାର ଚିକିତ୍ସାଧୀନ ଅବସ୍ଥାରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜରେ ମୃତ୍ୟୁବରଣ କରିଥିଲେ । ମା’ର ମୃତ୍ୟୁ ଖବର ଶୁଣି ତାଙ୍କ ବଡ଼ ପୁଅ ବାଦଲ ଧଡ଼ା (୪୬), ଯିଏ ତାମିଲନାଡୁ କାମ କରିବା ପାଇଁ ଯାଇଥିଲେ,ନିଜ ସ୍ତ୍ରୀଙ୍କ ସହିତ ସାଲିମାର ଏକ୍ସପ୍ରେସ ଟ୍ରେନରେ ଘରକୁ ଫେରୁଥିଲେ । ଗତ ୨୧ ତାରିଖରେ ଟ୍ରେନଟି ବିଜୟୱାଡ଼ା ରେଳୱେ ଷ୍ଟେସନରେ ଛିଡା ହେବାରୁ ବାଦଲ ପାଣି ବୋତଲ ଧରି ପାଣି ଆଣିବା ପାଇଁ ଷ୍ଟେସନକୁ ଓହ୍ଲାଇ ଥିଲେ । ସେ ପାଣି ଭରୁଥିବା ସମୟରେ ହଠାତ ଟ୍ରେନ ଛାଡ଼ି ଦେଇଥିଲା । ବାଦଲ ଟ୍ରେନରେ ଚଢ଼ି

ପାରିନଥିଲେ ଏବଂ ବିଜୟୱାଡ଼ା ଷ୍ଟେସନରେ ରହିଯାଇଥିଲେ । ସେ ଧଳା ସାର୍ଟ, କଳା ଫୁଲ ପ୍ୟାଣ୍ଟ ଓ ଏକ ଲାଲି ରଙ୍ଗର ଗାମୁଛା କାନ୍ଧରେ ପକାଇଥିଲେ । ତାଙ୍କ ସ୍ତ୍ରୀ ସୁରକ୍ଷିତ ଭାବରେ ଘରେ ପହଞ୍ଚିଥିବା ବେଳେ ବାଦଲ ଆଜକୁ ୧୧ ଦିନ ହେବ ଘରକୁ ଫେରିନାହାଁନ୍ତି । ଏପଟେ ମା’ ଆରପାରିକୁ ଚାଲିଯାଇଥିବା ବେଳେ ସେପଟେ ପୁଅ ନିଖୋଜ ଥିବାରୁ ପରିବାର ସମେତ ସମଗ୍ର ଗ୍ରାମରେ ଶୋକର ଛାୟା ଖେଳିଯାଇଛି । ପରିବାର ଲୋକେ ବହୁ ଖୋଜାଖୋଜି କଲା ପରେ ମଧ୍ୟ ବାଦଲଙ୍କ କୌଣସି ପତ୍ତା ମିଳିନାହିଁ ।

ଡିଏଭି ପବ୍ଲିକ୍ ସ୍କୁଲରେ ନୋ ଡ୍ରଗ୍ସ ସଚେତନତା ଶିବିର

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ଗରାପୁରସ୍ଥିତ କେନ୍ଦ୍ରାପଡା ଡିଏଭି ପବ୍ଲିକ୍ ସ୍କୁଲ ପରିସରରେ କେନ୍ଦ୍ରାପଡ଼ା ସଦର ଥାନା ପକ୍ଷରୁ ‘ନୋ ଡ୍ରଗ୍ସ’ ବା ନିଶାମୁକ୍ତ ସମାଜ ଗଠନ ଉଦ୍ଦେଶ୍ୟରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ କେନ୍ଦ୍ରାପଡ଼ା ସଦର ଥାନା ଅଧିକାରୀ ପଦ୍ମାଳୟା ପ୍ରଧାନ ମୁଖ୍ୟଅତିଥି ଭାବେ ଯୋଗଦେଇ ନିଶାଦ୍ରବ୍ୟର କୁପ୍ରଭାବ, ଯୁବପିଢ଼ି ଉପରେ ଏହାର ଭୟାବହ ପ୍ରଭାବ ଏବଂ ନିଶାଠାରୁ ଦୂରେଇ ରହିବାର ଆବଶ୍ୟକତା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ସଚେତନ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ନିଶାଦ୍ରବ୍ୟ ପ୍ରତି ‘ନା’ କହି ସୁସ୍ଥ, ଶୃଙ୍ଖଳିତ ଓ ଦାୟିତ୍ୱବାନ ନାଗରିକ ହେବାକୁ ଆହ୍ୱାନ ଦେଇଥିଲେ। ସେହିପରି ରିଜର୍ଭ ଇନ୍ସପେକ୍ଟର ପ୍ରଶାନ୍ତ କୁମାର ରଣସିଂହ ନିଶା ସେବନର ସାମାଜିକ ଓ ଶାରୀରିକ କୁପ୍ରଭାବ ସମ୍ପର୍କରେ ଆଲୋକପାତ କରି ଛାତ୍ରଛାତ୍ରୀଙ୍କୁ ନିଶାମୁକ୍ତ ଜୀବନ ପାଇଁ ପ୍ରେରଣା ଦେଇଥିଲେ। ବିଦ୍ୟାଳୟର ଅଧକ୍ଷ ରଞ୍ଜନ କୁମାର ବିଶ୍ୱାଳ ନିଶାମୁକ୍ତ ସମାଜ ଗଠନରେ ଶିକ୍ଷାନୁଷ୍ଠାନ, ଅଭିଭାବକ ଓ ଛାତ୍ରଛାତ୍ରୀଙ୍କ ଭୂମିକା ଉପରେ ବକ୍ତବ୍ୟ ରଖିଥିଲେ। ଏହି ଶିବିରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ଯୋଗଦେଇ ନିଶା ବିରୋଧରେ ସଚେତନତା ସୃଷ୍ଟି ପାଇଁ ସଂକଳ୍ପ ନେଇଥିଲେ। ବିଦ୍ୟାଳୟ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିଶା ବିରୋଧୀ ସଚେତନତା ସୃଷ୍ଟି କରିବାରେ ଏକ ଉଲ୍ଲେଖନୀୟ ପଦକ୍ଷେପ ହୋଇଥିଲା।

ରଜନୀ ବିଶ୍ୱାଳଙ୍କ ଏକାଦଶାହରେ ସ୍ମୃତିଚାରଣ ସଭା

ଧୂଷୁରୀ(ଅମୃତ ମିଡିଆ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ବ୍ଲକ ଅଧୀନ ସୁନ୍ଦରପୁର ପଞ୍ଚାୟତର କୁଳେଇପଦା ଗ୍ରାମରେ ସ୍ୱର୍ଗତା ରଜନୀ ବିଶ୍ୱାଳଙ୍କ ଏକାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତା ରଜନୀ ଜଣେ ସରଳ, ମିଷ୍ଟଭାଷୀ, ସ୍ନେହଶୀଳ ଓ ପରୋପକାରୀ ଗୃହିଣୀ ଭାବେ ପରିଚିତ ଥିଲେ। ତାଙ୍କ ସ୍ୱାମୀ ଜଣେ ଅବସରପ୍ରାପ୍ତ କିରାଣୀ ବୈକୁଣ୍ଠ ଚରଣ ବିଶ୍ୱାଳ ଅଟନ୍ତି। ପରିବାର ପ୍ରତି ତାଙ୍କର ନିଷ୍ଠା, ଆତ୍ମୀୟସ୍ୱଜନଙ୍କ ପ୍ରତି ସ୍ନେହ ଓ ସମାଜ ପ୍ରତି ତାଙ୍କର ଆତ୍ମୀୟତା ତାଙ୍କୁ ସମସ୍ତଙ୍କ ନିକଟରେ ପ୍ରିୟ କରିଥିଲା। ଏହି ଅବସରରେ ଆୟୋଜିତ ସ୍ମୃତିଚାରଣ ସଭାରେ ସ୍ୱର୍ଗତାଙ୍କ ଜୀବନାଦର୍ଶ, ମାନବିକତା, ସ୍ନେହଶୀଳ ବ୍ୟକ୍ତିତ୍ୱ ଓ ପାରିବାରିକ ଅବଦାନକୁ ମନେ ପକାଇ ବକ୍ତାମାନେ ଭାବବିହ୍ୱଳ ହୋଇଥିଲେ। ସଭାରେ ଅଧିବକ୍ତା ନରେନ୍ଦ୍ର କୁମାର ବିଶ୍ୱାଳ ସଭାପତିତ୍ୱ/ସଞ୍ଚାଳନ କରିଥିବା ବେଳେ ରବିନ୍ଦ୍ର ବେହୁରିଆ ସହସଞ୍ଚାଳକ ଭାବେ ଦାୟିତ୍ୱ ତୁଲାଇଥିଲେ। ସାମ୍ବାଦିକ ଦୀପ୍ତି ରଞ୍ଜନ ନାୟକ, ସ୍ୱର୍ଗତା ରଜନୀଙ୍କ ସାନଭାଇ ତଥା ପ୍ରବଚକ ଓ ଶିକ୍ଷକ ସୁବାସ ନାୟକ, କବି ମନ୍ମଥ କୁମାର ବିଶ୍ୱାଳ, ଅବସରପ୍ରାପ୍ତ ଶିକ୍ଷକ ମହେନ୍ଦ୍ର କୁମାର ପଣ୍ଡା, ଦୟାନିଧି ମିଶ୍ର, ରକ୍ଷାକର ବିଶ୍ୱାଳ, ଅବସରପ୍ରାପ୍ତ ଅଧ୍ୟାପକ ନିରଞ୍ଜନ ବେହୁରିଆ, ପ୍ରଫେସର ପ୍ରଫୁଲ୍ଲ କୁମାର ରଥ, ଅକ୍ଷୟ ନାୟକ ଓ ବିଭୁଦତ୍ତ ବିଶ୍ୱାଳ ପ୍ରମୁଖ ସ୍ମୃତିଚାରଣ କରି ସ୍ୱର୍ଗତା ରଜନୀଙ୍କ ଗୁଣଗାନ କରିଥିଲେ। ଶେଷରେ ଉପସ୍ଥିତ ସମସ୍ତେ ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଏହି ଦୁଃଖଦ ସମୟରେ ଧୈର୍ଯ୍ୟ ଓ ଶକ୍ତି ପ୍ରଦାନ ପାଇଁ ଈଶ୍ୱରଙ୍କ ନିକଟରେ ପ୍ରାର୍ଥନା କରିଥିଲେ।

ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
୧୦୮ ତୀର୍ଥଯାତ୍ରୀଙ୍କ ଅଯୋଧ୍ୟା- ବାରାଣସୀ ଯାତ୍ରା

କେନ୍ଦ୍ରାପଡ଼ା(ଅମୃତ ମିଡିଆ): ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା ୨୦୨୬–୨୭ ଅଧିନରେ କେନ୍ଦ୍ରାପଡ଼ା ଜିଲ୍ଲାର ୧୦୮ ଜଣ ବରିଷ୍ଠ ନାଗରିକ ଅଯୋଧ୍ୟା ଓ ବାରାଣସୀ ତୀର୍ଥଯାତ୍ରାରେ ବାହାରିଛନ୍ତି। ଏହି ତୀର୍ଥଯାତ୍ରା ୨ ସେପ୍ଟେମ୍ବରରୁ ୭ ସେପ୍ଟେମ୍ବର ୨୦୨୬ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏହି ଅବସରରେ ଆଜି ଅପରାହ୍ନ ୪ଟାରେ କେନ୍ଦ୍ରାପଡ଼ା ସଂସ୍କୃତି ଭବନରେ ଆୟୋଜିତ ଫ୍ଲାଗ୍-ଅଫ୍ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ରଘୁରାମ ଆର. ଆୟର ପତାକା ଦେଖାଇ ତୀର୍ଥଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ(ସାଧାରଣ) ନବକ୍ରିଷ୍ଣ ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ତଥା ଭାରପ୍ରାପ୍ତ ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ସମେତ ଜିଲ୍ଲା ପ୍ରଶାସନର ଅନ୍ୟ ଅଧିକାରୀମାନେ ଉପସ୍ଥିତ ରହି ତୀର୍ଥଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଆଜି ତୀର୍ଥଯାତ୍ରୀମାନଙ୍କୁ ପ୍ରଶାସନ ପକ୍ଷରୁ ଏକ ସ୍ୱତନ୍ତ୍ର ଗାଡି ଯୋଗେ ସେମାନଙ୍କ ନିଜ ନିଜ ବ୍ଲକ୍‌ରୁ କେନ୍ଦ୍ରାପଡ଼ା ସଂସ୍କୃତି ଭବନକୁ ଆଣାଯାଇଥିଲା। ସଂସ୍କୃତି ଭବନରେ ସମସ୍ତ ତୀର୍ଥଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଯାତ୍ରା ପୂର୍ବରୁ ଆବଶ୍ୟକ ପ୍ରସ୍ତୁତି ଓ ବ୍ୟବସ୍ଥା କରାଯାଇଥିଲା। ପରେ ସେମାନଙ୍କୁ ସ୍ୱତନ୍ତ୍ର ବସ୍ ଯୋଗେ ଭୁବନେଶ୍ୱର ପଠାଯାଇଛି। ଭୁବନେଶ୍ୱରରେ ରାତ୍ରି ରହଣି ପରେ ଆସନ୍ତାକାଲି ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ଅଯୋଧ୍ୟା–ବାରାଣସୀ ଅଭିମୁଖେ ଯାତ୍ରା କରିବେ। କେନ୍ଦ୍ରାପଡ଼ା ଜିଲ୍ଲାରୁ ଯାଉଥିବା ମୋଟ ୧୦୮ ଜଣ ତୀର୍ଥଯାତ୍ରୀଙ୍କ ମଧ୍ୟରେ ୬୩ ଜଣ ପୁରୁଷ ଓ ୪୫ ଜଣ ମହିଳା ଅଛନ୍ତି। ସେମାନଙ୍କ ମଧ୍ୟରୁ ୬୦ ଜଣ ଏକକ ତୀର୍ଥଯାତ୍ରୀ ଥିବାବେଳେ ୨୪ ଜଣ ଦମ୍ପତି ଅର୍ଥାତ୍ ୪୮ ଜଣ ତୀର୍ଥଯାତ୍ରୀ ଏହି ଯାତ୍ରାରେ ସାମିଲ ହୋଇଛନ୍ତି। ଜିଲ୍ଲାର ବିଭିନ୍ନ ବ୍ଲକ୍ ଓ ସହରାଞ୍ଚଳରୁ ଚୟନ ହୋଇଥିବା ବରିଷ୍ଠ ନାଗରିକମାନେ ଏହି ତୀର୍ଥଯାତ୍ରାରେ ସାମିଲ ହୋଇଛନ୍ତି। ଏହି ଯାତ୍ରା ମାଧ୍ୟମରେ ସେମାନେ ଅଯୋଧ୍ୟା ଓ ବାରାଣସୀର ପ୍ରମୁଖ ଧାର୍ମିକ ଓ ସାଂସ୍କୃତିକ ସ୍ଥଳୀ ପରିଦର୍ଶନର ସୁଯୋଗ ପାଇବେ। ତୀର୍ଥଯାତ୍ରୀମାନଙ୍କ ସୁବିଧା, ସୁରକ୍ଷା ଓ ସୁସ୍ଥ ଯାତ୍ରା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଯାତ୍ରା ପୂର୍ବରୁ ଆବଶ୍ୟକ ସମସ୍ତ ବ୍ୟବସ୍ଥା କରାଯାଇଛି।

ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗ: ସମ୍ପର୍କୀୟ କକା ଗିରଫ

ବାରିପଦା /ସାହାରପଡା(ଅମୃତ ମିଡିଆ); କେନ୍ଦୁଝର ଜିଲା,ପାଟଣା ଥାନା ଅଞ୍ଚଳରେ ଜଣେ ୧୬ ବର୍ଷୀୟା ନାବାଳିକାଙ୍କୁ ବଳାତ୍କାର ଉଦ୍ୟମ ଅଭିଯୋଗରେ ସମ୍ପର୍କୀୟ କକାଙ୍କୁ ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ତିଳବେଡ଼ା ଗ୍ରାମର ସୁରେନ୍ଦ୍ର ମୁଣ୍ଡା (୩୫)। ପୋଲିସ ସୂଚନା ଅନୁଯାୟୀ, ଗତ ଶନିବାର ନାବାଳିକା ଜଣକ କଲେଜରୁ ସାଇକେଲ ଯୋଗେ ଘରକୁ ଫେରୁଥିଲେ। ସାହାରପଡ଼ା ଛକ ନିକଟରେ ଅଭିଯୁକ୍ତ ସମ୍ପର୍କୀୟ କକା ତାଙ୍କୁ ସ୍କୁଟିରେ ଘରେ ଛାଡ଼ିଦେବାକୁ କହିଥିବା ଅଭିଯୋଗ ହୋଇଛି। ନାବାଳିକାଙ୍କ ସାଇକେଲ ରଖି ତାଙ୍କୁ ସ୍କୁଟିରେ ବସାଇବା ପରେ ଗାଁ ଅଭିମୁଖେ ନ ଯାଇ ଏକ ନିଛାଟିଆ ଜଙ୍ଗଲ ରାସ୍ତାକୁ ନେଇଯାଇଥିବା ର ଅଭିଯୋଗ ରହିଛି। ସେଠାରେ ନାବାଳିକାଙ୍କ ସହ ଅସଦାଚରଣ ସହ ବଳାତ୍କାର ଉଦ୍ୟମ କରାଯାଇଥିବା ଅଭିଯୋଗ ହୋଇଛି। ନାବାଳିକା କୌଶଳକ୍ରମେ ସେଠାରୁ ଖସି ଘରକୁ ଫେରି ଘଟଣା ସମ୍ପର୍କରେ ପରିବାରକ

ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଜଗନ୍ନାଥାୟନ କାର୍ଯ୍ୟକ୍ରମ

ଅମୃତ ଦୁନିଆ

The Amruta Dunia

▶ RNI No. ODIODI / 2014 / 56157 ▶ www.amrutadunia.org

■ Vol.13, Issue.135, Thursday, 3 September 2026, Puri, Pages - 21, Rs. 9/- ■ ତ୍ରୟୋଦଶ ବର୍ଷ, ସଂଖ୍ୟା-୧୩୫, ଗୁରୁବାର, ୩ ସେପ୍ଟେମ୍ବର ୨୦୨୬, ପୁରୀ, ୨୧ ପୃଷ୍ଠା, ମୂଲ୍ୟ - ୯ ଟଙ୍କା